

ଶ୍ରୀମନ୍ଦିର
ପରିକ୍ରମା ସ୍ୱତନ୍ତ୍ର

▸ଭିତର ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-199 ◆BHUBANESWAR ◆SATURDAY ◆13 JANUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୯୯ ◆ଭୁବନେଶ୍ୱର ◆ଶନିବାର ◆୧୩ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


## ୭୦୦ ବର୍ଷ ପରେ ଶ୍ରୀମନ୍ଦିର ରୂପାନ୍ତରଣ ହୋଇଛି: ଗଜପତି

# ଭକ୍ତଙ୍କୁ ମିଳିବ ଦିବ୍ୟ ଅନୁଭବ

■ **ପୁରୀ, ୧୨ା୧ (ସମିସ): ଦୀର୍ଘ ୭୦୦ ବର୍ଷ ପରେ ଶ୍ରୀମନ୍ଦିରର ରୂପାନ୍ତରୀକରଣ ହୋଇଛି।** ମେଘନାଦ ପାଚେରିଠାରୁ ୭୫ ମିଟର ପରିଧି ମଧ୍ୟରେ ବିକଶିତ ହୋଇଥିବା ପରିକ୍ରମା ପ୍ରକଳ୍ପର ରୂପରେଖ ଅତ୍ୟନ୍ତ ଅନନ୍ୟ। ଏଣିକି ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତମାନେ ଆଉ ଅସୁବିଧାର ସମ୍ମୁଖୀନ ହେବେନାହିଁ। ଭକ୍ତଙ୍କ ସୁଗମ ଯାତ୍ରା, ବାଧାମୁକ୍ତ ଦର୍ଶନ ଓ ବିଶ୍ରାମ ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି। ଶ୍ରୀକ୍ଷେତ୍ର ଆସୁଥିବା ଭକ୍ତମାନେ ଏଥିରୁ ଏକ ଅପରୂପ ଦିବ୍ୟ ଅନୁଭବ ଲାଭ କରି ପାରିବେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଅନୁଷ୍ଠିତ ହେବାକୁ ଥିବା ତ୍ରିଦିନାତ୍ମକ ଯଜ୍ଞ ନିମନ୍ତେ ଶୁକ୍ରବାର ଶ୍ରୀନଅରରେ ଆଚାର୍ଯ୍ୟ ବରଣ ଅବସରରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଏହି ମତ ବ୍ୟକ୍ତ କହିଛନ୍ତି।

ବରଣ ହୋଇଥିବା ଆଚାର୍ଯ୍ୟ, ଅଧିକାରୀ, ବିଦ୍ୱାନମାନଙ୍କୁ ସୂଚନା ଦେଇ ଗଜପତି ମହାରାଜା କହିଥିଲେ ଯେ, ମେଘନାଦ ପାଚେରିରୁ ୭ ▸ପୃଷ୍ଠା-୧୪



## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣର ଆଦ୍ୟପର୍ବ

# ଗଜପତି କଲେ ଆଚାର୍ଯ୍ୟବରଣ

■ **ପୁରୀ, ୧୨ା୧ (ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣର ଆଦ୍ୟପର୍ବ ଶ୍ରୀନଅରରେ ଆରମ୍ଭ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଆଚାର୍ଯ୍ୟବରଣ କରିଛନ୍ତି। ଏହି ଅବସରରେ ଷୋଳଶାସନର ୪୮ ଜଣ ଶ୍ରୋତ୍ରୀୟ ବ୍ରାହ୍ମଣଙ୍କୁ ବରଣ କରାଯାଇଛି। ଗଜପତି ମହାରାଜା ପ୍ରଥମେ ରାଜଗୁରୁ ସୁଧାଂଶୁ ଶେଖର ରାଜଗୁରୁଙ୍କୁ ପ୍ରଧାନ ଆଚାର୍ଯ୍ୟ ଭାବେ ବରଣ କରିବା ସହ ଗୁଆ ନଡ଼ିଆ ଟେକିଥିଲେ। ଏହାପରେ ଷୋଳଶାସନର ଶ୍ରୋତ୍ରୀୟ ବ୍ରାହ୍ମଣମାନଙ୍କୁ ଗୁଆ, ନଡ଼ିଆ ଟେକାଯାଇ ବରଣ କରାଯାଇଛି। ଏହି ୪୮ ଶ୍ରୋତ୍ରୀୟ ବ୍ରାହ୍ମଣ ଯଜ୍ଞ କର୍ମାଦି କରିବେ ଏବଂ ଶ୍ରୀମନ୍ଦିର ଚାରିଦ୍ୱାରାରେ ଆଉ ୬୦ ଜଣ ବେଦଜ୍ଞ ପଣ୍ଡିତ ବ୍ରାହ୍ମଣ ବେଦପାଠ କରିବେ। ▸ପୃଷ୍ଠା-୧୪

- ସରିଲା ଅଙ୍କୁରାରୋପଣ, ଆଜି ଅଙ୍କୁରପୂଜନ
- ଯଜ୍ଞାଦି କର୍ମ କରିବେ ୪୮ ଶ୍ରୋତ୍ରୀୟ ବ୍ରାହ୍ମଣ
- ଚାରିଦ୍ୱାରରେ ୬୦ ବେଦଜ୍ଞ ପଣ୍ଡିତଙ୍କ ବେଦପାଠ

## ବିରୋଧୀ ନେତାଙ୍କ ମୁଖା ଖୋଲିଲେ '୫-ଟି' ଅଧ୍ୟକ୍ଷ

# ଭୋଟ୍‌ବେଳେ ଦେଖା, ତା'ପରେ ଗାଏବ

- ବିକାଶର ହିସାବ ଦେଉଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ ଦେଉଛନ୍ତି ଜନତା
- କମ୍ କଥା ଓ ବିକାଶ କାର୍ଯ୍ୟ ଅଧିକ କରିବାକୁ ଶିକ୍ଷା ଦେଇଛନ୍ତି ମୁଖ୍ୟମନ୍ତ୍ରୀ
- ଗରିବ ଲୋକଙ୍କ ବଡ଼ବଡ଼ ସ୍ୱପ୍ନକୁ ସାକାର କରିବାକୁ ମୁଖ୍ୟମନ୍ତ୍ରୀ ପ୍ରତିବଦ୍ଧ
- ଅନ୍ୟ ଦଳର ନେତାଙ୍କ ମୁହଁରେ ସବୁବେଳେ କେବଳ ରାଜନୀତିର ଭାଷା

■ **ଭୁବନେଶ୍ୱର, ୧୨ା୧ (ସମିସ):** ପୁଣିଥରେ ବିରୋଧୀଙ୍କ ମୁହଁରୁ ମୁଖା ଖୋଲିଛନ୍ତି ବିଜେଡି ନେତା ତଥା '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ସମ୍ବଲପୁର ଜିଲ୍ଲାର ବରେଇପାଲି ଓ ରେଙ୍ଗାଲିରେ ଅନୁଷ୍ଠିତ ସମାବେଶରେ ବିରୋଧୀ ନେତାମାନଙ୍କର ସୁବିଧାବାଦୀ ମନୋଭାବକୁ କଟୁ ସମାଲୋଚନା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କ୍ରମାଗତ ବିଜୟର ରହସ୍ୟ ଖୋଲିଛନ୍ତି। ସେ କହିଛନ୍ତି ଯେ ନିର୍ବାଚନ ବେଳେ ବିରୋଧୀ ନେତାଙ୍କ ଦେଖା ମିଳେ, ଭୋଟ ସରିଲେ ସେମାନେ ପୁଣି ଗାଏବ ହୋଇ ଯାଆନ୍ତି। ଆଗକୁ ନିର୍ବାଚନ କିଛିମାସ ବାକି ଥିବାରୁ ବଡ଼ବଡ଼ ନେତାମାନେ ଜିଲ୍ଲା ଗସ୍ତ କରୁଛନ୍ତି । ସବୁଥର ଭଳି ଏଥର ବି ବଡ଼ ବଡ଼ ଭାଷଣ ମାରୁଛନ୍ତି। ଲୋକଙ୍କ ସହ ଆଲୋଚନା କରି ଚାଲିଯାଉଛନ୍ତି। ନିର୍ବାଚନ ଥିବାରୁ ହିଁ ସେମାନଙ୍କ ଦେଖା ମିଳୁଛି। ନିର୍ବାଚନ ସରିଗଲେ ଆଉ କାହାର ଦେଖା ମିଳେ ନାହିଁ ବୋଲି ଶ୍ରୀ ପାଣ୍ଡିଆନ କଟାକ୍ଷ କରିଛନ୍ତି। '୫-ଟି' ଅଧ୍ୟକ୍ଷ ପୁଣି କହିଛନ୍ତି ଯେ ▸ପୃଷ୍ଠା-୧୪



# ମା'ମାନଙ୍କ ସଶକ୍ତୀକରଣରେ ସମାଜ ସଶକ୍ତ

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କୃଷି ଓଡ଼ିଶା-୨୦୨୪ ଉଦ୍‌ଘାଟିତ



- କୃଷି ଉଦ୍ୟୋଗ ଭବନ ଏବଂ 'ଇମେଜ୍'ର ନୂଆ କ୍ୟାମ୍ପସ ପାଇଁ ଭିତ୍ତି ସ୍ଥାପନ
- ସଫଳ ପୋର୍ଟାଲର ଶୁଭାରମ୍ଭ, ଚାଷୀଙ୍କୁ ଶୀଘ୍ର ଓ ସୁବିଧାରେ ମିଳିବ ଋଣ
- କୃଷି ଉଦ୍ୟୋଗରେ ମହିଳାମାନଙ୍କ ଅଧିକ ସହଭାଗିତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

■ **ଭୁବନେଶ୍ୱର, ୧୨ା୧ (ସମିସ):** ଭୁବନେଶ୍ୱର ଜନତା ମଇଦାନରେ ୩ ଦିନିଆ 'କୃଷି ଓଡ଼ିଶା-୨୦୨୪'କୁ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଏ ବର୍ଷର କାର୍ଯ୍ୟକ୍ରମ ରାଜ୍ୟର ମହିଳା ଚାଷୀଙ୍କ ପାଇଁ ସମର୍ପିତ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିଥିଲେ। ଏହି ପଦକ୍ଷେପ କୃଷି କ୍ଷେତ୍ରରେ ମା'ମାନଙ୍କ ଅବଦାନକୁ ସମ୍ମାନ ଜଣାଇବା ସହ ସେମାନଙ୍କ ଯୋଗଦାନକୁ ଉତ୍ସାହିତ କରିବ। କୃଷି ଉଦ୍ୟୋଗ କ୍ଷେତ୍ରରେ ମହିଳାମାନଙ୍କ ଅଧିକ ଭାଗୀଦାରି ପାଇଁ ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଆହ୍ୱାନ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି କୃଷି କ୍ଷେତ୍ରରେ ମଧ୍ୟ ମା'ମାନଙ୍କୁ ଆହୁରି ଆଗକୁ ଯିବାର ସମୟ ଆସିଛି। କୃଷି ଉଦ୍ୟୋଗ କ୍ଷେତ୍ରରେ ସେମାନଙ୍କ ପାଇଁ ବହୁତ ସୁଯୋଗ ଅଛି। ▸ପୃଷ୍ଠା-୧୪

## ବହୁଚର୍ଚ୍ଚିତ ବିଷ୍ଣୁ ଗୌଡ଼ ହତ୍ୟା ମାମଲା

# ଡାକ୍ତର ହୃଷୀକେଶଙ୍କୁ ଆଜୀବନ ଜେଲ୍, ୧୦ ଲକ୍ଷ ଜରିମାନା

■ **ବ୍ରହ୍ମପୁର, ୧୨ା୧ (ସମିସ):** ବହୁଚର୍ଚ୍ଚିତ ବିଷ୍ଣୁ ଗୌଡ଼ ହତ୍ୟା ମାମଲାର ଚୂଡ଼ାନ୍ତ ରାୟ ଶୁକ୍ରବାର ପ୍ରକାଶ ପାଇଛି। ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ତୃତୀୟ) ରାଜ କୁମାର ଦାସ ଏହି ମାମଲାର ଶୁଣାଣି କରି ମୁଖ୍ୟ ଅଭିଯୁକ୍ତ ଡାକ୍ତର ହୃଷୀକେଶ ତ୍ରିପାଠୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୧୦ ଲକ୍ଷ ଟଙ୍କା ଜରିମାନା ଦେବାକୁ ମଧ୍ୟ ରାୟରେ ନିର୍ଦ୍ଦେଶ ରହିଛି। ଜରିମାନା ▸ପୃଷ୍ଠା-୧୪



ଅନ୍ୟ ଦୁଇ ଦୋଷୀଙ୍କୁ ୨ବର୍ଷ ଲେଖାଏଁ ଜେଲ୍




## ପଶ୍ଚିମବଙ୍ଗ ମନ୍ତ୍ରୀ-ବିଧାୟକଙ୍କ ଘରେ ଇଡି

**କୋଲକାତା, ୧୨।୧ (ଏଜେନ୍ସି):** ପଶ୍ଚିମବଙ୍ଗ ମନ୍ତ୍ରୀ ସୁଜିତ ବୋଷ ଏବଂ ବିଧାୟକ ତାପସ ରୟଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ଚଢ଼ଉ କରିଛି। ପୌରପାଳିକା ନିଯୁକ୍ତି ଦୁର୍ନୀତି ମାମଲାରେ ଟିଏମ୍‌ସିର ଉଭୟ ନେତାଙ୍କ ଘରର ତଲାସୀ ନିଆଯାଇଛି। ଏହି ସମୟରେ କଡ଼ା ସୁରକ୍ଷା ବ୍ୟବସ୍ଥା ଦେଖିବାକୁ ମିଳିଛି। ରିପୋର୍ଟ ଅନୁଯାୟୀ କୋଲକାତା ବାହାରେ ଥିବା ଏହି ନେତାଙ୍କ ଠିକଣା ମଧ୍ୟ ଚଢ଼ଉ କରାଯାଇଛି। ପୌରପାଳିକାର ପୂର୍ବତନ ଅଧ୍ୟକ୍ଷଙ୍କ ଘରର ମଧ୍ୟ ତଲାସୀ ନିଆଯାଉଛି। ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ଏମାନଙ୍କୁ ଚୋର କହିଛନ୍ତି। ସେହିପରି ଟିଏମ୍‌ସି ନେତାଲ କୁନାଲ ଘୋଷ ଶୁଭେନ୍ଦୁଙ୍କୁ ଚୋର କହିଛନ୍ତି। ଇଡି ବିଜେପି ନିର୍ଦ୍ଦେଶରେ କାମ କରୁଛି। ରାଜ୍ୟରେ ନିର୍ବାଚନ ହାରିବା ପରେ ଟିଏମ୍‌ସିର ସାମନା କରିବାକୁ ଏହି ଦଳର ସାହସ ନାହିଁ। ତେଣୁ ଏଜେନ୍ସିକୁ ବ୍ୟବହାର କରୁଛି।

## ୮ ବର୍ଷ ପରେ ମିଳିଲା ବିମାନର ଅବଶେଷ

**ନୂଆଦିଲ୍ଲୀ, ୧୨।୧ (ଏଜେନ୍ସି):** ଆଠ ବର୍ଷ ପରେ ଭାରତୀୟ ବାୟୁସେନାର ଏକ ପରିବହନ ବିମାନ ଏଏନ-୩୨ର ଅବଶେଷ ମିଳିଛି। ୩.୪ କିମି ଗଭୀରତାରେ ଏହାକୁ ଠାବ କରାଯାଇଛି। ଏହି ବିମାନ ୨୦୧୬ ଜୁଲାଇ ୨୨ରେ ବଙ୍ଗୋପସାଗରରୁ ନିଖୋଜ ହୋଇ ଯାଇଥିଲା। ଚେନ୍ନଇର ତାମ୍ବରମ ବିମାନବନ୍ଦରରୁ ଉଡ଼ାଣ କରିବାର ୧୬ ମିନିଟ ପରେ ରାଡାରରୁ ଗାଏବ ହୋଇ ଯାଇଥିଲା। ଏଥିରେ ୨୯ ଲୋକ ଯାତ୍ରା କରୁଥିଲେ। ପ୍ରତିରକ୍ଷା ମନ୍ତ୍ରାଳୟର ସୂଚନା



ଅନୁଯାୟୀ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଓସେନ ଟେକ୍ନୋଲୋଜିର ପାଣିଭିତରେ ଗତି କରୁଥିବା ଏକ ସ୍ୱୟଂଚାଳିତ ଯାନ (ଏୟୁଭି) ଏହି ଫଟୋ ଉଠାଇ ଥିଲା। ଯାଞ୍ଚରୁ ଚେନ୍ନଇ ଉପକୂଳରୁ ୩୧୦ କିମି ଦୂର ବଙ୍ଗୋପସାଗର ଉପକୂଳରୁ କିଛି ଅବଶେଷ ମିଳିଥିବା ଜଣା ପଡ଼ିଥିଲା। ଏହା ଏଏନ୍-୩୨ ବିମାନର ଥିଲା। ୨୦୧୬ ପୂର୍ବରୁ ମଧ୍ୟ ଏଠାରେ କୌଣସି ବିମାନ ଦୁର୍ଘଟଣା ହୋଇ ନ ଥିଲା।

## ସେନା ଗାଡ଼ି ଉପରେ ଆତଙ୍କୀ ଆକ୍ରମଣ

**ଶ୍ରୀନଗର, ୧୨।୧ (ଏଜେନ୍ସି):** ଜମ୍ମୁ-କାଶ୍ମୀର ପୁଞ୍ଚର ମେଣ୍ଢର ମାର୍ଗରେ ଶୁକ୍ରବାର ପୁଣି ସେନା ଗାଡ଼ି ଉପରେ ଆତଙ୍କବାଦୀ ଆକ୍ରମଣ ହୋଇଛି। ଏହା ପରେ ଯବାନ ଜବାବୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ଏ ପର୍ଯ୍ୟନ୍ତ କେହି ମୃତାହତ ହୋଇଥିବାର ସୂଚନା ମିଳିନାହିଁ। ଗୁଳିଗୋଳା ମାଡ଼ ଜାରି ରହିଛି। ଉକ୍ତ ଅଞ୍ଚଳକୁ ଖାଲି କରି ତଲାସୀ ଅଭିଯାନ ଆରମ୍ଭ କରାଯାଇଛି। ଯାନବାହନ ଚଳପ୍ରଚଳ ଉପରେ କଟକଣା ଲଗାଇ ଦିଆଯାଇଛି। ପ୍ରତ୍ୟେକ ଗାଡ଼ିର ତଲାସୀ ନିଆଯାଉଛି। କେତେ ଜଣ ଆତଙ୍କବାଦୀ ଲୁଚି ରହିଛନ୍ତି ତାହା ଜଣାପଡ଼ି ନାହିଁ। ନର୍ଦର୍ଣ୍ଣ କମାଣ୍ଡର ଜେନେରାଲ ଅଫିସର କମାଣ୍ଡିଂ ଇନ୍-ଚିଫ୍ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ପୁଞ୍ଚରେ ଥିବାବେଳେ ଏହି ଆକ୍ରମଣ ହୋଇଛି। ସେ ଅନ୍ୟ ଅଧିକାରୀଙ୍କ ସହିତ ଆତଙ୍କବାଦର ମୁକାବିଲା ପାଇଁ ରଣନୀତି ବନାଉଛନ୍ତି।

## ଆଜି 'ଇଣ୍ଡିଆ' ମେଣ୍ଟର ବୈଠକ

**ନୂଆଦିଲ୍ଲୀ, ୧୨।୧ (ଏଜେନ୍ସି):** ଶନିବାର ସକାଳ ୧୧ଟା୩୦ରେ ବିରୋଧୀ ମେଣ୍ଟ 'ଇଣ୍ଡିଆ' ର ଭର୍ଚୁଆଲ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଏହି ବୈଠକରେ ଆସନ ବୁଝାମଣାକୁ ନେଇ ଆଲୋଚନା ହୋଇପାରେ। ଏହା ସହିତ ମେଣ୍ଟର ସଂଯୋଜକଙ୍କ ନାମ ମଧ୍ୟ ଚୂଡ଼ାନ୍ତ କରାଯାଇପାରେ। ଏହି ବୈଠକରେ ଶରଦ ପାୱାର, ଉଦ୍ଧବ ଠାକରେ, ଏମ କେ ଷ୍ଟାଲିନ, ନୀତୀଶ କୁମାରଙ୍କ ସମେତ ୧୪ ଦଳର ନେତା ଭାଗନେବେ।

## ଆପ୍‌ର ୩ ନେତା ନିର୍ଦ୍ୱନ୍ଦ୍ୱରେ ରାଜ୍ୟସଭାକୁ ନିର୍ବାଚିତ

**ନୂଆଦିଲ୍ଲୀ, ୧୨।୧ (ଏଜେନ୍ସି):** ଆମ ଆଦମୀ ପାର୍ଟି (ଆପ୍)ର ତିନି ନେତା ସଂଜୟ ସିଂହ, ସ୍ୱାତୀ ମାଲିୱାଲ ଏବଂ ନାରାୟଣ ଦାସଗୁପ୍ତା ନିର୍ଦ୍ୱନ୍ଦ୍ୱରେ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି। ଏବେ ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ



ଜେଲ୍‌ରେ ଥିବା ସଂଜୟ ସିଂହଙ୍କୁ ଆପ୍ ପୁଣିଥରେ ରାଜ୍ୟସଭା ପ୍ରାର୍ଥୀ କରିଥିଲା। ତିନି ନିର୍ବାଚିତ ସାଂସଦ ରିଟର୍ଣ୍ଣିଂ ଅଫସରଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିଜୟ ପ୍ରମାଣପତ୍ର ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ ଯେ ସଂଜୟ ସିଂହ, ସୁଶୀଲ କୁମାର ଗୁପ୍ତା ଏବଂ ଏନଡି ଗୁପ୍ତାଙ୍କ ୬ ବର୍ଷୀୟ କାର୍ଯ୍ୟକାଳ ଆସନ୍ତା ୨୭ ତାରିଖରେ ଶେଷ ହେଉଛି । ଏଥର ଆମ ଆଦମୀ ପାର୍ଟି ସୁଶୀଲଙ୍କୁ ଆଉ ପ୍ରାର୍ଥୀ ନକରି ତାଙ୍କ ସ୍ଥାନରେ ଦିଲ୍ଲୀ ମହିଳା କମିଶନର ପୂର୍ବତନ ଅଧ୍ୟକ୍ଷା ସ୍ୱାତୀ ମାଲିୱାଲଙ୍କୁ ପ୍ରାର୍ଥୀ କରିଥିଲା । ଅନ୍ୟପକ୍ଷରେ ବିଜେପି ପ୍ରାର୍ଥୀ ଡିଟି ଲେପଚା ମଧ୍ୟ ନିର୍ଦ୍ୱନ୍ଦ୍ୱରେ ସିକିମରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି।

### ୟେମେନ୍‌ରେ ଆମେରିକା-ବ୍ରିଟେନ୍‌ର ଏୟାର ଷ୍ଟ୍ରାଇକ୍

# ହୁତି ବିଦ୍ରୋହୀଙ୍କ ୧୬ ଠିକଣା ଧ୍ୱସ୍ତ



**ୱାଶିଂଟନ, ୧୨।୧ (ଏଜେନ୍ସି)**

ରୁଷ୍-ୟୁକ୍ରେନ, ଇସ୍ରାଏଲ- ହମାସ ଯୁଦ୍ଧ ପରେ ଏବେ ପୁଣି ବିଶ୍ୱରେ ଯୁଦ୍ଧ ଭୟ ସୃଷ୍ଟି ହୋଇଛି। ଲୋହିତ ସାଗରରେ ବାରମ୍ବାର ଆକ୍ରମଣ ପରେ ଆମେରିକା ଏବଂ ବ୍ରିଟେନ ବଡ଼ ପଦକ୍ଷେପ ଗ୍ରହଣ କରି ମିଳିତ ଭାବେ ୟେମେନରେ ଏୟାର ଷ୍ଟ୍ରାଇକ କରିଛନ୍ତି। ଗୁରୁବାର ହୁତି ବିଦ୍ରୋହୀଙ୍କ ନିୟନ୍ତ୍ରଣାଧୀନ ଅଞ୍ଚଳର ଏୟାରଷ୍ଟ୍ରାଇକ କରି ୧୬ଟି ସ୍ଥାନରେ ଥିବା ୬୦ ଲକ୍ଷ୍ୟକୁ ଧ୍ୱଂସ କରିଦେଇଛନ୍ତି। ଆକ୍ରମଣରେ ବିଦ୍ରୋହୀଙ୍କ ଲଜିଷ୍ଟିକ୍ ହବ୍, ଏୟାର ଡିଫେନ୍ସ ସିଷ୍ଟମ ଏବଂ ଅସ୍ତ୍ରଶସ୍ତ୍ର ଭଣ୍ଡାର ଆଦିକୁ ନିଶାଣ କରାଯାଇଥିଲା। ଏହି ଆକ୍ରମଣରେ ଅନେକ ଲୋକଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ବିଦ୍ରୋହୀଙ୍କ ଅସ୍ତ୍ରଶସ୍ତ୍ର, ବିମାନ ଆଦି ମଧ୍ୟ ଧ୍ୱଂସ ହୋଇଯାଇଛି। ୟେମେନର ରାଜଧାନୀ ସନା ସହିତ ହୋଦେଇଦା, ଧମାର ସଦା ସହର ଏବଂ ହୋଦେଇଦାହ ପ୍ରଦେଶରେ ଆକ୍ରମଣ ହୋଇଥିଲା। ଏହି ଆକ୍ରମଣରେ ଯୁଦ୍ଧ ଜାହାଜ, ବୁଡ଼ାଜାହାଜ, ଲଢୁଆ ବିମାନ ଏବଂ ଟୋମହକ୍ କ୍ଷେପଣାସ୍ତ୍ର ବ୍ୟବହାର କରାଯାଇଛି। ଏହାର ଭିଡିଓ ଏବଂ ଫଟୋ ଭାଇରାଲ ହେବାରେ ଲାଗିଛି। ଏହି ଆକ୍ରମଣ ଦ୍ୱାରା ୨୦୧୪ରୁ ଗୃହଯୁଦ୍ଧର ସାମ୍ନା କରୁଥିବା ୟେମେନ ପୁଣିଥରେ ଯୁଦ୍ଧ ମଧ୍ୟକୁ ଠେଲି ହୋଇଯାଇଛି।

ଆମେରିକା। ରାଷ୍ଟ୍ରପତି ଜୋ ବାଇଡେନ ଏହି ଆକ୍ରମଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେ ଲୋହିତ ସାଗର ଆକ୍ରମଣର ପ୍ରତିଶୋଧ ନିଆଯାଇଛି ବୋଲି କହିଛନ୍ତି। ଜାହାଜ ଉପରେ ଆକ୍ରମଣକୁ ଆଦୌ ଗ୍ରହଣ କରାଯିବ ନାହିଁ। ହୁତି ବିଦ୍ରୋହୀଙ୍କ ଆକ୍ରମଣ ଯୋଗୁଁ ଲୋହିତ ସାଗର ଦେଇ ଯାଉଥିବା ଜାହାଜର ଗତି ପଥ ବଦଳାଇବାକୁ ପଡୁଥିଲା। ନିଜ ଲୋକ ଏବଂ ବ୍ୟବସାୟିକ ମାର୍ଗର ସୁରକ୍ଷା ପାଇଁ କଡ଼ା ନିର୍ଦ୍ଦେଶ ଦେବାକୁ ପଛଘୁଞ୍ଚା ଦେବୁ ନାହିଁ। ସେହିପରି ଆତ୍ମରକ୍ଷା ପାଇଁ ଏହି ଆକ୍ରମଣ କରାଯାଇଛି ବୋଲି ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକ କହିଛନ୍ତି। ଜଳପଥର ସୁରକ୍ଷା ପାଇଁ ବ୍ରିଟେନ ସବୁବେଳେ ଆଗଭର ହୋଇ ରହିଛି। ଜାହାଜ ଏବଂ କର୍ମଚାରୀଙ୍କ ଉପରେ ଆକ୍ରମଣକୁ କେବେ ବି ବରଦାସ୍ତ କରାଯିବ ନାହିଁ। ସାମୁଦ୍ରିକ ମାର୍ଗକୁ ବିପଦରେ ପକାଇବାରୁ ଅନୁମତି କାହାକୁ ଦିଆଯିବ ନାହିଁ। ଅନ୍ୟପଟେ ସାଉଦି ଆରବ ଏହି ଆକ୍ରମଣ ଉପରେ ଚିନ୍ତା ପ୍ରକଟ କରିଛି। ଏହି ପ୍ରସଙ୍ଗରେ ଉପସାଗରୀୟ ରାଷ୍ଟ୍ର ସହ ଆମେରିକା ଏବଂ ବ୍ରିଟେନର ସମ୍ପର୍କ ଖରାପ ହୋଇପାରେ ବୋଲି କୁହାଯାଉଛି। ହୁତି ଉପ-ବିଦେଶ ମନ୍ତ୍ରୀ ହୁସେନ ଅଲ-ଏଜିଜ ଦେଶରେ ବଡ଼ ଆକ୍ରମଣ ହୋଇଥିବା କହିଛନ୍ତି। ଏହି ଆକ୍ରମଣକୁ ନେଇ ବ୍ରିଟେନ-ଆମେରିକାକୁ ଚେତାବନୀ ଦେଇଛନ୍ତି। ଏହାର ବହୁମୂଲ୍ୟ ଦେବାକୁ ପଡ଼ିବ। ଏୟାର ଷ୍ଟ୍ରାଇକ ସତ୍ତ୍ୱେ ଲୋହିତ ସାଗରରେ ଆକ୍ରମଣ ଜାରି ରହିବ।

ସୂଚନା ଅନୁଯାୟୀ ୨୦୧୬ ପରେ ଆମେରିକା ପ୍ରଥମ ଥର ପାଇଁ ହୁତି ବିଦ୍ରୋହୀଙ୍କ ଉପରେ ଆକ୍ରମଣ କରିଛି। ଏହି ଆକ୍ରମଣ ପଛରେ ଅଷ୍ଟ୍ରେଲିଆ, ବାହାରିନ, କାନାଡ଼ା ଏବଂ ନେଦରଲାଣ୍ଡ ରହିଛି। ଅପରପକ୍ଷେ ଆମେରିକା-ବ୍ରିଟେନ ଆକ୍ରମଣ ଦ୍ୱାରା ଇସ୍ରାଏଲ-ହମାସ ଯୁଦ୍ଧ ମଧ୍ୟ ପ୍ରାଚ୍ୟ ପର୍ଯ୍ୟନ୍ତ ବ୍ୟାପିବ ବୋଲି ସାଉଦି ଆରବ ଆଶଙ୍କା କରିଛି। ଏଭଳି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ମାମଲାକୁ ଆଗକୁ ନ ବଢ଼ାଇବା ପାଇଁ ସାଉଦି ବିଦେଶ ମନ୍ତ୍ରାଳୟ ଅନୁରୋଧ କରିଛି। ସେହିପରି ଆମେରିକା-ବ୍ରିଟେନ କାର୍ଯ୍ୟାନୁଷ୍ଠାନକୁ ରୁଷ୍ ବେଆଇନ କହିଛି। ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ର ଜରୁରୀକାଳୀନ ବୈଠକ ଡାକିବାକୁ ଦାବି କରିଛି।

- ଜାହାଜ ଆକ୍ରମଣର ପ୍ରତିଶୋଧ: ବାଇଡେନ
- ଆତ୍ମରକ୍ଷା ପାଇଁ କରାଯାଇଛି ଆକ୍ରମଣ: ଋଷି ସୁନକ
- ବିଦ୍ରୋହୀଙ୍କ ଚେତାବନୀ: ବହୁମୂଲ୍ୟ ଦେବାକୁ ପଡ଼ିବ
- ୟୁଏନ୍‌ଏସ୍‌ସିର ଜରୁରୀକାଳୀନ ବୈଠକ ଡାକିଲା ରୁଷ୍
- ମଧ୍ୟ ପ୍ରାଚ୍ୟକୁ ବ୍ୟାପିପାରେ ଇସ୍ରାଏଲ ଯୁଦ୍ଧ: ସାଉଦି

## ଆରବ ସାଗରରେ ଭାରତର ୧୦ ଯୁଦ୍ଧ ଜାହାଜ

**ନୂଆଦିଲ୍ଲୀ, ୧୨।୧ (ଏଜେନ୍ସି):** ସମୁଦ୍ର ଲୁଟେରାଙ୍କଠାରୁ ଜାହାଜକୁ ସୁରକ୍ଷା ଦେବା ପାଇଁ ଭାରତ ଆରବ ସାଗରରେ ୧୦ଟି ଯୁଦ୍ଧ ଜାହାଜ ମୁତୟନ କରିଛି। ପୂର୍ବରୁ ତିନୋଟି ଯୁଦ୍ଧ ଜାହାଜ ଥିବାବେଳେ ଆଦେନ ଉପସାଗରୀୟ କ୍ଷେତ୍ର ପର୍ଯ୍ୟନ୍ତ ଆଉ ୭ଟି ଯୁଦ୍ଧ ଜାହାଜକୁ ମୁତୟନ କରାଯାଇଛି। ଭାରତୀୟ ନୌସେନା ପକ୍ଷରୁ କୁହାଯାଇଛି ଯେ ଆରବ ସାଗରରେ କାର୍ଗୋ ଜାହାଜ ଉପରେ ଆକ୍ରମଣ କ୍ରମାଗତ ଭାବେ ବଢ଼ି ଚାଲିଛି। ଏହି ସବୁ



ଜାହାଜକୁ ସୁରକ୍ଷା ଦେବା ପାଇଁ ଏବଂ ଡ୍ରୋନ ଆକ୍ରମଣକୁ ବିଫଳ କରିବାକୁ ସୋମାଲିଆ ଉପକୂଳ ନିକଟରେ, ଆରବ ସଗାରରେ ଏବଂ ଆଦେନ ଉପସାଗରୀୟ କ୍ଷେତ୍ରରେ ଡେଷ୍ଟ୍ରୟର୍ସ, ଫ୍ରିଗେଟ୍ସ ଏବଂ ପାଟ୍ରୋଲିଂ ବୋଟ୍ ସମେତ ୧୦ ଯୁଦ୍ଧ ଜାହାଜ ମୁତୟନ କରାଯାଇଛି। ଏହା ମଧ୍ୟରେ ଆଇଏନ୍‌ଏସ୍, ମୋରମୁଗାଓ, ଆଇଏନ୍‌ଏସ୍ କୋଲକାତା, ଆଇଏନ୍‌ଏସ୍ କୋଚି, ଆଇଏନ୍‌ଏସ୍ ଚେନ୍ନଇ, ଆଇଏନ୍‌ଏସ୍ ତରକସ ଏବଂ ଆଇଏନ୍‌ଏସ୍ ତଲୱାର ସାମିଲ ରହିଛି। ଏବେ ସୁମଦ୍ରରେ ଘଟୁଥିବା ପ୍ରତ୍ୟେକ ଘଟଣା ଉପରେ ନୌସେନାର ନଜର ରହିବ। ଏହି ଜାହାଜରେ ଥିବା ମରିନ କମାଣ୍ଡୋ ଲୁଟେରାଙ୍କ ସମସ୍ତ କାର୍ଯ୍ୟକଳାପକୁ ବିଫଳ କରିଦେବେ। ସୂଚନାଯୋଗ୍ୟ ଯେ ଗତ ୪୨ ଦିନରେ ବିଭିନ୍ନ ଜାହାଜ ଉପରେ ୩୫ ଥର ଆକ୍ରମଣ ହୋଇଥିଲା। ଏହି ଜାହାଜରେ ଭାରତୀୟ କ୍ର୍ୟୁ ସଦସ୍ୟ ମଧ୍ୟ ସାମିଲ ଥିଲେ।

### ■ ପପୁଆ ନ୍ୟୁ ଗିନିରେ ପୁଲିସର ଅନଶନ

## ଦେଶରେ ଲୁଟ୍‌ପାଟ୍, ହିଂସା; ୧୬ ମୃତ

**ପୋର୍ଟ ମୋରେସବି, ୧୨।୧ (ଏଜେନ୍ସି):** ପପୁଆ ନ୍ୟୁ ଗିନିରେ ପୁଲିସ ବିକ୍ଷୋଭ ପ୍ରଦର୍ଶନ କରୁଛି। ବୁଧବାରଠାରୁ ରାଜଧାନୀର ସମସ୍ତ କର୍ମଚାରୀ ଅନଶନ ଆରମ୍ଭ କରିଛନ୍ତି। ଏଥିଯୋଗୁଁ ସହରର ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ଲୋକେ ଲୁଟ୍‌ପାଟ୍ ଆରମ୍ଭ କରିଦେଇଛନ୍ତି। ହିଂସା ମଧ୍ୟ ସୃଷ୍ଟି ହୋଇଛି। ଏ ପର୍ଯ୍ୟନ୍ତ ଏଥିରେ ୧୬ ଜଣ ଲୋକଙ୍କ ମୃତ୍ୟୁ ହେଲାଣି। ସ୍ଥିତି ଜଟିଳ ହେଉଥିବା ଦେଖି ସରକାର ଜରୁରୀକାଳୀନ ସ୍ଥିତି କାର୍ଯ୍ୟକାରୀ କରିଛନ୍ତି। ରିପୋର୍ଟ ଅନୁଯାୟୀ ଦେଶର ବେକାରୀ ଏବଂ ଦରଦାମ ବୃଦ୍ଧି ଆକାଶ ଛୁଇଁଛି। ସ୍ଥିତି ଏପରି ହୋଇଛି ଯେ ପୁଲିସ କର୍ମଚାରୀଙ୍କ ଦରମା ଅଧା କାଟି ଦିଆଯାଇଛି। ଏହାକୁ ବିରୋଧ କରି ଏବଂ ଦରମା ବଢ଼ାଇବା ପାଇଁ ପୁଲିସ ସଂସଦ ବାହାରେ ବିକ୍ଷୋଭ ପ୍ରଦର୍ଶନ କରୁଛି। ପୁଲିସ ଅନୁପସ୍ଥିତି ଯୋଗୁଁ ଲୋକେ ସୁପରମାର୍କେଟ ଏବଂ ଦୋକାନରେ ପ୍ରବେଶ କରି ଭଙ୍ଗାରୁଜା କରିଛନ୍ତି। ସାମଗ୍ରୀ ବୋହି ନେଇଛନ୍ତି। କିଛି ଉପଦ୍ରବୀ ରାସ୍ତା ଉପରେ ରଖାଯାଇଥିବା ଗାଡ଼ିରେ ନିଆଁ ଲଗାଇ ଦେଇଛନ୍ତି। ଲୋକେ ସଂସଦ ଭିତରେ ପ୍ରବେଶ କରିବାକୁ ଉଦ୍ୟମ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରେ ଥିବା ଗଡ଼ିରେ ନିଆଁ ଲଗାଇ



ଦେଇଛନ୍ତି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ଜେମ୍ସ ମାରେପ ଘଟଣାକୁ ନେଇ କ୍ଷମା ମାଗିଛନ୍ତି। କମ୍ପ୍ୟୁଟର ଖରାପ ଯୋଗୁଁ ପୁଲିସ କର୍ମଚାରୀଙ୍କ ଦରମା କମ୍ ଆସିଛି। ଏହାକୁ ଶୀଘ୍ର ଠିକ୍ କରିଦିଆଯିବ ବୋଲି କହିଛନ୍ତି। ସେ ହିଂସା ବନ୍ଦ କରିବାକୁ ଲୋକଙ୍କୁ ଅନୁରୋଧ କରିଛନ୍ତି।

### ■ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାର ସ୍ଥାନ ବଦଳିଲା

## 'ମୁଖ୍ୟ ପ୍ରସଙ୍ଗରୁ ଲୋକଙ୍କ ଧ୍ୟାନ ହଟାଯାଉଛି'

**ନୂଆଦିଲ୍ଲୀ, ୧୨।୧ (ଏଜେନ୍ସି):** କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାର ସ୍ଥାନ ବଦଳି ଯାଇଛି। ଏବେ ଏହା ମଣିପୁରର ରାଜଧାନୀ ଇମ୍ଫାଲଠାରୁ ୩୪ କିମି ଦୂରରେ ଥିବା ଥୌବୁଲରୁ ଆରମ୍ଭ ହେବ। ରାଜ୍ୟ ସରକାରଙ୍କ ସର୍ତ୍ତକୁ ଦେଖି କଂଗ୍ରେସ ଏହି ପରିବର୍ତ୍ତନ କରିଛି। ମଣିପୁର ସରକାର ଏହି ଯାତ୍ରା ପାଇଁ ହଜାରେ ଲୋକଙ୍କୁ ଅନୁମତି ଦେଇଥିଲେ। ତେଣୁ କଂଗ୍ରେସ ସ୍ଥାନ ବଦଳାଇବାକୁ ବାଧ୍ୟ ହୋଇଥିଲା। ମଣିପୁର ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ କିଶମ ମେଘଚନ୍ଦ୍ର କହିଛନ୍ତି ଯେ ଏହି ସର୍ତ୍ତ ଚିନ୍ତାଜନକ। ଗତ ୧୦ ତାରିଖରେ ଥୌବଲ ଜିଲ୍ଲା ଡେପୁଟି କମିଶନର ଖୋଙ୍ଗଜାମ ସ୍ଥିତି ପଡ଼ିଆରେ କାର୍ଯ୍ୟକ୍ରମକୁ ଅନୁମତି ଦେଇଥିଲେ। ୧୪ ତାରିଖରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଏହିଠାରୁ ଯାତ୍ରାକୁ ସବୁଜ ପତାକା ଦେଖାଇବେ। ତେବେ ଏହାର ମାର୍ଗରେ କୌଣସି ପରିବର୍ତ୍ତନ ହେବ ନାହିଁ। ଅନ୍ୟପକ୍ଷରେ ଜାତୀୟ ଯୁବ ଦିବସ ଅବସରରେ ରାହୁଲ କେନ୍ଦ୍ର ସରକାରଙ୍କୁ ନିଶାଣ କରିଛନ୍ତି। ଆଜି ପ୍ରକୃତ ପ୍ରସଙ୍ଗରୁ ଲୋକଙ୍କ ଧ୍ୟାନ ହଟାଇବାକୁ ରାଜନୀତି କରାଯାଉଛି। ଭାବ ପ୍ରବଣ ପ୍ରସଙ୍ଗଗୁଡିକ ଭୁଲ୍ ଭାବେ ବ୍ୟବହାର କରାଯାଉଛି। ଦେଶର



ଜନତାଙ୍କ ସହ ଛଳ କରାଯାଉଛି। ମୂଲ୍ୟବୃଦ୍ଧି, ବେକାରୀ ଯୋଗୁଁ ଗରିବ ଏବଂ ଯୁବ ବର୍ଗ ଶିକ୍ଷା, ଆୟ ଏବଂ ଔଷଧର ବୋଝରେ ପେଶି ହେଇଯାଉଛନ୍ତି। ଏପରି ସମୟରେ ସରକାର 'ଅମୃତ କାଳ' ପାଳନ କରୁଛନ୍ତି। ଯୁବବର୍ଗ କଂଗ୍ରେସକୁ ଅକୁଣ୍ଠ ସମର୍ଥନ କରୁଛନ୍ତି ବୋଲି ରାହୁଲ କହିଛନ୍ତି।

### ଦେଶର ଦୀର୍ଘତମ 'ଅଟଳ ସେତୁ' ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

# ୨ ଘଣ୍ଟାର ଯାତ୍ରା ପାଇଁ ଲାଗିବ ୨୦ ମିନିଟ୍

**ମୁମ୍ବାଇ, ୧୨।୧ (ଏଜେନ୍ସି)**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଦେଶର ଦୀର୍ଘତମ ସାମୁଦ୍ରିକ ସେତୁ 'ଅଟଳ ସେତୁ'କୁ ଉଦ୍‌ଘାଟନ କରିଛନ୍ତି। ଏହି ପୋଲ ମୁମ୍ବାଇକୁ ନଭି ମୁମ୍ବାଇ ସହ ଯୋଡୁଛି। ଏହା ଦ୍ୱାରା ୨ ଘଣ୍ଟାର ଯାତ୍ରା ମାତ୍ର ୨୦ ମିନିଟ ମଧ୍ୟରେ ସମ୍ପୂର୍ଣ୍ଣ ହେବ। ମୁମ୍ବାଇରୁ ପୁଣେ, ଗୋଆ ଏବଂ ଦକ୍ଷିଣ ଭାରତ ଯିବା ପାଇଁ ମଧ୍ୟ କମ୍ ସମୟ ଲାଗିବ। ୧୭, ୮୪୩ କୋଟି ଟଙ୍କା ବ୍ୟୟରେ ଏହି ପୋଲ ନିର୍ମାଣ ହୋଇଛି। ପ୍ରଧାନମନ୍ତ୍ରୀ ମୋଦୀ ୨୦୧୬ ଡିସେମ୍ବରରେ ଏହାର ଶୁଭ ଦେଇଥିଲେ। ୨୧.୮ କିମି ଲମ୍ବର ଏହି ୬ ଲେନ୍ ବିଶିଷ୍ଟ ବ୍ରିଜ୍‌କୁ ମୁମ୍ବାଇ ଟ୍ରାନ୍ସ ହାର୍ବର ସି-ଲିଙ୍କ (ଏମ୍‌ଟିଏଚ୍‌ଏଲ) ମଧ୍ୟ କୁହାଯାଏ। ଏହି ପୋଲର ୧୬.୫ କିମି ଅଂଶ ସମୁଦ୍ର ଦେଇ ଗତି କରୁଛି। ଆଉ ୫.୫ କିମି ସ୍ଥଳଭାଗ ଦେଇ ଯାଇଛି। ଏହା ମଧ୍ୟ ଦେଇ ଦିନକୁ ୭୦ ହଜାର ଗାଡ଼ି ଯାତାୟାତ କରିବ। ଏବେ ୫୦ ହଜାର ଗାଡ଼ି ଯିବାଆସିବା କରିବ ବୋଲି ଆକଳନ କରାଯାଉଛି। ଏମ୍‌ଟିଏଚ୍‌ଏଲ୍‌ର ୱେବସାଇଟ ଅନୁଯାୟୀ ଏହି ପୋଲ ଦ୍ୱାରା ବର୍ଷକୁ ଏକ କୋଟି ଲିଟର ଇନ୍ଧନ ସଞ୍ଚୟ ହେବ। ଏହା ଏକ କୋଟି ଇଭି ଦ୍ୱାରା ଦିନକୁ ସଞ୍ଚୟ ହେଉଥିବା ଇନ୍ଧନ ସହ ସମାନ। ଏହା ସହିତ ପ୍ରଦୂଷଣସ୍ତର ମଧ୍ୟ ହ୍ରାସ୍ ପାଇବ। ଅଙ୍ଗରାକାମ୍ଳ ନିର୍ଗମନ ୨୫, ୬୮୦ ମେଟ୍ରିକ ଟନ୍ କମିବ। ଏହି ପୋଲ ନିର୍ମାଣରେ ୧.୭୮ ଲକ୍ଷ ମେଟ୍ରିକ ଟନ୍ ଷ୍ଟିଲ୍ ଏବଂ ୫.୦୪ ଲକ୍ଷ ମେଟ୍ରିକ ଟନ୍ ସିମେଣ୍ଟ ବ୍ୟବହାର କରାଯାଇଛି। ସେତୁରେ ୪୦୦ ସିସିଟିଭି କ୍ୟାମେରା ଲାଗିଛି। ପକ୍ଷୀ ଏବଂ ସାମୁଦ୍ରିକ ଜୀବଙ୍କ ସୁରକ୍ଷା ପାଇଁ ପୋଲରେ ଶବ୍ଦ ନିରୋଧକ ଏବଂ ଆଡଭାନ୍ସ ଲାଇଟିଂ ଲଗା ଯାଇଛି। ଏହି ବ୍ରିଜ୍ ୧୦୦ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବ। ତେବେ ଏହା ମଧ୍ୟ ଦେଇ ବାଇକ-ରିକ୍ସା, ଟ୍ରାକ୍ଟର, ତିନି ଚକିଆ ଗାଡ଼ି ଚଳାଚଳକୁ ଅନୁମତି ଦିଆଯାଇ ନାହିଁ। ସେହିପରି ପୋଲରେ ସର୍ବାଧିକ ୧୦୦ କିମି ବେଗରେ ଗାଡ଼ି ଚଳାଇ ହେବ। ତେବେ ଏହି ନୂଆ ସେତୁ ଦେଇ ଯିବାକୁ ହେଲେ ମହଙ୍ଗା ଟୋଲ୍ ଦେବାକୁ ପଡ଼ିବ। ଯିବା ଆସିବା ପାଇଁ ୩୭୫ ଟଙ୍କା ଦେବାକୁ ପଡ଼ିବ।

## '୨୦୨୮ ସୁଦ୍ଧା ମହାକାଶରେ ଭାରତୀୟ ଷ୍ଟେସନ'

**ଗାନ୍ଧୀନଗର, ୧୨।୧ (ଏଜେନ୍ସି):** ଭାରତ ୨୦୨୮ ସୁଦ୍ଧା ପ୍ରଥମ ମହାକାଶ ଷ୍ଟେସନ ବନାଇବାକୁ ଲକ୍ଷ୍ୟ ରଖିଛି। ୨୦୩୫ ସୁଦ୍ଧା ମନୁଷ୍ୟକୁ ମହାକାଶକୁ ପଠାଇବାକୁ ଚାହୁଁଛି। ଦଶମ ଭାଇବ୍ରାଣ୍ଟ ଗୁଜରାଟ ସମ୍ମିଟରେ ସାମିଲ ହୋଇ ଇସ୍ରୋ ମୁଖ୍ୟ ଏସ୍ ସୋମନାଥ ଏହି ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଭାରତ ମହାକାଶ ଷ୍ଟେସନ ପ୍ରତିଷ୍ଠା ପାଇଁ ବର୍ତ୍ତମାନର ଲଞ୍ଚର କ୍ଷମତା ବ୍ୟବହାର କରିବ। ଏଥିରେ ସଫଳତା ମିଳିବା ପରେ ପରୀକ୍ଷାନିରୀକ୍ଷା ପାଇଁ ମହାକାଶକୁ ବୈଜ୍ଞାନିକଙ୍କୁ ପଠାଯିବ। ଏହି ଷ୍ଟେସନ ଦ୍ୱାରା ଆର୍ଥିକ ଲାଭ ମଧ୍ୟ ମିଳିବ। ବ୍ୟବସାୟିକ କାର୍ଯ୍ୟ ହାସଲ ପାଇଁ ଏହାକୁ ବ୍ୟବହାର କରାଯିବ। ଭବିଷ୍ୟତରେ କେବଳ ପୃଥିବୀରୁ ରଣନୈତିକ କାର୍ଯ୍ୟକଳାପ ପ୍ରସ୍ତୁତ କରାଯିବ ନାହିଁ। ଏଥିପାଇଁ ମହାକାଶ ପ୍ରମୁଖ ଭୂମିକା ନିର୍ବାହ କରିବ।

### ■ ୧୬ଟି ଛାତ୍ର ସଂଗଠନର ସଂସଦ ଅଭିଯାନ

## ଜାତୀୟ ଶିକ୍ଷାନୀତି ବାତିଲ ଦାବି

**ନୂଆଦିଲ୍ଲୀ, ୧୨।୧ (ଏଜେନ୍ସି):** ଜାତୀୟ ଯୁବ ଦିବସ ଅବସରରେ ଶୁକ୍ରବାର ଭାରତର ପ୍ରମୁଖ ଛାତ୍ର ସଂଗଠନମାନଙ୍କ ପକ୍ଷରୁ ସଂସଦ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ 'ଶିକ୍ଷା ବଞ୍ଚାଅ- ଜାତୀୟ ଶିକ୍ଷାନୀତି ବାତିଲ କର,ଦେଶ ବଞ୍ଚାଅ- ବିଜେପିକୁ ପ୍ରତ୍ୟାଖାନ କର' ଆହ୍ୱାନ ଦିଆଯାଇଛି। ଦିଲ୍ଲୀର ଜନ୍ତର ମନ୍ତରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଜାତୀୟ ଶିକ୍ଷାନୀତି - ୨୦୨୦ ଆଢୁଆଳରେ ସମ୍ବିଧାନର ଯୁଗ୍ମ ତାଲିକା ଅନ୍ତର୍ଭୁକ୍ତ ଶିକ୍ଷା ବ୍ୟବସ୍ଥାକୁ କେନ୍ଦ୍ରର ଏକ ଚାଟିଆ ଦଖଲ, ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ, ପାଠ୍ୟକ୍ରମରେ ଅବୈଜ୍ଞାନିକ ଓ ଅହେତୁକ ବିଷୟର ଅନୁପ୍ରବେଶକୁ ବିରୋଧ କରାଯାଇଛି। ଏହା ସହିତ ଆଦିବାସୀ, ଦଳିତ, ସଂଖ୍ୟାଲଘୁ ଓ ଆର୍ଥିକ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀଙ୍କୁ ଶିକ୍ଷାରୁ ବଞ୍ଚିତ, ୟୁଜିସିକୁ ଅକାମୀ କରାଇବାର ଷଡ଼ଯନ୍ତ୍ର ବିରୋଧରେ ସ୍ୱର ଉତ୍ତୋଳନ କରି ସାର୍ବଜନୀନ, ବିଜ୍ଞାନ ସମ୍ମତ, ନିଃଶୁଳ୍କ ଶିକ୍ଷା ବ୍ୟବସ୍ଥା ଦାବି କରାଯାଇଛି। ୟୁନାଇଟେଡ଼ ଷ୍ଟୁଡେଣ୍ଟସ୍ ଅଫ୍ ଇଣ୍ଡିଆ ନାମରେ ନାମିତ ଏହି ମଞ୍ଚରେ ଏଆଇଏସ୍‌ଏଫର ଉପ ସଭାପତି କମ୍ରେଡ୍ ସଂଘମିତ୍ରା ଜେନା ଏହାର ଅଧ୍ୟକ୍ଷତା କରିଥିଲେ। ଏଥିରେ ଏଆଇଏସ୍‌ଏଫ୍, ଏସ୍‌ଏଫ୍‌ଆଇ, ଏଆଇଏସ୍‌ଏ, ଡିଏସ୍‌ଏଫ୍,



ସିଆରଜେଡି, ଡିଏମକେ ଛାତ୍ର ସଂଘ, ଏନ୍‌ଏସୟୁଆଇ, ପିଏସ୍‌ଏଫ୍ ଆଦି ଛାତ୍ରସଂଘ ସାମିଲ ହୋଇଥିଲା। ଓଡିଶାର ଏଆଇଏସ୍‌ଏଫ୍ ରାଜ୍ୟ ସମ୍ପାଦକ କାହ୍ନୁ ଚରଣ ପରିଡା, ଉପସଭାପତି ରାଜାରାମ ଡାଙ୍ଗ୍ରୀ ପ୍ରମୁଖ ସାମିଲ ହୋଇଥିଲେ।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆ବର୍ଷ-୪୧ ◆ସଂଖ୍ୟା-୧୯୯ ◆ଭୁବନେଶ୍ୱର ◆ଶନିବାର ◆୧୩ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

◆VOLUME- 41 ◆ISSUE-199 ◆BHUBANESWAR ◆SATURDAY ◆13 JANUARY 2024 ◆PAGE-16 ◆₹ 6.00


### କଳାହାଣ୍ଡି ଓ ସମ୍ବଲପୁରରେ ଲୋକଙ୍କୁ '୫-ଟି' ଅଧ୍ୟକ୍ଷଙ୍କ ବିକାଶ ହିସାବ

# ଲୋକମତ ଆଧାରରେ ୨ ଜିଲ୍ଲାରେ ୮୯୫ କୋଟି ଟଙ୍କାର କାମ ଆରମ୍ଭ

- '୫-ଟି' ଉପକ୍ରମ ଆଧାରରେ ଧାର୍ଯ୍ୟ ଅବଧି ମଧ୍ୟରେ ସରିବ ପ୍ରକଳ୍ପ କାର୍ଯ୍ୟ
- କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକ୍‌ରେ ଖୋଲିବ ଡିଗ୍ରୀ କଲେଜ
- 'ନୂଆ-ଓ' କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ଦେଲେ ସଫଳତାର ସରଳ ସୂତ୍ର
- ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ ଓ ପାନୀୟ ପ୍ରକଳ୍ପର ସମୀକ୍ଷା



■ ଭବାନୀପାଟଣା / ସମ୍ବଲପୁର, ୧୨।୧ (ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆଜି '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ କଳାହାଣ୍ଡି ଓ ସମ୍ବଲପୁର ଜିଲ୍ଲାରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କରିବା ସହିତ ଲୋକଙ୍କୁ ଦେଇଛନ୍ତି ବିକାଶମୂଳକ କାର୍ଯ୍ୟର ହିସାବ। ଭବାନୀପାଟଣାରେ ଶ୍ରୀ କୃଷ୍ଣନଗର ପଡିଆ, ସମ୍ବଲପୁରର ବରେଇପାଲି ଓ ରେଙ୍ଗାଲି ଠାରେ ଆୟୋଜିତ ସାଧାରଣ ସଭାରେ ସାଧାରଣ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଛନ୍ତି, ସେମାନଙ୍କ ଜିଲ୍ଲାରେ ଗତ କିଛି ମାସ ମଧ୍ୟରେ ଆରମ୍ଭ ହୋଇଥିବା ଉନ୍ନୟନ କାର୍ଯ୍ୟର ସୂଚନା ଦେଇଛନ୍ତି ଏବଂ 'ନୂଆ ଓ' କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ ମଧ୍ୟ କରିଛନ୍ତି । ଗତବର୍ଷ ମେ ମାସରେ କଳାହାଣ୍ଡି ଏବଂ ଜୁଲାଇ ମାସରେ ସମ୍ବଲପୁର ଗସ୍ତ କରି ଲୋକଙ୍କ ଆପତ୍ତି ଅଭିଯୋଗ ଗ୍ରହଣ କରିବା ପରେ ଏଥିରୁ ଅନେକ ପ୍ରକଳ୍ପ ଆରମ୍ଭ କରାଯାଇଛି। ଏହି ସମୟରେ ଦୁଇ ଜିଲ୍ଲାର ଲୋକଙ୍କ ଠାରୁ ମିଳିଥିବା ପ୍ରସ୍ତାବ ଆଧାରରେ ୮୯୫ କୋଟି ଟଙ୍କାର କାମ ଆରମ୍ଭ ହୋଇଛି।

ଆଜି ପୂର୍ବାହ୍ନରେ ଶ୍ରୀ ପାଣ୍ଡିଆନ୍ କଳାହାଣ୍ଡିରେ ୬୫୦ ଶଯ୍ୟା ବିଶିଷ୍ଟ ଟିଟିଂ ହସ୍ପିଟାଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ନୂଆ ହସ୍ପିଟାଲ କୋଠା, ଭବାନୀପାଟଣା ସ୍ଥିତ ସହିଦ ରେଣ୍ଡୋ ମାଝୀ ମେଡିକାଲ କଲେଜ ଓ ହସ୍ପିଟାଲରେ କ୍ୟାନସର କେୟାର ସେଣ୍ଟରର ନିର୍ମାଣ କାର୍ଯ୍ୟ ବୁଲି ଦେଖିଛନ୍ତି। ଏସବୁ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ୨୭୫ କୋଟି ବ୍ୟୟ କରୁଛନ୍ତି। ୫-ଟି ଉପକ୍ରମ ଅନୁସରଣ କରି ନିର୍ଦ୍ଧାରିତ ସମୟ ଭିତରେ କାମ ଶେଷ କରିବା ପାଇଁ ଶ୍ରୀ ପାଣ୍ଡିଆନ୍ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ପରେ ସେ ମା' ଲଙ୍କେଶ୍ୱରୀ ମନ୍ଦିର, ବେଲଖଣ୍ଡି ମନ୍ଦିର, ମାଣିକେଶ୍ୱରୀ ମନ୍ଦିର, ଥୁଆମୂଳ ରାମପୁରରେ ଜଗନ୍ନାଥ ମନ୍ଦିର, ଧର୍ମଗଡ଼ ମା' ଭଣ୍ଡାରଘରଣୀ ମନ୍ଦିର, ଆମପାଣି ଠାରେ ବୁଢ଼ାରଜା ମନ୍ଦିରର ବିକାଶ କାର୍ଯ୍ୟ ▶ପୃଷ୍ଠା-୧୪

### ଯାଜପୁରରେ ଦ୍ୱିତୀୟ ଅନ୍ତର୍ଜାତୀୟ କ୍ରାଫ୍ଟ ସମ୍ମିଳନୀ ଉଦ୍‌ଘାଟିତ

# 'କଳାକାରମାନେ ଓଡ଼ିଆ ଐତିହ୍ୟର ବାର୍ତ୍ତାବହ'




■ ଭୁବନେଶ୍ୱର/ବ୍ୟାସନଗର, ୧୨।୧ (ସମିସ): କଳା ଓ ସ୍ଥାପତ୍ୟର ଭୂମି ଓଡ଼ିଶା ଏବଂ ଏଠାକାର କଳାକାରମାନେ ହେଉଛନ୍ତି ଓଡ଼ିଆ ଐତିହ୍ୟର ବାର୍ତ୍ତାବହ। ଓଡ଼ିଶାକୁ ବିଶ୍ୱର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳରେ ପରିଣତ କରିବା ସହ ଲୋକଙ୍କୁ ଜୀବନଜୀବିକା ମାଧ୍ୟମ ପ୍ରଦାନ କରିବା ଏବଂ ପୁଞ୍ଜି ନିବେଶକମାନଙ୍କ ପାଇଁ ଏକ ପ୍ରକୃଷ୍ଟ ସ୍ଥାନରେ ପରିଣତ କରିବା ଦିଗରେ ରାଜ୍ୟ ସରକାର ନିଷ୍ଠାପର ଉଦ୍ୟମ କରୁଛନ୍ତି। ଶୁକ୍ରବାର ଯାଜପୁରରେ ଅନୁଷ୍ଠିତ ଦ୍ୱିତୀୟ ଅନ୍ତର୍ଜାତୀୟ କ୍ରାଫ୍ଟ ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ଆଭାସୀ ମାଧ୍ୟମରେ ସମ୍ମିଳନୀକୁ ଉଦ୍‌ଘାଟନ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଏକ ବୃହତ୍ ପର୍ଯ୍ୟଟନସ୍ଥଳରେ ପରିଣତ ହେବା ଲାଗି ଯାଜପୁରରେ ବିସ୍ତୃତ ସମ୍ଭାବନା ରହିଛି। ଆମର ବୁଣାକାରମାନଙ୍କ ଅନନ୍ୟ ସୃଷ୍ଟିରେ ଓଡ଼ିଶାର ସଭ୍ୟତାଗତ ଯାତ୍ରା ସ୍ପଷ୍ଟ ପ୍ରତିଫଳିତ ହୋଇଥାଏ। ଆମର ଦକ୍ଷ କଳାକାରମାନଙ୍କ ଦକ୍ଷତା ଓ ଶିଳ୍ପ କୌଶଳ ଏକ ଅଲିଭା ଛାପ ଛାଡ଼ି ଯାଇଛି, ଯାହା ରାଜ୍ୟର ପ୍ରତ୍ୟେକ କୋଣ ଅନୁକୋଣରେ ଦେଖାଯାଇ ପାରିବ। ଏହି ଅନ୍ତର୍ଜାତୀୟ ସମ୍ମିଳନୀ ଆମର କଳା, ସ୍ଥାପତ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବ ବୋଲି ସେ ଆଶାବ୍ୟକ୍ତ କରିଥିଲେ।

ଜାତୀୟ ଓ ଅନ୍ତର୍ଜାତୀୟ ଅତିଥିମାନଙ୍କୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ଶାସନ ବ୍ୟବସ୍ଥାର ମୂଳମନ୍ତ୍ର '୫-ଟି' ଉପକ୍ରମରେ ଅନ୍ତର୍ନିହିତ। ସମନ୍ୱିତ ବିକାଶ ଓ ଅନ୍ତର୍ଭୁକ୍ତୀକରଣ ପାଇଁ ଆମର 'କେହି ପଛରେ ରହିବେ ନାହିଁ' ପ୍ରତିବଦ୍ଧତାକୁ '୫-ଟି' ମଡେଲ ବଳ ▶ପୃଷ୍ଠା-୧୪

## ଲୋକକଥା



ଗୁଡ଼ିଉଡ଼ା ପ୍ରାଣ ଗୋଟେଇ ନଉଚି
ବେକ କାଟେ ମାଞ୍ଜା ସୂତା,
କାହାପାଇଁ ଖେଳ କାହା ପାଇଁ କାଳ
ବାଟୋଇଙ୍କ ବଡ଼େ ଚିନ୍ତା !
ହେଜ ହେ ଶାସନ କର୍ତ୍ତା,
ଗୁଡ଼ି ପାଇଁ ହେଉ କଟକଣା ଲାଗୁ
ନ ଗଡ଼ୁ କାହାର ମଥା !!

### ଓଡ଼ିଶା ସରକାରଙ୍କ କଲ୍ୟାଣକାରୀ ଯୋଜନାର ପ୍ରଚାର

# ବିଜେପି ନେତାଙ୍କ ଆବେଦନ ଦିଲ୍ଲୀ ହାଇକୋର୍ଟରେ ଖାରଜ

■ ନୂଆଦିଲ୍ଲୀ,୧୨।୧(ସମିସ): ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା କଲ୍ୟାଣକାରୀ ଯୋଜନାର 'ଲୋଗୋ' ଉପରେ ଆପତ୍ତି ଉଠାଇ ଅପଦସ୍ତ ହୋଇଛି ବିଜେପି। ବିଜେପି ନେତାଙ୍କ ଏହି ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେବା ସହ ଏହି ମାମଲାର ଶୁଣାଣି ନିମନ୍ତେ ଓଡ଼ିଶା ହାଇକୋର୍ଟ ଉପଯୁକ୍ତ ଫୋରମ୍ ବୋଲି ପରାମର୍ଶ ଦେଇଛନ୍ତି। ବିଭିନ୍ନ ସରକାରୀ ଯୋଜନାର ପ୍ରଚାରରେ ଓଡ଼ିଶା ସରକାର ବିଜୁ ଜନତା ଦଳର ଦଳୀୟ ଚିହ୍ନ 'ଶଙ୍ଖ' ବ୍ୟବହାର କରୁଥିବା ଅଭିଯୋଗ କରି ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ଯତୀନ ମହାନ୍ତି ଦିଲ୍ଲୀ ହାଇକୋର୍ଟରେ ଏକ ପିଟିସନ ଦାୟର କରିଥିଲେ। ଏହି କାରଣ ପାଇଁ ବିଜେଡି ବିରୋଧରେ ନିର୍ବାଚନ ଆୟୋଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଦିଲ୍ଲୀ ହାଇକୋର୍ଟଙ୍କ ନିକଟରେ ମଧ୍ୟ ଗୁହାରି କରିଥିଲେ ।

କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ମନମୋହନ ଓ ଅନ୍ୟତମ ବିଚାରପତି ମନମିତ୍ ପ୍ରୀତମ ସିଂହଙ୍କୁ ନେଇ ଗଠିତ ବେଞ୍ଚ ଏହି ମାମଲାକୁ ଅଗ୍ରାହ୍ୟ କରି ଦେଇଛନ୍ତି। ଆବେଦନକାରୀଙ୍କର ଯାହା ବି ଅଭିଯୋଗ ରହିଛି, ତାହାକୁ ନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଯାଆନ୍ତୁ ଓ ସେଠାରେ ଏହି ପ୍ରସଙ୍ଗ ଉଠାନ୍ତୁ। ଓଡ଼ିଶା ଉଚ୍ଚ ନ୍ୟାୟାଳୟ ହେଉଛି ଏହି ମାମଲାର ବିଚାର ପାଇଁ ଉପଯୁକ୍ତ ଫୋରମ୍। ଆବେଦନକାରୀ ଉଠାଇଥିବା ପ୍ରସଙ୍ଗ ପ୍ରତ୍ୟେକ ରାଜ୍ୟର କାହାଣୀ । ଏହା ସବୁ ସ୍ଥାନରେ ଘଟୁଛି। କେବଳ ଗୋଟିଏ ରାଜ୍ୟ ପାଇଁ ▶ପୃଷ୍ଠା-୧୪


୫ମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



✓ ଗୋବିନ୍ଦ ଚନ୍ଦ୍ର ନାୟକ
କଶବା, ସୋର, ବାଲେଶ୍ୱର
ଆବିର୍ଭାବ: ୧୧.୦୪.୧୯୩୯
ତିରୋଧାନ: ୧୩.୦୧.୨୦୧୯

ବାପା ତୁମେ ଆମ ସୃଷ୍ଟିକର୍ତ୍ତା,
ତୁମେ ମହାନ ଅବିନଶ୍ୱର,
ତୁମେ ଚିର ସ୍ମରଣୀୟ,
ତୁମେ ପ୍ରାତଃ ବନ୍ଦନୀୟ,
ତୁମେ ଶାନ୍ତ ସରଳ, ଚିର ଅନନ୍ତ,
ଦୂରେ ଯାଇନାହଁ ଆମ ଠାରୁ କେବେ,
ବିରାଜିଛ ସଦା ଆମ ହୃଦୟରେ

ବାପା ଚାଁହୁ ଚାଁହୁ ପାଞ୍ଚ ବର୍ଷ ବିତିଗଲା, ଭୁଲି ପାରୁନୁ ତୁମକୁ,
ବଉ କୁ ଭଲ ରେ ରଖିଛୁ, ଆଜିର ଏହି ପୁଣ୍ୟ ତିଥିରେ,
ତୁମର ଅନାବିଳ ସ୍ନେହ ଶ୍ରଦ୍ଧା କୁ ପାଥେୟ କରି,
ପରୋପକାରୀତାର ଜୀବନ ଦର୍ଶନକୁ ପାଥେୟ କରି,
ତୁମର ଅମର ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ
ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।

ଶ୍ରଦ୍ଧାଞ୍ଜଳି ସହ
ବାବୁ, ମୁନି, କୁନା, ମୀରା, ବସନ୍ତ, ମନା, ମିଟି, ସୂର୍ଯ୍ୟ, ଚଗୁଲୁ,
ନିନି, ବଣ୍ଟି, ରାଟୀ, କଣ୍ଢେଇ, ମାମା, ସୋମା, ବାବାନ, କାହ୍ନା, ସୁନୁ, ବେବି



ଓଁ ଶ୍ରୀ ସାଇନାଥାୟ ନମଃ
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ଦ୍ୱାରିକା ମୋହନ ମିଶ୍ର
ଆବିର୍ଭାବ: ୨୦.୦୧.୧୯୩୪ । ତିରୋଧାନ: ୨୫.୧୨.୨୦୨୨

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।

ହୃଦୟରୁ କୃତଜ୍ଞତା ସହ
ଶାନ୍ତିବର୍ଦ୍ଧନ ମିଶ୍ର, ଜୟବର୍ଦ୍ଧନ ମିଶ୍ର ଓ ପରିବାର ବର୍ଗ ।
ତା. ୧୩.୦୧.୨୦୨୪ (ଶନିବାର)
ପ୍ରସାଦସେବନ ଓ ନାରାୟଣ ସେବା ଦିବା ୧୨ ଘଟିକା
ସ୍ଥାନ: ଦତ୍ତାତ୍ରେୟ ସାଇ ଆଶ୍ରମ, କପିଳାସ, ଢେଙ୍କାନାଳ

## ଏଟିଏମ୍‌ରୁ ଚୋରି ଉଦ୍ୟମ; ଜଣେ ଗିରଫ

**ଖଇରପୁଟ,୧୨।୧(ସମିସ):** ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ଅନ୍ତର୍ଗତ କୁଡୁମୁଲୁଗୁମ୍ମା ଏଟିଏମରେ ଚୋରି ଉଦ୍ୟମ କରୁଥିବାବେଳେ ଜଣଙ୍କୁ ଘଟଣାସ୍ଥଳରୁ ପୁଲିସ ଗିରଫ କରିଛି। ସୂଚନାନୁଯାୟୀ, ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଏସବିଆଇ ଏଟିଏମରୁ ଚୋରି ଉଦ୍ୟମ କରୁଥିବା ବେଳେ ସିସିଟିଭି ଫୁଟେଜରେ ମୁମ୍ବାଇ ହେଡକ୍ୱାର୍ଟରରୁ ଦେଖି ଭୁବନେଶ୍ୱର କାର୍ଯ୍ୟାଳୟକୁ ଖବର ଦେବା ପରେ ଓର୍କେଲ ପୁଲିସକୁ ସୂଚନା ଦିଆଯାଇଥିଲା। ଖବର ପାଇ ସଙ୍ଗେ ସଙ୍ଗେ କୁଡୁମୁଲୁଗୁମ୍ମା ଫାଣ୍ଡି ଅଧିକାରୀ ଅଜିତ ସିଂ ବରିହା ଓ କର୍ମଚାରୀମାନେ ଆସି ଘଟଣାସ୍ଥଳରୁ ନାକାମାମୁଡି ପଞ୍ଚାୟତର ବଡ଼ଆଖିଆଗୁଡ଼ା ଗ୍ରାମର ଲାଛା ପଲାସି ନାମକ ଯୁବକକୁ ଗିରଫ କରିଛି।

### ସରକାରୀ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରରେ 'ନୂଆ-ଓ' ଉଦ୍‌ଯାପିତ

# 'ପ୍ରତିଭାଧାରୀ ସ୍ୱାସ୍ଥ୍ୟ ବିଭାଗରେ ନିଜକୁ ସୀମିତ ନ ରଖନ୍ତୁ'

**ମାଲକାନଗିରି,୧୨।୧(ସମିସ)**

'ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ରାଜ୍ୟର ଯୁବପିଢ଼ିଙ୍କ ନିମନ୍ତେ ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଓଡ଼ିଶା ସରକାରଙ୍କ ଦ୍ୱାରା ତିନିଟି ପ୍ରମୁଖ ଅଣଶୈକ୍ଷିକ ଦିଗ ପ୍ରତି ଗୁରୁତ୍ୱାରୋପ କରି ବିଭିନ୍ନସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ତେବେ ଏହି କ୍ରମରେ ମାଲକାନଗିରି ଜିଲ୍ଲା ସରକାରୀ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ୍ କେନ୍ଦ୍ର ଆନୁକୁଲ୍ୟରେଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମ ଶୁକ୍ରବାର ଉଦଯାପିତ ହୋଇଯାଇଛି। ଆୟୋଜିତ ହୋଇଥିବା 'ନୂଆ-ଓ' କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ଭାଗନେଇଥିବା ଅନୁଷ୍ଠାନର କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବା ସଙ୍ଗେ ସଙ୍ଗେ ଅନୁଷ୍ଠାନର ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ମୁଖ୍ୟବକ୍ତା ଭାବେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ପ୍ରଫୁଲ୍ଲ କୁମାର ନନ୍ଦ, ସମ୍ମାନିତ ଅତିଥି ଭାବେ ମାଲକାନଗିରି ଜିଲ୍ଲା ପରିଷଦ ସଭାପତି ସମାରି ଟାଙ୍ଗୁଲ, ମାଲକାନଗିରି ପୌର ପରିଷଦ ଅଧ୍ୟକ୍ଷ ମନୋଜ ବାରିକ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବରିଷ୍ଠ ଶଲ୍ୟ ଚିକିତ୍ସକ ଡା. ଅନିଲ କୁମାର ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝି, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଧନେଶ୍ୱର ମହାପାତ୍ର, ଡା. ବ୍ରଜବନ୍ଧୁ ଦାଶ, ମାଲକାନଗିରି ମଡେଲ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ରଙ୍କ ସମେତ ମାଲକାନଗିରି ଜିଲ୍ଲା ସଂଯୋଜକ (ନୂଆ-ଓ) ନୂଆ ଓଡ଼ିଶା ନବୀନ ଓଡ଼ିଶା ରଞ୍ଜନ କୁମାର ସ୍ୱାଇଁ ଉପସ୍ଥିତ ରହି ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଲୁକ୍କାୟିତ ଭାବେ ରହିଥିବା ପ୍ରତିଭାଗୁଡ଼ିକର ବିକାଶ କରିବା ମୁଖ୍ୟମନ୍ତ୍ରୀଙ୍କ ଏକ ଅଭିନବ ପ୍ରୟାସ ବୋଲି ବିଧାୟକ ପ୍ରକାଶ କରିଥିଲେ। ଏହା ସହ ଉପଯୁକ୍ତ ଭାବେ ତାଲିମ୍ ଗ୍ରହଣ କରି ଭବିଷ୍ୟ ଅନ୍ୱୟୀ ହେବା, କେବଳ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ସୀମିତ ନ ରହି ଶିକ୍ଷାର୍ଥୀମାନଙ୍କ ଲୁକ୍କାୟିତ ପ୍ରତିଭା ଓ କଳା କ୍ଷେତ୍ରରେ ସମୟ ଓ ସୁଯୋଗ ଦେଇ କିଭଳି ଏକ ଗୌରବମୟ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରାଯାଇ ପାରିବ ସେ ସମ୍ପର୍କରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଅଧ୍ୟକ୍ଷା ସରସ୍ୱତୀ ବେହେରାଙ୍କ ନେତୃତ୍ୱରେ ଆୟୋଜନ କରାଯାଇଥିବାବେଳେ ପ୍ରଶିକ୍ଷିକା ତଥା ଅଧ୍ୟାପିକା ଅନ୍ନପୂର୍ଣ୍ଣା ମୁଦୁଲି, ଶାଶ୍ୱତୀ ନାୟକ ଏବଂ ଅନୁଷ୍ଠାନର ଅନ୍ୟାନ୍ୟ ଅଣଶୈକ୍ଷିକ କର୍ମଚାରୀ ଅଟଳ ମିସ୍ତ୍ରି କାର୍ଯ୍ୟକ୍ରମ ସୁପରିଚାଳନା କରିଥିଲେ।




● **ଅର୍ପଣ ରଥକୁ ଭବ୍ୟ ସ୍ୱାଗତ**

## ବିଚ୍ଛିନ୍ନାଞ୍ଚଳର ଚାରି ପଞ୍ଚାୟତରେ ସଂଗ୍ରହ ହେଲା ଗୁଆ, ଚାଉଳ



**ନନ୍ଦପୁର,୧୨।୧(ସମିସ):** ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ବିଭିନ୍ନ ଅଞ୍ଚଳ ପରିକ୍ରମା କରୁଥିବା ଅର୍ପଣ ରଥକୁ କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକର ବିଚ୍ଛିନ୍ନାଞ୍ଚଳର ଚାରି ପଞ୍ଚାୟତ ଯଥା- ବନମାଳିପୁଟ, ଉମ୍ବେଲ, ଟିକରପଡ଼ା, କୁମାର ଗନ୍ଧାନା ପଞ୍ଚାୟତରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବିଚ୍ଛିନ୍ନାଞ୍ଚଳର ଚାରି ଗ୍ରାମ ପଞ୍ଚାୟତକୁ ପରିକ୍ରମା ରଥ ବୁଲିବା ପରେ ମହିଳା ଓ ପୁରୁଷମାନେ ଏକତ୍ରିତ ହୋଇ ଅର୍ପଣ ରଥକୁ ପୂଜାର୍ଚ୍ଚନା କରିବା ପରେ ଗ୍ରାମର ସାହିମାନଙ୍କୁ ପରିକ୍ରମା କରି ଗୁଆ, ଚାଉଳ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶହ ଶହ ଜନସାଧାରଣ ଯୋଗ ଦେଇଥିବାବେଳେ ପୂର୍ଣ୍ଣ ନାୟକ, ଦାଶରଥି ନାୟକ, ସଦନ ବିଶୋଇ, ଜଗତ ଖିଲ, ସୋମନାଥ ଦଳପତି, ମାଣିକ ନାୟକ, ସଞ୍ଜିତା ମଣ୍ଡଳ, ଜ୍ୟାନା ଚୌଧୁରୀ, ପଦ୍ମନାଭ ନାୟକ, କୁମୁଦିନୀ ନାୟକ, ସରସ୍ୱତୀ ନାୟକ ପ୍ରମୁଖ ଯୋଗଦେଇ ଅର୍ପଣ ରଥ ପରିକ୍ରମାରେ ସାମିଲ ହୋଇଥିଲେ।

## ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ପାଳିତ

**ମାଲକାନଗିରି, ୧୨।୧(ସମିସ):** ସ୍ୱାମୀ ବିବେକାନନ୍ଦ ଲୋକସଂସଦ ମାଲକାନଗିରି ଜିଲ୍ଲା ଶାଖା ଆନୁକୁଲ୍ୟରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ୧୬୨ତମ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଜାତୀୟ ଯୁବ ଦିବସ ପାଳନ ଅବସରରେ ସ୍ୱାମୀ ବିବେକାନନ୍ଦ ଲୋକସଂସଦ ଜିଲ୍ଲା ଶାଖାର ସଭାପତି ଅଧ୍ୟାପକ ଡ. ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ସୀମା ସୁରକ୍ଷା ବଳ ଡେପୁଟୀ କମାଣ୍ଡାଣ୍ଟ ଶୁଭଞ୍ଜନ ମହାପାତ୍ର ଓ ମୁଖ୍ୟବକ୍ତା ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଧନେଶ୍ୱର ମହାପାତ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନେ ସ୍ୱାମୀ ବିବେକାନନ୍ଦଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଗୁରୁଜୀ, ଗୁରୁମା ଓ ଉପସ୍ଥିତ ଅଭିଭାବକଙ୍କ ସମେତ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ଜାତୀୟ ଦିବସ ଉପଲକ୍ଷେ ଦୁଇ ମିନିଟ ସମବେତ ଧ୍ୟାନ କରାଯାଇଥିଲା। ସଭା ଆରମ୍ଭରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଭାପତି ରବୀନ୍ଦ୍ର କୁମାର ମହାରଣା ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ସ୍ୱାମୀଜୀଙ୍କ ଜୀବନ ଆଦର୍ଶ ସମ୍ପର୍କରେ ଆଲୋଚନା କରିବା ସହ ପିତା, ମାତା, ଗୁରୁ ଓ ଈଶ୍ୱରଙ୍କ ନିକଟରେ ପୂର୍ଣ୍ଣ ସମର୍ପଣ କରିବା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ଭଗବାନଙ୍କ ସୃଷ୍ଟିରେ ସମସ୍ତ ଶିଶୁ ଭିନ୍ନ, ଅଦ୍ୱିତୀୟ ଓ ସ୍ୱତନ୍ତ୍ର ବୋଲି ବିବେଚନା କରି ଉପଯୁକ୍ତ ପରିବେଶ, ଶୃଙ୍ଖଳିତ ମାର୍ଗଦର୍ଶନ ଦ୍ୱାରା ସେମାନଙ୍କୁ ଗଢି ତୋଳିବା ପାଇଁ ମୁଖ୍ୟ ଅତିଥି ପ୍ରକାଶ କରିଥିଲେ। ତେବେ ବିଗତ ଦିନରେ ସ୍ୱାମୀ ବିବେକାନଦ ଲୋକସଂସଦ ରାଜ୍ୟଶାଖାର ଉତ୍କଳକଳା ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ଚିତ୍ରକଳା ପ୍ରତିଯୋଗିତାର ବିଜେତାଙ୍କୁ ଏହି ଅବସରରେ ଅତିଥିମାନେ ମାନପତ୍ର ଓ ବିବେକାନନ୍ଦ ଟ୍ରଫି ପ୍ରଦାନ କରିଥିଲେ। ଏଥିରେ ସ୍ୱାମୀ ବିବେକାନନ୍ଦ ଲୋକସଂସଦର ଆଜୀବନ ସଦସ୍ୟ ଓ ଯୁବ ସଂସଦର ସଂଯୋଜକ ପ୍ରକାଶ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ମାଲକାନଗିରି କଲେଜ ପରିସରରେ ମଧ୍ୟ ଏହି ସମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ପ୍ରଫେସର ଲିଙ୍ଗରାଜ ମିଶ୍ର, ମୁଖ୍ୟବକ୍ତା ଭାବେ କଲେଜର ଅର୍ଥନୀତି ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଅଶୋକ କୁମାର ଷଡ଼ଙ୍ଗୀ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କର ଜୀବନୀ, କାର୍ଯ୍ୟଧାରା, ଦେଶ ପ୍ରତି ଅବଦାନ ଓ ଦେଶର ଯୁବଶକ୍ତିକୁ ସଠିକ ମାର୍ଗରେ ଆଗେଇ ନେବାରେ ବିବେକାନନ୍ଦଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଏହି ସଭାରେ କଲେଜର ସମସ୍ତ ଶିକ୍ଷକ, ଅଣଶିକ୍ଷକ ଓ ଶେହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଛାତ୍ରଛାତ୍ରୀ ଏବଂ କର୍ମଚାରୀମାନେ ଏକ ଶୋଭାଯାତ୍ରାରେ କଲେଜ ପରିକ୍ରମା କରି ଏହି ଦିବସ ପାଳନ କରିଥିଲେ।



## ଶିକ୍ଷଣ ସାମଗ୍ରୀ, ଭାଷା ଜ୍ଞାନ ଓ ସଂଖ୍ୟା ଜ୍ଞାନ କର୍ମଶାଳା

**ଡାବୁଗାଁ,୧୨।୧(ସମିସ):** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଏକ୍ସ-ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଗୃହରେ ଶିକ୍ଷଣ ସାମଗ୍ରୀ, ଭାଷା ଜ୍ଞାନ ଓ ସଂଖ୍ୟା ଜ୍ଞାନ କର୍ମଶାଳା ଗତ ୮ରୁ ୧୧ ତାରିଖ ଚାରି ଦିନ ଧରି ଅନୁଷ୍ଠିତ ହୋଇଥିଲା। ପ୍ରଶିକ୍ଷକ ଭାବେ ଦିଲ୍ଲୀପ କୁମାର ରାଉତ, ରାଜୁ ହରିଜନ, ଶାନ୍ତିରାଜ ଭତ୍ରା ଓ ଭୁବନଜୋଇ ଭତ୍ରା ପ୍ରମୁଖ ତାଲିମ ଦେଇଥିଲେ। ଶିକ୍ଷଣ ସମାଗ୍ରୀ, ଭାଷା ଜ୍ଞାନ ଓ ସଂଖ୍ୟା ଜ୍ଞାନ ଉପରେ କର୍ମଶାଳାରେ ବ୍ୟାପକ ତାଲିମ ପ୍ରଦାନ କରିଥିଲେ। ଶାନ୍ତି ଶୃଙ୍ଖଳା ସହକାରେ ଉକ୍ତ କର୍ମଶାଳା ସମାପନ ହୋଇଥିଲା। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଭଗବାନ ମାଝୀ କାର୍ଯ୍ୟକ୍ରମ ତଦାରଖ କରିଥିବାବେଳେ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଏଥିରେ ୨୨ ଜଣ ଶିକ୍ଷକଶିକ୍ଷୟିତ୍ରୀ ତାଲିମ ନେଇଥିଲେ।



## ଏମ୍‌ସିସି କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ



**ଦୁର୍ଗୀ,୧୨।୧(ସମିସ):** ବିଷମକଟକ ବ୍ଲକ୍ ଦୁର୍ଗୀ ଏମସିସି କ୍ରିକେଟ ପ୍ରତିଯୋଗିତା ଶୁକ୍ରବାର ଏମସିସି ଷ୍ଟାଡିୟମରେ ଉଦଘାଟିତ ହୋଇଯାଇଛି। ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧୫ଟି ଦଳ ଭାଗ ନେଇଛନ୍ତି। ଅନୁସୂଚିତ ଜାତି ଓ ଜନଜାତି ତଥା ଆଇନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ତଥା ରାୟଗଡ଼ା ଜିଲ୍ଲା ବିଜୁ ଜନତା ଦଳର ସଭାପତି ସୁଧୀର କୁମାର ଦାସଙ୍କ ସମେତ ରାୟଗଡ଼ା ଜିଲ୍ଲାର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ଅନୁସୟା ମାଝୀ କାର୍ଯ୍ୟ ଆରମ୍ଭ ପୂର୍ବରୁ ମୁଖ୍ୟ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିବା ସହ କ୍ରିକେଟ ପ୍ରତିଯୋଗିତା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ବିଜୟଶାନ୍ତି କୁମୁରୁକା, ସ୍ଥାନୀୟ ସରପଞ୍ଚ ବିଜୟ କୁମୁରୁକା, ମୋହନ ରାଓ, ସତ୍ୟନାରାୟଣ କୈବରତ, ନଳନୀକାନ୍ତ ପାଲ ସହ କର୍ମକର୍ତ୍ତା ମଞ୍ଚାସୀନ ଥିଲେ। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିବସରେ ଆୟୋଜିତ ମ୍ୟାଚ ଗୁଡ଼ାରୀ ଓ ଡୁମୁରୁନେଲି ଫିଜନ ଟୁ ଦଳ ଟସ୍ ଜିତି ବ୍ୟାଟିଂ କରି ୯୦ ରନ କରିଥିଲା। ଗୁଡ଼ାରୀ ଦଳ ୯୧ ରନ କରି ବିଜୟ ହୋଇଥିଲା। ଅମ୍ପାୟାର ଭାବେ ଲକ୍ଷ୍ମୀ ମାଦଳା ଓ ସାଗର ବେହେରା ଖେଳ ପରିଚାଳନା କରିଥିଲେ। କାହ୍ନୁ, ଶିବା, ଦୀପକ, ରିଙ୍କୁ, ଟୁଟୁ, ବିକାଶ, ବିଶ୍ୱ, ସାଗର, ଶୁଭମ, ତପନ, କିରନ, ସୁମନ ପ୍ରମୁଖ କମିଟି ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

# ବିଜୁ ପ୍ରିମିୟର ଲିଗ୍ ଆନ୍ତଃରାଜ୍ୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ମାଲକାନଗିରି,୧୨।୧(ସମିସ)**

ମାଲକାନଗିରି ଜିଲ୍ଲାରେ ଆଜିଠାରୁ ଆରମ୍ଭ ହୋଇଛି ବିଜୁ ପ୍ରିମିୟର ଲିଗ୍ ବା ବିପିଏଲ ଆନ୍ତଃରାଜ୍ୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ। ଏଥିରେ ଓଡ଼ିଶା ସହ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ଛତିଶଗଡ଼ ରାଜ୍ୟର ମୋଟ ୮ଟି କ୍ରିକେଟ୍ ଟିମ୍ ଭାଗ ନେଇଛନ୍ତି। ମାଲକାନଗିରି ଜିଲ୍ଲାର ଡିଏନକେ ଖେଳ ପଡ଼ିଆରେ ୨୨ ଦିନ ଧରି ଏହି ଖେଳ ହେବାକୁ ଥିବାବେଳେ ଆଜି ଏହି ଟୁର୍ଣ୍ଣାମେଣ୍ଟ ଉଦ୍ଘାଟିତ ହୋଇଛି। ଏକ ବିଶାଳ ଶୋଭାଯାତ୍ରାରେ ଜିଲ୍ଲାର ଅନେକ ଯୁବପିଢ଼ି ଓ ନିମନ୍ତ୍ରିତ ଅତିଥିମାନେ ଆସି ଜିଲ୍ଲା ସଦରରେ ଥିବା ଦଣ୍ଡକାରଣ୍ୟ ଖେଳପଡ଼ିଆରେ ଏହି ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ କରିଥିଲେ। ମୁଖ୍ୟଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ ଯୋଗଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବିଜୁ ଜନତା ଦଳର ବରିଷ୍ଠ ନେତୃମଣ୍ଡଳୀ ଓ ଦକ୍ଷିଣ ଆଫ୍ରିକାରୁ ଫେରିଥିବା ଭାରତୀୟ ଟେଷ୍ଟ କ୍ରିକେଟ ଦଳର ମ୍ୟାନେଜର ତଥା ମାଲକାନଗିରିର ବରିଷ୍ଠ କ୍ରୀଡ଼ାବିତ ସତବିର ସିଂ ରିଆର ପ୍ରମୁଖ ସାମିଲ ଥିଲେ। ଆନୁଷ୍ଠାନିକ ଭାବେ ଏହାର ଉଦ୍ଘାଟନ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରେ ପ୍ରଥମ ଥର ଲାଗି ଏହିପରି କ୍ରୀଡ଼ା ଆରମ୍ଭ ହୋଇଥିବା ନେଇ ଯୁବପିଢ଼ି, କ୍ରୀଡ଼ାବିତ ଓ ଜିଲ୍ଲାବାସୀ ଖୁସିବ୍ୟକ୍ତ କରିଛନ୍ତି ।



## ଯୋଜନାର ପ୍ରଚାର ପାଇଁ ଏକଦିବସୀୟ ପ୍ରଶିକ୍ଷଣ ଶିବିର

**ମାଲକାନଗିରି,୧୨।୧(ସମିସ):** ପାରମ୍ପରିକ ଲୋକକଳା ଓ ସଂସ୍କୃତିକୁ ବଞ୍ଚାଇବା ସହ କଳାକାରଙ୍କୁ ଉତ୍ସାହିତ କରିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱାରୋପ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟରେ ଆଗାମୀ ଦିନରେ ସୂଚନା, ଶିକ୍ଷା ଓ ଯୋଗାଯୋଗ ଉପକ୍ରମରେ ଲୋକକଳାର ପ୍ରୟୋଗ କରି ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚାଇବା ନିମନ୍ତେ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏଥି ନିମନ୍ତେ ଶୁକ୍ରବାର ଜିଲ୍ଲାସ୍ତରୀୟ ଏକଦିବସୀୟ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଛି। ଏହି ଶିବିରରେ ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ପଣ୍ଡା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡିପିଏମ ସସ୍ମିତା ସାହୁ, ଜିଲ୍ଲା ସାଧନ ସଦସ୍ୟ ଗୁପ୍ତେଶ୍ୱର ପାଣିଗ୍ରାହୀ, ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ଘେନୁ ମୁଦୁଲି ଓ ବିନାଶ ମିଶ୍ର ଉପସ୍ଥିତ ଥିଲେ। ପାରମ୍ପରିକ ଲୋକକଳାର ମୌଳିକତାକୁ ନ ହରାଇ ନିଜ ଅଞ୍ଚଳର ଲୋକକଳାକୁ ପ୍ରୟୋଗ କରି ଯୋଜନାଗୁଡ଼ିକୁ ପ୍ରଚାରପ୍ରସାର କରିବା ପାଇଁ ଏଠାରେ ଗୁରୁତ୍ୱାରୋପ କରାଯାଇଛି। ଏଥିରେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ସେମାନଙ୍କର ବିଭାଗର ଯୋଜନା ବିଷୟରେ ଆଲୋକପାତ କରିଥିଲେ। ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ପରେ ବ୍ଲକସ୍ତରୀୟ ପ୍ରଶିକ୍ଷଣ ଆୟୋଜନ କରାଯିବ। ଏହି ଶିବିରରେ ଡିପିଏମ ମିଶନ ଶକ୍ତି, ନିରଞ୍ଜନ ଦୋରା, ୭ଟି ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ଓ ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତିଙ୍କ ସହ ବ୍ଲକର ବରିଷ୍ଠ କଳାକାରମାନେ ଯୋଗଦେଇଥିଲେ।



## ଇଭିଏମ୍ ଓ ଭିଭିପାଟ୍ ସଚେତନତା ରଥର ଶୁଭାରମ୍ଭ



**କୋଷାଗୁମୁଡ଼ା,୧୨।୧(ସମିସ):** କୋଷାଗୁମୁଡ଼ା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରୁ ୨୦୨୪ ସାଧାରଣ ନିର୍ବାଚନ ପାଇଁ ଇଭିଏମ୍ ଓ ଭିଭିପାଟ୍ ଉପରେ ଜନସଚେତନତା ସୃଷ୍ଟି ନିମନ୍ତେ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି ସଚେତନତା ରଥ ବ୍ଲକର ୨୬ଟି ପଞ୍ଚାୟତକୁ ଆସନ୍ତା ଫେବୃଆରୀ ୨୯ ତାରିଖ ପର୍ଯ୍ୟନ୍ତ ବୁଲିବ। ଏହି ରଥ ଶୁଭାରମ୍ଭ ଅବସରରେ ବିଜେଡି ପକ୍ଷରୁ ବଦ୍ରିନାରାୟଣ ସିଂ, ରାମଚନ୍ଦ୍ର ଗୌଡ଼, କଂଗ୍ରେସ ଦଳର ଯୁଗଧର ହରିଜନ, ବିଜେପି ପକ୍ଷରୁ ପ୍ରସନ୍ନ ପଟ୍ଟନାୟକ ଯୋଗଦେଇଥିଲେ। ବିଡିଓ ଆଶିଷ ତ୍ରିପାଠୀ, ଆକାଉଣ୍ଟ ଅଫିସର ଜୟପ୍ରକାଶ ଦିଶାରୀ, ମୁଖ୍ୟ କିରାଣି ବାଳକୃଷ୍ଣ ପାଣିଗ୍ରାହୀ, ବରିଷ୍ଠ ରାଜସ୍ୱ ସହାୟକ ସୁରେନ୍ଦ୍ର ମୋହନ ଦାସ, ଏଏଫଓ ଗିରିଜା ଶଙ୍କର ପଟ୍ଟନାୟକ, ସ୍ୱରୂପାରାଣୀ ନାୟକ, ଏଇ ଅମରେଶ ନାୟକ, ଜେଇ ଉତ୍ତମ କିଷାନ ପ୍ରମୁଖ ଉପସ୍ଥିତ ଥିଲେ।

### ହାଟମୁନିଗୁଡ଼ା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ

# 'ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସହ ପରିଶ୍ରମ କଲେ ସଫଳତା ନିଶ୍ଚିତ'

**ବିଷମ କଟକ,୧୨।୧(ସମିସ)**

ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ ହାଟମୁନିଗୁଡ଼ା ସ୍ଥିତ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ବାଳିକା ବିଦ୍ୟାଳୟ ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମୋହନି ଦେବୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଅନୁସୂଚୀତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରାକା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର କୁମାର ଦାଶ, ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ, ପଛୁଆବର୍ଗ ବ୍ୟାପାର ଉପଦେଷ୍ଟା ପୃଥ୍ୱୀରାଜ ସାହୁ, ଜିଲ୍ଲା ପରିଷଦ ସଦସ୍ୟା ସୁଜାତା କାଡ୍ରାକା, ବିଜୟ ଶାନ୍ତି କୁମରିକା, ବ୍ଲକ୍ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ଜିଲ୍ଲା ମଣ୍ଡଳାଧୀଶ ରାୟଗଡ଼ା ଜୋନର ଶ୍ୟାମଘନ ଭୂୟାଁ, ସରପଞ୍ଚ ନାରାୟଣ ହୁଇକା ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସହ ପରିଶ୍ରମ କଲେ ସଫଳତା ନିଶ୍ଚିତ ମିଳିବ ବୋଲି ମୁଖ୍ୟ ଅତିଥି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ବାର୍ଷିକ ଉତ୍ସବ ଅବସରରେ ବିଦ୍ୟାଳୟ ତରଫରୁ ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରାମ ଗୋବିନ୍ଦ ପାଡ଼ୀ ମଞ୍ଚ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମୋହିନି ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ।




ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ବିକ୍ରମ କିଶୋର ମହାନ୍ତି
ଅବସରପ୍ରାପ୍ତ ଶିକ୍ଷକ, ଘଣ୍ଟିକଣ, ଅସ୍ତରଙ୍ଗ
ଆବିର୍ଭାବ: ୦୪.୦୭.୧୯୧୬
ତିରୋଧାନ: ୨୬.୦୭.୨୦୨୪

ମନେପଡୁଛି ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ ଭଲପାଇବାର ସ୍ମୃତି । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ:
ଝିଅ- ସବିତା, ଗୀତା, ଜ୍ୱାଇଁ- ପ୍ରତାପ, ପ୍ରଶାନ୍ତ, ନାତି-ନାତୁଣୀ: ମାମୁନି, ପାପୁନି, ଓମ୍, ପରିବାର ଓ ବନ୍ଧୁବର୍ଗ

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-199 ♦BHUBANESWAR ♦SATURDAY ♦13 JANUARY 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୧୯୯ ♦ଭୁବନେଶ୍ୱର ♦ଶନିବାର ♦୧୩ ଜାନୁଆରୀ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


## 'ଆକାଶ ଏନ୍‌ଜି'ର ବ୍ୟାବହାରିକ ପରୀକ୍ଷଣ ସଫଳ



■ **ବାଲେଶ୍ୱର, ୧୨।୧(ସମିସ):** ବାଲେଶ୍ୱର ଚାନ୍ଦିପୁର ଆଇଟିଆର ପରିସରରେ ଏଲସି-୩ରୁ ଶୁକ୍ରବାର ପୂର୍ବାହ୍ନ ୧୦ଟା ୩୦ରେ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର ଆକାଶ ନ୍ୟୁ ଜେନେରେସନ (ନୂତନ ପିଢ଼ି)ର ସଫଳ ବ୍ୟାବହାରିକ ପରୀକ୍ଷଣ କରାଯାଇଛି। ଏହା ଆକାଶ ମିସାଇଲ ସିରିଜ୍‌ର ବିକଶିତ ତଥା ଅତ୍ୟାଧୁନିକ ସଂସ୍କରଣ। ଆକାଶ ଏନଜି ମିସାଇଲକୁ ଭୂ-ପୃଷ୍ଠରୁ ଆକାଶ ମାର୍ଗକୁ ଉତ୍‌କ୍ଷେପଣ କରାଯାଇଥାଏ। ଏହା ୧୦ ସେକେଣ୍ଡ ମଧ୍ୟରେ ଥରେ ଉତ୍‌କ୍ଷେପଣ କରାଯିବା ସହ ୨୦ ସେକେଣ୍ଡରେ ୩ ଥର ଉତ୍‌କ୍ଷେପଣ କରାଯାଇ ପାରିବ। ୨୦୨୧ରେ ଡିଆରଡିଓ ପକ୍ଷରୁ ଏହାର ଡିଜାଇନ୍ କରାଯାଇଛି। ଏହି ଏନ୍‌ଜି ଆକାଶ ମିସାଇଲରେ ୪୦ରୁ ୮୦ କିମି ଦୂରରେ ଥିବା ଲକ୍ଷ୍ୟକୁ ଭେଦ କରିପାରିବାର କ୍ଷମତା ରହିଛି। ପ୍ରତି ସେକେଣ୍ଡରେ ଏହି କ୍ଷେପଣାସ୍ତ୍ର ୮୬୦ମିଟର ଦୂରତା ଅତିକ୍ରମ କରିଥାଏ। ଏହା ଆକାଶ ପଥରେ ସର୍ବାଧିକ ୧୮ କିମି ଉଚ୍ଚରେ ଗତି କରିଥାଏ। ୭୨୦ କିଗ୍ରା ଓଜନ ବିଶିଷ୍ଟ ଏହି ମିସାଇଲର ଲମ୍ବ ୧୯ ଫୁଟ ହେଇଥିବା ବେଳେ ଏହାର ବ୍ୟାସ ୧.୧୬ ଫୁଟ। ଏହି ମିସାଇଲରେ ୬୦କିଗ୍ରା ଓଜନର ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରହିଛି।






### ଭିଜିଲାନ୍ସ ଜାଲରେ ତାଳଚେର ଆର୍‌ଟିଓ ଟ୍ରାଫିକ୍ ଇନ୍ସପେକ୍ଟର୍

## ଘରକୁ ନେବାବେଳେ କାର୍‌ରୁ ୧୧ ଲକ୍ଷ ଜବତ

■ **ଭୁବନେଶ୍ୱର/ତାଳଚେର, ୧୨।୧ (ସମିସ):** ଗାଡ଼ିରେ ବିଡ଼ାବିଡ଼ା ଟଙ୍କା ବୋହି ଘରକୁ ନେଉଥିବା ବେଳେ ବାଟ ମଝିରେ ମାଡ଼ି ବସିଲା ଭିଜିଲାନ୍ସ। ତାଳଚେର ଆର୍‌ଟିଓ ଅଫିସ୍‌ର ଟ୍ରାଫିକ୍ ଇନ୍ସପେକ୍ଟର ଜିତେନ୍ଦ୍ର ବେହେରା ଆଜି ଭିଜିଲାନ୍ସ ଜାଲରେ ଧରା ପଡ଼ି ଗିରଫ ହୋଇଛନ୍ତି। ଭିଜିଲାନ୍ସ ତାଙ୍କ କାର୍‌ରୁ ନଗଦ ୧୧ଲକ୍ଷ ୧୯ ହଜାର ୧୫୦ ଟଙ୍କା ଜବତ କରିଥିବା ବେଳେ ତାଙ୍କ ଘରୁ ପୁଳାପୁଳା ଟଙ୍କା ଓ ସୁନା ଅଳଙ୍କାର ଜବତ କରିଛି। ଜିତେନ୍ଦ୍ରଙ୍କ ପାଖରୁ ମୋଟ୍ ୨୪ଲକ୍ଷ ୨୭ହଜାର ୯୦୦ ଟଙ୍କା ମିଳିଥିବା ଭିଜିଲାନ୍ସ କହିଛି।



**ବିଭିନ୍ନ ସ୍ଥାନରେ ଚଢ଼ଉ ପରେ ମୋଟ ୨୪ଲକ୍ଷ ୨୭ ହଜାର ଟଙ୍କା ଓ ୩୩୬ ଗ୍ରାମ୍ ସୁନା ଜବତ**

କାର୍‌ରୁ ଜବତ ଟଙ୍କା ଲାଞ୍ଚ ଟଙ୍କା ହୋଇଥିବା ପ୍ରମାଣ ପାଇବା ପରେ ଭିଜିଲାନ୍ସ ତାଳଚେରସ୍ଥିତ ତାଙ୍କ ଭଡ଼ାଘର, ଅସ୍ତରଙ୍ଗରେ ଥିବା ପୈତୃକ ବାସଭବନ ଏବଂ ପାରାଦୀପରେ ରହୁଥିବା ଭାଇ ଘରେ ଚଢ଼ଉ କରିଥିଲା। ଚଢ଼ଉ ପରେ ତାଳଚେରରେ ଥିବା ଭଡ଼ାଘରୁ ୩ଲକ୍ଷ ୮ହଜାର ୭୫୦ ଟଙ୍କା ଏବଂ ୩୩୬ ଗ୍ରାମର ସୁନା ଜବତ କରାଯାଇଥିଲା। ସେହିପରି ଅସ୍ତରଙ୍ଗରେ ଥିବା ତାଙ୍କର ପୈତୃକ ବାସଭବନରୁ ମଧ୍ୟ ୧୦ ଲକ୍ଷ ଟଙ୍କା ଜବତ ହୋଇଥିଲା। ଏହିଭଳି ତାଙ୍କଠାରୁ ସମୁଦାୟ ୨୪ ଲକ୍ଷ ୨୭ ହଜାର ୯ଶହ ଟଙ୍କା ଜବତ କରାଯାଇଛି।

ଗତକାଲି ବିଳମ୍ବିତ ରାତିରେ ଜିତେନ୍ଦ୍ର ନିଜ କାର୍‌ରେ ତାଳଚେରରୁ ଟଙ୍କା ବ୍ୟାଗ୍ ଧରି ନିଜ ଘର ଅସ୍ତରଙ୍ଗ ଆସୁଥିବା ଭିଜିଲାନ୍ସ କୌଣସି ସୂତ୍ରରୁ ଖବର ପାଇଥିଲା। ବାଲିଅନ୍ତା ତ୍ରିନାଥ ବଜାର ନିକଟରେ ଭିଜିଲାନ୍ସ ଅଧିକାରୀମାନେ ଜଗି ରହିଥିଲେ। ଜିତେନ୍ଦ୍ର ସେଠାରେ ପହଞ୍ଚିବା ପରେ ତାଙ୍କ ଗାଡ଼ିକୁ ଭିଜିଲାନ୍ସ ଅଧିକାରୀମାନେ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଗାଡ଼ିରୁ ୧୧ଲକ୍ଷ ୧୯ ହଜାର ୧୫୦ ଟଙ୍କା ଜବତ ହୋଇଥିଲା। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ତାଙ୍କ ନାମରେ ଏକ ମାମଲା ରୁଜୁ କରି ଗିରଫ କରିଛି। ତାଙ୍କର ବ୍ୟାଙ୍କ୍ ଆକାଉଣ୍ଟ ଏବଂ ଲକ୍‌ରରେ କେତେ ଟଙ୍କା ରହିଛି, ସେନେଇ ମଧ୍ୟ ଭିଜିଲାନ୍ସ ଅଧିକାରୀ ତଦନ୍ତ କରୁଛନ୍ତି।

### ଗଛ ସହ ବସ୍‌ର ଧକ୍କା

## ୧୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ

■ **ବୁଗୁଡ଼ା, ୧୨।୧(ସମିସ):** ବୁଗୁଡ଼ା ଥାନା ଅନ୍ତର୍ଗତ ଚଢ଼ିଆପଲ୍ଲୀ ଗ୍ରାମ ନିକଟସ୍ଥ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛକୁ ଯାତ୍ରୀବାହୀ ବସ୍ ଧକ୍କା ଦେବାରୁ ୧୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ପୂର୍ବାହ୍ନରେ ବ୍ରହ୍ମପୁରରୁ ଭାୟା ପୁରୁଷୋତ୍ତମପୁର ହୋଇ ବୁଗୁଡ଼ା ଅଭିମୁଖେ ଆସୁଥିବା ଦକ୍ଷିଣେଶ୍ୱରୀ ବସ୍ ଭାରସାମ୍ୟ ହରାଇ ଚଢ଼ିଆପଲ୍ଲୀ ଗ୍ରାମର ରୁଟି ଫ୍ୟାକ୍ଟ୍ରି ସାମ୍‌ନାରେ ଥିବା ଏକ ଗଛକୁ ଧକ୍କା ଦେଇଥିଲା। ଫଳରେ ବସ୍ ଚାଳକ ବ୍ରହ୍ମପୁରର ରାଜଦୀପ୍ ମହାନ୍ତିଙ୍କ ସମେତ ସୋଲଣ୍ଡି ଗାଁର ପ୍ରମିଳା ସ୍ୱାଇଁ, ଖୋଲଖାଲିର ବାବୁଲା ପ୍ରଧାନ, ଭାମଶ୍ୟାଳିର ମୋଚିରାମ ନାହାକ, ନଗୁଡ଼ୁର ପ୍ରିୟା ଖଟୁଆ, ଭାବରଡାର କଳ୍ପନା ମହାରଣା, ଅରଖପୁରୁର ଶୁଶିଳା ପଣ୍ଡା, ବୀରଧନଞ୍ଜୟପୁର ଗାଁର ବିଷ୍ଣୁପ୍ରିୟା ବେହେରା ଓ ବସନ୍ତ ବେହେରା, ଚିରିକିପଡ଼ା ଶାସନର ନୀଳମଣି ବେହେରା, ରୋହନ ପୋଲେଇ, ପ୍ରତିମା ପୋଲେଇ, ରୁଦ୍ର ପୋଲେଇ, ନିଳାଦ୍ରୀ ଭୂୟାଁ ଓ ତନୁ ସ୍ୱାଇଁଙ୍କ ସହିତ ଅନ୍ୟ ଯାତ୍ରୀ ଆହତ ହୋଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବସ୍‌କୁ ଜବତ କରି ତଦନ୍ତ ଚଳାଇଛି।






### କଂଗ୍ରେସର ନିର୍ବାଚନ କମିଟି ଘୋଷଣା

## ସଂଯୋଜକଙ୍କ ଅନୁପସ୍ଥିତିକୁ ନେଇ ଖଡ୍‌ଗେ ଖପ୍ପା

■ **ଭୁବନେଶ୍ୱର,୧୨।୧(ସମିସ):** ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଏଆଇସିସି ଓଡ଼ିଶା ନିର୍ବାଚନ କମିଟି ଗଠନ କରିଛି। ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେଙ୍କ ଅନୁମୋଦନକ୍ରମେ କମିଟି ଗଠନ କରାଯାଇଛି।

ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳଙ୍କ ସ୍ୱାକ୍ଷରରେ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ପିସିସି ସଭାପତି ଶରତ ପଟ୍ଟନାୟକ ରାଜ୍ୟ ନିର୍ବାଚନ କମିଟିର ଅଧ୍ୟକ୍ଷ ରହିବେ। ସେହିପରି ବିଧାୟକ ଦଳ ନେତା ନରସିଂହ ମିଶ୍ର, ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନଙ୍କ ସହ ବିଜୟ ପଟ୍ଟନାୟକ, ସପ୍ତଗିରି ଉଲ୍ଲାକା, ଭକ୍ତଚରଣ ଦାସ, ସୁଶୀଳା ତିରିଆ, ଅନନ୍ତ ସେଠୀ, ଡ. ରାମଚନ୍ଦ୍ର ଖୁଣ୍ଟିଆ, ଶରତ ରାଉତ, ସନ୍ତୋଷ ସିଂ ସାଲୁଜା, ଅମିତା ବିଶ୍ୱାଳ, ଅଜୟନ୍ତୀ ପ୍ରଧାନ, ବିଶ୍ୱରଞ୍ଜନ ମହାନ୍ତି, ମାନସ ଚୌଧୁରୀ, ସସ୍ମିତା ବେହେରା, ଶୁଭେନ୍ଦୁ ମହାନ୍ତି ସଦସ୍ୟ ରହିବେ। ଏମାନଙ୍କ ବ୍ୟତୀତ ଯୁବ, ଛାତ୍ର, ମହିଳା ଓ ସେବାଦଳର ରାଜ୍ୟ ସଭାପତି ବା ଅଧ୍ୟକ୍ଷଙ୍କୁ ନିମନ୍ତ୍ରିତ ସଦସ୍ୟ ଭାବରେ ଗ୍ରହଣ କରାଯିବ।

**ପିସିସି ଅଧ୍ୟକ୍ଷଙ୍କ ନେତୃତ୍ୱରେ ୧୮ ଜଣିଆ କମିଟି**

କଂଗ୍ରେସ ପକ୍ଷରୁ ଗଠନ ହୋଇଥିବା ଏହି କମିଟିରେ ସବୁ ବର୍ଗଙ୍କୁ ସାମିଲ କରାଯାଇଛି। ଆଗାମୀ ନିର୍ବାଚନ ପାଇଁ ଟିକଟ ବଣ୍ଟିବା କ୍ଷେତ୍ରରେ ଏହି କମିଟି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଅନ୍ୟପଟେ କଂଗ୍ରେସ ଇତିମଧ୍ୟରେ ୬୦ ଜଣଙ୍କ ଚୂଡ଼ାନ୍ତ କରିସାରିଥିବା ନେଇ ମନ୍ତବ୍ୟ ଦେଇଥିବା ବିଧାୟକ ତଥା ବରିଷ୍ଠ ନେତା ତାରାପ୍ରସାଦ ବାହିନୀପତିଙ୍କୁ ଏହି କମିଟିରେ ସ୍ଥାନ ମିଳି ନ ଥିବା ଯୋଗୁଁ ଦଳର ଗୋଟିଏ ଗୋଷ୍ଠୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଅନ୍ୟପଟେ ୧୧ ତାରିଖରେ ଏଆଇସିସି ଅଧ୍ୟକ୍ଷ ଶ୍ରୀ ଖଡ୍‌ଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକସଭା କ୍ଷେତ୍ର ସଂଯୋଜକଙ୍କ ବୈଠକରେ ଓଡ଼ିଶାରୁ ସମସ୍ତ ସଂଯୋଜକ ଉପସ୍ଥିତ ହୋଇନାହାନ୍ତି। ଯାହାକୁ ନେଇ ଶ୍ରୀ ଖଡ୍‌ଗେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରଛନ୍ତି। ରାଜ୍ୟର ୨୧ଜଣ ସଂଯୋଜକଙ୍କ ମଧ୍ୟରୁ ମାତ୍ର ୯ଜଣ ଏହି ବୈଠକରେ ଯୋଗଦେଇଥିଲେ। ଯେଉଁ ନେତାମାନେ ବୈଠକକୁ ଆସି ନ ଥିଲେ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ କରାଯିବା ସହ ସନ୍ତୋଷଜନକ ଉତ୍ତର ନ ଦେଲେ ପଦରୁ ହଟାଇ ଦେବାକୁ ଖଡ଼ଗେ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ଏହି ବୈଠକରେ ରାଜ୍ୟ ପ୍ରଭାରୀ ଅଜୟ କୁମାରଙ୍କ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ ମଧ୍ୟ ରାଜ୍ୟ କଂଗ୍ରେସ ଏଭଳି ଆଚରଣ ପାଇଁ କେନ୍ଦ୍ରୀୟ ନେତା ଅସନ୍ତୋଷ ପ୍ରକାଶ କରିଛନ୍ତି।

## ଖସିବ ତାପମାତ୍ରା

■ **ଭୁବନେଶ୍ୱର, ୧୨।୧(ସମିସ):** ରାଜ୍ୟକୁ ପ୍ରବେଶ କରୁଥିବା ଜଳୀୟବାଷ୍ପପୂର୍ଣ୍ଣ ବାୟୁ ଶକ୍ତିଶାଳୀ ରହୁଥିବାରୁ ଅଧିକାଂଶ ସ୍ଥାନରେ ଘନ କୁହୁଡ଼ି ଜାରି ରହିବ। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଏପରି ସ୍ଥିତି ଜାରି ରହିବ। ଏହାପରେ ସ୍ଥିତିରେ ସାମାନ୍ୟ ପରିବର୍ତ୍ତନ ଆସିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। କେନ୍ଦ୍ରର ସୂଚନାନୁଯାୟୀ, ଶନିବାର ସକାଳ ସୁଦ୍ଧା ରାଜ୍ୟର ୧୧ ଜିଲ୍ଲାରେ ଘନ କୁହୁଡ଼ି ଆଶଙ୍କା ରହିଛି। ସେହିପରି ଶନିବାର ରାତିରୁ ରବିବାର ସକାଳ ମଧ୍ୟରେ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କୋରାପୁଟ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ଘନ କୁହୁଡ଼ି ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି।

## ୧୯ରେ ଓଏସ୍ଏସଟିଇଟି ପରୀକ୍ଷା

■ **କଟକ, ୧୨।୧(ସମିସ):** ଆସନ୍ତା ଜାନୁଆରୀ ୧୯ ତାରିଖରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଏସଏସଟିଇଟି) ଅନୁଷ୍ଠିତ ହେବ। ରାଜ୍ୟରେ ୪୭ହଜାର ୭୪୪ଜଣ ପରୀକ୍ଷାର୍ଥୀଙ୍କ ପାଇଁ ୧୬୫ଟି ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ପୂର୍ବାହ୍ନ ୯ଟାରୁ ୧୧ଟା ୩୦ ମିନିଟ ପର୍ଯ୍ୟନ୍ତ ପେପର-୧ ଏବଂ ଅପରାହ୍ନ ୧ଟା ୩୦ ମିନିଟରୁ ୪ଟା ପର୍ଯ୍ୟନ୍ତ ପେପର-୨ରେ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେବେ। ଶୁକ୍ରବାର ବୋର୍ଡ ୱେବସାଇଟରେ ଆଡମିଟ୍ କାର୍ଡ ଉପଲବ୍ଧ ହୋଇଛି ବୋଲି ସୂଚନା ମିଳିଛି।

## ଡିଲେଶ୍ୱର ରଣାଙ୍କୁ କେନ୍ଦ୍ର ସାହିତ୍ୟ ଅକାଦେମୀ ଯୁବ ପୁରସ୍କାର ପ୍ରଦାନ

■ **ଭବାନୀପାଟଣା, ୧୨।୧ (ସମିସ):** କ୍ଷୁଦ୍ରଗଳ୍ପ ସଂକଳନ 'ସେଁର୍‌ରା' ପାଇଁ ଗାଳ୍ପିକ ଡିଲେଶ୍ୱର ରଣାଙ୍କୁ



କେନ୍ଦ୍ର ସାହିତ୍ୟ ଅକାଦେମୀ ଯୁବ ପୁରସ୍କାର-୨୦୨୩ ପ୍ରଦାନ କରାଯାଇଛି। କୋଲକାତାସ୍ଥିତ ରବୀନ୍ଦ୍ର ସଦନ ପ୍ରେକ୍ଷାଳୟରେ ଆୟୋଜିତ ଯୁବ ପୁରସ୍କାର ସମାରୋହରେ ତାଙ୍କୁ ତାମ୍ର ଫଳକ, ଉପଢ୍ୌକନ ଓ ୫୦ ହଜାର ଟଙ୍କାର ଅର୍ଥରାଶି ସହ ସମ୍ମାନିତ କରାଯାଇଥିଲା। ଅକାଦେମୀର ଅଧ୍ୟକ୍ଷ ମାଧବ କୌଶିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ବଙ୍ଗଳା କବି ପ୍ରଫେସର ସୁବୋଧ ସରକାର, ଅକାଦେମୀର ସଚିବ କେ ଶ୍ରୀନିବାସ ରାଓ, ଉପାଧ୍ୟକ୍ଷା ପ୍ରଫେସର କୁମୁଦ ଶର୍ମା ପ୍ରମୁଖ ମଞ୍ଚାସୀନ ରହି ଶ୍ରୀ ରଣାଙ୍କୁ ସମ୍ମାନିତ କରିଥିଲେ।





### ହାତୀ ଉପଦ୍ରବ ସମୟରେ କଣ କରିବେ

୧. ଗାଁ କିମ୍ବା ଆଖ ପାଖ ଜମିରେ ହାତୀ ପଶିଲେ, ଏହାର ସୂଚନା ନିକଟସ୍ଥ ବନ କର୍ମଚାରୀଙ୍କୁ ଯଥା ଶିଘ୍ର ଜଣାନ୍ତୁ।
୨. ହାତୀ ଚଳାପଥରେ ବିଦ୍ୟୁତ ତାର ଝୁଲୁଥିବାର ଦେଖିଲେ ସଙ୍ଗେ ସଙ୍ଗେ ବନ ବିଭାଗ କିମ୍ବା ବିଦ୍ୟୁତ ବିଭାଗକୁ ଜଣାନ୍ତୁ।
୩. ଯଦି ମଂଚା ତିଆରି କରି ଚାଷ ଜମିର ସୁରକ୍ଷା କରିବା ପାଇଁ ଚାହାନ୍ତି ତାହେଲେ ମଂଚାକୁ ମଜବୁତ ଗଛର ଉଚ୍ଚ ଜାଗାରେ ତିଆରି କରନ୍ତୁ ଏବଂ ରାତି ସମୟରେ ମଂଚା ତଳେ ନିଆଁ ଜଳାନ୍ତୁ।
୪. ହାତୀ ନିଜର କାନ ଠିଆ କରିବା ଓ ଶୁଣ୍ଢ ଉଠାଇ ଶବ୍ଦ କରିବା ଅର୍ଥ ସେ ଆପଣଙ୍କ ଉପରକୁ ଆକ୍ରମଣ କରିବା ପାଇଁ ପ୍ରସ୍ତୁତ ହେଉଛି। ଏହି ସମୟରେ ଆପଣ ଯଥା ଶିଘ୍ର ସୁରକ୍ଷିତ ସ୍ଥାନକୁ ଚାଲିଯାଆନ୍ତୁ।
୫. ହାତୀମାନଙ୍କର ଚାଲିବା କିମ୍ବା ଦୌଡିବାରେ ବେଗ ଘଂଟା ପ୍ରତି ୪୦ ରୁ ୫୦ କି.ମି. ହୋଇଥାଏ। ଏଣୁ ହାତୀ ଠାରୁ ନିଜର ଦୂରତା ଅନ୍ତତଃ ୫୦୦ ଗଜ ରହିବା ଆବଶ୍ୟକ।
୬. ରାତି ସମୟରେ ହାତୀ ଘଉଡାଇବା ବେଳେ ବନ କର୍ମଚାରୀଙ୍କୁ ସାହାଯ୍ୟ କରନ୍ତୁ ଏବଂ ପ୍ରତ୍ୟେକ ଲୋକ ହାତରେ ଟର୍ଚ୍ଚଲାଇଟ ଧରି ଯାଆନ୍ତୁ।
୭. ଧାନ ବା ଅନ୍ୟାନ୍ୟ ଫସଲ ଅମଳ ପରେ ଖଳାରେ ବେଶୀ ଦିନ ନ ରଖି ଶୀଘ୍ର ନିରାପଦ ସ୍ଥାନକୁ ନେଇ ଆସନ୍ତୁ।
୮. ବିଲ ଭିତରେ ପଶି ହାତୀ ଘଉଡାନ୍ତୁ ନାହିଁ।
୯. ହାତୀମାନଙ୍କ ଦ୍ୱାରା ଫସଲ, ଘର ଓ ଗୃହପାଳିତ ପ୍ରାଣୀ ନଷ୍ଟ ହେଲେ ସରକାରଙ୍କ ତରଫରୁ ଅନୁକମ୍ପା ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଅଛି। ଏହା ଚଳିତ ବର୍ଷ ପୂର୍ବ ରାଶି ଅପେକ୍ଷା ବୃଦ୍ଧି କରାଯାଇଅଛି। ଧାନ ଓ ଶସ୍ୟ ଜାତୀୟ ଫସଲ ହାନି ପାଇଁ ଏକର ପିଛା ୨୦,୦୦୦ ଟଙ୍କା, ଅନ୍ୟାନ୍ୟ ଫସଲ ପାଇଁ ଏକର ପିଛା ୨୫,୦୦୦ ଟଙ୍କା ଏବଂ ସମ୍ପୂର୍ଣ୍ଣ ଭାବେ ଗୃହ ନଷ୍ଟ ହେଲେ ୨୦,୦୦୦ ଟଙ୍କା ଓ ବିଜୁ ପକ୍କା ଘର (ଘର ନ ମିଳିଲେ ସେଥି ନିମିତ୍ ଧାର୍ଯ୍ୟ ଅର୍ଥ ରାଶି) ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଅଛି। ଗାଈ ଓ ମହିଷୀ ମୃତାହତ ହେଲେ ୩୭,୫୦୦ ଟଙ୍କା ଓ ବଳଦ ମୃତାହତ ହେଲେ ୩୨,୦୦୦ ଟଙ୍କା ସହାୟତା ରାଶିର ବ୍ୟବସ୍ଥା ରହିଅଛି। ଏହାଛଡା ଘର ଆଂଶିକ ନଷ୍ଟ କିମ୍ବା ବାଛୁରି, ଛେଳି, ମେଣ୍ଢା ଇତ୍ୟାଦି କ୍ଷତି ହେଲେ ମଧ୍ୟ ସହାୟତା ରାଶି ଦେବାର ବ୍ୟବସ୍ଥା ଅଛି।
୧୦. ଆପଣଙ୍କ ମୋବାଇଲ ଫୋନରେ "ମୋ ସବୁଜ ବଲାଙ୍ଗିର" ଆପ୍ ଡ଼ାଉନଲୋଡ଼ କରି ପାରିବେ। ଏହି ଆପ୍ ମାଧ୍ୟମରେ ଆପଣଙ୍କ ଅଂଚଳରେ ହେଉଥିବା କାଠ ଚୋରୀ, ବନ୍ୟଜନ୍ତୁ ଅପରାଧ ସମ୍ବନ୍ଧୀୟ ତଥ୍ୟ, ଜଙ୍ଗଲ ନିଆଁ ଲଗାଉଥିବା ବ୍ୟକ୍ତି ସଂପର୍କରେ ସୂଚନା ପ୍ରଦାନ କରିପାରିବେ। ସୂଚନା ପ୍ରଦାନକାରୀଙ୍କ ପରିଚୟ ସଂପୂର୍ଣ୍ଣ ଭାବେ ଗୋପନ ରଖାଯିବ ଓ ସୂଚନା ପ୍ରଦାନକାରୀଙ୍କୁ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ରାଶି ପ୍ରଦାନ କରାଯିବ।

### ହାତୀ ଉପଦ୍ରବ ସମୟରେ କଣ କରିବେ ନାହିଁ

୧. ଗାଁ ପାଖ ଜଙ୍ଗଲରେ ଦିନ ବେଳେ ହାତୀ ବିଶ୍ରାମ ନେଉଥିଲେ ତାଙ୍କୁ ଚିଡାନ୍ତୁ ନାହିଁ। ବିଶେଷ କରି ପେଟ୍ରୋଲ, ଟେକା ପଥର କିମ୍ବା ଜଳୁଥିବା ଟାୟାର ତାଙ୍କ ଉପରକୁ ମାରନ୍ତୁ ନାହିଁ। ଯଦି ହାତୀ ଆହତ ହୋଇଯାଏ ସେ ଉଗ୍ରରୂପ ଧାରଣ କରି ସମସ୍ତଙ୍କୁ ମାରିବାକୁ ଆସିଥାଏ ଏବଂ ବହୁ ପରିମାଣରେ କ୍ଷୟକ୍ଷତି ଘଟାଇଥାଏ।
୨. ହାତୀ ଯେଉଁ ଜଙ୍ଗଲରେ ରହୁଛନ୍ତି ସେ ଜଙ୍ଗଲକୁ ଦାନ୍ତକାଠି, ପତ୍ର, କାଠ, କେନ୍ଦୁପତ୍ର ଏବଂ ଅନ୍ୟାନ୍ୟ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବାକୁ ଯାଆନ୍ତୁ ନାହିଁ।
୩. ବଣୁଆ ହାତୀକୁ ଦେଖି ପୂଜାପାଠ କରିବା ଉଦେଶ୍ୟରେ ତା ପାଖକୁ ଯାଆନ୍ତୁ ନାହିଁ। ସେ ଆକ୍ରମଣ କରିବା ସମ୍ଭାବନା ଥାଏ।
୪. ଫୋଟୋ ଉଠେଇବା କିମ୍ବା ହାତୀକୁ ଖାଇବାକୁ ଦେବା ପାଇଁ ହାତୀ ନିକଟକୁ ଯାଆନ୍ତୁ ନାହିଁ। ହାତୀ ବିପଦର ଆଶଙ୍କା କରି ଆକ୍ରମଣ କରିପାରେ।
୫. ହାତୀମାନଙ୍କୁ ଶସ୍ୟ କିମ୍ବା ଅନ୍ୟ ଖାଦ୍ୟ ପଦାର୍ଥ ଦିଅନ୍ତୁ ନାହିଁ କାରଣ ଏହାଦ୍ୱାରା ତାଙ୍କର ଖାଦ୍ୟ ପ୍ରତି ଆଗ୍ରହ ବଢ଼ିଥାଏ। ସେମାନେ ଖାଦ୍ୟ ପାଇଁ ଘରଦ୍ୱାର ଭାଙ୍ଗି ପାରନ୍ତି।
୬. ଘରେ ମହୁଲି ମଦ କିମ୍ବା ହାଣ୍ଡିଆ ରଖନ୍ତୁ ନାହିଁ। ଏହାର ବାସ୍ନା ପାଇ ହାତୀମାନେ ଘରେ ପଶିପାରନ୍ତି।
୭. ହାତୀ ଘଉଡାଇବା ସମୟରେ ହାତୀକୁ ସବୁ ଦିଗରୁ ଘେରି ରଖନ୍ତୁ ନାହିଁ। ଜଙ୍ଗଲ କିମ୍ବା ଫାଙ୍କା ଆଡ଼କୁ ଯିବାକୁ ଦିଅନ୍ତୁ।
୮. ଛୋଟ ପିଲା, ସ୍ତ୍ରୀ ଲୋକ, ବୁଢ଼ାବୁଢ଼ୀ, ମଦୁଆ କିମ୍ବା ଅକର୍ମଣ୍ୟ ଲୋକମାନଙ୍କୁ ହାତୀ ନିକଟକୁ ଯିବାକୁ ଦିଅନ୍ତୁ ନାହିଁ।
୯. ହାତୀ ଉପଦ୍ରବ ବେଳେ ଘର ଭିତରେ ନିଆଁ ଜଳାଇ ରଖନ୍ତୁ ନାହିଁ। ଯଦି ହାତୀ ଘରର ବାଡ଼ ଭାଙ୍ଗି ଦିଏ ତେବେ ଘରେ ନିଆଁ ଲାଗିବାର ଯଥେଷ୍ଟ ସମ୍ଭାବନା ଥାଏ।
୧୦. ଧାନ ଓ ଅନ୍ୟାନ୍ୟ ଫସଲ ଅମଳ ପରେ ଖଳାରେ ବେଶୀ ଦିନ ରଖନ୍ତୁ ନାହିଁ।
୧୧. ହାତୀ ପାଖରେ ଯଦି ଛୋଟ ପିଲା ହାତୀ ଥାଏ, ତେବେ ହାତୀକୁ ଡରାନ୍ତୁ ନାହିଁ। ମାଁ ହାତୀ ଖୀପ୍ର ଆକ୍ରମଣ କରିପାରେ।
୧୨. ହାତୀ ପାହାଡରୁ ତଳକୁ ଖସେ ଖାଇବା ପାଇଁ। ତେଣୁ ହାତୀ ଫସଲ ଖାଇସାରି ଫେରିବା ସମୟରେ ହାତୀ ପାଖକୁ ଯାଆନ୍ତୁ ନାହିଁ କିମ୍ବା ଘଉଡ଼ାଇବା ପାଇଁ ଯାଆନ୍ତୁ ନାହିଁ, ଏହି ସମୟରେ ହାତୀ ନିଶ୍ଚୟ ଆକ୍ରମଣ କରିବ।
୧୩. ହାତୀ ସହିତ ସେଲ୍ଫି ଉଠାଇବାକୁ ଚେଷ୍ଟା କରନ୍ତୁ ନାହିଁ। ଆପଣ ହାତୀ ଆକ୍ରମଣର ଶୀକାର ହୋଇପାରନ୍ତି।

କଣ୍ଟ୍ରୋଲ ରୁମ ନଂ.- ୯୯୩୭୩୨୮୩୧୫



ସୌଜନ୍ୟ : ବଲାଙ୍ଗିର ବନଖଣ୍ଡ, ବଲାଙ୍ଗିର

ବିଜ୍ଞାନ ହିଁ ମାନବ ସଭ୍ୟତାକୁ କ୍ଷୁଧା ଓ ବ୍ୟାଧିରୁ ମୁକ୍ତି ଦେବ। ଫଳରେ ବିଶ୍ୱରୁ ଅଶାନ୍ତି ଆପେଆପେ ଦୂର ହୋଇଯିବ।
-ଷ୍ଟିଫେନ୍ ହକିଂ

ସକାଳ
THE SAKALA

## ଚାରି ରାଜ୍ୟର ପ୍ରଜ୍ଞାପନ ମେଢ଼ ନାକଚ

# ସଂଘୀୟ ବ୍ୟବସ୍ଥା ସୁସ୍ଥ ରହୁ

ଆସନ୍ତା ସାଧାରଣତନ୍ତ୍ର ଦିବସ ପ୍ୟାରେଡ୍‌ରେ ଭାଗ ନେବାକୁ ଥିବା ପ୍ରଜ୍ଞାପନ ମେଢ଼ ତାଲିକାରୁ ପଶ୍ଚିମବଙ୍ଗ, କର୍ଣ୍ଣାଟକ, ଦିଲ୍ଲୀ ଓ ପଞ୍ଜାବକୁ ବାଦ୍ ଦିଆଯାଇଛି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରି ସ୍ୱାଭାବିକ ଭାବେ ରାଜନୈତିକ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ସବୁ ରାଜ୍ୟ ଅଣବିଜେପି ଶାସିତ ହୋଇଥିବାରୁ ଏଭଳି କ୍ରିୟା-ପ୍ରତିକ୍ରିୟା ସ୍ୱାଭାବିକ ଥିଲା। ସେହିସବୁ ପ୍ରଜ୍ଞାପନ ମେଢ଼ କାହିଁକି ନାକଚ କରାଗଲା ତାହାର ସ୍ପଷ୍ଟୀକରଣ ମଧ୍ୟ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଆଯାଇ ନଥିବା ଅଭିଯୋଗ ହୋଇଛି। ଏହାପଛର କାରଣ ଯାହା ବି ହେଉନା କାହିଁକି ଏହା ଯେ ସୁସ୍ଥ ସଂଘୀୟ ବ୍ୟବସ୍ଥାର ବିରୁଦ୍ଧାଚରଣ କରୁଛି ତାହା ସ୍ୱୀକାର କରିବାକୁ ହେବ।

କେନ୍ଦ୍ର-ରାଜ୍ୟ ସଂପର୍କ ମଧ୍ୟରେ ବେଳେବେଳେ ଏମିତି କିଛି ଘଟଣା ଘଟେ, ଯେଉଁଥିରେ ରାଜ୍ୟର ସ୍ୱାଭିମାନକୁ ଘୋର ଆଘାତ ଲାଗେ। ଏହା ସଂଘୀୟ ବ୍ୟବସ୍ଥାରେ ଉଦ୍ଦେଶ୍ୟମୂଳକ ଭାବେ ଏକ ବିସଂଗତି ସୃଷ୍ଟି କରେ। ଦେଶର ଗଣରାଜ୍ୟ ଦିବସ ପ୍ୟାରେଡ୍‌ରେ ଭାଗ ନେବା ସବୁ ରାଜ୍ୟର ଅଧିକାର ରହିଛି। ନିଜ ରାଜ୍ୟର ସାଂସ୍କୃତିକ, କଳାନୈପୁଣ୍ୟ, ଐତିହ୍ୟ ଓ ବିକାଶ ବାର୍ତ୍ତାକୁ ପ୍ରତୀକାତ୍ମକ ଭାବେ ବିଶ୍ୱ ସମ୍ମୁଖରେ ପ୍ରଦର୍ଶନ କରିବାର ଏହା ଏକ ମାଧ୍ୟମ ଓ ସୁଯୋଗ। ତେଣୁ ଏଥିରୁ ବଞ୍ଚିତ ହେଲେ ନିଶ୍ଚୟ ସମ୍ପୃକ୍ତ ରାଜ୍ୟର ଭାବାବେଗକୁ ଆଘାତ ଲାଗିବ। ଓଡ଼ିଶା ମଧ୍ୟ ଗତ ଦୁଇବର୍ଷ ଧରି ଲଗାତାର ଏଭଳି ନୈରାଶ୍ୟର ସମ୍ମୁଖୀନ ହେବା ପରେ ଚଳିତ ଥର ପ୍ୟାରେଡ୍‌ରେ ରାଜ୍ୟର ପ୍ରଜ୍ଞାପନ ମେଢ଼ ସ୍ଥାନ ପାଇଛି। ଓଡ଼ିଶାକୁ ଯେଭଳି ଆଘାତ ଲାଗିଥିଲା ସେହି ଆଘାତ ଏବେ ଆଉ ଚାରିଟି ରାଜ୍ୟକୁ ଲାଗିଛି।

ଯେତେବେଳେ ଏଭଳି ଘଟଣା ଘଟୁଛି ସେତେବେଳେ ରାଜ୍ୟର ସ୍ୱାଭିମାନ ଓ ସଂସ୍କୃତି ପ୍ରସଙ୍ଗରେ କେନ୍ଦ୍ରର ଅତିକ୍ରିୟାକୁ ନେଇ ପ୍ରଶ୍ନମାନ ଉଠୁଛି। ଗଣତନ୍ତ୍ର ଦିବସର ନୂଆଦିଲ୍ଲୀ ପ୍ୟାରେଡ୍‌ରେ ରାଜ୍ୟ ସରକାରମାନଙ୍କ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନକୁ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁମୋଦନ କରିଥାଏ। ଏଥିପାଇଁ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ କ୍ଷେତ୍ରର ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ନେଇ ଏକ ଉପଦେଷ୍ଟା କମିଟି ଗଠନ କରାଯାଏ। ଏହି କମିଟି ବିଭିନ୍ନ ନିର୍ବାଚିତ ବିଷୟବସ୍ତୁ ଉପରେ ନିର୍ମିତ ପ୍ରଜ୍ଞାପନ ମେଢ଼ଗୁଡ଼ିକର ଡିଜାଇନ୍ ଓ କ୍ଷୁଦ୍ର ନମୁନା ଦେଖିବା ପରେ ଶ୍ରେଷ୍ଠ ମେଢ଼ଗୁଡ଼ିକୁ ପ୍ରଦର୍ଶନ ପାଇଁ ବାଛିଥା'ନ୍ତି। ଏଥିପାଇଁ ବିଭିନ୍ନ ପର୍ଯ୍ୟାୟ ମଧ୍ୟ ରହିଛି। ପ୍ରଜ୍ଞାପନ ମେଢ଼ କାହିଁକି ଅଯୋଗ୍ୟ ହେବ ତାହାର କାରଣ ସହିତ ସଂଶୋଧନ କରିବାର ସୁଯୋଗ ମଧ୍ୟ ରହିଛି। ତଥାପି ତାହାକୁ ଚୂଡ଼ାନ୍ତ ପର୍ଯ୍ୟାୟରେ ନା କହିବା ନିଶ୍ଚିତ ଦୁର୍ଭାଗ୍ୟଜନକ।

ଚଳିତ ବର୍ଷ ଜନରାଜ୍ୟ ଦିବସ ପ୍ୟାରେଡ୍‌ରେ ଭାଗ ନେବା ପାଇଁ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳମାନଙ୍କୁ ସେମାନଙ୍କ ପ୍ରଜ୍ଞାପନ ମେଢ଼ର ନମୁନା ଓ ବିଷୟବସ୍ତୁ ପଠାଇବା ପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଗତ ବର୍ଷ ୩୦ ଅକ୍ଟୋବରରେ ବିଜ୍ଞପ୍ତି ଜାରି କରାଯାଇଥିଲା। ଆବେଦନର ଶେଷ ତାରିଖ ଗତ ବର୍ଷ ନଭେମ୍ବର ୧୦ ତାରିଖ ଥିଲା। ଏଗୁଡ଼ିକୁ ଚୟନ କରିବା ପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏକ କମିଟି ଗଠନ କରାଯାଇଥିଲା ଯେଉଁଥିରେ କଳା, ସଂସ୍କୃତି, ଭାସ୍କର୍ଯ୍ୟ, ସଙ୍ଗୀତ, ସ୍ଥାପତ୍ୟ, ନୃତ୍ୟ ଆଦି ବିଭିନ୍ନ କ୍ଷେତ୍ରରୁ ବିଶେଷଜ୍ଞମାନେ ସାମିଲ୍ ଥିଲେ। ପ୍ରଥମ ପର୍ଯ୍ୟାୟରେ ପ୍ରଜ୍ଞାପନ ମେଢ଼ର ନମୁନା ଓ ବିଷୟବସ୍ତୁର ପ୍ରାଥମିକ ଯାଞ୍ଚ ହୋଇ ସେଗୁଡ଼ିକୁ ଗ୍ରହଣ କରାଯିବ କିମ୍ବା ବଦଳାଇବା ପାଇଁ ପରାମର୍ଶ ଦିଆଯିବ ତାହା ନିର୍ଣ୍ଣୟ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ସଂଶୋଧିତ ମଡେଲ୍‌ଗୁଡ଼ିକୁ ବିଚାରକୁ ନିଆଯାଇଥିଲା। କମିଟିର ସର୍ତ୍ତ ଅନୁଯାୟୀ ଏହା କୌଣସି ରାଜନୈତିକ, ଦଳଗତ ବିଚାର ଆଧାରିତ ହେବ ନାହିଁ, ସଂଘୀୟ ଭାବନାକୁ କ୍ଷୁଣ୍ଣ କରିବ ନାହିଁ, ଦେଶର ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି କରିବ ନାହିଁ, ଗଣତନ୍ତ୍ର ପ୍ରତି ଇଙ୍ଗିତ କରିବ ନାହିଁ, ଅନ୍ୟ ରାଜ୍ୟର ପ୍ରଜ୍ଞାପନ ମେଢ଼କୁ ନକଲ କରିବ ନାହିଁ ଏବଂ ଉଦ୍ଦେଶ୍ୟମୂଳକ ଭାବେ ସାଂସ୍କୃତିକ, ବ୍ୟକ୍ତିଗତ କିମ୍ବା ଜାତୀୟ ଭାବମୂର୍ତ୍ତିକୁ ଆଞ୍ଚ ଆଣିବା ଭଳି ହେବ ନାହିଁ। କିନ୍ତୁ କୌଣସି ରାଜ୍ୟ ଏଭଳି ସର୍ତ୍ତର ଖିଲାପ କରିଥିବେ ବୋଲି ମନେ ହେଉନାହିଁ। ତେଣୁ ଏଭଳି କ'ଣ ହେଲା ଯେ ରାଜ୍ୟମାନେ କମିଟିର ସଦସ୍ୟମାନଙ୍କ ମନ ଜିଣିପାରିଲେ ନାହିଁ।

ଅନେକ ସମୟରେ ମଧ୍ୟ ସେପରି କୌଣସି ନିର୍ଦ୍ଦିଷ୍ଟ କାରଣ ନଥାଇ ଉଦ୍ଦେଶ୍ୟମୂଳକ ଭାବେ ପ୍ରଜ୍ଞାପନ ମେଢ଼ ବାତିଲ୍ କରିଦିଆଯାଉଥିବା ଅଭିଯୋଗ ଆସୁଛି। ଯାହା ଏଥର ଉପରୋକ୍ତ ଚାରିଟି ରାଜ୍ୟ ଆଣିଛନ୍ତି। ଅପରପକ୍ଷରେ ସମ୍ବାଦ ସରବରାହ ସୂତ୍ରରୁ ପ୍ରକାଶିତ ସୂଚନା ଅନୁଯାୟୀ ଏଥର କେନ୍ଦ୍ର ସରକାରଙ୍କ ଥିମ୍ ବା ବିଷୟବସ୍ତୁ ଥିଲା 'ବିକଶିତ ଭାରତ' ଓ 'ଭାରତ: ଗଣତନ୍ତ୍ରର ଜନନୀ'। ଏହି ବିଷୟବସ୍ତୁ ସହିତ ଖାପ୍ ଖାଉ ନଥିବାରୁ ଉପରୋକ୍ତ ଚାରିଟି ରାଜ୍ୟର ପ୍ରଜ୍ଞାପନ ମେଢ଼କୁ ଆସନ୍ତା ଗଣରାଜ୍ୟ ଦିବସ ପ୍ୟାରେଡ୍‌ରେ ଭାଗ ନେବା ପାଇଁ ସୁଯୋଗ ଦିଆଗଲା ନାହିଁ। ସେହି ସବୁ ରାଜ୍ୟର ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି ଯେ ଏହି ମନୋନୟନକାରୀ କମିଟିରେ ଯେଉଁ ବିଶେଷଜ୍ଞମାନେ ଅଛନ୍ତି ସେମାନଙ୍କର ଯୋଗ୍ୟତା ଓ ବିଜ୍ଞତା କ'ଣ? କେଉଁ ଆଧାରରେ ସମ୍ପୃକ୍ତ ରାଜ୍ୟମାନଙ୍କର ପ୍ରଜ୍ଞାପନ ମେଢ଼କୁ ପ୍ୟାରେଡ୍‌ରୁ ବଞ୍ଚିତ କରାଗଲା, ତାହାର କାରଣ ସର୍ବସାଧାରଣରେ ପ୍ରକାଶ କରାଯିବା ଉଚିତ। ନ ହେଲେ ଏଭଳି ନିଷ୍ପତ୍ତି ପଛରେ ରାଜ୍ୟର ସାଂସ୍କୃତିକ ସମ୍ଭାର ପ୍ରତି ଅବହେଳାର ଦୁର୍ଭାବନା ମନକୁ ଆସୁଛି। ଯେକୌଣସି ରାଜ୍ୟ ସେମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଓ ଶ୍ରେଷ୍ଠ ସ୍ୱାକ୍ଷର ଦେବାକୁ ଚାହାନ୍ତି। ତେଣୁ ସେମାନଙ୍କ ଦୃଷ୍ଟିରେ ସର୍ବାଧିକ ଗରିମା ଓ ଗୌରବ ବର୍ଣ୍ଣନା କରୁଥିବା ପ୍ରଜ୍ଞାପନ ମେଢ଼କୁ ଶେଷ ମୁହୂର୍ତ୍ତରେ ବାତିଲ କରିବାରେ ମନୋନୟନକାରୀଙ୍କ ଦୂରଦୃଷ୍ଟି ଓ ବିଚାରବୋଧର ଅଭାବ ରହିଥିବା ଅଭିଯୋଗ ହେଉଛି।

କେନ୍ଦ୍ର ସରକାର ଅନେକ କ୍ଷେତ୍ରରେ ରାଜ୍ୟମାନଙ୍କ ପ୍ରତି ଅବହେଳା ପ୍ରଦର୍ଶନ କରୁଛନ୍ତି ବୋଲି ନିୟମିତ ଯେଉଁ ପ୍ରତିବାଦ ସ୍ୱର ଶୁଣାଯାଉଛି। କିନ୍ତୁ ଗଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ପ୍ରଜ୍ଞାପନ ମେଢ଼ ଅଂଶଗ୍ରହଣରେ ପାତରଅନ୍ତର ଓ ରାଜନୀତି ନ ରହୁ। ଭାରତ ଏବେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରିବାକୁ ଯାଉଛି। ତେଣୁ ଏହି ଅମୃତ କାଳରେ ଅନ୍ତତଃ ଏଭଳି ଅଭିଯୋଗର ସୁଯୋଗ ସୃଷ୍ଟି ନ ହେଉ।

# ଅସ୍ଥିର ବିଶ୍ୱ ଓ ଭାରତ



ପ୍ରଫେସର ସୁଧାକର ପଣ୍ଡା
ଭୁବନେଶ୍ୱର, ମୋ: ୯୪୩୮୩୯୬୯୮୬

ସାମ୍ପ୍ରତି ବିଶ୍ୱର ଅସ୍ଥିରତା ସମ୍ପର୍କରେ ବିଭିନ୍ନ ସ୍ତରରେ ଚର୍ଚ୍ଚା ହେଉଛି। ବାସ୍ତବରେ ଏହି ଅସ୍ଥିରତା ବିଶ୍ୱ ମାନବ ସମାଜର ଅନେକ କ୍ଷେତ୍ରକୁ ପ୍ରଭାବିତ କରିଛି। ଏଠାରେ ପ୍ରଶ୍ନ ଉଠୁଛି ଯେ ବିଶ୍ୱସ୍ତରୀୟ ଅସ୍ଥିରତା ଆମେ କେଉଁ ପରିସ୍ଥିତିକୁ କହିବା? ଏହାର ଉଦାହରଣ ସ୍ୱରୂପ ଆମେ ରୁଷ୍- ୟୁକ୍ରେନ ଯୁଦ୍ଧ ତଥା ଇସ୍ରାଏଲ ହମାସ ଯୁଦ୍ଧ କୁ ନେବା। ଆଉ ଗୋଟିଏ ପ୍ରଶ୍ନ ମଧ୍ୟ ଉଠୁଛି, ଆଜିର ଅସ୍ଥିର ବିଶ୍ୱ ଭାରତ ଓ ଭାରତୀୟ ଅର୍ଥନୀତି ଉପରେ କିପରି ପ୍ରଭାବ ପକାଉଛି ? ରୁଷଠାରୁ ଆରମ୍ଭ କରି ଆମେରିକା ଦ୍ୱାରା ପରିଚାଳିତ "ନାଟୋ" ମେଣ୍ଟର ଅନେକ ଗୁରୁତ୍ୱପୂର୍ଣ୍ଣ ଇଉରୋପୀୟ ରାଷ୍ଟ୍ର ଗତ କିଛି ସମୟ ଧରି ସାମରିକ, ରାଜନୈତିକ ତଥା ଅର୍ଥନୈତିକ ଅନିଶ୍ଚିତତାର ବାତାବରଣ ଭିତରେ ଗତି କରୁଥିବା ଆମେ ଦେଖିଆସୁଛୁ। ନିକଟ ଭବିଷ୍ୟତରେ ଏହି ବିବାଦୀୟ ପରିସ୍ଥିତିର ସମାପ୍ତି ମଧ୍ୟ ଆଶା କରିବା ବୃଥା। ବିଶେଷକରି ରୁଷ୍-ୟୁକ୍ରେନ ଦୀର୍ଘ ଯୁଦ୍ଧ ପରିପ୍ରେକ୍ଷୀରେ ଭାରତ ଏକ ସମତୁଲ କୂଟନୀତି ଆପଣେଇ ବିଶ୍ୱ ଅସ୍ଥିରତା ଜନିତ ଅନ୍ୟତମ ମୁଖ୍ୟ ଆହ୍ୱାନକୁ ମୁକାବିଲା କରିପାରିଲେ ବିଶ୍ୱ ଦରବାରରେ ଆମ ଦେଶର ଛବି ଆହୁରି ଦୃଢ଼ ହୋଇପାରିବ।

୨୪ ଫେବୃଆରୀ, ୨୦୨୨ରେ ରୁଷ୍ ୟୁକ୍ରେନ ଉପରେ ଆକ୍ରମଣ ଆରମ୍ଭ କରିଥିଲା। ଏହାପଛର କାରଣ ଥିଲା ଯେ ୟୁକ୍ରେନ ଆମେରିକାର ନିକଟତର ହେଉଥିଲା ଏବଂ ନାଟୋ ମେଣ୍ଟରେ ଯୋଗଦେବାକୁ ଯୋଜନା କରୁଥିଲା। ଏହାଦ୍ୱାରା ରୁଷ୍ର ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି ହୋଇପାରେ ବୋଲି ରୁଷ ରାଷ୍ଟ୍ରପତି ପୁଟିନ୍ ଆଶଙ୍କା କରୁଥିଲେ। ଅନ୍ୟପକ୍ଷରେ ରୁଷ୍ର ଅତ୍ୟାଧୁନିକ ଶକ୍ତିଶାଳୀ ଅସ୍ତ୍ରଶସ୍ତ୍ରର ମୁକାବିଲା କରିବା ପାଇଁ ୟୁକ୍ରେନ୍‌କୁ ଆମେରିକା, ବ୍ରିଟେନ, ଫ୍ରାନ୍ସ ଓ ଜର୍ମାନୀ ସାମରିକ ତଥା ଆର୍ଥିକ ସହାୟତା ଓ ସମର୍ଥନ ଯୋଗାଇ ଦେଇଥିଲେ। ଏହି ବିଦେଶୀ ସହାୟତା ହିଁ ରୁଷ-ୟୁକ୍ରେନ ଯୁଦ୍ଧ କୁ ଆହୁରି ତୀବ୍ର କଲା ଏବଂ ସାରା ବିଶ୍ୱକୁ ପ୍ରଭାବିତ କଲା। ଏହି ବିଶ୍ୱସ୍ତରୀୟ ଅଶାନ୍ତି ଓ ଅସ୍ଥିରତା ନ' ଥମୁଣୁ ଗତବର୍ଷ ୭ ଅକ୍ଟୋବରରେ ଇସ୍ରାଏଲ ଉପରେ ହମାସ୍ ଆତଙ୍କବାଦୀଙ୍କ ତିନିପଟୁ ଆକ୍ରମଣ ପରେ ଇସ୍ରାଏଲ ଗାଜା ବିରୋଧରେ ଯୁଦ୍ଧ ଘୋଷଣା କରିବାକୁ ବାଧ୍ୟ ହେଲା। ଏଥର ମଧ୍ୟ ହମାସ୍ ବିରୋଧରେ ଇସ୍ରାଏଲକୁ ପାଶ୍ଚାତ୍ୟ ରାଷ୍ଟ୍ରଙ୍କ ଦୃଢ଼ ସମର୍ଥନ ବିଶ୍ୱ ଅସ୍ଥିରତାକୁ ଆହୁରି ଉତ୍କଟ କଲା।

ରୁଷ-ୟୁକ୍ରେନ ଯୁଦ୍ଧର ପ୍ରଥମ ପ୍ରଭାବ ୟୁକ୍ରେନର ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ମେଡିକାଲ କଲେଜ୍‌ରେ ପଢୁଥିବା ଶତାଧିକ ଭାରତୀୟ ଛାତ୍ରମାନଙ୍କ ଉପରେ ପଡ଼ିଥିଲା। ଯୁଦ୍ଧ ଆରମ୍ଭ ହେବା ପରେ ପରେ ଭାରତୀୟ ଦୂତାବାସ ସମସ୍ତ ଭାରତୀୟ ନାଗରିକଙ୍କୁ ୟୁକ୍ରେନ ଛାଡ଼ିବାକୁ ପରାମର୍ଶ ଦେଇଥିଲା। ସେଠାରୁ ଭାରତୀୟ ଛାତ୍ରଛାତ୍ରୀଙ୍କୁ ଭାରତ ଆଣିବା ପାଇଁ ଭାରତ ସରକାର 'ଅପରେସନ୍ ଗଙ୍ଗା' ଆରମ୍ଭ କରିଥିଲେ। ସ୍ୱତନ୍ତ୍ର ବିମାନ ଯୋଗେ ସବୁ ଭାରତୀୟ ନାଗରିକଙ୍କୁ ଭାରତ ଅଣାଗଲା। ଏହା ଫଳରେ ଆମର ଯୁବ ଡାକ୍ତରୀ ଛାତ୍ରମାନେ ସେମାନଙ୍କ କ୍ୟାରିୟର ପାଇଁ ଏକ କଠିନ ଆହ୍ୱାନର ସମ୍ମୁଖୀନ ହୋଇଥିଲେ। ୟୁକ୍ରେନରେ ଥିବା ଭାରତୀୟ ଦୂତାବାସର ଉଦ୍ୟମ ଯୋଗୁଁ ଉଜବେକିସ୍ତାନର ସମରକନ୍ଦ ଷ୍ଟେଟ ମେଡିକାଲ ୟୁନିଭରସିଟି କର୍ତ୍ତୃପକ୍ଷ ୟୁକ୍ରେନ୍‌ରେ ପଢୁଥିବା ୧୦୦୦ ରୁ ଅଧିକ ଭାରତୀୟ ଡାକ୍ତରୀ ଛାତ୍ରଙ୍କ ପଢ଼ିବା ପାଇଁ ବନ୍ଦୋବସ୍ତ କରିଦେଇଥିଲେ। ଭାରତକୁ ଅଣାଯାଇଥିବା ଅନ୍ୟ ଛାତ୍ରମାନେ ସେମାନଙ୍କ ବାକି ପାଠପଢ଼ା ସମାପ୍ତ କରିବା ପାଇଁ ପୁଣି ୟୁକ୍ରେନକୁ ଫେରିବାକୁ ନିଷ୍ପତ୍ତି ନେଇଥିଲେ।

ରୁଷ-ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ପ୍ରସଙ୍ଗରେ ଭାରତ ଏକ ନୈତିକ ଆଭିମୁଖ୍ୟ ଗ୍ରହଣ କରିଛି, ଯାହା ଯୁଦ୍ଧରେ ଲିପ୍ତ ଦୁଇଦେଶଙ୍କୁ ପାରସ୍ପରିକ ବୁଝାମଣା ମାଧ୍ୟମରେ ଯୁଦ୍ଧ ବନ୍ଦ କରି ବିବାଦର ଅବସାନ ଘଟାଇବାକୁ ପଦକ୍ଷେପ ନେବେ। ଏହାଦ୍ୱାରା ସେ ଅଞ୍ଚଳରେ ଶାନ୍ତି ବାହାଲ ହେବା ସହିତ ଭାରତ ସମେତ ସମୁଦାୟ ବିଶ୍ୱର ମଙ୍ଗଳସାଧିତ ହୋଇପାରିବ। ଆମେରିକା ଏବଂ ଏହାର ସହଯୋଗୀ ଦେଶମାନଙ୍କ ଚାପ ସତ୍ତ୍ୱେ ଭାରତର ପ୍ରଧାନମନ୍ତ୍ରୀ ରୁଷକୁ ସିଧା ସଳଖ ନିନ୍ଦା କରିନାହାନ୍ତି, ବରଂ ଦୁଇ ଦେଶ ମଧ୍ୟରେ ଶାନ୍ତି ସ୍ଥାପନା ପାଇଁ ଅନୁରୋଧ କରିଛନ୍ତି। ଅବଶ୍ୟ ରାଷ୍ଟ୍ରପତି ପୁଟିନଙ୍କ ସହ କଥାବାର୍ତ୍ତା ବେଳେ ପ୍ରଧାନମନ୍ତ୍ରୀ ମୋଦୀ, ସଂପ୍ରତିକ ସମୟ ଯୁଦ୍ଧ ପାଇଁ ଅନୁକୂଳ ନୁହେଁ ବୋଲି କହିଥିଲେ। ଆମେରିକା ଏବଂ ଏହାର ୟୁରୋପୀୟ ସହଯୋଗୀ ଦେଶମାନେ ରୁଷ ଉପରେ ଆର୍ଥିକ ପ୍ରତିବନ୍ଧକ ଲଗାଇବା ପରେ ପ୍ରତିଶୋଧ ଓ ପ୍ରତିକ୍ରିୟା ସ୍ୱରୂପ ରୁଷ ସେହିସବୁ ଦେଶଗୁଡ଼ିକୁ ଗ୍ୟାସ ଓ ତୈଳ ଯୋଗାଣ ବନ୍ଦ କରିଦେଇଛି। ଆମେରିକା ଓ ତାହାର ମିତ୍ରରାଷ୍ଟ୍ରମାନଙ୍କ ଏପରି ଅର୍ଥନୈତିକ ପ୍ରତିବନ୍ଧକ ପ୍ରଭାବରୁ ନିଜ ଦେଶର ଅର୍ଥନୀତିକୁ ସୁରକ୍ଷା ଦେବା ପାଇଁ ରୁଷ ରିହାତି ଦରରେ ଅଶୋଧିତ ତୈଳ ବିକ୍ରି କରିବା ଆରମ୍ଭ କରିଛି। ପାଶ୍ଚାତ୍ୟ ବିଶ୍ୱର ବାରଣ ସତ୍ତ୍ୱେ ଭାରତ ରୁଷ୍ଠାରୁ ରିହାତି ଦରରେ ତେଲ କିଣୁଛି। ଏହାଦ୍ୱାରା ରୁଷ ସହିତ ଭାରତ ଅର୍ଥନୈତିକ ଓ କୂଟନୈତିକ ସମ୍ପର୍କ ବଜାୟ ରଖି ପାରିଛି। ଜାତିସଂଘ ରେ ରୁଷ ବିରୋଧରେ ଆସିଥିବା ପ୍ରସ୍ତାବ ବିପକ୍ଷରେ ଭୋଟ ଦେଇ ଭାରତ ତା'ର କୂଟନୈତିକ ପରିପକ୍ୱତାର ପ୍ରମାଣ ମଧ୍ୟ ଦେଇଛି। ମୋଟ ଉପରେ କହିବାକୁ ଗଲେ ରୁଷ୍-ୟୁକ୍ରେନ୍ ଯୁଦ୍ଧ ଭାରତ ଓ ରୁଷକୁ ଅଧିକ ନିକଟତର କରିପାରିଛି ବୋଲି କୂଟନୈତିକ ସମୀକ୍ଷକମାନେ କହୁଛନ୍ତି।



ଏହା କିନ୍ତୁ ଅସ୍ୱୀକାର କରିହେବ ନାହିଁ ଯେ ରୁଷ-ୟୁକ୍ରେନ ଯୁଦ୍ଧର ପ୍ରଭାବ ଭାରତ ସମେତ ସାରା ବିଶ୍ୱରେ ବିଭିନ୍ନ ସ୍ତରରେ ଅନୁଭୂତ ହୋଇଛି। ଏହି ଯୁଦ୍ଧର ସବୁଠାରୁ ଦୁଃଖଦ ପରିଣାମ ହେଉଛି ଏବେ ବିଶ୍ୱ ଖାଦ୍ୟ ବଜାର ଗୁରୁତର ପ୍ରଭାବିତ ହୋଇଛି। ଉଭୟ ରୁଷ ଏବଂ ୟୁକ୍ରେନ ଦୁଇ ପ୍ରମୁଖ ଗହମ ରପ୍ତାନୀକାରୀ ରାଷ୍ଟ୍ର ହୋଇଥିବା ବେଳେ ଯୁଦ୍ଧ ଯୋଗୁଁ ବିଶ୍ୱ ବଜାରରେ ଗହମର ଅଭାବ ଦେଖାଦେବାର ଆଶଙ୍କା ସୃଷ୍ଟି ହେଲା। ଏହି ଖାଦ୍ୟଶସ୍ୟ ନିଅଣ୍ଟ ଆଶଙ୍କା ମୁଦ୍ରାସ୍ଫୀତିର ଆଶଙ୍କାକୁ ସୃଷ୍ଟି କଲା। କାରଣ ଆଗାମୀ ଦିନରେ ଗହମ ନ ମିଳିବା ଭୟରେ କ୍ରେତାମାନେ ଅଧିକରୁ ଅଧିକ ଗହମ ମହଜୁଦ କରିବାରେ ଲାଗିଲେ, ଯାହା ଗହମର ମୂଲ୍ୟକୁ ଉଚ୍ଚା କରିଦେଲା ଏବଂ ଲୋକେ ମଧ୍ୟ ଅଧିକ ଅର୍ଥ ଦେଇ ଗହମ କିଣିବାକୁ ବାଧ୍ୟ ହେଲେ। ୨୦୧୭-୨୧ରେ ଗହମର ହାରାହାରି ମୂଲ୍ୟ ଯାହା ଥିଲା, ୨୦୨୨ ଫେବୃଆରୀ ୨୪ ବେଳକୁ ସେଥିରେ ୪୯% ବୃଦ୍ଧି ଘଟିସାରିଥିଲା। ୟୁକ୍ରେନ ଉପରେ ରୁଷର ଆକ୍ରମଣ ଆରମ୍ଭ ହେବା ପରେ ସେଥିରେ ଆଉ ୩୦% ବୃଦ୍ଧି ଘଟିଲା।

ଭାରତରେ ସାଧାରଣ ଉପଭୋକ୍ତାମାନେ ଉଚ୍ଚା ଦରରେ ପେଟ୍ରୋଲ, ଡିଜେଲ, ପେଟ୍ରୋଲିୟମ ଜାତ ସାମଗ୍ରୀ ଓ ରନ୍ଧନ ଗ୍ୟାସ କିଣିବାକୁ ବାଧ୍ୟ ହେଲେ। ପରବର୍ତ୍ତୀ ସମୟରେ ଉଚ୍ଚା ଇନ୍ଧନ ମୂଲ୍ୟ ଯୋଗୁଁ ସାମଗ୍ରୀ ପରିବହନ ଓ ସେବା ଖର୍ଚ୍ଚ ମଧ୍ୟ ବଢ଼ିଲା। ଏହାର ପ୍ରଭାବରେ ଭାରତୀୟମାନେ ଖାଦ୍ୟ ସାମଗ୍ରୀ ଏବଂ ପନିପରିବା ସହିତ ଉପଭୋକ୍ତା ସାମଗ୍ରୀ ଏବଂ ସେବା ପାଇଁ ଅଧିକ ମୂଲ୍ୟ ଦେବାକୁ ବାଧ୍ୟ ହେଲେ। ଫଳରେ ମୁଦ୍ରାସ୍ଫୀତି ବଢ଼ିଚାଲିଲା। ଖାଦ୍ୟ ଶସ୍ୟର ମୂଲ୍ୟ ମଧ୍ୟ ସବୁଆଡ଼େ ବଢ଼ିବାରେ ଲାଗିଲା। ଅତ୍ୟାବଶ୍ୟକ ସାମଗ୍ରୀର ଏହି ମୂଲ୍ୟ ବୃଦ୍ଧି ଭାରତୀୟ ଜନସଂଖ୍ୟାର ଗରିବ ବର୍ଗଙ୍କ ଜୀବନ ଧାରଣ ଓ ଦୈନନ୍ଦିନ ଚଳଣିରେ ସମସ୍ୟା ସୃଷ୍ଟି କରିଛି। ମାର୍ଚ୍ଚ ୨୦୨୨ ରେ ଭାରତରେ ଖୁଚୁରା ମୁଦ୍ରାସ୍ଫୀତି ଧାର୍ଯ୍ୟ ହାର ୫% ରୁ ୬.୯୫%କୁ ବୃଦ୍ଧି ପାଇଥିଲା। ୨୦୨୦ ତୁଳନାରେ ଏହା ବହୁତ ଅଧିକ। ତେଣୁ ହୁଏତ ଭାରତୀୟ ରିଜର୍ଭ ବ୍ୟାଙ୍କ ତା'ର ମୁଦ୍ରାସ୍ଫୀତି ଲକ୍ଷ୍ୟ ସୀମାକୁ ୫.୩ ରୁ ୫.୭କୁ ବୃଦ୍ଧି କରିବାକୁ ପଡ଼ିପାରେ।

ରୁଷ-ୟୁକ୍ରେନ ଯୁଦ୍ଧ ଏବଂ ଇସ୍ରାଏଲ-ହମାସ୍ ଯୁଦ୍ଧ ମଧ୍ୟ ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରିଛି। ମଧ୍ୟ ପ୍ରାଚ୍ୟର ଲୋହିତ ସାଗର ଏବେ ସାମୁଦ୍ରିକ ବାଣିଜ୍ୟ ପାଇଁ ଅସୁରକ୍ଷିତ ହୋଇପଡ଼ିଛି। କାରଣ ଉଚ୍ଚ ପ୍ରଶିକ୍ଷିତ, ୟେମେନ ଭିତ୍ତିକ, ଇରାନ ସମର୍ଥିତ ଆତଙ୍କବାଦୀଙ୍କ ଏକ ଦଳ "ହାଉଥି" ମାନେ ଏବେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ଇସ୍ରାଏଲ୍ର ବନ୍ଧୁ ରାଷ୍ଟ୍ରର ଜାହାଜଗୁଡ଼ିକୁ ଆକ୍ରମଣ କରୁଛି। ଏବେ ଯେଉଁଭଳି ଭାବରେ ପଣ୍ୟବାହୀ ଜାହାଜ ଉପରେ ଡ୍ରୋନ୍ ଆକ୍ରମଣ ହେଉଛି ତାହାଦ୍ୱାରା ଆଗାମୀ ଦିନରେ ବିଶ୍ୱ ବାଣିଜ୍ୟ ଆହୁରି ଗୁରୁତର ପ୍ରଭାବିତ ହୋଇପାରେ। ଭାରତ ଆସୁଥିବା କେତେକ ପଣ୍ୟବାହି ଜାହାଜ ମଧ୍ୟ ନିକଟରେ ଏହିଭଳି ଆକ୍ରମଣର ଶିକାର ହୋଇଥିଲେ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏଭଳି ଜଳଦସ୍ୟୁମାନଙ୍କ ଦ୍ୱାରା ଅପହୃତ ଭାରତୀୟମାନଙ୍କୁ ଉଦ୍ଧାର କରିବା ପାଇଁ ଭାରତକୁ ନିଜର ଦକ୍ଷ ନୌସେନା ଅଧିକାରୀ ନିୟୋଜିତ କରିବାକୁ ପଡିଥିଲା। ଏହି ସମସ୍ୟାରୁ ରକ୍ଷା ପାଇବା ପାଇଁ ଆମେରିକା ଓ ଭାରତ ସମେତ ଅନେକ ଦେଶ ଲୋହିତ ସାଗର ଅଞ୍ଚଳରେ ସମ୍ମିଳିତ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ନିକଟରେ କଥାବାର୍ତ୍ତା ଆରମ୍ଭ କରିଛନ୍ତି।

ସେପଟେ ଯଦି ଆଗୁଆ ଆରବ ଦେଶଗୁଡ଼ିକ ଇସ୍ରାଏଲ୍-ହମାସ୍ ଯୁଦ୍ଧରେ ପ୍ରତ୍ୟକ୍ଷ ଯୋଗଦାନ କରନ୍ତି ତେବେ ଅନ୍ତର୍ଜାତୀୟ ବଜାରରେ ପେଟ୍ରୋଲିୟମ ତୈଳ ମୂଲ୍ୟ ବୃଦ୍ଧି ପାଇବା ନିଶ୍ଚିତ। ଭାରତୀୟ ଅର୍ଥନୀତି ଉପରେ ମଧ୍ୟ ଏହାର ଗୁରୁତ୍ବର ପ୍ରଭାବ ପଡ଼ିବ, କାରଣ ଭାରତ ଅଶୋଧିତ ତୈଳର ସର୍ବବୃହତ୍ ଆମଦାନୀକାରୀ। ଯଦିଓ ଭାରତରେ ଆମର ଜାତୀୟ ଅର୍ଥନୈତିକ ସ୍ଥିରତା ଅଛି, ଅଶୋଧିତ ତୈଳ ଯୋଗାଣରେ ବ୍ୟାଘାତ ଓ ମୂଲ୍ୟବୃଦ୍ଧି ଯୋଗୁଁ ଆମର ବହିର୍ବାଣିଜ୍ୟ ଅସୁରକ୍ଷିତ ମନେ ହେଉଛି। ଯଦି ମଧ୍ୟ ପ୍ରାଚ୍ୟ ଯୁଦ୍ଧ ଆହୁରି ଅଧିକ ଦିନ ପର୍ଯ୍ୟନ୍ତ ଜାରି ରହିବ ତେବେ ବିଶ୍ୱବଜାରରେ ଅଶୋଧିତ ତୈଳ ମୂଲ୍ୟରେ ଆହୁରି ବୃଦ୍ଧି ଘଟିବ। ଏହାର ପ୍ରଭାବରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ଆହୁରି ଦୁର୍ବଳ ହେବ, ଯାହା ଭାରତୀୟ ଅର୍ଥନୀତି ପାଇଁ କ୍ଷତିକାରକ। ଯେହେତୁ ଭାରତ ଆମେରିକୀୟ ଡଲାର ମାଧ୍ୟମରେ ତୈଳ ଆମଦାନୀ ଦେୟ ପୈଠ କରୁଛି ତେଣୁ ଅଧିକ ତୈଳ ଖର୍ଚ୍ଚ ସହିତ ମୋଟ ଆମଦାନୀ ଖର୍ଚ୍ଚ ବୃଦ୍ଧି ହେବ, ଡଲାରର ଚାହିଦା ବଢ଼ିବ ଓ ଟଙ୍କା ମୂଲ୍ୟ କମିବ। ତେଣୁ ପ୍ରତ୍ୟେକ ରାଷ୍ଟ୍ରର ହିତରେ ଏହି ଯୁଦ୍ଧର ଭୂମିକା କେବଳ ନକାରାତ୍ମକ।

ଅନ୍ତର୍ଜାତୀୟ ଦୃଷ୍ଟିକୋଣରୁ ଏବେ ବିଶ୍ୱଶକ୍ତି ଭାବରେ ଭାରତର ଗୁରୁତ୍ୱକୁ ଉଭୟ ରୁଷ ଓ ଆମେରିକା ସ୍ୱୀକାର କରୁଛନ୍ତି। କୋଭିଡ୍ -୧୯ ମହାମାରୀ ସମେତ ବିଭିନ୍ନ ସଙ୍କଟ ସମୟରେ ଦୃଢ଼ ନେତୃତ୍ୱ ଆଜି ଭାରତକୁ ଏକ ବହୁମୁଖୀ ବିଶ୍ୱଶକ୍ତି ରୂପେ ପରିଚୟ ଦେଇଛି। ଭାରତ ଜି -୨୦ ଶିଖର ସମ୍ମିଳନୀ ର ସଫଳ ଆୟୋଜନ କରିବା ପରେ ଅନ୍ୟ ଦେଶମାନେ ଭାରତର ନିକଟତର ହେଉଛନ୍ତି। ଭାରତ ବିରୋଧୀ ଆଭିମୁଖ୍ୟ ପାଇଁ ଜଣାଶୁଣା ପିପୁଲସ୍ ଡେଲି ଦ୍ୱାରା ପ୍ରକାଶିତ ଗ୍ଲୋବାଲ୍ ଟାଇମ୍ସରେ ଜାନୁଆରୀ ୨୦୨୪ ର ପ୍ରଥମ ସପ୍ତାହରେ ପ୍ରକାଶିତ ଏକ ଆଲେଖ୍ୟ ଅନୁଯାୟୀ ବହୁ-ଧ୍ରୁବୀୟ ବିଶ୍ୱରେ ଭାରତ ଏକ ଉଦୀୟମାନ ଶକ୍ତି ଭାବେ ଉଭା ହୋଇ ସାରିଛି। ଆଜି ବିଶ୍ୱରେ ଭାରତ ଏକ ପ୍ରମୁଖ ଶକ୍ତି। ଆଭ୍ୟନ୍ତରୀଣ ତଥା ବାହ୍ୟ ରଣନୀତିରେ ଦ୍ରୁତ ପରିବର୍ତ୍ତନ ଯୋଗୁଁ ଆମ ଦେଶ ଏବେ ବିଶ୍ୱ ପ୍ରତିପକ୍ଷଙ୍କ ସାମ୍ନାରେ ଏକ ଆହ୍ୱାନ ସୃଷ୍ଟି କରିଛି। ଏବେ ଭାରତ ପୂର୍ବାପେକ୍ଷା ରୂପାନ୍ତରିତ, ଶକ୍ତିଶାଳୀ ଏବଂ ଅଧିକ ଦୃଢ଼ ଭାବରେ ପ୍ରତୀୟମାନ ହେଉଛି। ଭାରତ-ଚୀନ୍ ସମ୍ପର୍କ ବିଶେଷଜ୍ଞ ୱାଙ୍ଗ ଜିଆଡୋଙ୍ଗଙ୍କ ମତରେ ଭାରତ ବିଶ୍ୱରେ ଏବେ ଏକ ନୂଆ ଭୂ-ରାଜନୈତିକ ସମୀକରଣ ସୃଷ୍ଟି କରିଛି, ଯାହାକୁ ସମୁଦାୟ ବିଶ୍ୱ ଗୁରୁତ୍ୱ ଦେବାକୁ ବାଧ୍ୟ ହୋଇଛନ୍ତି।

## ଲୋକମତ

### ମୋବାଇଲ୍‌ର ମାୟାଜାଲରେ ମଣିଷ

ଜୀବନକୁ ସହଜ, ସରଳ, ସରସ, ସୁନ୍ଦର କରି ଗଢ଼ି ତୋଳିବାରେ ମଣିଷର ନିରନ୍ତର ପ୍ରୟାସର ପଟାନ୍ତର ନାହିଁ। ସଭ୍ୟତାର ଆଦିକାଳରୁ ଅଦ୍ୟାବଧି ଗୋଟିଏ ପରେ ଗୋଟିଏ ଆବିଷ୍କାର ଅବା ଉଦ୍ଭାବନ ହୋଇଚାଲିଛି ଜୀବନକୁ ଆଉ ଟିକିଏ ଭଲ ଭାବେ ଜିଇଁବାକୁ। ମଣିଷ-ମଣିଷ ଭିତରେ ପଦେ କଥା ହେବାକୁ, ନିଜ ମନର କଥା ସେ ପାଖରେ ଥିବା ଅପରକୁ ଜଣାଇବାର ସେ କି ଦୁର୍ବାର ଅଭିଳାଷ! କି ଆତୁର ଉଦବେଳନ! ସେହି ଚିରନ୍ତନ ଜିଜ୍ଞାସାର ଅବସାନ ଘଟେ ୧୮୭୬ ମସିହାରେ ଗ୍ରାହାମ୍ ବେଲ୍ ଉଦ୍ଭାବିତ ଟେଲିଫୋନରେ। ପିଲାଦିନେ ପାଠବହିରୁ ପଢ଼ିଥିବା 'ଟେଲିଫୋନର ମଜା, ଶହେ କୋଶରୁ ଆଇ ସାଥିରେ କଥା କହୁଛି ଅଜା'। ଏବେ ମଧ୍ୟ ମନେ ପଡ଼େ। ଆଗରୁ ତାହାର କ୍ରିଂ କ୍ରିଂ ଶବ୍ଦ ଦେହ, ମନରେ ଏକ ଅପୂର୍ବ ଉନ୍ମାଦନା ସୃଷ୍ଟି କରୁଥିଲା। କ୍ରମବିକାଶର ବହୁ ପର୍ଯ୍ୟାୟ ଅତିକ୍ରମ କରିଥିବା ଲ୍ୟାଣ୍ଡଲାଇନ୍ ଟେଲିଫୋନର ଏହା ମଧ୍ୟରେ ଏକପ୍ରକାର ବିଲୋପ ହୋଇସାରିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଆମେରିକୀୟ ଇଂଜିନିଅର ମାର୍ଟିନ କୁପର ଉଦ୍ଭାବନ କରିଥିବା ମୋବାଇଲ ଫୋନର ଯାଦୁକରୀ ଶକ୍ତି ଅକଳ୍ପନୀୟ ଓ ଅଚିନ୍ତନୀୟ। ବିଗତ ଶତାବ୍ଦୀର ସତୁରି ଦଶକର ଆଦ୍ୟପାଦରେ ଜନ୍ମିତ ଏହି କାନକୁହା ଯନ୍ତ୍ରଖଣ୍ଡିକ ଅବିଶ୍ୱସନୀୟ ଭାବେ ମନୁଷ୍ୟକୁ ସମ୍ପୂର୍ଣ୍ଣ ଭାବେ କବଳିତ କରିଛି, ନିଜ ନିୟନ୍ତ୍ରଣକୁ ନେଇ ସାରିଛି। ଭଳିକି ଭଳି ରୂପର, ରଙ୍ଗର, ଆକାରର ଓ ମୂଲ୍ୟର ମୋବାଇଲ ଯନ୍ତ୍ର କି ସହର, କି ଗ୍ରାମରେ ଉପଲବଧ ଥାଇ ବିଶ୍ୱକୁ ଅତି କ୍ଷୁଦ୍ର ଗ୍ରାମରେ ପରିଣତ କରିସାରିଛି। ହାଟ-ବଜାର, ଘର-ବାହାର, ଅଫିସ୍-କଚେରି- ସବୁଠି ଏହାର ଅବାଧ ପ୍ରବେଶ। ବସ୍ ହେଉ ବା ଟ୍ରେନ୍, ଅତଳତଳ ସମୁଦ୍ର ହେଉ ଅବା ତୁଙ୍ଗ ଶିଖରୀ ଚୂଳ- ସର୍ବବିଦ୍ୟମାନ ସେ। ଘରୁ ପାଦ କାଢ଼ିବା ମାତ୍ରକେ ପକେଟରେ ମୋବାଇଲ୍ ଖଣ୍ଡକ ଯେପରି ରଖିବାକୁ ଭୁଲି ନ ଯାଏ, ପରଖି ନେଉଛି ଆଜିର ମଣିଷ। କୁହୁକିନୀ ମୋବାଇଲର ମାୟାଜାଲରେ ଧୀରେଧୀରେ ପଶି ପଶି ଯାଉଛି ସେ। ମଣିଷର ଆବେଗ ଓ ସମ୍ପର୍କ ଗଭୀର ଭାବେ ପ୍ରଭାବିତ ହେଲାଣି ଏହା ଦ୍ୱାରା। ଯାତ୍ରାବେଳର ସୁଖାନୁଭୂତି ଆଉ ରହୁନାହିଁ। ସହଯାତ୍ରୀର ମୋବାଇଲରେ ଅନାବଶ୍ୟକ, ଅବାଂଛିତ କଥାବାର୍ତ୍ତା ଭ୍ରମଣ କାଳକୁ ଯନ୍ତ୍ରଣା-ଜର୍ଜରିତ କରିଦେଉଛି। ଭୁଲି ଯାଉଛି ଯେ ସର୍ବସାଧାରଣ ସ୍ଥାନମାନଙ୍କରେ ତାହାର କ'ଣ କହିବା ଓ କରିବା ଉଚିତ ଓ ଅନୁଚିତ। ମାୟାବିନୀ ମୋବାଇଲର ଅକ୍ଟୋପସ୍‌ର ସଶକ୍ତ ଫଂଦରୁ ମନୁଷ୍ୟକୁ ଅଦୂର ଭବିଷ୍ୟତରେ ମୁକ୍ତିର ଆଲୋକ ଓ ଆନନ୍ଦ ସୁଦୂରପରାହତ ପ୍ରତୀୟମାନ ହୁଏ।

ପ୍ରତାପ ନାୟକ,
ଭୁବନେଶ୍ୱର, ମୋ: ୭୭୫୦୮୫୨୮୧୯

### ଭୂତାଣୁ ଭିନ୍ନ ମହାମାରୀର ଆତଙ୍କ

ପ୍ରତିଦିନ ସମ୍ବାଦପତ୍ରରେ ମର୍ମନ୍ତୁଦ ଦୁର୍ଘଟଣା ଖବର ପ୍ରକାଶ ପାଉଛି। ଭାରତର ରାସ୍ତା ଦୁର୍ଘଟଣାରେ ମୃତ୍ୟୁ ଏବେ ଅନ୍ୟ ମୃତ୍ୟୁ ହାରଠାରୁ ଅଧିକ। ଏ ସବୁକୁ ଏଡ଼ାଇବା ପାଇଁ ସରକାରୀ ସ୍ତରରେ ଯେତେ ଉଦ୍ୟମ କରାଗଲେ ମଧ୍ୟ ଏହାର ସଫଳତା ପ୍ରଭାବଶୂନ୍ୟ। ଏ ସମ୍ବନ୍ଧରେ ସଚେତନତାରେ ଯେତେ ଅର୍ଥ ବିନିଯୋଗ ହେଉଛି, ତା'ର ମୂଲ୍ୟ ରହୁନଥିବା ପରି ଲାଗୁଛି। ମୋ ମତରେ ସଚେତନ ତୁଳନାରେ ଏ ଦିଗରେ ଅଧିକ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। କେଳ ଆଇନ କରିଦେଲେ ଯେ କାମ ସରିଯାଏ, ତାହା ଭାବିବା ଠିକ୍ ନୁହେଁ। ଡ୍ରାଇଭରମାନଙ୍କୁ ଆବଶ୍ୟକୀୟ ଫିଟନେସ ଦେବାକୁ ପରିବହନ ବିଭାଗ କାମ କରିବା ଉଚିତ। ଏଥିରେ କୌଣସି ଟାଳଟୁଳ ନୀତି ଗ୍ରହଣୀୟ ନୁହେଁ। ଦୁର୍ଘଟଣା ମନୁଷ୍ୟ କୃତ। ତା' ଉପରେ ପୁଣି ରାସ୍ତାରୋକ ହୁଏ। ସଡ଼କ ଦୁର୍ଘଟଣା ପଛରେ ନିଶାପାନ ମଧ୍ୟ ଆଉ ଏକ ବଡ଼ ସମସ୍ୟା।

ପ୍ରଦୀପ୍ତ କୁମାର ମିଶ୍ର, ଯାଜପୁର, ମୋ: ୯୬୫୮୬୧୪୭୨୮

### ଡମି ସ୍କୁଲ୍ ବ୍ୟବସ୍ଥା ବନ୍ଦ ହେଉ

ଆଜିକାଲି ବିଭିନ୍ନ ପ୍ରତିଦ୍ୱନ୍ଦ୍ୱିତାମୂଳକ (କମ୍ପିଟିଟିଭ) ପରୀକ୍ଷାର ଦ୍ୱାହି ଦେଇ ଛାତ୍ରଛାତ୍ରୀମାନେ ଆଉ ସ୍କୁଲ କଲେଜକୁ ନିୟମିତ ଭାବେ ନ ଯାଇ ବିଭିନ୍ନ କୋଚିଙ୍ଗ ସେଣ୍ଟର୍‌ରେ ନାମ ପଞ୍ଜିକରଣ କରୁଛନ୍ତି। ଏହାଫଳରେ ସାଧାରଣ ଭାବେ ସେମାନଙ୍କ ମଧ୍ୟରେ ବିଷୟଗତ ଜ୍ଞାନ ବଢ଼ିବା ବଦଳରେ କେବଳ ବହୁ ବିକଳ୍ପମୂଳକ ପ୍ରଶ୍ନ ସମ୍ପର୍କରେ ଜ୍ଞାନ ଆହରଣ ହୋଇଥାଏ ବୋଲି ମତ ପ୍ରକାଶ ପାଉଛି। ତା' ଛଡ଼ା ଏ ସବୁ ସ୍ଥାନରେ ସହ-ପାଠ୍ୟକ୍ରମର ନାମ ଗନ୍ଧ ନଥାଏ। ଫଳରେ ଛାତ୍ର-ଛାତ୍ରୀମାନେ କେବଳ ଯନ୍ତ୍ରବତ୍ ବହିକୁ ଦିନରାତି ଆପଣାର କରି ଥାଆନ୍ତି। ଆଉ କିଛି ପିଲା ବାପା ମା'ଙ୍କ ଆଗୋଚରରେ ପାଠ ନପଢ଼ି ବିଭିନ୍ନ ନିଶା ସେବନରେ ସମୟ ବିତାଇ ଥାଆନ୍ତି ପ୍ରାୟତଃ ସେମାନଙ୍କ ପାଖରେ ସାଙ୍ଗସାଥୀମାନଙ୍କ ସହିତ ଖେଳିବା ବୁଲିବା ସୁଯୋଗ ନଥାଏ, ବରଂ ଜଣେ ଆଉ ଜଣକୁ ପ୍ରତିଦ୍ୱନ୍ଦ୍ୱୀ ବୋଲି ଭାବିଥାଏ ଅନ୍ୟପକ୍ଷରେ ସେମାନଙ୍କର ନା।। ବିଭିନ୍ନ ଡମି ସ୍କୁଲରେ ନାମକୁ ମାତ୍ର ଗଢୁଥାଏ, ଯେଉଁଠି ଉପସ୍ଥାନ ନଥାଇ ମଧ୍ୟ କୌଣସି କଟକଣା ଲଗାଯାଏ ନାହିଁ। ବିଭିନ୍ନ ବିଷୟରେ ହେଉଥିବା ଶିକ୍ଷାଦାନ, ପ୍ରାକ୍ଟିକାଲ ଏବଂ ପରୀକ୍ଷା କେବଳ ନାମକୁ ମାତ୍ର ଧର୍ମକୁ ଆଖିଠାର ସଦୃଶ ହୋଇଥାଏ। ଉକ୍ତ ଛାତ୍ର-ଛାତ୍ରୀମାନେ କୌଣସି କାରଣରୁ କମ୍ପିଟିଟିଭ ପରୀକ୍ଷାରେ ଅସଫଳ ହେଲେ ଜିଇଁବାର କଳା ଅଭାବରୁ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଯାଇଥାଆନ୍ତି। ଗୋଟିଏ ପଟରେ ବାପା ମା'ଙ୍କର ଆଶା ଆକାଂକ୍ଷା ଏବଂ ପଇସା ଖର୍ଚ୍ଚ, ଅନ୍ୟପଟରେ ପିଲାର ପ୍ରକୃତ ଜ୍ଞାନ ମଝିରେ ବନ୍ଧା ପଡ଼ିଯାଏ ଜୀବନ। ରାଜସ୍ଥାନର କୋଟାରେ ହେଉଥିବା କ୍ରମବର୍ଦ୍ଧିଷ୍ଣୁ ଛାତ୍ର ଆତ୍ମହତ୍ୟା ଏହାର ପ୍ରକୃଷ୍ଟ ଉଦାହରଣ। ଡମି ସ୍କୁଲଗୁଡ଼ିକ ମଧ୍ୟ ବିନା ଖର୍ଚ୍ଚ (ଶିକ୍ଷକ, ଶ୍ରେଣୀ ଗୃହ, ଶିକ୍ଷା ସରଞ୍ଜାମ) ରେ ଛାତ୍ରଛାତ୍ରୀମାନଙ୍କୁ ପାଇଯାଉଥିବାରୁ ସେମାନେ ମଧ୍ୟ ମାଲେମାଲ୍। ତେଣୁ ପିଲାମାନଙ୍କ ଶାରୀରିକ, ମାନସିକ ତଥା ବୌଦ୍ଧିକ ବିକାଶ ନିମିତ୍ତ ଡମି ସ୍କୁଲ ବ୍ୟବସ୍ଥା ବନ୍ଦ କରି ପ୍ରକୃତଭାବେ ପିଲାମାନେ ସ୍କୁଲ ଏବଂ କଲେଜକୁ କେମିତି ନିୟମିତ ଭାବେ ଯିବେ ତା'ର ବ୍ୟବସ୍ଥା କରାଯାଉ।

ଡ. ସୀତାକାନ୍ତ ତ୍ରିପାଠୀ, ଭଦ୍ରକ

### ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

## ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ରକ୍ତଦାନ ଶିବିର

**ମୋଟୁ,୧୨।୧(ସମିସ):** ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ୍ ମୋଟୁ ଥାନା ଅନ୍ତର୍ଗତ ଏମପିଭି ୮୩ ଗ୍ରାମରେ ଆମ ଓଡ଼ିଶା ଓ ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ଏମପିଭି ୮୩ ଗ୍ରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଖେଳପଡ଼ିଆରେ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବା ସହ ସ୍ୱାମୀ ବିବେକାନନ୍ଦଙ୍କ ନୂତନ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି । ଏହି ରକ୍ତଦାନ ଶିବିରରେ ମୋଟ୍ ୧୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି । ଏଥିସହ ସ୍ୱାମୀ ବିବେକାନନ୍ଦଙ୍କ ୧୬୧ତମ ଜୟନ୍ତୀ ପାଳନ ଅବସରରେ ତାଙ୍କ ଜୀବନଚର୍ଯ୍ୟା ଓ ମାନବ ସମାଜ ପ୍ରତି ତାଙ୍କର ଉତ୍ସର୍ଗୀକୃତ ଜୀବନ ଯାତ୍ରା ବାବଦରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ବିବେକାନନ୍ଦଙ୍କ ଉଦାର ଭାବ ଓ ଶିକ୍ଷଣୀୟ ବାର୍ତ୍ତା ଚିରଦିନ ପାଇଁ ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କୁ ପ୍ରେରିତ କରିବ ବୋଲି କୁହାଯାଇଛି । ମୁଖ୍ୟଅତିଥି ଭାବେ ମାଲକାନଗିରି ଜିଲ୍ଲା ବଙ୍ଗାଳି ସମାଜର ସଭାପତି ଗୌରାଙ୍ଗ କର୍ମକାର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପରିତୋଷ ସରକାର, ଶିକ୍ଷାବିତ୍ ଗୋବାବରାଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

# ଇନ୍ଦ୍ରାବତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ' ଉଦ୍‌ଯାପିତ



**ତେନ୍ତୁଲିଖୁଣ୍ଟି,୧୨।୧(ସମିସ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ ଇନ୍ଦ୍ରାବତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା 'ନୂଆ-ଓ' ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ବିଦ୍ୟାଳୟ ଅଧ୍ୟକ୍ଷ ଯଶବନ୍ତ ବରାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ସାଂସଦ ରମେଶ ମାଝୀ ଯୋଗଦେଇଥିଲେ । ଏହି ଅବସରରେ ସରକାର ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକ ମହାବିଦ୍ୟାଳୟ ଖୋଲିବା ପାଇଁ ନିଷ୍ପତ୍ତି ନେଇଥିବା ଏବଂ ନିକଟ ଭବିଷ୍ୟତରୁ ନାମଲେଖା ଆରମ୍ଭ ହେବ ବୋଲି ଘୋଷଣା କରିଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟତମ ଅତିଥି ଭାବେ ଜୋନ୍-୧ ଜିଲ୍ଲା ପରିଷଦ ସଭ୍ୟା କ୍ରିଷ୍ଣା ମଞ୍ଜରୀ, ଜୋନ୍ ୨ ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ପଣ୍ଡା, ତେନ୍ତୁଲିଖୁଣ୍ଟି ଅଧ୍ୟକ୍ଷା ନାଳେନ୍ଦ୍ରି ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ପାଣିଗ୍ରାହୀ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ, ପରଜା ବାରଙ୍ଗପଦର ପଞ୍ଚାୟତର ସରପଞ୍ଚ ବନ୍ଦିତା ନାୟକ, ସମିତିସଭ୍ୟା ସୁକାନ୍ତି ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ଗତ ଡିସେମ୍ବର ୧୯ରୁ ୨୦ ତାରିଖ ପର୍ଯ୍ୟନ୍ତ ଚାଲିଥିବା 'ନୂଆ-ଓ' ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅଧୀନରେ ଉକ୍ତ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ସାମାଜିକ ସେବା କାର୍ଯ୍ୟକ୍ରମ ଯଥା ରକ୍ତ ଦାନ ଶିବିର, ଅନ୍ଧବିଶ୍ୱାସ ସଚେତନତା, ବାଲ୍ୟବିବାହ ସଚେତନତାକୁ ନେଇ ପଥପ୍ରାନ୍ତ ନାଟକ ଆଦି କରିଥିଲେ । ସେହିପରି ବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ପ୍ରତିଯୋଗିତାଗୁଡ଼ିକରେ ବିଜେତା ପ୍ରାତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀମାନେ ରଙ୍ଗାରଙ୍ଗ ନୃତ୍ୟ ଏବଂ ସଙ୍ଗୀତ ପରିବେଷଣ କରିଥିଲେ । ବିଦ୍ୟାଳୟ ଅଧ୍ୟକ୍ଷଙ୍କ ସମେତ ଅଧ୍ୟାପକ ବିନୟ ବେହେରା, ମନୋଜ ରଥ, ବିମଳ ବେହେରା, ନିବେଦିତା ମହାନ୍ତି, ମହେନ୍ଦ୍ର ମହାନ୍ତି, ରଞ୍ଜନ ସ୍ୱାଇଁ, ପଲ୍ଲିଶ୍ରୀ ନାୟକ, ପ୍ରିୟଦର୍ଶିନୀ ନାୟକ, ଡ. ଅଶୋକ କୁମାର ଦାସବର୍ମା, ବିଶାଖା ମଞ୍ଜରି ମହାନ୍ତିଙ୍କ ସମେତ ସମସ୍ତ ବିଦ୍ୟାଳୟ କର୍ମଚାରୀ ସହଯୋଗ କରିଥିଲେ । ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ରାଜ୍ୟ ସରକାରଙ୍କ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

## କୋଟପାଡ଼ ଛାତ୍ର ଆଦିତ୍ୟ ସର୍ବଭାରତୀୟସ୍ତରରେ ପ୍ରଥମ



**ଚାନ୍ଦିଲି,୧୨।୧(ସମିସ):** କୋଲକାତା ସ୍ଥିତ ନ୍ୟାସନାଲ କାଉନସିଲ୍ ଅଫ ସାଇନ୍ସ ମ୍ୟୁଜିୟମ୍ ତରଫରୁ ଆୟୋଜିତ ହୋଇଥିବା ପୂର୍ବ ଭାରତ ସାଇନ୍ସ ଏବଂ ଇଞ୍ଜିନିୟରିଂ ଫେୟାରରେ ଓଡ଼ିଶାରୁ ଚୟନ ହୋଇ ଅଂଶଗ୍ରହଣ କରିଥିବା କୋଟପାଡ଼ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ମେଧାବୀ ବିଦ୍ୟାର୍ଥୀ ଆଦିତ୍ୟ ବିଶ୍ୱାସ ନିଜ ପ୍ରକଳ୍ପ ପ୍ରଦର୍ଶନ କରି ସର୍ବଭାରତୀୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ଅଞ୍ଚଳ ନିମନ୍ତେ ଗୌରବ ଆଣିଛନ୍ତି । ଏହି ସଫଳତା ନିମନ୍ତେ ତାଙ୍କୁ ସ୍ୱାଗତ ବାନାର୍ଜୀ ମେମୋରିଆଲ ଟ୍ରଫି, ମାନପତ୍ର ଏବଂ ନ୍ୟାସନାଲ କାଉନସିଲ୍ ଅଫ ସାଇନ୍ସ ମ୍ୟୁଜିୟମ୍ ତରଫରୁ ପ୍ରତିମାସରେ ୫୦୦ ଟଙ୍କାର ଛାତ୍ର ବୃତ୍ତି ରୂପେ ଦୁଇ ବର୍ଷ ପର୍ଯ୍ୟନ୍ତ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି । ଏଥିସହ ବିଦ୍ୟାଳୟକୁ ପୁରସ୍କାର ରାଶି ସ୍ୱରୂପ ୫୦୦୦ ଟଙ୍କା, ଆଚାର୍ଯ୍ୟ ଜଗଦୀଶ ଚନ୍ଦ୍ର ବୋଷ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରାଯାଇଛି । ଏଥିସହ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବୃହସ୍ପତି ମିଶ୍ରଙ୍କୁ ଶ୍ରେଷ୍ଠ ବ୍ୟକ୍ତିଗତ ମାର୍ଗଦର୍ଶକ ଶିକ୍ଷକ ପୁରସ୍କାର ସହ ୨୦୦୦ ଟଙ୍କାର ଅର୍ଥରାଶି ଏବଂ ମାନପତ୍ର ପ୍ରଦାନ କରାଯାଇଛି । କୋଟପାଡ଼ର ଉଚ୍ଚ ବିଦ୍ୟାଳୟର ଛାତ୍ର ଆଦିତ୍ୟଙ୍କ ଦ୍ୱାରା ପ୍ରଦର୍ଶିତ କମ୍ ଖର୍ଚ୍ଚରେ ନିଜ ଘରେ ପ୍ଲାଷ୍ଟିକ ବୋତଲକୁ ବ୍ୟବହାର କରି ସେଥିରୁ ସୂତା ବୁଣିବା ଯନ୍ତ୍ର ତିଆରି କରିବା ପ୍ରକଳ୍ପ ବିଭିନ୍ନ ରାଜ୍ୟରୁ ଆସିଥିବା ଶିକ୍ଷକଶିକ୍ଷୟିତ୍ରୀ, ପରିଦର୍ଶକ ଏବଂ ସମ୍ମାନିତ ଅତିଥିମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା । ଆଦିତ୍ୟଙ୍କ ଏହି ସଫଳତା ନିମନ୍ତେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ କୁମାର ସାହୁ, ମୋ ସ୍କୁଲ ଅଭିଯାନ ପରିଚାଳନା କମିଟିର ଅଧ୍ୟକ୍ଷ ଡ. ଗଣେଶ ଚନ୍ଦ୍ର ପଣ୍ଡା ତଥା ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ହାର୍ଦ୍ଦିକ ଶୁଭକାମନା ଜଣାଇଛନ୍ତି ।

■ ପାଡୁଆ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

## 'ସୁନାମ ରଖିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ'



**ନନ୍ଦପୁର,୧୨।୧(ସମିସ):** 'ନୂଆ-ଓ' ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆନୁକୁଲ୍ୟରେ ଶୁକ୍ରବାର ନନ୍ଦପୁର ବ୍ଲକ ଅନ୍ତର୍ଗତ ପାଡୁଆ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପଟାଙ୍ଗି ବିଧାୟକ ପିତମ କୁମାର ପାଢ଼ି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ 'ନୂଆ-ଓ' ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଭାଗ ନେଇ ଛାତ୍ରଛାତ୍ରୀମାନେ ଅଞ୍ଚଳର ସୁନାମ ରଖିବାକୁ ଆହ୍ୱାନ ଦେଇଥିଲେ । ବିଧାୟକ ଶ୍ରୀ ପାଢ଼ି କହିଛନ୍ତି, ଏକ ଘରେଇ ସ୍କୁଲ୍ କଲେଜ ଭଳି ସୁବିଧା ସୁଯୋଗ ଆମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇ ନୂଆ ଓଡ଼ିଶାର ସ୍ୱପ୍ନ ଦେଖିବା ସହ ଏହାର ସୁଯୋଗ ଆମକୁ ଦେଇଛନ୍ତି । ଶିକ୍ଷା କ୍ଷେତ୍ରରେ ଯେଉଁ ପରିବର୍ତ୍ତନ ଆଣିଛନ୍ତି; ଏହାର ସୁଯୋଗ ନେଇ ପାଠପଢ଼ି ଅଞ୍ଚଳ ସୁନାମ ରଖିବାକୁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ସମ୍ମାନିତ ଅତିଥି ଭାବେ କୋରାପୁଟ ପୂର୍ବତନ ସାଂସଦ ତଥା ଜିଲ୍ଲା ବିଜେଡି ସଭାପତି ଝିନ୍ନ ହିକକା, କୋରାପୁଟ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ମହିଳା ନେତ୍ରୀ କୌଶଲ୍ୟା ହିକକା, ନନ୍ଦପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କର୍ତ୍ତୁଲ, ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା, ପୂର୍ବତନ ସରପଞ୍ଚ ସେକ୍ ଗଫୁର, ସେନ୍ଧେଦେବୀ ମହାବିଦ୍ୟାଳୟର ଅଧାପକ ରବିନାରାୟଣ ଶତପଥୀ ସମେତ କୁଲା ବୀର ଗ୍ରାମ ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟ ଓ ସ୍ଥାନୀୟ ନେତୃମଣ୍ଡଳୀ ଯୋଗଦେଇଥିଲେ । ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଗୌରୀମଣି ଦାସ ସ୍ୱାଗତ ଭାଷଣ ଦେବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା ସଭାପତି ରାମଚନ୍ଦ୍ର ଖିଲ, ଆଲୁମିନା ସଭାପତି ଇଲ ଶଶି ପଟ୍ଟନାୟକ, ପିଇଟି ଶିକ୍ଷକ ଧନେଶ୍ୱର ବାଘ, ସହକାରୀ ଶିକ୍ଷକ ଲକେଶ୍ୱର କାଟକମ୍ ସମେତ ଅନ୍ୟାନ୍ୟ ଶିକ୍ଷକଶିକ୍ଷୟିତ୍ରୀମାନେ ଯୋଗଦେଇ ସମସ୍ତ ପ୍ରକାର ସହଯୋଗ କରିଥିଲେ ।

## ଚାଷୀମୂଳିଆ ଆଦିବାସୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ନାରାୟଣପାଟଣା,୧୨।୧(ସମିସ)** ନାରାୟଣପାଟଣାରେ ଶୁକ୍ରବାର ବିଭିନ୍ନ ସମସ୍ୟା ନେଇ ନାଚିକା ଲିଙ୍ଗା ଓ ତାଙ୍କ ସମର୍ଥକ ସହ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦେଇଛନ୍ତି । ବହୁବାର ନାରାୟଣପାଟଣା ବ୍ଲକରେ ଜନଶୁଣାଣିରେ ବିଭିନ୍ନ ଦାବି ଅଭିଯୋଗ ଜଣାଇଥିଲେ ମଧ୍ୟ କୌଣସି ଅଭିଯୋଗ ଫଳପ୍ରଦ ହୋଇ ନ ଥିବାବେଳେ ଶୁକ୍ରବାର ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲାପାଳ, ତହସିଲଦାରଙ୍କ ଜରିଆରେ ନିଜ ଅଞ୍ଚଳରେ ବହୁ ଆଦିବାସୀଙ୍କ ନିତିଦିନ ଭୋଗୁଥିବା ସମସ୍ୟାକୁ ବିସ୍ତାର ରୂପେ ଲିଖିତ ଭାବେ ଜଣାଇବା ସହ ତୁରନ୍ତ କାର୍ଯ୍ୟକାରୀ କରିବା ପାଇ ଅନୁରୋଧ କରିଛନ୍ତ । ପୋଡ଼ାପଦର ଗ୍ରାମରେ ସୁଡ଼ିକୁପା ନିକଟରେ ଏକ ଚେକଡ୍ୟାମ କରାଯିବା, ତଳରେଙ୍ଗା, ପୋଡ଼ପଦର, ଗାଧବାଗୁଡ଼ା, ନାରାୟଣପାଟଣା ପାଖାପାଖି ୨୦୦ ଏକର ଚାଷଜମିରେ ପାଣି ପହଞ୍ଚିବା, ସେହିପରି ଭାଲିଆପୁଟ, ଟିକିନାପୁଟ ଭଳି ଗ୍ରାମରେ ପାଖାପାଖି ୧୦୦୦ ଏକର ଜମିରେ ସିଧାସଳଖ ପାଣି ପହଞ୍ଚିବା ଦ୍ୱାରା ବର୍ଷକୁ ଦୁଇପାଖି ଧାନଚାଷ ହୋଇପାରିବ, ଦୁଇପାଖି ଧାନ ହେବା ଦ୍ୱାରା ନାରାୟଣପାଟଣା ବ୍ଲକରେ ଅଧିକାଂଶ ଆଦିବାସୀ ଚାଷୀ ଉପକୃତ ହେବେ ବୋଲି ମତ ରଖିଛନ୍ତି । ତେନ୍ତୁଳିପଦର, ବାଲିପେଟା, ବରିଗି ପାଖପେଡା ଇଟିକୀରେ ଚେକଡ୍ୟାମ୍ କରିବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ଏହାବ୍ୟତୀତ ନାରାୟଣପାଟଣା ବ୍ଲକରେ ବହୁ ଆଦିବାସୀଙ୍କୁ ଜମିପଟ୍ଟା ମିଳିନାହିଁ । ତେଣୁ ଭୂମିହୀନଙ୍କୁ ଜମିପଟ୍ଟା ଯୋଗାଇବା ଦାବି ହୋଇଥିଲା । ମଦକୁ ବିରୋଧ କରାଯାଇଥିଲା । ତେଣୁ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ନାରାୟଣପାଟଣା ବ୍ଲକରେ ମଦମୁକ୍ତ କରାଇବାକୁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଦାବି ରଖିଛନ୍ତି । ଦାବିପତ୍ର ଦେବା ସମୟରେ ଚାଷୀମୂଳିଆ ଆଦିବାସୀ ସଂଘର ଅତ୍ୟଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ ।

## ବିଶ୍ୱବିଦ୍ୟାଳୟରେ ସାହିତ୍ୟ ପ୍ରତିଯୋଗିତା ଶୁଭାରମ୍ଭ



**ଜୟପୁର,୧୨।୧(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଠାରେ 'ନୂଆ-ଓ', ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ଶୁଭାରମ୍ଭ ହୋଇଯାଇଛି । ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପିଜି କାଉନସିଲର ଅଧ୍ୟକ୍ଷ ଡ. କୀଚକ ଚନ୍ଦ୍ର ଜେନା ଯୋଗଦେଇ, ଓଡ଼ିଆ ଭାଷାର ବିକାଶ ଦିଗରେ କାର୍ଯ୍ୟ କରିବାକୁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଯୋଜକ ଡ. ଅରୁଣ କୁମାର ହାଜ, ସୁକାନ୍ତି ସୟ, ଅଧ୍ୟାପକ ଡ. ବିଜୟ କୁମାର ସେଠୀ, ସଚିନ କୁମାର ନାୟକ, ଅଧ୍ୟାପିକା ସନ୍ତୋଷିନୀ ମୁଣ୍ଡା, ବାଣିଶ୍ରୀ ରାଏ, ସଞ୍ଜୟ କୁମାର ସାହୁ, କେଦାର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ ।

■ ଜୟପୁର ବନଖଣ୍ଡର ୬ ବନାଞ୍ଚଳରେ ପକ୍ଷୀଗଣନା ଶେଷ

## ଆସିଛନ୍ତି ୩୬ ପ୍ରଜାତିର ୭୯୭୩ ପକ୍ଷୀ

**ଜୟପୁର,୧୨।୧(ସମିସ):** କୋରାପୁଟ ଜିଲ୍ଲା ଜୟପୁର ବନଖଣ୍ଡ ଅଧୀନରେ ରହିଥିବା ଜୟପୁର, ବୋରିଗୁମ୍ମା, କୋଟପାଡ଼, ବୈପାରୀଗୁଡ଼ା, ଗୁପ୍ତେଶ୍ୱର, କୁନ୍ଦୁରା ପ୍ରମୁଖ ୬ ବନାଞ୍ଚଳରେ ରହଥିବା ୨୯ଟି ଜଳାଶୟ, ନଦୀରେ ପକ୍ଷୀଗଣନା ଶେଷ ହୋଇଛି । ଉକ୍ତ ବନାଞ୍ଚଳରେ ଥିବା ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ଗଣନା ବୁଧବାର ଭୋର ୫ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ବନାଞ୍ଚଳର ରେଞ୍ଜର, ବନରକ୍ଷୀ ଏବଂ ଅନ୍ୟାନ୍ୟ କର୍ମଚାରୀମାନଙ୍କ ଉପସ୍ଥିତିରେ ହୋଇଥିଲା । ଜୟପୁର ଡିଏଫଓ ପ୍ରତାପ କୁମାର ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏବଂ ଏସିସିଏଫ ସୁବାସ ଚନ୍ଦ୍ର ଖୁଣ୍ଟିଆଙ୍କ ନେତୃତ୍ୱରେ ଜୟପୁର ବନଖଣ୍ଡ ପକ୍ଷରୁ ଉକ୍ତ ୬ଟି ବନାଞ୍ଚଳରେ ଏହି ଗଣତି କରାଯାଇଥିଲା । ଏଥିରେ ସମୁଦାୟ ୩୬ଟି ପ୍ରଜାତିର ପାଣିକୁଆ, ଛୋଟ କିଙ୍ଗ୍ ଫିସର, ମଇନା, ନୀଳ କିଙ୍ଗ ଫିସର, ବଗ, ଉଡ଼ନ୍ତା ବତକ ପ୍ରଭୃତିଙ୍କୁ ମିଶାଇ ସମୁଦାୟ ୭୯୭୩ଟି ବିଭିନ୍ନ ପ୍ରଜାତିର ଦୁର୍ଲଭ ବନ୍ୟ ଓ ଜଳାଶୟ ପକ୍ଷୀ ରହିଛନ୍ତି । ଏହିପରି ସର୍ବାଧିକ ଗୁପ୍ତେଶ୍ୱର ବନାଞ୍ଚଳର ୯ଟି ଜଳାଶୟରେ ପକ୍ଷୀଗଣନା କରାଯାଇଥିବାବେଳେ କୋଟପାଡ଼ର ୩, ବୈପାରୀଗୁଡ଼ାର ୭, କୁନ୍ଦାରର ୪, ଜୟପୁରର ୫ ଏବଂ ବୋରିଗୁମ୍ମାରେ କେବଳ ଗୋଟିଏ ମୁରାନ ଡ୍ୟାମଠାରେ ସମୁଦାୟ ୨୯ଟି ସ୍ଥାନରେ ପକ୍ଷୀଗଣନା କରାଯାଇଥିଲା । ଉକ୍ତ ବନାଞ୍ଚଳର ରେଞ୍ଜର, ବନରକ୍ଷୀ ଏବଂ ଜଙ୍ଗଲ ସୁରକ୍ଷା କର୍ମୀଙ୍କ ଦ୍ୱାରା ଗୋଟିଏ ଦିନରେ ଏହି ଗଣନା କରାଯାଇଥିଲା ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ପାଞ୍ଚ ବର୍ଷର ଶିଶୁକୁ ହତ୍ୟା ଘଟଣା; ଅଭିଯୁକ୍ତ କୋର୍ଟ ଚାଲାଣ



**ଡାବୁଗାଁ/ଉମରକୋଟ,୧୨।୧(ସମିସ):** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ବୋରିଗାଁ ପଞ୍ଚାୟତ ଅନ୍ତର୍ଗତ ମେଣ୍ଡ୍ରା ଗାଁ ନିକଟ ସରଗୁଲି ପାହାଡରେ ଥିବା ଶିବ ମନ୍ଦିର ବାରଣ୍ଡାରେ ୫ ବର୍ଷ ବୟସର ଶିଶୁ ପୁତ୍ରକୁ ବାପା ସମ୍ମୁଖରେ ପଥରରେ ଛେଚି ହତ୍ୟା କରିବା ଘଟଣାରେ ଗିରଫ ଅଭିଯୁକ୍ତ ଜଳନ୍ଧର ସାନ୍ତାଙ୍କୁ ଶୁକ୍ରବାର ପୁଲିସ ଉମରକୋଟ କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି । ଅନ୍ୟପକ୍ଷରେ ଘଟଣାକୁ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ମଧ୍ୟ ଅଭିଯୁକ୍ତ ଜଣକ କାହିଁକି ଏପରି ଜଘନ୍ୟ ହତ୍ୟାକାଣ୍ଡ କରିଛି ତାହା ଜଣାପଡ଼ିନାହିଁ । ପୁଲିସ ମଧ୍ୟ ଏହି ଅମାନବୀୟ ହତ୍ୟାକାଣ୍ଡ ପଛର ରହସ୍ୟ ଉପରୁ ପରଦା ହଟାଇବାରେ ଅସଫଳ ରହିଛି । ଘଟଣା ଅନୁସାରେ, ଡାବୁଗାଁ ଥାନା ବୋରିଗାଁ ପଞ୍ଚାୟତ ଅନ୍ତର୍ଗତ ମେଣ୍ଡରା ଗ୍ରାମର ସରଗୁଲି ପାହାଡ଼ ଉପରେ ଥିବା ସରଦ୍ଧେଶ୍ୱର ଶିବ ମନ୍ଦିରକୁ ପୂଜକ ସନାଧର ପୂଜାରୀ ପ୍ରତିଦିନ ପରି ଗୁରୁବାର ସକାଳେ ମଧ୍ୟ ପୂଜା କରିବାକୁ ଯାଇଥିଲେ । ପୂଜକ ସନାଧରଙ୍କ ପୁଅ ଚନ୍ଦନ ଅଳି କରିବାରୁ ତା' ଅଜା ହରିଦାସ ତାଙ୍କୁ ଗୁରୁବାର ସକାଳ ୯ଟାରେ ଶିବ ମନ୍ଦିରରେ ପୂଜା କରୁଥିବା ବାପାଙ୍କ ନିକଟକୁ ନେଇଥିଲେ । ତେବେ ପୂଜକ ସନାଧର ପୂଜା କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ମନ୍ଦିର ସମ୍ମୁଖରେ ଖେଳୁଥିବା ୫ ବର୍ଷର ପୁଅ ଚନ୍ଦନକୁ ଗ୍ରାମର ଜଳନ୍ଧର ସାନ୍ତା ଅଚାନକ ପଥରରେ ଛେଚି ହତ୍ୟା କରିଥିଲା । ବାପା ସନାଧର ପୂଜାରୀ ପୁଅର ହତ୍ୟା ଦେଖି ଅଚେତ୍ ହୋଇଯାଇଥିଲେ । ଶିଶୁକୁ ହତ୍ୟା ପରେ ହତ୍ୟାକାରୀ ଜଣକ ଅତି ବୀଭତ୍ସ ଭାବେ ଶିଶୁର ଡାହାଣ ହାତ ଓ ବାମ ଗୋଡ଼ ପଥରରେ କାଟି ହାତରେ ଧରି ନିଜ ଘରକୁ ନେଇଯାଇଥିଲା । ସନାଧରଙ୍କ ଚେତା ଫେରିବା ପରେ ପୁଅର ରକ୍ତ ଜୁଡୁବୁଡୁ ମୃତଦେହ ଦେଖି ଚିତ୍କାର କରିଥିଲେ । ଗାଁ ଲୋକେ ସଙ୍ଗେ ସଙ୍ଗେ ମନ୍ଦିର ନିକଟରେ ପହଞ୍ଚିବା ସହ ଗ୍ରାମବାସୀ ପୁଲିସକୁ ଖବର ଦେଇଥିଲେ । ହତ୍ୟାକାଣ୍ଡ ପରେ ମେଣ୍ଡାରା ଗ୍ରାମ ସ୍ତବ୍ଧ ହୋଇଯାଇଛି । ଗୁଣି ଗାରେଡ଼ି ସକାଶେ ହତ୍ୟା କରାଯାଇଥାଇପାରେ ବୋଲି ଆଲୋଚନା ହେଉଛି । ଡାବୁଗାଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ହତ୍ୟାକାରୀ ଯୁବକ ଜଳନ୍ଧର ସାନ୍ତାକୁ ମଧ୍ୟ ଗିରଫ କରିଥିଲା । ନିଜେ ଏସପି ଓ ସାଇଣ୍ଟିଫିକ୍ ଟିମ୍ ନମୁନା ସଂଗ୍ରହ କରି ଅଧିକ ତଦନ୍ତ ଜାରି ରଖିଛନ୍ତି ।

## ଅନୁସୂଚିତ ଜାତି ଓ ପଛୁଆ ବର୍ଗଙ୍କୁ ୟୁପିଏସ୍‌ସି କୋଚିଂ ପାଇଁ ନାମଲେଖା ଆରମ୍ଭ

**କୋରାପୁଟ,୧୨।୧(ସମିସ):** ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଡ. ଆମ୍ବେଦକର ସେଣ୍ଟର ଅଫ୍ ଏକ୍ସଲେନ୍ସ (ଡିଏସିଇ) ପକ୍ଷରୁ ଅନୁସୂଚିତ ଜାତି ଏବଂ ପଛୁଆ ବର୍ଗର ପ୍ରାର୍ଥୀଙ୍କ ପାଇଁ ଦେୟମୁକ୍ତ ୟୁପିଏସସି କୋଚିଂର ଦ୍ୱିତୀୟ ବ୍ୟାଚ୍ ପାଇଁ ଅନଲାଇନ୍ ନାମଲେଖା ପ୍ରକ୍ରିୟା ଆରମ୍ଭ କରିଛି । ଏହି ଯୋଜନା ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ ଦ୍ୱାରା ପ୍ରାୟୋଜିତ ଏବଂ ନୋଡାଲ ଏଜେନ୍ସି ଡ. ଆମ୍ବେଦକର ଫାଉଣ୍ଡେସନ, ନୂଆଦିଲ୍ଲୀ ଦ୍ୱାରା କାର୍ଯ୍ୟକାରୀ ହେଉଛି । ଏଥିପାଇଁ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏବଂ ନୂଆଦିଲ୍ଲୀ ସ୍ଥିତ ଡ. ଆମ୍ବେଦକର ଫାଉଣ୍ଡେସନ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ବିଶ୍ୱବିଦ୍ୟାଳୟ ତରଫରୁ କୁଳ ସଚିବ ପ୍ରଫେସର ଏନସି ପଣ୍ଡା ଏବଂ ଡ. ଆମ୍ବେଦକର ଫାଉଣ୍ଡେସନ ପକ୍ଷରୁ ନିର୍ଦ୍ଦେଶକ ଡ. ସିଦ୍ଧ କୁମାର ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ । ସମୁଦାୟ ସିଟ୍ ସଂଖ୍ୟା ୧୦୦ ଏବଂ ମହିଳା ପ୍ରାର୍ଥୀଙ୍କ ପାଇଁ ୩୦ ପ୍ରତିଶତ ସିଟ୍ ସଂରକ୍ଷିତ ରହିଛି । ଦେୟମୁକ୍ତ କୋଚିଂର ଅବଧି ଏକ ବର୍ଷ ଏବଂ ମନ୍ତ୍ରଣାଳୟ ନାମଲେଖା ହୋଇଥିବା ପ୍ରାର୍ଥୀମାନଙ୍କୁ ମାସିକ ୪୦୦୦ ଟଙ୍କା ଷ୍ଟାଇପେଣ୍ଡ ପ୍ରଦାନ କରୁଛି । ଏହା ଏକ ଅଣ-ଆବାସିକ କାର୍ଯ୍ୟକ୍ରମ । ସ୍ନାତକୋତ୍ତରରେ ୫୦ ପ୍ରତିଶତ ନମ୍ବର ରଖିଥିବା ଏବଂ ପିତାମାତାଙ୍କ ବାର୍ଷିକ ଆୟ ୮ ଲକ୍ଷ ଟଙ୍କାରୁ କମ୍ ଥିବା ପ୍ରାର୍ଥୀମାନେ ଆବେଦନ କରିପାରିବେ । ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଡିଏସିଇ, ସମାଜ ବିଜ୍ଞାନ, ରାଜନୀତି ବିଜ୍ଞାନ ଏବଂ ସାଧାରଣ ଅଧ୍ୟୟନରେ ଦେୟମୁକ୍ତ କୋଚିଂ ପ୍ରଦାନ କରିଥାଏ । ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ବିକେ ଶ୍ରୀନିବାସ ସଂଯୋଜନା କରିବେ । କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସସି) ଦ୍ୱାରା ପରିଚାଳିତ ସିଭିଲ ସର୍ଭିସ ପରୀକ୍ଷା ଏବଂ ଅନ୍ୟାନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଅନୁସୂଚିତ ଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କୁ ଉଚ୍ଚମାନର ଦେୟମୁକ୍ତ କୋଚିଂ ସୁବିଧା ପ୍ରଦାନ କରିବା ଏହି ଯୋଜନାର ଲକ୍ଷ୍ୟ ବୋଲି ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି ।

## ଗାଡ଼ି ସହ ୮୮ କିଲୋ ଗଞ୍ଜେଇ ଜବତ; ଡ୍ରାଇଭର ଫେରାର୍

**ନନ୍ଦପୁର,୧୨।୧(ସମିସ)**

ଗଞ୍ଜେଇ ଚାଲାଣ ଉପରେ ପାଡୁଆ ପୁଲିସ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି । ଗତ ଦୁଇ ମାସ ହେବ ଅବୈଧ ଗଞ୍ଜେଇ ଚାଷକୁ ନଷ୍ଟ କରିବା ସହ ଲଗାତର ସୀମାନ୍ତ ଅଞ୍ଚଳରେ ଧରପଗଡ଼ କରି ବ୍ୟବସାୟୀଙ୍କୁ ନାକେଦମ୍ କରିଥିବାବେଳେ ଶୁକ୍ରବାର ସୀମାନ୍ତ ଚାଟୁଆ ନାକାରେ ପୁଲିସ ଚଢ଼ଉ କରି ଏକ ଗାଡ଼ି ସହ ୮୮ କିଲୋ ଗଞ୍ଜେଇ ଜବତ କରିଛି । ତେବେ ପୁଲିସକୁ ଦେଖି ଗାଡ଼ିର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି ।

ସୂଚନାପ୍ରକାରେ, ସୀମାନ୍ତ ଚାଟୁଆ ନାକାରେ ପାଡୁଆ ଆଇଆଇସି ଅଶୋକ କୁମାର ବିଶୋଇ, ଏସଆଇ ହିମାଂଶୁ ବେନିଆ ସହ ଏକ ପୁଲିସ ଟିମ୍ ଗଞ୍ଜେଇ ଚାଲାଣ ନେଇ ବିଶେଷ ସୂତ୍ରରୁ ଖବର ପାଇ ଯାନବାହନ ଯାଞ୍ଚ କରୁଥିଲେ । ଏହି ସମୟରେ ଆନ୍ଧ୍ର ପଟୁ ଆସୁଥିବା ଏକ ଅଟୋ ପୁଲିସର ଯାଞ୍ଚ ଦେଖି ଦ୍ରୁତ ଗତିରେ ନାକାକୁ ଅମାନ୍ୟ କରି ଖସି ଯାଉଥିବାବେଳେ ପୁଲିସ ପିଛା କରି ନାରୀ ଗାଁ ନିକଟରେ ଗାଡ଼ିକୁ କାବୁ କରିଥିଲା । ତେବେ ପୁଲିସ ପିଛା କରୁଥିବା ଦେଖି ଅଟୋ ଡ୍ରାଇଭର ଚଳନ୍ତା ଗାଡ଼ିରୁ ଡେଇଁ ଜଙ୍ଗଲ ଭିତରକୁ ଚାଲିଯାଇଥିଲା । ତେବେ ପୁଲିସ ଗାଡ଼ିକୁ ଜବତ କରି ଯାଞ୍ଚ କରିବା ପରେ ଗାଡ଼ିରୁ ଗଞ୍ଜେଇକୁ ଜବତ କରିଥିଲା । ଉକ୍ତ ଗଞ୍ଜେଇ ଆନ୍ଧ୍ରପ୍ରଦେଶର ଆରକୁ ଅଞ୍ଚଳରୁ ଓଡ଼ିଶା ଦେଇ ଗଞ୍ଜେଇ ଚାଲାଣ ପାଇଁ ଯୋଜନା ଥିବା ପୁଲିସ ସୂଚନା ଦେଇଛି ।

## ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖରେ ଭାଲୁ ଦେଖି ଲୋକେ ଭୟଭୀତ

**ପାପଡ଼ାହାଣ୍ଡି,୧୨।୧(ସମିସ):** ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ସଦର ପଞ୍ଚାୟତ ଅନ୍ତର୍ଗତ ତଣ୍ଡାଗୁଡ଼ା ସ୍ଥିତ ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଦିନରେ ଭାଲୁ ଦେଖିବାକୁ ମିଳିଛି । ଯାହାକୁ ନେଇ ଅଞ୍ଚଳବାସୀ ଭୟଭୀତ ହୋଇଛନ୍ତି । ଭାଲୁଟି ଅଗ୍ନିଶମ କାର୍ଯ୍ୟାଳୟ ନିକଟରେ ଘୂରି ବୁଲୁଥିବାବେଳେ ସ୍ଥାନୀୟ ଲୋକେ ପାଟି କରି ଭାଲୁକୁ ଘଉଡ଼ାଇ ଦେଇଥିଲେ । ସୂଚନା ମୁତାବକ, ଅପରାହ୍ଣ ୪ଟା ସମୟରେ ଭାଲୁଟି ଅଗ୍ନିଶମ କେନ୍ଦ୍ର ନିକଟରେ ବୁଲୁଥିବା ଦେଖିବାକୁ ମିଳିଥିଲା । ଅଗ୍ନିଶମ କର୍ମଚାରୀମାନେ ଏହା ଦେଖିବା ପରେ ଲୋକଙ୍କୁ ସତର୍କ କରାଇଥିଲେ । ପରେ ଘଉଡ଼ାଇବାରୁ ଭାଲୁଟି ନିକଟସ୍ଥ ଜଙ୍ଗଲ ଆଡ଼କୁ ଚାଲିଯାଇଥିଲା । ତେବେ ଖାଦ୍ୟ ଅନ୍ୱେଷଣରେ ଭାଲୁଟି ତଣ୍ଡାଗୁଡ଼ା ଗ୍ରାମ ଆଡ଼କୁ ଚାଲି ଆସିଥିବା ସନ୍ଦେହ କରାଯାଉଛି । ଭାଲୁକୁ ଦେଖି ତଣ୍ଡାଗୁଡ଼ାବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି ।

## ୩ ୱାରେଣ୍ଟି ଗିରଫ

**ଜୟପୁର,୧୨।୧(ସମିସ):** କୋରାପୁଟ ଜିଲ୍ଲା ସଦରଥାନା ପୁଲିସ ପକ୍ଷରୁ ପୁରୁଣା ମାମଲାରେ ଫେରାର ରହିଥିବା ଅଭିଯୁକ୍ତମାନଙ୍କ ବିରୁଦ୍ଧରେ କୋର୍ଟ ପକ୍ଷରୁ ଜାରୀ ହୋଇଥିବା ୱାରେଣ୍ଟି ମାଧ୍ୟମରେ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ପ୍ରଥମ ମାମଲା ତଥା ୨୦୧୫ ମସିହାର ଏକ ଘଟଣାରେ ସଦରଥାନା ଅଧୀନସ୍ଥ ସିରିଗୁଡ଼ା ଗ୍ରାମର ଅଭିଯୁକ୍ତ ଶିବଶଙ୍କର ପାଣିଗ୍ରାହୀ (୩୨)ଏବଂ ୨୦୨୩ ମସିହାର ଏକ ମାମଲାରେ ଦୁଇଜଣ ଅଭିଯୁକ୍ତ ବଡ଼ ଅଜେଇ ଗ୍ରାମର ଛବି ହରିଜନ (୨୫) ଏବଂ ମକାପୁଟ ଗ୍ରାମର ଡେଭିଡ ନାୟକ (୧୯)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ସଦରଥାନା ଅଧିକାରୀ ଈଶ୍ୱର ତାଣ୍ଡୀ ସୂଚନା ଦେଇଛନ୍ତି ।

# ଆମ୍ବୁଲାନ୍ସ ପହଞ୍ଚିଲାନି; ବାଟରେ ପ୍ରସବ



**କଲ୍ୟାଣସିଂହପୁର,୧୨।୧(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ପାର୍ସାଲି ପଞ୍ଚାୟତରେ ପୁଣି ଏକ ଜନନୀଯନ୍ତ୍ରଣା ଦେଖିବାକୁ ମିଳିଛି । ଓଡିଶା ମାନଚିତ୍ରରେ ନିୟମଗିରି ଅଞ୍ଚଳର ରାସ୍ତାଘାଟ ଏବଂ ବିଭିନ୍ନ ସମସ୍ୟାକୁ ନେଇ ନିୟମଗିରି ବିରଳ ଜନଜାତି ଡଙ୍ଗରିଆ ସରକାରଙ୍କ ନିକଟରେ ସବୁବେଳେ ଚର୍ଚ୍ଚାରେ ରହୁଥିବାବେଳେ, ଅନେକ ସମୟରେ ଦେଖିବାକୁ ମିଳୁଛି କେତେବେଳେ ଖଟିଆରେ ଏବଂ କମ୍ବଳବୁହା, ଷ୍ଟ୍ରେଚର ସାହାଯ୍ୟରେ ଘଞ୍ଚ ଜଙ୍ଗଲ, ପାହାଡ଼-ଝରଣା ଡେଇଁ ମାଇଲ ମାଇଲ ବାଟ ଚଲାପଥ ରାସ୍ତା ସ୍ୱାସ୍ଥ୍ୟକେନ୍ଦ୍ରକୁ ପହଞ୍ଚିଥାନ୍ତି । ସରକାରଙ୍କ ମନରେଗା ଯୋଜନା ଏବଂ ସରକାରଙ୍କ ବିଭିନ୍ନ ପାଣ୍ଠିରୁ ରାସ୍ତାଘାଟ ପାଇଁ କୋଟି କୋଟି ଟଙ୍କା ନିୟମଗିରି ଅଞ୍ଚଳକୁ ଖର୍ଚ୍ଚ କରି ଆସୁଥିବାବେଳେ ନିମ୍ନମାନର ରାସ୍ତା କାମ ଯୋଗୁଁ କିଛି ଗାଁକୁ ଆମ୍ବୁଲାନ୍ସ ତ ଦୂରର କଥା ବାଇକ୍ ଯିବା ମଧ୍ୟ କଷ୍ଟକର ହୋଇପଡୁଛି । ଏହିଭଳି ସମସ୍ୟା ଯୋଗୁଁ ରୋଗୀ ଓ ପ୍ରସୂତି ମହିଳା ଜୀବନ ଯନ୍ତ୍ରଣା ହୋଇ ବାଟରେ ଜୀବନ ମଧ୍ୟ ଚାଲିଯାଉଛି ।

ଖବର ମୁତାବକ, ଶୁକ୍ରବାର ସକାଳେ ଫାକେରୀ ଗାଁର ହୁଣ୍ଡେଇ ଶିକକା (୨୨)ଙ୍କ ଗର୍ଭଯନ୍ତ୍ରଣା ହେବାରୁ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗାଯୋଗ କରିଥିଲେ । ୧୦୮ ଆମ୍ବୁଲାନ୍ସ ନିର୍ଗୁଣ୍ଡି ଗାଁ ଯାଇଁ ପହଞ୍ଚି ପାରିଥିଲା । ସେଠାରୁ ଚାଲିଚାଲି ପ୍ରାୟ ୩ କିଲୋମିଟର ଫାର୍ମାସିଷ୍ଟ ଦୁର୍ଗାପ୍ରସାଦ ଜେନା ଏବଂ ଡ୍ରାଇଭର ହିମିରିକା ରବି ହେଲପର ସୀମାଞ୍ଚଳ ସାଉକାର ଷ୍ଟ୍ରେଚର ଧରି ଗାଁକୁ ପହଞ୍ଚିଥିଲେ । ସେଠାରୁ ଗର୍ଭବତୀଙ୍କୁ ଷ୍ଟ୍ରେଚର ସାହାଯ୍ୟରେ ଆଣିବା ସମୟରେ ଅଧା ବାଟରେ ପ୍ରସବ କରିଥିଲେ । ପ୍ରସୂତି ମହିଳା ଏକ ଶିଶୁ କନ୍ୟା ଜନ୍ମ ଦେଇଥିଲେ । ସେଠାରୁ ଆମ୍ବୁଲାନ୍ସ ଯୋଗେ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ଡାକ୍ତର ସତ୍ୟନାରାୟଣ ଦାସ ପ୍ରାଥମିକ ଚିକିତ୍ସା କଲାପରେ ଶିଶୁକନ୍ୟା ଗୁରୁତର ହେବାରୁ ମାଆ ଓ ଶିଶୁକନ୍ୟାକୁ ରାୟଗଡ଼ା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତରିତ କରାଗଲା । ବର୍ତ୍ତମାନ ଶିଶୁକନ୍ୟା ଗୁରୁତର ଥିବାବେଳେ ମାଆ ସୁସ୍ଥ ଥିବା ଜଣାପଡ଼ିଛି ।



# ଜୟ ଜଗନ୍ନାଥ



ରଥେ ସଞ୍ଚରନ୍ତଂ କୃପାମାଚରନ୍ତଂ
ସୁଭାବଂ ଦଧାନଂ ଶୁଭଶ୍ରୀନିଧାନମ୍ ।
ନରୈଃ ସେବ୍ୟମାନଂ ସୁରୈର୍ଭାବ୍ୟମାନଂ
ସଦୈବାପ୍ରମେୟଂ ଜଗନ୍ନାଥମୀଡେ ।।

ରଥରେ ଯାତ୍ରା କରୁଥିବା, କରୁଣାକୁ ଆଚରଣରେ ପ୍ରକଟ କରୁଥିବା, ସଭାବକୁ ଧାରଣ କରୁଥିବା, ସାକ୍ଷାତ୍ ଶୁଭ ଓ ଶ୍ରୀର ଭଣ୍ଡାର, ନରମାନଙ୍କ ଦ୍ୱାରା ସେବିତ ତଥା ଦେବତାମାନଙ୍କ ଦ୍ୱାରା ସ୍ମରଣୀୟ, ଅପ୍ରମେୟ ଜଗନ୍ନାଥଙ୍କୁ ମୁଁ ସର୍ବଦା ପୂଜା କରୁଅଛି । (ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ)





ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ଉତ୍ସବ ଓ ଲୋକାର୍ପଣ ପାଇଁ ଶ୍ରୀମନ୍ଦିର ଐଶାନ୍ୟ କୋଣରେ ଅନୁଷ୍ଠିତ ହେବ ତ୍ରିଦିନାତ୍ମକ ଯଜ୍ଞ । ଆସନ୍ତା ୧୫, ୧୬ ଓ ୧୭ ତାରିଖ ଯଜ୍ଞ ମନ୍ତ୍ର ଧ୍ୱନିରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ସୃଷ୍ଟିହେବ ଆଧ୍ୟାତ୍ମିକ ପରିବେଶ । ଏହି ଯଜ୍ଞକର୍ମାଦିର ପ୍ରାରମ୍ଭିକ ପ୍ରକ୍ରିୟା ଶୁକ୍ରବାରଠାରୁ ଆରମ୍ଭ ହୋଇଛି । ଶ୍ରୀନଅରରେ ଯଜ୍ଞର କର୍ତ୍ତା ତଥା ଗଜପତି ମହାରାଜା ଦିବ୍ୟସିଂହ ଦେବ ଆଚାର୍ଯ୍ୟବରଣ କରିବା ସହ ଗୁଆ ଟେକିଛନ୍ତି । ଏଥିସହ ଅଙ୍କୁରାରୋପଣ ଅନୁଷ୍ଠିତ ହୋଇଛି । ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଶ୍ରୀମନ୍ଦିର ଐଶାନ୍ୟ କୋଣରେ ହେବ ଯଜ୍ଞ । ଶାସ୍ତ୍ରୀୟ ବିଧିବିଧାନ ଅନୁଯାୟୀ ଯଜ୍ଞସ୍ଥଳ ନିରୂପଣ କରାଯାଇଛି । ବିଦ୍ୱାନ, ପଣ୍ଡିତ, ଗବେଷକ, ଦେଉଳ ପୁରୋହିତଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ସ୍ଥାନ ଚିହ୍ନଟରେ ସାମିଲ ଥିଲେ । ତେବେ କାହିଁକି ଐଶାନ୍ୟ କୋଣରେ ହେଉଛି ଏହି ଯଜ୍ଞ ? ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ଐଶାନ୍ୟ କୋଣ ହେଉଛି ଦେବତାଙ୍କ କୋଣ । ପ୍ରତ୍ୟେକ ଘରର ଐଶାନ୍ୟ କୋଣରେ ହିଁ ଈଶାଣ (ଗୃହ ଦେବତା) ରହିଥାନ୍ତି । ଶ୍ରୀମନ୍ଦିରର ସେହି କୋଣରେ ଐଶାନେଶ୍ୱର ମହାଦେବ ବିରାଜମାନ କରୁଛନ୍ତି । ଦେବତାଙ୍କ କାର୍ଯ୍ୟ ଐଶାନ୍ୟ କୋଣରେ ବିଧେୟ ଓ ଶାସ୍ତ୍ର ସମ୍ମତ । ତେଣୁ ସେହି ଐଶାନ୍ୟ କୋଣରେ ପ୍ରତିଷ୍ଠା ଏବଂ ଯଜ୍ଞାଦି କର୍ମ ଅନୁଷ୍ଠିତ ହେଉଛି । ଇନ୍ଦ୍ରାଦି ଦେବତାଙ୍କୁ ପ୍ରୀତ କରିବା ପାଇଁ ଯଜ୍ଞ କରାଯାଇଥାଏ ।

# ଐଶାନ୍ୟ ମହାଯଜ୍ଞ



## ହୟଗ୍ରୀବୋକ୍ତ ମନ୍ତ୍ର, ୩୦୦୦ ଆହୁତି

ପରିକ୍ରମା ଲୋକାର୍ପଣ ଉତ୍ସବ ପାଇଁ ହେବାକୁ ଥିବା ତ୍ରିଦିନାତ୍ମକ ଯଜ୍ଞ ନିମନ୍ତେ ଆଚାର୍ଯ୍ୟ ବରଣ ସରିଛି । ୧୫ ତାରିଖରୁ 'ହୟଗ୍ରୀବୋକ୍ତ' ମନ୍ତ୍ରରେ ଗୁଞ୍ଜରିତ ହେବ ବଡ଼ଦେଉଳ ଅଞ୍ଚଳ । ପ୍ରତିଦିନ ୧୦୦୦ ଲେଖାଏଁ ତିନିଦିନରେ ୩୦୦୦ ଆହୁତି ଦିଆଯିବ । ଶ୍ରୀକ୍ଷେତ୍ରର ସମସ୍ତ ଦେବାଦେବୀଙ୍କ ନାମରେ ମଧ୍ୟରେ ଆହୁତି ପ୍ରଦାନ କରାଯିବ । ନୃସିଂହ ମନ୍ତ୍ର, ଚତୁର୍ଦ୍ଧାବିଗ୍ରହ ମନ୍ତ୍ର ଓ ବାସ୍ତୁପୂଜା ମନ୍ତ୍ରରେ ପୂଜାର୍ଚ୍ଚନା ହେବ ।

### ୫୦ କିଲୋ ଘିଅ, ୫ କ୍ୱିଣ୍ଟାଲ କାଠ

ଶ୍ରୀମନ୍ଦିର ପରିକ୍ରମା ଲୋକାର୍ପଣ ଉତ୍ସବ ଅବସରରେ ହେବାକୁ ଥିବା ଯଜ୍ଞରେ ୫ କ୍ୱିଣ୍ଟାଲ କାଠ ବ୍ୟବହାର ହେବ । ସେହିପରି ୫୦ ସେର (କିଲୋ) ଶୁଦ୍ଧ ଘିଅରେ ଆହୁତି ପ୍ରଦାନ କରାଯିବ । ଏହି ଯଜ୍ଞନିମନ୍ତେ ବାହାରୁ କାଠ କିଣାଯିବ ନାହିଁ, ରଥଭଙ୍ଗାରୁ ବାହାରିଥିବା କାଠରେ ହୋମଯଜ୍ଞ ହେବ । ତିନିଦିନ ଧରି ଶ୍ରୀମନ୍ଦିର ଐଶାନ୍ୟ କୋଣରେ ହେବାକୁ ଥିବା ଯଜ୍ଞରେ କମ୍ପିବ ଶ୍ରୀମନ୍ଦିର ସଂଲଗ୍ନ ଅଞ୍ଚଳ । ଶ୍ରଦ୍ଧାଳୁମାନେ ପାଇବେ ଏକ ନିଆରା ଆଧ୍ୟାତ୍ମିକ ଅନୁଭୂତି ।



### ବାସ୍ତୁଶାସ୍ତ୍ର ଆଧାରିତ ଯଜ୍ଞମଣ୍ଡପ

ଶ୍ରୀମନ୍ଦିର ଐଶାନ୍ୟ କୋଣ ଅର୍ଥାତ୍ ଲଙ୍ଗୁଳି ମଠ ନିକଟରେ ବାସ୍ତୁଶାସ୍ତ୍ର ଅନୁଯାୟୀ ଯଜ୍ଞମଣ୍ଡପ ନିର୍ମାଣ କରାଯାଇଛି । ମଣ୍ଡପର ଲମ୍ବ ୨୪ ଫୁଟ ୩ ଇଞ୍ଚ ଏବଂ ପ୍ରସ୍ଥ ୨୪ ଫୁଟ ୩ ଇଞ୍ଚ ରହିଛି । ବର୍ଗାକାର ଏହି ଯଜ୍ଞମଣ୍ଡପ କଞ୍ଚାଇଟା, ବାଲି, ମାଟି ଏବଂ ଗୋବରରେ ନିର୍ମାଣ ହୋଇଛି । ପ୍ରଥମେ ବାଲି ପକାଯାଇ ତା' ଉପରେ ଇଟା ଯୋଡେଇ କରାଯାଇଛି । ଏହାପରେ ମାଟି ଓ ଗୋବର ପ୍ରଲେପ ଦିଆଯାଇଛି । ଏହା ଉପରେ ଯଜ୍ଞ କୁଣ୍ଡ ନିର୍ମାଣ ହୋଇଛି । ଯଜ୍ଞମଣ୍ଡପ ପୃଷ୍ଠ ଭାଗରୁ ପ୍ରଥମ ଚାଳିର ଉଚ୍ଚତା ୧୨ ଫୁଟ ରହିଥିବା ବେଳେ ଦ୍ୱିତୀୟ ଚାଳିର ଉଚ୍ଚତା ୨୪ ଫୁଟ ରହିଛି । ପ୍ରଥମ ଚାଳିଠାରୁ ଦ୍ୱିତୀୟ ଚାଳିର ଆକାର କ୍ରମଶଃ ଛୋଟ କରାଯାଇଛି । ଏହା ଅଗ୍ରଭାଗରେ ଓଲଟ ଶୁଆ ସହିତ କଳସ ପେଣ୍ଠି ଲଗାଯାଇଛି, ଯାହାଫଳରେ ଯଜ୍ଞମଣ୍ଡପର ଉପରି ଭାଗ ଆହୁରି ଆକର୍ଷଣୀୟ ଲାଗୁଛି । ମଣ୍ଡପ ଉପରି ଭାଗ ବାଉଁଶ ଏବଂ ଛଣରେ ତିଆରି ହୋଇଛି । ଯଜ୍ଞମଣ୍ଡପର ଚାରିପାଖର୍ଶ୍ୱରେ ଚାରି ଦ୍ୱାର ରହିଛି ।

### ଅଙ୍କୁରାରୋପଣ ଗୃହ

ଯଜ୍ଞମଣ୍ଡପ ପାଖାପାଖି ଅଙ୍କୁରାରୋପଣ ଗୃହ ତିଆରି କରାଯାଇଛି । ଏହା ମଧ ସେହିଭଳି ବାଉଁଶ, ନଡ଼ାରେ ନିର୍ମାଣ ହୋଇଛି । ଏହା ମଧ ଦେଖିବା ପାଇଁ ଠିକ୍ ବର୍ଗାକାର ଭଳି । ଏହାର ଲମ୍ବ ୧୦ ଫୁଟ ଏବଂ ଚଉଡ଼ା ମଧ ୧୦ ଫୁଟ ରହିଛି । ଏହି ଘରକୁ ବାଉଁଶ ତାଟିରେ ଆବଦ୍ଧ କରାଯାଇଥିବା ବେଳେ ଏହି ଘର ମଧ୍ୟରେ ଅଙ୍କୁରାରୋପଣ କାର୍ଯ୍ୟ ସମ୍ପନ୍ନ ହେବ । ଯଜ୍ଞମଣ୍ଡପ ଏବଂ ଅଙ୍କୁରୋରୋପଣ ଗୃହ ନିର୍ମାଣରେ ମୁଖ୍ୟତଃ ଇଟା, ବାଲି, ମାଟି, ଗୋବର, ବାଉଁଶ, କାଠ, ଛଣ ବ୍ୟବହାର କରାଯାଇଛି । ବାଲିକୁ ପୋତେଇ ପାଇଁ ବ୍ୟବହାର କରାଯାଇଥିବା ବେଳେ ମାଟି, ଗୋବରର ଲେପ ଦିଆଯାଇଛି । ଉପରି ଭାଗରେ ବାଉଁଶ, କାଠ ଲାଗିଥିବା ବେଳେ ଛଣରେ ଛପର କରାଯାଇଛି ।

### ଚିତା ଓ ପୁଷ୍ପସଜ୍ଜିତ ମଣ୍ଡପ

ଓଡ଼ିଆ ଘରର ପାରମ୍ପରିକ ଝୋଟି ଚିତାରେ ବେଶ୍ ଝଲସୁଛି ଯଜ୍ଞ ମଣ୍ଡପ । ଗେରୁଆ ରଙ୍ଗ ଉପରେ ଧଳା ରଙ୍ଗର ଝୋଟିଚିତା ବେଶ୍ ଆକର୍ଷଣୀୟ ଦେଖାଯାଉଛି । ଏଥିରେ କଳସ, ହଂସ ସହିତ ଡାଳି, ଫୁଲର ଚିତ୍ର କରାଯାଇଛି । ଯଜ୍ଞମଣ୍ଡପ ଚତୁଃପାର୍ଶ୍ୱରେ ଝୋଟିଚିତା ଅଙ୍କା ଯାଇଥିବା ବେଳେ ଅଙ୍କୁରାରୋପଣ ଗୃହ ଚାରିପାଖେ ମଧ ସମାନ ଭାବେ ଝୋଟିଚିତା ଝଲସୁଛି । ରଙ୍ଗ ବେରଙ୍ଗର ଫୁଲରେ ସଜେଇ ହୋଇଛି ଯଜ୍ଞମଣ୍ଡପ ଏବଂ ଅଙ୍କୁରାରୋପଣ ଗୃହ, ଯାହାକି ବେଶ୍ ଆକର୍ଷଣୀୟ ଦେଖାଯାଉଛି । ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସିଥିବା ଶ୍ରଦ୍ଧାଳୁମାନେ କିଛି ସମୟ ଅଟକି ଏହି ଯଜ୍ଞମଣ୍ଡପ ଏବଂ ଅଙ୍କୁରାରୋପଣ ଗୃହକୁ ଦେଖିବା ସହ ଫୁଲର ସାଜସଜ୍ଜାକୁ ମଧ ଦେଉଛନ୍ତି । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ଫୁଲ ସାଜସଜ୍ଜା କରାଯାଇଛି । ଗେଣ୍ଡୁ, ଗୋଲାପ ସାଙ୍ଗକୁ ଅନ୍ୟାନ୍ୟ ଫୁଲରେ ମାଳ କରାଯାଇ ଏହାକୁ ବିଭିନ୍ନ ଢଙ୍ଗରେ ସଜାଯାଇଛି ।

### ୪୮ ଶ୍ରୋତ୍ରୀୟ ବ୍ରାହ୍ମଣ କରିବେ ଯଜ୍ଞ

ତିନିଦିନ ଧରି ହେବାକୁ ଥିବା ଯଜ୍ଞରେ ୪୮ ଜଣ ଶ୍ରୋତ୍ରୀୟ ବ୍ରାହ୍ମଣ ନିୟୋଜିତ ହେବେ । ଏହି ବ୍ରାହ୍ମଣମାନଙ୍କୁ ଶୁକ୍ରବାର ଶ୍ରୀନଅରରେ ବରଣ କରିଛନ୍ତି ଗଜପତି ମହାରାଜା । କିଏ କେଉଁ ଦାୟିତ୍ୱ ତୁଲାଇବେ ତାହାର ମଧ ତାଲିକା ପ୍ରସ୍ତୁତ ହୋଇଯାଇଛି । ନିଜ ନିଜ ଦାୟିତ୍ୱ ସୂଚାରୁ ରୂପେ ସମ୍ପାଦନ କରିବା ପାଇଁ ବ୍ରାହ୍ମଣମାନଙ୍କୁ ବରଣ ସମୟରେ ପରାମର୍ଶ ଦିଆଯାଇଛି ।

### ବେଦପାଠ କରିବେ ୬୦ ବେଦପାଠୀ

ଯଜ୍ଞମଣ୍ଡପ ଭଳି ଶ୍ରୀମନ୍ଦିର ଚାରିଦ୍ୱାରରେ ବେଦ ପାରାୟଣ ପାଇଁ ସ୍ୱତନ୍ତ୍ର ଭାବେ ମଣ୍ଡପ ପ୍ରସ୍ତୁତ କରାଯାଇଛି । ପୂର୍ବ ଦ୍ୱାରରେ ଋକ୍‌ବେଦ, ପଶ୍ଚିମ ଦ୍ୱାରରେ ସାମ୍ ବେଦ, ଉତ୍ତର ଦ୍ୱାରରେ ଅଥର୍ବ ବେଦ ଏବଂ ଦକ୍ଷିଣ ଦ୍ୱାରରେ ଯର୍ଜୁବେଦ ପାରାୟଣ ପାଇଁ ମଣ୍ଡପ ତିଆରି ହୋଇଛି । ପୂର୍ବଦ୍ୱାରରେ ୧୨ ଫୁଟ ଲମ୍ବ ଓ ୧୨ ଫୁଟ ଚଉଡ଼ାର ମଣ୍ଡପ ନିର୍ମାଣ କରାଯାଇଥିବା ବେଳେ ଦକ୍ଷିଣ ଦ୍ୱାରରେ ୧୫ ଫୁଟ ଲମ୍ବ ୧୪ ଫୁଟ ଓସାର, ପଶ୍ଚିମ ଦ୍ୱାରରେ ୧୨ ଫୁଟ ଲମ୍ବ ଏବଂ ୧୨ ଫୁଟ ଓସାର ଏବଂ ଉତ୍ତର ଦ୍ୱାରରେ ୧୫ ଫୁଟ ଲମ୍ବ ୧୪ ଫୁଟ ଓସାର ମଣ୍ଡପ ତିଆରି କରାଯାଇଛି । ଏହି ମଣ୍ଡପରେ ବସି ବେଦପାଠ କରିବେ ୬୦ ବେଦ ପାଠୀ ।

### ବର୍ଗାକାର ଯଜ୍ଞପିଣ୍ଡି ଓ ଯଜ୍ଞକୁଣ୍ଡ

ଯଜ୍ଞକୁଣ୍ଡର ପିଣ୍ଡିର ଲମ୍ବ ୮ ଫୁଟ ୧ ଇଞ୍ଚ ଏବଂ ଚଉଡ଼ା ମଧ ୮ ଫୁଟ ୧ ଇଞ୍ଚ ରହିଛି । ଯେଉଁଥିରେ ହୋମ କରାଯିବ ସେହି କୁଣ୍ଡର ଲମ୍ବ ଏବଂ ଓସାର ୧୮ ଇଞ୍ଚ ଲେଖାଏ ରହିଛି । ଏହାର ଗଭୀର ୩ ଫୁଟ ୯ ଇଞ୍ଚ ରହିଛି । ସେହିପରି ଯଜ୍ଞ ମଣ୍ଡପର ୪ ପାଶ୍ୱର୍ରେ ଗୋଟିଏ ଲେଖାଏଁ ଛୋଟ ଯଜ୍ଞକୁଣ୍ଡ ରହିଛି । ଏହାର ଲମ୍ବ ଏବଂ ଚଉଡ଼ା ୧୫ ଇଞ୍ଚ ଲେଖାଏଁ ରହିଥିବା ବେଳେ ଗଭୀର ୨ ଫୁଟ ୩ ଇଞ୍ଚ ଲେଖାଏ ରହିଛି । ସେହିପରି ପ୍ରତି କୋଣରେ ଗୋଟିଏ ଲେଖାଏ ୪ଟି ସମତଳ ପିଣ୍ଡି ରହିଛି । ଏ ସବୁର ଲମ୍ବ ୨୫ ଇଞ୍ଚ ଏବଂ ପ୍ରସ୍ଥ ୨୫ ଇଞ୍ଚ ରହିଛି । ଯଜ୍ଞମଣ୍ଡପରେ ସମୁଦାୟ ୫ଟି ଯଜ୍ଞକୁଣ୍ଡ ରହିଛି । ଏହିସବୁ କୁଣ୍ଡ ତିନିଥାକିଆ ବିଶିଷ୍ଟ । ମଝିରେ ଗୋଟିଏ ବଡ଼ ଯଜ୍ଞକୁଣ୍ଡ ରହିଥିବା ବେଳେ ଯଜ୍ଞମଣ୍ଡପର ଚାରିପାଶ୍ୱର୍ରେ ଗୋଟିଏ ଲେଖାଏ ଛୋଟ ଯଜ୍ଞକୁଣ୍ଡ ରହିଛି । ତଳ ଥାକକୁ କଳାରଙ୍ଗ, ମଝି ଗେରୁ ଏବଂ ଉପର ଧଳାରଙ୍ଗ ଦିଆଯାଇଛି ।

### ପୁଲିସ୍-ଆମ୍ବୁଲାନ୍ସ ୨୪ ଘଣ୍ଟା ସଜାଗ

ଆଜି ଯଜ୍ଞ ମଣ୍ଡପରେ ଅଙ୍କୁରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ ଓ ଆଗାମୀ ଦିନରେ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ହେବାକୁ ଥିବାରୁ ପୁରୀ ର କୋଣ ଅନୁକୋଣ ରେ ପୁଲିସ ତନ୍ନ ତନ୍ନ କରି ଜଗି ରହିଛି । ଶୃଙ୍ଖଳିତ ବ୍ୟବସ୍ଥା ମଧ୍ୟରେ ସବୁ କାର୍ଯ୍ୟ ଯେମିତି ସମାପନ ହୋଇ ପାରିବ ସେଥି ପାଇଁ ଶ୍ରୀ ମନ୍ଦିର ପ୍ରଶାସନ,ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଆଗୁଆ ପଦକ୍ଷେପ ମଧ ଗ୍ରହଣ କରିଛନ୍ତି । ଭକ୍ତ ଓ ଭଗବାନଙ୍କ ଏ ମହା ମିଳନରେ ଟିକେ ବି ଅସୁବିଧା ନ ହେବା ପାଇଁ ନିଜେ ଜିଲ୍ଲାପାଳ ସମର୍ଥ ବର୍ମା ସ୍ଥିତିର ଅନୁଧାନ କରୁଛନ୍ତି । ଓଡ଼ିଶା ପୁଲିସ, ଆଇଆରବି ଭଳି ପୁଲିସ ଫୋର୍ସ ମୁତୟନ ଅଛନ୍ତି । ଟିକିନିଖି ଯାଞ୍ଚ କରୁଛନ୍ତି ସେମାନେ । ଭକ୍ତଙ୍କ ପାଇଁ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କରାଯାଇଛି ।ବରିଷ୍ଠ ନାଗରିକ ସହାୟତା କେନ୍ଦ୍ର ମଧ ବରିଷ୍ଠ ଲୋକଙ୍କୁ ସହାୟତା ଯୋଗାଉଛି । ପୁଲିସ ଛାଉଣି ମଧ୍ୟେ ସ୍ଥାନେ ସ୍ଥାନେ ଗଢ଼ି ଉଠିଛି ପୁଲିସ ର ସେବା ରେ । ଭକ୍ତର କିଛି ଅସୁବିଧା ହେଲେ ପ୍ରାଥମିକ ଚିକିତ୍ସା ପାଇଁ ମଧ ୨୪ ଘଣ୍ଟିଆ ଆମ୍ବୁଲାନ୍ସ ସେବା ଉପଲବ୍ଧ କରାଯାଇଛି ରାଜ୍ୟ ସରକାର , ଜିଲ୍ଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ । ଶୌଚ,ଗାଡ଼ି ପାର୍କିଂ, ଜୋତା ରଖିବା ସ୍ଥାନ ଓ ପାନୀୟର ମଧ ବ୍ୟବସ୍ଥା କରାଯାଇଛି । ତାହା ସହ ଧାଡ଼ି ବ୍ୟବସ୍ଥାରେ ଦର୍ଶନ ପାଇଁ ଏସି ଟନେଲର ବ୍ୟବସ୍ଥା ରହିଛି ।

### ଗଣମାଧ୍ୟମ ପାଇଁ ମିଡିଆ ଗ୍ୟାଲେରୀ

ଶ୍ରୀ ଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପର ଟିକି ନିକି ଖବର ଭକ୍ତ ଦେଖିବ । ଦେଶ,ବିଦେଶ ଓ ରାଜ୍ୟର ସରକାରୀ ବେସରକରୀ ଗଣମାଧ୍ୟମ ସଂସ୍ଥା ଏଥିପାଇଁ ଅହରହ କାର୍ଯ୍ୟ କରୁଛନ୍ତି । ପ୍ରତିଟି ଦୃଶ୍ୟକୁ ସେମାନେ କ୍ୟାମେରାରେ କଏଦ୍ କରି ବିଶ୍ୱରେ ଜଗନାଥଙ୍କ ଗୁଣଗାନ କରୁଛନ୍ତି ।ସେମାନଙ୍କ ପ୍ରସାରଣ ରେ ଯେମିତି ଅସୁବିଧା ହେବନି ସେଥି ପାଇଁ ଶ୍ରୀ ମନ୍ଦିର ପ୍ରଶାସନ ପକ୍ଷରୁ ମିଡିଆ ଗ୍ୟାଲେରୀ ଖୋଲା ହୋଇଛି । ସେଠି ସେମାନେ ରହି ଏହି କାମକୁ ସୁରୁଖୁରୁରେ ତୁଲାଇ ପାରିବେ । ଫଳରେ ସବୁ ପରିକ୍ରମା ପ୍ରକଳ୍ପର ସବୁ କାମ ଖବରକାଗଜ, ଟେଲିଭିଜ ଓ ଅନ୍ୟ ଗଣମାଧ୍ୟମ ସହାୟତାରେ ଭକ୍ତଙ୍କ ପାଖରେ ସହଜରେ ପହଞ୍ଚି ପାରିବ । ତାହା ଦ୍ୱାରା ଲୋକେ ପୁରୀ ନ ଆସି ବି ଉପକୃତ ହେବେ ।









## ଯଜ୍ଞର ଶାସ୍ତ୍ରୀୟତା

ବେଦରେ ଯଜ୍ଞ ସମ୍ବନ୍ଧରେ କୁହାଯାଇଛି ଯେ - ଯଜ୍ଞ ହିଁ ସମସ୍ତ ଭୂବନର କେନ୍ଦ୍ର ଅଟେ ( ଅୟଂଯଜ୍ଞୋ ଭୁବନସ୍ୟ ନାଭିଃ ଶୁକ୍ଲ-ଯଜୁର୍ବେଦ - ୨୩/୧୧ ଏବଂ ଯଜ୍ଞୋ ବିଶ୍ୱସ୍ୟ ଭୁବନସ୍ୟ ନାଭିଃ – ଅଥର୍ବବେଦ-୯।୧୦।୧୪) । ଯଜ୍ଞ ହିଁ ପୃଥିବୀକୁ ଧାରଣ କରିଛି (ଯଜ୍ଞାଃ ପୃଥିବୀଂ ଧାରୟନ୍ତି) । ଯଜ୍ଞ ସାକ୍ଷାତ ଭବବାନଙ୍କ ସ୍ୱରୂପ । କାଳିକା ପୁରାଣେ ଅନୁସାରେ (୩୧/୪୦) - ସର୍ବଂ ଯଜ୍ଞମୟଂ ଜଗତ୍ । ଅର୍ଥାତ୍ ଏହି ସମ୍ପୂର୍ଣ୍ଣ ଜଗତ୍ ଯଜ୍ଞମୟ, ସମସ୍ତ କର୍ମ ଯଜ୍ଞମୟ ଏବଂ ଭବନ, ସ୍ୱାଧ୍ୟାୟ, ଅଧ୍ୟୟନ, ସନ୍ଧ୍ୟା ତର୍ପଣ ଆଦି ସଂସ୍କାର ଯଜ୍ଞରୂପ ଅଟନ୍ତି । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯଜ୍ଞର ବ୍ୟାପ୍ତି ରହିଛ । ଶ୍ରୀମଦ୍ ଭଗତବତ୍‌ଗୀତା( ୪/୨୮ ) ରେ ଭଗବାନ ଦ୍ରବ୍ୟ ଯଜ୍ଞ, ତପୋଯଜ୍ଞ, ଯୋଗଯଜ୍ଞ ତଥା ସ୍ୱାଧ୍ୟାୟ ଯଜ୍ଞାଦିର ଉଲ୍ଲେଖ କରି ସେ ସବୁକୁ ଯଜ୍ଞର ରୂପ ଦେଇଛନ୍ତି(ଦ୍ରବ୍ୟଯଜ୍ଞାସ୍ତପୋଜଜ୍ଞା ଯୋଗଯଜ୍ଞାସ୍ତଥାରେ, ସ୍ୱାଧ୍ୟାୟଜ୍ଞାନଯଜ୍ଞାଶ୍ଚ ଯତୟଃ ସଂଶିତବ୍ରତାଃ) ଛାନ୍ଦୋଗ୍ୟୋପନିଷଦ୍ (୫।୭) ରେ ଉଲ୍ଲେଖ ଅଛି- ହେ ଗୌତମ । ପୁରୁଷ ହିଁ ଅଗ୍ନି, ତା'ର ବାଣୀ ସମିଧ, ପ୍ରାଣ ଧୂମ, ଜିହ୍ୱା ଜ୍ୱାଳା, ଚକ୍ଷୁ ଅଙ୍ଗାର, କାନ ସ୍ଫୁଲିଙ୍ଗ, ସେହି ଅଗ୍ନିରେ ଦେବଗଣ ଅନ୍ନର ହୋମ କରନ୍ତି । ସେହି ଆହୁତିରୁ ରେତ ରୂପକ ଶକ୍ତିପୁଞ୍ଜ ଉତ୍ପନ୍ନ ହୁଏ । ମୁଣ୍ଡୋନିପନିଷ(୧।୨।୭) ରେ ଯଜ୍ଞକୁ ସଂସାର ସାଗରକୁ ପାର (ମୁକ୍ତ) ହେବା ପାଇଁ ପ୍ଲବ ଅର୍ଥାତ୍ ନୌକା କୁହାଯାଇଛି(ପ୍ଲବ ହ୍ୟେତେ ଅଦୃତା ଯଜ୍ଞରୂପାଃ)

ଏହିପରି ଯେତେବଳେ ସାଂସାରିକ ସମସ୍ତ କାର୍ଯ୍ୟ ଯଜ୍ଞ ଅଟନ୍ତି, ତେଣୁ ଯଜ୍ଞଗୁଡ଼ିରେ ଅନୁଷ୍ଠାନ ସବିଧି ଓ ସନିୟମ କରିବା ଉଚିତ୍, ଯଦ୍ୱାରା ଯଜ୍ଞ ମାନବମାତ୍ର ନିମିତ୍ତ କଲ୍ୟାଣକାରୀ ହେବ । ଜଗନିୟନ୍ତା ଜଗନ୍ନାଥ ମଧ ଯଜ୍ଞସ୍ୱରୂପରେ ହିଁ ପୂର୍ଣ୍ଣ ପ୍ରକାଶମାନ ହୋଇ ଯଜ୍ଞପରାୟଣ ପୁରୁଷଙ୍କ ଦ୍ୱାରା ପୂଜିତ ହୋଇ 'ଯଜ୍ଞପୁରୁଷ' ଭାବେ ଅଭିହିତ ହୁଅନ୍ତି - ଯଜ୍ଞୋ ବୈ ପୁରୁଷଃ ଯଜ୍ଞୋ ବୈ ବିଷ୍ଣୁ ।(ଶତପଥ ବ୍ରାହ୍ମଣ) । ଯେଉଁ କର୍ମ ବିଶେଷରେ ଦେବତା, ହୃବନୀୟ ଦ୍ରବ୍ୟ, ବେଦମନ୍ତ୍ର, ଋତିଜ ଏବଂ ଦକ୍ଷିଣା - ଏହି ପାଞ୍ଚୋଟିର ସଂଯୋଗ ଥାଏ ତାହାକୁ ଯଜ୍ଞ କହନ୍ତି । ପୂର୍ବ ମୀମାଂସରେ ଯଜ୍ଞାଦିକୁ ଧର୍ମ ଶ୍ରେଣୀଭୁକ୍ତ କରାଯାଇଛି - ଯାଗାଦି ରେବ ଧର୍ମଃ ।

ରାଜର୍ଷି ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ସହସ୍ର ଅଶ୍ୱମେଧ ଯାଗ ପୂର୍ବକ ଚତୁର୍ଦ୍ଧାମୂର୍ତ୍ତିଙ୍କର ଆବିର୍ଭାବ ପରେ ଦେବତାମାନେ ସ୍ତୁତି କରି କହିଛନ୍ତି

ତ୍ୱମେବ ଯଜ୍ଞୋ ଯଜ୍ଞାଂଶସ୍ତ୍ୱଂ ଯଜ୍ଞେଶଃ ପରାତ୍ପରଃ, ଶଦ୍ଦବ୍ରହ୍ମଂପରଂ ତ୍ୱଂ ହି ଶଦ୍ଦବ୍ରହ୍ମାସି ବିଶ୍ୱରାଟ୍ (ପୁରୁଷୋତ୍ତମ ମାହାତ୍ମ୍ୟ - (୨୪/୧୫)

ଅର୍ଥାତ ଆପଣ ଯଜ୍ଞ, ଯଜ୍ଞର ଅଙ୍ଗ ତଥା ପରାତ୍ପର ଯଜ୍ଞେଶ୍ୱର ଅଟନ୍ତି । ଆପଣ ଶଦ୍ଦବ୍ରହ୍ମ (ବେଦରାଶିରେ) ଗୋଚର ତଥା ସ୍ୱୟଂ ଶଦ୍ଦବ୍ରହ୍ମ ଓ ବିଶ୍ୱସମ୍ରାଟ ଅଟନ୍ତି ।

ଋଗ୍‌ବେଦୀୟ ପୁରୁଷସୂକ୍ତରେ କୁହାଯାଇଛି-

ଯଜ୍ଞେନ ଯଜ୍ଞମୟଜନ୍ତ ଦେବାସ୍ତାନି ଧର୍ମାଣି ପ୍ରଥମାନ୍ୟାସ୍‌ନ, ତେହିନାକଂ ମହିମାନଃ ସଚନ୍ତ ଯତ୍ର ପୂର୍ବେସାଧ୍ୟାଃ ସନ୍ତି ଦେବାଃ

ଅର୍ଥାତ ଦେବତାମାନେ ଯଜ୍ଞ ଦ୍ୱାରା ଯଜ୍ଞସ୍ୱରୂପ ପରମପୁରୁଷଙ୍କ ଯଜନ (ଆରାଧନା) କଲେ । ଏହି ଯଜ୍ଞରୁ ସର୍ବପ୍ରଥମେ ଧର୍ମ ଉତ୍ପନ୍ନ ହେଲେ , ଧର୍ମାଚରଣ ଦ୍ୱାରା ମହାନ ମହିମାଯୁକ୍ତ ହୋଇ ଦେବତାମାନେ ସ୍ୱର୍ଗଲୋକ ଗମନ କଲେ ଯେଉଁଠାରେ ପ୍ରାଚୀନ ସାଧ ଦେବତା ନିବାସ କରନ୍ତି ।

ଯଜ୍ଞକର୍ତ୍ତାଙ୍କ ଚରମଲକ୍ଷ୍ୟ ହେଲା-ଯଜ୍ଞ ପୁରୁଷଙ୍କ ପରମଧାମର ପ୍ରାପ୍ତି(ଯଦ୍ ଗତ୍ୱା ନ ନିବର୍ତ୍ତନ୍ତେ ତଦ୍‌ଧାମ ପରମଂ ମମ) । ସେଠାରେ ପହଞ୍ଚିବା ପରେ ଆଉ ଫେରିବାକୁ ହୁଏ ନାହିଁ, ପରମପୁରୁଷଙ୍କ ସହ ଏକାତ୍ମ୍ୟ ସ୍ଥାପିତ ହୋଇଯାଏ ।

ଡ. ଶ୍ରୀନିବାସ ଆଚାର୍ଯ୍ୟ
୯୮୬୧୪୪୬୫୫

## ଯଜ୍ଞରୂପ ଜଗନ୍ନାଥ

ଶ୍ରୀମନ୍ଦିର ଗରୁଡ଼ସ୍ତମ୍ଭ ଉପରେ ଚିତ୍ରିତ ଯଜ୍ଞ ଜଗନ୍ନାଥ । ଏହି ମୂର୍ତ୍ତିକୁ ଯଜ୍ଞ ନୃସିଂହ ମୂର୍ତ୍ତି ମଧ କୁହାଯାଏ । କାରଣ ଦେବର୍ଷି ନାରଦଙ୍କ ନିର୍ଦ୍ଦେଶରେ ରାଜା ଇନ୍ଦ୍ରଦ୍ୟୁମ୍ନ ଯେଉଁ ଯଜ୍ଞ କରିଥିଲେ ସେହି ଯଜ୍ଞାନଳ ଶିଖା ମଧ୍ୟରେ ନୃସିଂହ ରୂପୀ ଜଗନ୍ନାଥଙ୍କ ସହିତ ଶେଷଦେବ ଅନନ୍ତ ଏବଂ ସୁଭଦ୍ରାରୂପୀ ଲକ୍ଷ୍ମୀଙ୍କୁ ଗୋଟିଏ ଚକ୍ରର ନିମି ମଧ୍ୟରେ ଦର୍ଶନ କରିଥିଲେ । ସହସ୍ରଫଣାଯୁକ୍ତ ଶେଷଦେବ ବଳଭଦ୍ରଙ୍କ କୋଳରେ ନୃସିଂହ ରୂପୀ ଜଗନ୍ନାଥ ଏବଂ ତାଙ୍କ କୋଳରେ ସୁଭଦ୍ରାରୂପିଣୀ ଲକ୍ଷ୍ମୀ ବିରାଜିତା । ଏଠରେ ଶ୍ରୀଜଗନ୍ନାଥ ଚତୁର୍ଭୁଜ ବିଶିଷ୍ଟ ଏବଂ ଶଙ୍ଖଚକ୍ରଗଦାପଦ୍ମ ଧାରଣ କରିଛନ୍ତି । ପୁନଃ ସତ୍ୟଯୁଗର ପ୍ରଥମ ଜ୍ୟେଷ୍ଠମାସର ଅମାବାସ୍ୟା ତିଥରେ ସ୍ୱୟଂଭୁବ ମନୁ ଏକ ଯଜ୍ଞ କରିଥିଲେ । ସେହି ଯଜ୍ଞବେଦୀରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଜ୍ୟେଷ୍ଠପୂର୍ଣ୍ଣିମା ଦିନ ଅବତୀର୍ଣ୍ଣ ହୋଇଥିଲେ । ସୁତରାଂ ଜ୍ୟେଷ୍ଠମାସର ପୂର୍ଣ୍ଣିମା ହେଉଛି ମହାପ୍ରଭୁଙ୍କ ଜନ୍ମବାସର । (ସ୍ନାନପୂର୍ଣ୍ଣିମା)

ମହାପ୍ରଭୁ ରାଜର୍ଷି ଇନ୍ଦ୍ରଦ୍ୟୁମ୍ନଙ୍କୁ କହିଥିଲେ -

କୃତସ୍ୟ ପ୍ରଥମେ ଜ୍ୟେଷ୍ଠ ଦର୍ଶେତି କ୍ରତୁସଂସ୍ଥିତି, ଜ୍ୟୋଷ୍ଠ୍ୟାମହଂ ଚାବତୀର୍ଣ୍ଣସ୍ତତ୍ ପୁଣ୍ୟଜନ୍ମ ବାସରମ୍ ।

(ସତ୍ୟଯୁଗରେ ପ୍ରଥମ ଜ୍ୟୋଷ୍ଠମାସର ଗ୍ରୀଷ୍ମଋତୁରେ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ମୁଁ ଅବତୀର୍ଣ୍ଣ ହୋଇଅଛି । ଏଣୁ ଦିବସଟି ମୋର ପୂଣ୍ୟତିଥି । )

# ମନ ମୋହୁଛି ଗାରିଆଡୁଡୁମା ଝରଣା; ଟାଣି ହେଉଛନ୍ତି ପର୍ଯ୍ୟଟକ

**ମାଲକାନଗିରି,୧୨।୧(ସମିସ):** ପ୍ରକୃତି କୋଳରେ ରହିଛି ମାଲକାନଗିରି ଜିଲ୍ଲା। ଅନେକ ପ୍ରାକୃତିକ ସ୍ଥାନ, ନଦୀ, ଝରଣା ସହ ଗଗନ ଚୁମ୍ବି ବିଶାଳ ପାହାଡ଼ମାଳା ଲୋକଙ୍କୁ ବେଶ୍ ଆକୃଷ୍ଟ କରୁଥିବାବେଳେ ଜିଲ୍ଲାରେ ଏପରି ଅନେକ ସ୍ଥାନ ରହିଛି ଯାହାକି ଲୋକଲୋଚନ ଠାରୁ ଦୂରରେ ରହିଛି। ତେବେ ଏପରି କିଛି ସ୍ଥାନ ଅଛି ଯାହା ଲୋକଲୋଚନକୁ ଆସିବା ପରେ ସେଠାରେ ଲୋକଙ୍କ ଭିଡ଼ ଜମୁଛି। ଜିଲ୍ଲାର ଅନେକ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ସ୍ଥାନ ମଧ୍ୟରେ ବର୍ତ୍ତମାନ ଲୋକଙ୍କୁ ବେଶ୍ ଆକୃଷ୍ଟ କରିପାରିଛି ବଣ ପାହାଡ଼ ଘେରା ମଧ୍ୟରେ ଥିବା ଜଳପ୍ରପାତ ଯାହାର ନାମ ଗାରିଆଡୁଡୁମା। ଏହି ଜଳପ୍ରପାତ ମାଲକାନଗିରି ଜିଲ୍ଲାର ମାଥିଲି ବ୍ଲକ୍ ଅନ୍ତର୍ଗତ ଉଦୁଲିବେଡ଼ା ପଞ୍ଚାୟତ ଅଧୀନରେ ଗୋବିନ୍ଦପାଲି ଛକରୁ ମାତ୍ର ୭ କିଲୋମିଟର ଗଲା ପରେ ପଡେ। ପାହାଡ଼ ଘେରା ବଣଜଙ୍ଗଲର ମନୋରମ ପରିବେଶ ଭିତରେ ଏହି ଝରଣା ପ୍ରତିଟି ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଥିବା ସହ ଏହି ଜଳପ୍ରପାତକୁ ପାହାଡ଼ ଉପରୁ ସିଧାସଳଖ ଦେଖିବା ସହ ମନ ଭରି ମଜା ନେଉଛନ୍ତି ପର୍ଯ୍ୟଟକ। ଏଠାକୁ ପ୍ରତିଦିନ



ଦୂରଦୂରାନ୍ତରୁ ଆସୁଥିବା ଲୋକଙ୍କ ଖଚାଖଚ ଭିଡ଼ ସହ ବଣଭୋଜିର ଆସର ଜମୁଛି। ଏହି ଜଳପ୍ରପାତଟି ଲୁକ୍କାୟତ ଅବସ୍ଥାରେ ଥିବାବେଳେ ଗତ କିଛି ବର୍ଷ ହେବେ ଏହା ଲୋକଲୋଚନକୁ ଆସିବା ପରେ ଏହାର ବିକାଶ କରିବା ପାଇଁ ପଞ୍ଚାୟତର ଅଧିକାରୀ ଓ ସ୍ଥାନୀୟ ଲୋକମାନେ ବ୍ୟାପକ ବ୍ୟବସ୍ଥା କରିଛନ୍ତି। ମୋରମ ରାସ୍ତା ସହିତ ସେହି ସ୍ଥାନରେ ଯାନବାହାନ ମଧ୍ୟ ଯିବାର ସୁବିଧା କରାଯାଇଥିବା ବେଳେ ଝରଣା ନିକଟରେ କାଠପୋଲ ଓ ସ୍ଥାନକୁ ସ୍ୱଚ୍ଛ ରଖିବାକୁ ପଦକ୍ଷେପ ନେଇଛନ୍ତି ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ ମହାରଣା। ତେବେ ଏଠାରେ ଥିବା ଏହି ଝରଣାର କୁଳକୁଳ ଶବ୍ଦ ନିତିଦିନ ପ୍ରକୃତି ପ୍ରେମୀଙ୍କୁ ଟାଣି ଆଣୁଥିବା ବେଳେ ନୂଆ ବର୍ଷ ସମୟରେ ଲୋକଙ୍କ ଭିଡ଼ ଜମୁଛି। ଜିଲ୍ଲାରେ ଏହିପରି ଅନେକ ସ୍ଥାନ ରହିଥିବାବେଳେ ସେଗୁଡ଼ିକ ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାସହ ଏହାର ଉନ୍ନତିକରଣ କଲେ ଜିଲ୍ଲାରେ ଅନେକ ପର୍ଯ୍ୟଟକଙ୍କ ସମାଗମ ହେବେ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

# ବ୍ଲକ୍‌ସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର

**ମୁନିଗୁଡ଼ା,୧୨।୧(ସମିସ):** ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା କ୍ଲଷ୍ଟର୍ ହାଉସ୍ ପରିସରରେ ଓଡ଼ିଶା ଜୀବିକା ମିଶନ, ମୁନିଗୁଡ଼ା ବ୍ଲକ୍ ଦ୍ୱାରା ଆୟୋଜିତ ହୋଇଯାଇଛି। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ତଥା ଜିଲ୍ଲା ପ୍ରଶାସନ ପ୍ରାୟୋଜିତ ବ୍ଲକସ୍ତରୀୟ ପରାମର୍ଶ ଶିବିର ଓଡ଼ିଶା ଜୀବିକା ମିଶନ ବ୍ଲକ ସଂଯୋଜକ କ୍ଷୀରୋଦ କୁମାର ଭୂୟାଁଙ୍କ ସଭାପତିତ୍ୱ ଓ ଗ୍ରାମ ରୋଜଗାର ସେବକ ଅଜିତ ନାଗଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ବିଡିଓ ପ୍ରିତମ କୁମାର ତନ୍ତୀ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବରେ ଜିଲ୍ଲା ଦକ୍ଷତାଭିତ୍ତିକ କର୍ମ ନିୟୋଜନ ଅଧିକାରୀ ତତ୍ତ୍ୱମଶି ମହାପାତ୍ର, ସମ୍ମାନିତ ଅତିଥି ଭାବରେ ଘମଟଗୁଡ଼ା ସରପଞ୍ଚ ଅନନ୍ତ ନୁଣ୍ଡୁକା ଓ ୟଙ୍ଗ ପ୍ରଫେସନାଲ ଅଧିକାରୀ ଶିବମ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଶିବିରର ଉଦଘାଟନ କରିଥିଲେ। ଏହି ଶିବିରରେ ସିଟିସିସି ୟୁଜିଏମ ଆଇଟି, ଗ୍ରାମତରଙ୍ଗ, ସିପେଟ,ସରକାରୀ ଆଇଟିଆଇ ରାୟଗଡ଼ା ଓ ବିଷମକଟକ ଭଳି ଅନେକ ତାଲିମଦାତା ସଂସ୍ଥା ଯୋଗଦେଇ ଉପସ୍ଥିତ ୧୮ ରୁ ୩୫ ବର୍ଷ ବୟସର ଯୁବକଯୁବତୀଙ୍କୁ ନିଜ ନିଜ ସଂସ୍ଥାନରେ ଦକ୍ଷତାଭିତ୍ତିକ ତାଲିମ ଦେଇ ରୋଜଗାରକ୍ଷମ କରାଇବାକୁ ପରାମର୍ଶ ଦେଇଥିଲେ। ଦକ୍ଷତାଭିତ୍ତିକ ନିଯୁକ୍ତି ଆଶାୟୀ ଯୁବକଯୁବତୀମାନେ ସଂସ୍ଥାମାନଙ୍କ ପାଖକୁ ଯାଇ ସେମାନଙ୍କ ନାମ ରେଜିଷ୍ଟ୍ରି କରିଥିଲେ। ଜିଲ୍ଲା କର୍ମ ନିୟୋଜନ ଅଧିକାରୀ ଶ୍ରୀ ମହାପାତ୍ର ଶିବିରାର୍ଥୀମାନଙ୍କୁ ଦକ୍ଷତାଭିତ୍ତିକ ନିଯୁକ୍ତି, ଆତ୍ମ ନିଯୁକ୍ତି ଓ ଆତ୍ମନିର୍ଭରଶୀଳ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ଯୁବକଯୁବତୀମାନେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଅନୁଷ୍ଠାନରେ ତାଲିମ ଗ୍ରହଣ କରି



ନିଯୁକ୍ତି ହାସଲ କରିବାକୁ ବିଡିଓ ଶ୍ରୀ ତନ୍ତୀ ଆହ୍ୱାନ ଦେବା ସହ ମୁନିଗୁଡ଼ାରେ ଏକ ଦକ୍ଷତା ତାଲିମ କେନ୍ଦ୍ର ଖୋଲିବାକୁ ଜିଲ୍ଲା ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ୧୫୫ଜଣ ବେକାର ଯୁବକଯୁବତୀ ଦକ୍ଷତା ତାଲିମ ପାଇଁ ପଞ୍ଜୀକରଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକର ସମସ୍ତ ଓଏଲଏମ କର୍ମଚାରୀ,ଏମବିକେ, ସିଆରସି, ଜିଆରଏସମାନେ ସହାୟତା କରିଥିଲେ। ଶେଷରେ ବିପିଏମ ଶ୍ରୀ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଉମରକୋଟ ବ୍ଲକ୍‌ରେ ଇଭିଏମ୍ ଓ ଭିଭିପାଟ୍ ପ୍ରଦର୍ଶନ



**ଉମରକୋଟ,୧୨।୧(ସମିସ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକରେ ଆରମ୍ଭ ହୋଇଛି ଇଭିଏମ୍ ଓ ଭିଭିପାଟ୍ ପ୍ରଦର୍ଶନ କାର୍ଯ୍ୟକ୍ରମ। ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ନିର୍ବାଚନ କମିସନଙ୍କ ନିର୍ଦ୍ଦେଶ କ୍ରମେ ଉମରକୋଟ ବିଡିଓ ପ୍ରୀତିରଞ୍ଜନ ରଥଙ୍କ ତତ୍ତ୍ୱାବଧାନରେ ଶୁକ୍ରବାରଠାରୁ ଉମରକୋଟ ବ୍ଲକରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଉମରକୋଟ ବ୍ଲକ୍ ଅଧୀନରେ ଥିବା ୨୬ଟି ପଞ୍ଚାୟତର ପ୍ରାୟ ୧୨୨ଟି ବୁଥର ଭୋଟରଙ୍କୁ ଭୋଟ୍ ଦେବାର ପ୍ରକ୍ରିୟା ବିଷୟରେ ସଚେତନ କରାଯିବ। ଉମରକୋଟ ବ୍ଲକରେ ଏହାର ସଚେତନତା ରଥ ସରକାରୀ ଛୁଟିଦିନକୁ ବାଦ୍ ଦେଇ ଫେବୃଆରୀ ୨୮ ତାରିଖ ଯାଏଁ ବୁଲିବ। ଲୋକଙ୍କୁ ଇଭିଏମ୍ ଓ ଭିଭିପାଟର କାର୍ଯ୍ୟ ବିଷୟରେ ବୁଝାଇବାକୁ ତିନିଟି ଟିମ୍ ଗଠନ କରାଯାଇଛି। ପ୍ରତ୍ୟେକ ଟିମରେ ୩ ଜଣ ଲେଖାଏଁ ଅଧିକାରୀ ରହିଛନ୍ତି। ସେମାନେ ହେଲେ ବିଧୁଭୂଷଣ ବେହେରା, ହନୁ ନାୟକ, ବାସୁଦେବ ମଣ୍ଡଳ, ଆଦିତ୍ୟ ନାରାୟଣ ସିଂ, ଭବତୋଷ ବାଛର, ଫୁଲ ସିଂ ଗଣ୍ଡ, ଦେବାଶିଷ ମିଶ୍ର, ପଦ୍ମ ଚରଣ ଭକ୍ତ, ପ୍ରଦୀପ ରାୟ ପ୍ରମୁଖ ଅଧିକାରୀମାନେ ରହିଛନ୍ତି। ତିନିଟି ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ବ୍ଲକ କାର୍ଯ୍ୟାଳୟଠାରେ ପରୀକ୍ଷାମୂଳକ ଭାବେ ଇଭିଏମ୍ ଓ ଭିଭିପାଟ୍ ଯନ୍ତ୍ରକୁ ପରୀକ୍ଷା କରାଯାଇଥିଲା। ଇଭିଏମ୍ ମେସିନରେ ପ୍ରାର୍ଥୀଙ୍କ ନାମ ରହିଥିବ, ଯେଉଁ ପ୍ରାର୍ଥୀଙ୍କୁ ଭୋଟର ଭୋଟ୍ ଦେବେ ସେହି ପ୍ରାର୍ଥୀଙ୍କ ନାମ ଭିଭିପାଟ୍‌ରେ ଆସିବ। ଯଦି ଭିଭିପାଟ୍‌ରେ ସେହି ନାମ ବା ଚିହ୍ନ ନ ଆସେ ତାହେଲେ ସେହିକ୍ଷଣି ଭୋଟର ଉକ୍ତ ବୁଥର ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଅଭିଯୋଗ କରିବେ ଓ ସେହି ସମୟରେ ହିଁ ଉକ୍ତ ସମସ୍ୟାର ସମାଧାନ କରାଯିବ ବୋଲି ବିଡିଓ ପ୍ରୀତିରଞ୍ଜନ ରଥ ଉପସ୍ଥିତ ଥିବା ସମସ୍ତଙ୍କୁ ଅବଗତ କରିଥିଲେ। ଏହି ସମୟରେ ତିନିଟି ରାଜନୈତିକ ଦଳର ପ୍ରତିନିଧି ଓ ଅନ୍ୟାନ୍ୟ ସଦସ୍ୟସଦସ୍ୟା ଏବଂ ବ୍ଲକ ଅଧିକାରୀମାନେ ଉପସ୍ଥିତ ଥିଲେ। ସରପଞ୍ଚ ମାଳତୀ ମାଝୀ, କିଆବତୀ ଗଣ୍ଡ, ସମିତିସଭ୍ୟ ବିକ୍ରମ ସିଂ, ଦେବୀସିଂ ମାଝୀ, ମନୋଜ ଧଳ, ମାର୍କଣ୍ଡ ସାହୁ, ପର୍ଶୁ ନାୟକ, ବାପି ମଲ୍ଲିକ ରହିଥିବାବେଳେ ବିଡିଓ ପ୍ରୀତିରଞ୍ଜନ ରଥ, ପଞ୍ଚାୟତ ଅଧିକାରୀ ଦେବାଶିଷ ଦାସ, ତନ୍ମୟୀ ପଟ୍ଟନାୟକଙ୍କ ବ୍ୟତୀତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ଯୁବ ଦିବସ

# 'ରାଷ୍ଟ୍ରୀୟ ସେବା ଓ ରାଷ୍ଟ୍ର ଗଠନରେ ଯୁବପିଢ଼ି ସାମିଲ ହେବା ଉଚିତ'



















**ସୁନାବେଡ଼ା,୧୨।୧(ସମିସ):** ସୁନାବେଡ଼ା ମହିଳା ଡିଗ୍ରୀ ମହାବିଦ୍ୟାଳୟଠାରେ ଜାତୀୟ ସେବା ଯୋଜନା ଏବଂ ଯୁବ ରେଡକ୍ରସର ମିଳିତ ଆନୁକୁଲ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉପଲକ୍ଷେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଉଷାରାଣୀ ଦାସ ସଭାକାର୍ଯ୍ୟ ପରିଚାଳନା କରିବା ସହ ଏକ କ୍ଷୁଦ୍ର ଗଳ୍ପ ମାଧ୍ୟମରେ କିପରି ସଚ୍ଚୋଟତା ଓ ଆତ୍ମସମ୍ମାନ ରୂପକ ଧନକୁ ଆଧାର କରି ବର୍ତ୍ତମାନର ଯୁବପିଢ଼ି ନିଜର ଚରିତ୍ର ଗଠନ ସହ ରାଷ୍ଟ୍ର ଗଠନରେ ନିଜକୁ ନିୟୋଜିତ କରିପାରିବେ ତାହା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଏବିଭିପି ପରିଚାଳନା ସମ୍ପାଦକ ତନ୍ମୟ ପ୍ରଧାନ ଯୋଗଦେଇଥିବା ବେଳେ ମୁଖ୍ୟଅତିଥି ଭାବେ ଏବିଭିପି ଜାତୀୟ ସମ୍ପାଦକ ବୁଦ୍ଧଦେବ ବାଘ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାରତୀୟତା ହିଁ ପ୍ରକୃତ ଆଧୁନିକତା ଉପରେ ଆଲୋକପାତ କରି ସ୍ୱାମୀ ବିବେକାନନ୍ଦଙ୍କ ବିଶ୍ୱସ୍ତରୀୟ ଅବଦାନ ଓ ଯୁବପିଢ଼ିଙ୍କୁ ତାଙ୍କର ଆହ୍ୱାନକୁ ବିଭିନ୍ନ ଉଦାହରଣ ମାଧ୍ୟମରେ ବୁଝାଇବା ସହ ଯୁବାବସ୍ଥାରୁ ଯୁବପିଢ଼ି କିପରି ଛୋଟ ଛୋଟ କାର୍ଯ୍ୟ ଦ୍ୱାରା ସମାଜ ତଥା ରାଷ୍ଟ୍ରୀୟ ସେବା ଓ ରାଷ୍ଟ୍ର ଗଠନରେ ନିଜକୁ ନିୟୋଜିତ କରିବା ଉଚିତ ତାହା ଉପରେ ଆଲୋକପାତ କରିଥିଲେ। ଏନଏସଏସ୍ କାର୍ଯ୍ୟକାରିଣୀ ଅଧିକାରୀ ସରିତା ପରିଡ଼ା ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ଯୁବ ରେଡକ୍ରସ ପରାମର୍ଶଦାତା ସୁଶ୍ରୀ ଶୁଭଶ୍ରୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ବାସନ୍ତି ପଟ୍ଟନାୟକ, ଶିକ୍ଷା ଅଧ୍ୟାପିକା ମଧ୍ୟ ଏହି ସଭାରେ ଉଦ୍‌ବୋଧନ ଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏଥି ମଧ୍ୟରେ ସ୍ୱେଚ୍ଛାସେବୀ ଛାତ୍ରୀ ସୁଶ୍ରୀ ଲକ୍ଷ୍ମୀ ପ୍ରଧାନ, ରଶ୍ମିତା ସାହୁ, ସରୋଜିନୀ ଗୌଡ଼ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଓ ତାଙ୍କର ଆମେରିକାର ଚିକାଗୋ ସମ୍ମିଳନୀରେ ଅଂଶଗ୍ରହଣ ଉପରେ ଆଲୋକପାତ କରିଥିଲେ। ଏହି ସଭାରେ ସମସ୍ତ ଏନଏସଏସ ଏବଂ ୱାଇଆରସି ସ୍ୱେଚ୍ଛାସେବୀମାନେ ଯୋଗଦେଇଥିଲେ।

**ସେମିଲିଗୁଡ଼ା:** କୋରାପୁଟ ଜିଲ୍ଲାର ସେମିଲିଗୁଡ଼ା ମହାବିଦ୍ୟାଳୟରେ ଯୁଥ ରେଡକ୍ରସ,ଏନଏସଏସ ଏବଂ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଯୁବ ବିଭାଗର ମିଳିତ ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ପ୍ରାଧ୍ୟାପିକା ଡ. ଝାନ୍ସୀ ସିଂହଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚଳିତ ବର୍ଷ ଯୁବ ଦିବସର ବିଷୟ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ଉକ୍ତି 'ଉଠ, ଜାଗ୍ରତ ହୁଅ ନିଜ ଭିତରେ ଥିବା ଶକ୍ତିକୁ ଅନୁଭବ କର' ଏହା ଉପରେ ମତ ସାବ୍ୟସ୍ତ କରି ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସେମିଲିଗୁଡ଼ା ମହାବିଦ୍ୟାଳୟର ପ୍ରତିଷ୍ଠାତା କୃଷ୍ଣ ସିଂହ ଯୋଗଦେଇ ମହାବିଦ୍ୟାଳୟର ଯୁବକଯୁବତୀଙ୍କୁ ବିବେକାନନ୍ଦଙ୍କ ପରି ଉଦାର ଏବଂ ଉଦ୍ଦାମ ବ୍ୟକ୍ତିତ୍ୱ ଗଠନ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସୀତମ କଲେଜର ପ୍ରଶାସନିକ ଅଧିକାରୀ ରଙ୍କଧନ ସାମଲ ଏବଂ ଅଧ୍ୟାପକ ଶୁଭ୍ରାଂଶୁ ସୁନ୍ଦର ଦାସ ଯୋଗଦେଇଥିଲେ। ଡ. ଝାନ୍ସୀ ସିଂହ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ରେଡକ୍ରସ କାଉନସିଲର ଡ. ବିଦ୍ୟୁତ ପ୍ରଭା ରାଉତ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ଏନଏସଏସ ଅଫିସର ବାସନ୍ତୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅଧ୍ୟାପିକା ଡ. ଗୀତା ପଟ୍ଟନାୟକ, ଲଳିତା ପ୍ରଧାନ, ରମେଶ ମଲ୍ଲିକ, ପ୍ରବୋଧ ମଲ୍ଲିକ, ଦିଗେଶ୍ୱରୀ ଶିଖା ଏବଂ ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

**ସୁନାବେଡ଼ା:** ସୁନାବେଡ଼ା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ୍ ଏବଂ ରେଡ୍ ରିବନ୍ କ୍ଲବ ଆନୁକୁଲ୍ୟରେ ରାଷ୍ଟ୍ରୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷା ଇନ୍ଦିରା ପ୍ରିୟଦର୍ଶିନୀ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଯୁବ ରେଡକ୍ରସ କାଉନସିଲର ଅଙ୍କୁରିତା ନାୟକ ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଭାବେ ସୁନାବେଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଇତିହାସ ବିଭାଗର ଅଧ୍ୟାପକ ସନ୍ତୋଷ କୁମାର ସାମଲ, ସମ୍ମାନିତ ଅତିଥି ଭାବେ ସୀମାଞ୍ଚଳ ଦାସ ଓ ଡ. ପବିତ୍ର କୁମାର ବେଦାନ୍ତ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଯୁବ ସଚେତନତାର ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଅଙ୍କୁରିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ କିଶୋର ସାହୁ, ପ୍ରଶାନ୍ତ ସାମଲ, ରାଜେଶ୍ୱର ପାଣିଗ୍ରାହୀ, ବିରବର ଭୂୟାଁ ଏବଂ ଅନୁଷ୍ଠାନର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

**କୋଷାଗୁମୁଡ଼ା:** ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗାସ୍ଥିତ ରାଜ ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ ଓ ରେଡ୍ ରିବନ କ୍ଲବ୍, ଜାତୀୟ ସେବା ଯୋଜନା ବିଭାଗର ମିଳିତ ସହଯୋଗରେ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଜାତୀୟ ଯୁବ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଅଧିବକ୍ତା, ସମାଜସେବୀ କୁଞ୍ଜ ବିହାରୀ ଦାଶ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ତ୍ରିପତୀ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବିଶ୍ୱମୋହନ ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ସମରେନ୍ଦ୍ର ପଟ୍ଟନାୟକ, ଅଧ୍ୟାପକ ଡ. ରବିନାରାୟଣ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ଉପାଧ୍ୟକ୍ଷ ବିବେକ କୁମାର ମହାଲିକ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିବାବେଳେ ଜିଲ୍ଲା ଯୁବ ରେଡକ୍ରସ ସଂଯୋଜକ ତଥା ଅନୁଷ୍ଠାନର ରେଡକ୍ରସ ଅଧିକାରୀ ଅଖିଳ କୁମାର ଭଟ୍ଟ ସ୍ୱାଗତ ଭାଷଣ ଦେଇ ମଞ୍ଚ ପରିଚାଳନା କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ପଞ୍ଚାନନ ଦୁରିଆ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଖୋଲା ପ୍ରଶ୍ନ ମଞ୍ଚ କାର୍ଯ୍ୟକ୍ରମକୁ ଅଧ୍ୟାପକ ଅଖିଳ କୁମାର ଭଟ୍ଟ ପରିଚାଳନା କରିଥିଲେ ଏବଂ ଛାତ୍ରଛାତ୍ରୀମାନେ ରାଷ୍ଟ୍ର ଗଠନରେ ଯୁବପିଢ଼ିଙ୍କ ଭୂମିକାକୁ ନେଇ ନିଜସ୍ୱ ଗ୍ରାମକୁ କିଭଳି ଏକ ଆଦର୍ଶ ଗ୍ରାମରେ ପରିଣତ କରିପାରିବେ ସେ ସମ୍ପର୍କରେ ପ୍ରସ୍ତାବ ରଖିଥିବା ଛାତ୍ରଛାତ୍ରୀ ଶୁଭଲକ୍ଷ୍ମୀ ମଙ୍ଗରାଜ, ସସ୍ମିତା ଦାଶ, ଘାସିରାମ ଗୌଡ଼, ଗୁପ୍ତ ଚୌଧୁରୀ, ପରି ଗରଡ଼ା, ଲକ୍ଷ୍ମୀପ୍ରିୟା ହରିଜନ, କଳ୍ପନା ନାୟକ ପ୍ରମୁଖ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

**ଜୟପୁର:** ଜୟପୁର ଅରବିନ୍ଦ ନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଚାର୍ଯ୍ୟା ମମତା ହୋତା ବିବେକାନନ୍ଦଙ୍କ ଜୀବନୀ, ଆଦର୍ଶ ଏବଂ ବିଶ୍ୱ ସଂସ୍କୃତି ପ୍ରତି ତାଙ୍କର ଅବଦାନ ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ। ବିଦ୍ୟାମନ୍ଦିରର ଶିଶୁ ଛାତ୍ରଛାତ୍ରୀ ସ୍ୱାମୀ ବିବେକାନନ୍ଦଙ୍କ ବେଶରେ ସଜ୍ଜିତ ହୋଇ ତାଙ୍କର ବିଭିନ୍ନ ବାଣୀକୁ ଉପସ୍ଥାପନ କରିଥିଲେ। ଅମିତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁପମା ମହାପାତ୍ର ପରିଚୟ ପ୍ରଦାନ କରିଥିବାବେଳେ ସୁଜାତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏନ. ସବିତା ଓ ସନ୍ତୋଷିନୀ ପାତ୍ରଙ୍କ ନେତୃତ୍ୱରେ ସ୍ୱାମୀଜୀଙ୍କ ବେଶରେ ସାଜସଜ୍ଜା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଦ୍ମିନୀ ମହାପାତ୍ର, ହୃଷୀକେଶ ପାଣିଗ୍ରାହୀ, ତ୍ରିପତି ସାହୁ, ବବିତା ପାତ୍ର, ପି. ସୁଶୀଳା, ସୁମିତା ପାଢ଼ୀ, ସୁନନ୍ଦା ଷଡ଼ଙ୍ଗୀ, ବବିତା ମହାରଣା, ଅନିଲ ଶତପଥୀ, ଭାଗବତ ଷଡ଼ଙ୍ଗୀ, ମୋନାଲିସା ବାହାଦୁର, ସୁନୀତା ପଣ୍ଡା, ସ୍ୱୀକୃତି ଦାଶ, ମୋନାଲିସା ଜେନା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**ଗୁଣୁପୁର:** ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀକୁ ରାଷ୍ଟ୍ରୀୟ ଯୁବ ଦିବସ ଭାବେ ସମଗ୍ର ଭାରତ ବର୍ଷରେ ମହା ଆଡ଼ମ୍ବର ସହ ପାଳନ ହେଉଛି। ଏହି ଅବସରରେ ଗୁଣୁପୁର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ ମଧ୍ୟ ସ୍ଥାନୀୟ ଗୁଣୁପୁର ମହାବିଦ୍ୟାଳୟରେ ପାଳିତ ହୋଇଛି। ମହାବିଦ୍ୟାଳୟ ପରିସରରେ ଥିବା ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ୱାମୀଜୀଙ୍କ ଆଦର୍ଶ ଓ ବାଣୀ ସମ୍ପର୍କରେ ଆଲୋଚନା କରି ରାଷ୍ଟ୍ରୀୟ ଯୁବ ଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନଗର ସଭାପତି ଲକ୍ଷ୍ମୀ ମହାକୁଡ଼, ନଗର ପ୍ରମୁଖ ପ୍ରଫୁଲ୍ଲ ଲିମା, ଜିଲ୍ଲା ପ୍ରମୁଖ ଶେଷ ସାଇ ସେନାପତି, ବିଭାଗ ପ୍ରମୁଖ ଉମା ଦାଶ, ସଂଯୋଜକ ବି. ସତିଶ କୁମାର, ନଗର ସମ୍ପାଦକ ସାଇ ପାଣିଗ୍ରାହୀ, ଯାନ୍ତ୍ରିକ ବିଦ୍ୟାର୍ଥୀ ପ୍ରମୁଖ ଦେବାଶିଷ ସେନାପତି, ଆଶୁତୋଷ ବରାଳ, ରଞ୍ଜିତ ପାଢ଼ୀ, ମୁଖ୍ୟ ଅତିଥି ଭାବେ କଲେଜ ଅଧ୍ୟକ୍ଷ ଡ. ଶଶୀଭୂଷଣ ମହାନ୍ତି, ଡ. ସୂର୍ଯ୍ୟ ନାରାୟଣ ପଣ୍ଡା ଓ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ଆଦିବାସୀ ମହୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

# ଜନଜାତି ସାଂସ୍କୃତିକ ଦଳଙ୍କୁ ଆଭୂଷଣ, ବାଦ୍ୟଯନ୍ତ୍ର ବଣ୍ଟନ

**ସେମିଲିଗୁଡ଼ା,୧୨।୧(ସମିସ)**



ରାଜ୍ୟ ସରକାରଙ୍କ କୋରାପୁଟ ଜିଲ୍ଲାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ତରଫରୁ ପଟାଙ୍ଗି ନିର୍ବାଚନମଣ୍ଡଳୀର ସେମିଲିଗୁଡ଼ା ବ୍ଲକସ୍ତରୀୟ ଆଦିବାସୀ ମହୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ନିକଟରେ ଥିବା ମିନି ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝୀଙ୍କ ଅଧ୍ୟକ୍ଷତାରେ କେସିସି ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ପଟାଙ୍ଗି ବିଧାୟକ ପିତମ ପାଢ଼ି, କୋରାପୁଟ ବିଧାୟକ ରଘୁରାମ ପଡ଼ାଲ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ବିଜୁ ଜନତା ଦଳର ଜିଲ୍ଲା ସଭାପତି ଝିନ ହିକକା, ମହିଳା ସଭାନେତ୍ରୀ ପାର୍ବତୀ ମଣ୍ଡି, ଜୋନାଲ ସଭାନେତ୍ରୀ ରାୟ, ଏସଡିସି ଉପାଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ, ପୂର୍ବତନ ସାଂସଦ ପ୍ରାର୍ଥିନୀ କୌଶଲ୍ୟା, ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି, ଜିଲ୍ଲା ସାଧାରଣ ସମ୍ପାଦକ ଅନନ୍ତ ରାମ, ବ୍ଲକ୍ ସମିତି ଅଧ୍ୟକ୍ଷା ଲିଲି ଅଣ୍ଟା ବିରିଆ, ସମିତି ଉପାଧ୍ୟକ୍ଷ ଶିବା ବାଙ୍ଗାରୀ, ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ବାଲା ରାୟ, ଅମିତ୍ ଅଗ୍ରୱାଲ, ଏସଡିସି ସଦସ୍ୟା ତୁଳସୀ କିର୍ସାନି, ସଭାପତି ରାମଅନ୍ତ ବିରିଯା ଯୋଗଦେଇଥିଲେ। ଜନଜାତି ସାଂସ୍କୃତିକ ଦଳଙ୍କୁ ଆଭୂଷଣ, ବାଦ୍ୟଯନ୍ତ୍ର ବାଣ୍ଟିବା ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ କରାଯାଇଥିବା ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝୀ ସୂଚନା ଦେଇଥିଲେ। ସବୁ ବ୍ଲକରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଥିବା ସେ କହିଛନ୍ତି। ଆଦିବାସୀ ପରମ୍ପରା ବଜାୟ ରଖିବା, ଗ୍ରାମାଞ୍ଚଳରେ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଥିବା କେସିସି ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ପ୍ରକାଶ କରିଥିଲେ। ନିର୍ବାଚନମଣ୍ଡଳୀରେ ସାଂସ୍କୃତିକ ଦଳଙ୍କୁ ସବୁ ପ୍ରକାର ସହଯୋଗ ମିଳିବ ବୋଲି ପଟାଙ୍ଗି ବିଧାୟକ ପିତମ ପାଢ଼ି ପ୍ରତିଶ୍ରୁତି ଦେଇଥିଲେ। ଏସଡିସି ମାଧ୍ୟମରେ ରାଜ୍ୟ ସରକାର ଜନଜାତି ନିମନ୍ତେ ଅନେକ ପ୍ରକଳ୍ପ କରିଥିବା କୋରାପୁଟ ବିଧାୟକ ରଘୁରାମ ପଡ଼ାଲ କହିଥିଲେ। ଏହି ଅବସରରେ ଉକ୍ତ ବ୍ଲକର ବିଭିନ୍ନ ପଞ୍ଚାୟତର ଢେମସା ନୃତ୍ୟ ଦଳଙ୍କୁ ଅଭୂଷଣ ଏବଂ ବ୍ଲକର ସଂକୀର୍ତ୍ତନ ମଣ୍ଡଳୀଗୁଡ଼ିକୁ ବାଦ୍ୟଯନ୍ତ୍ର ପ୍ରଦାନ କରଯାଇଛି। ଏହି ଅବସରରେ ବିଭିନ୍ନ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ନେତା, କର୍ମୀ, ୧୭ ପଞ୍ଚାୟତର ଅଧିକ ସଂଖ୍ୟାରେ ଲୋକ ଯୋଗଦେଇଥିଲେ। ଶେଷରେ ବିଭିନ୍ନ ଗ୍ରାମରୁ ଆସିଥିବା ଆଦିବାସୀ କଳାକାର ନୃତ୍ୟ ପ୍ରଦର୍ଶନ କରିଥିଲେ। ବିଧାୟକମାନେ ନାଚ, ଗୀତରେ ସାମିଲ ହୋଇଥିବାରୁ ଆକର୍ଷଣୀୟ ବାତାବରଣ ସୃଷ୍ଟି ହେଇଥିଲା।

## ନନ୍ଦାହାଣ୍ଡି ଆଶାକର୍ମୀଙ୍କ ୧୦ ଦଫା ଦାବିପତ୍ର ପ୍ରଦାନ

**ନନ୍ଦାହାଣ୍ଡି,୧୨।୧(ସମିସ):** ନନ୍ଦାହାଣ୍ଡି ଆଶାକର୍ମୀଙ୍କ ଦ୍ୱାରା ୧୦ ଦଫା ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଛି। ସରକାରଙ୍କ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଗ୍ରାମାଞ୍ଚଳର ମାଆ ଓ ଶିଶୁର ବିକାଶ ସହିତ ନିରାପଦ ମାତୃତ୍ୱ ଓ ସମସ୍ତ ମାଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁଜନ୍ମ କରିବା ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟରେ ଆଶାକର୍ମୀ ନିୟୋଜିତ ହୋଇଛନ୍ତି। ଫଳରେ ମାତୃ ମୃତ୍ୟୁହାର, ଶିଶୁ ମୃତ୍ୟୁହାର ଓ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶିଶୁ ଜନ୍ମଲାଭ କରିବାରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକର ଆଶା କର୍ମୀ ସଂଘର ଆହ୍ୱାନକ୍ରମେ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆଶାକର୍ମୀମାନେ ସର୍ବନିମ୍ନ ମଜୁରୀ ଓ ସମସ୍ତ ସୁବିଧାରୁ ବଞ୍ଚିତ ବୋଲି ଉକ୍ତସଭାରେ ଭାରତୀୟ ମଜଦୁର ସଂଘର ଜିଲ୍ଲା ଉପଦେଷ୍ଟା ପରମେଶ୍ୱର ବିଷୋୟୀ ଏବଂ ଜିଲ୍ଲା ସମ୍ପାଦକ ବିଷ୍ଣୁ ପ୍ରସାଦ ବିଷୋୟୀ ଓ ବ୍ଲକ ସଭାନେତ୍ରୀ ଅଞ୍ଜଳି ବେନିଆ, ଉପସଭାନେତ୍ରୀ ଜୟନ୍ତୀ ମାଳା ବାଘ, ଅମ୍ବିକା ଦିଶାରୀ, ସମ୍ପାଦିକା ବୈଜୟନ୍ତୀ ଟାକ୍ରୀ ଉପସ୍ଥିତ ଥିଲେ। ସଂଘ ତରଫରୁ ଏକ ୧୦ ଦଫା ଦାବିପତ୍ର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଓ ନିର୍ଦ୍ଦେଶିକା ଜାତୀୟ ସ୍ୱାସ୍ଥ୍ୟ ମିଶନ ଓଡ଼ିଶାଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅନୁପସ୍ଥିତିରେ ଏଇଇ ଗୋବିନ୍ଦ କହଁରଙ୍କୁ ପ୍ରଦାନ କରାଯାଇଥିଲା।

## ବିପର୍ଯ୍ୟୟ ପରିଚାଳନା ଓ ମୁକାବିଲା କର୍ମଶାଳା



**ନବରଙ୍ଗପୁର,୧୨।୧(ସମିସ):** ଗୁରୁବାର ସ୍ଥାନୀୟ ଡିପିଆରସି ସଭାଗୃହରେ ନବରଙ୍ଗପୁର ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗ୍ରାମସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି ସମ୍ବନ୍ଧରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାର ଉଦ୍ଦେଶ୍ୟ, ଲକ୍ଷ୍ୟ ତଥା ବିଭିନ୍ନ ପ୍ରକ୍ରିୟା ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା। ପ୍ରକାଶ ଥାଉକି, ବିପର୍ଯ୍ୟୟ ପରିଚାଳନା ଓ ତା'ର ମୁକାବିଲା ସମ୍ବନ୍ଧରେ ଓଡ଼ିଶାସାରା ବିଶ୍ୱରେ ଏକ ଅଭିନ୍ନ ଉଦାହରଣ ସୃଷ୍ଟି କରିପାରିଛି ବୋଲି ଜିଲ୍ଲାପାଳ ଡ. ମିଶ୍ର ପ୍ରକାଶ କରିଥିଲେ। ସେହିପରି ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ସମ୍ବନ୍ଧରେ ସମସ୍ତଙ୍କୁ ରାଜ୍ୟସ୍ତରରୁ ପ୍ରତ୍ୟେକ ଗ୍ରାମ୍ୟସ୍ତର ପର୍ଯ୍ୟନ୍ତ କିପରି ସଚେତନତା ସୃଷ୍ଟି କରାଯାଇ ପାରିବ ତାହା ଏହି ବୈଠକର ଉଦ୍ଦେଶ୍ୟ ବୋଲି ଜିଲ୍ଲାପାଳ ଡ. ମିଶ୍ର ପ୍ରକାଶ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ଉପସ୍ଥିତ ଥିବା ସମସ୍ତ ପଦାଧିକାରୀ ଏବଂ ସ୍ୱେଚ୍ଛାସେବୀ ସଂଗଠନମାନଙ୍କୁ ନିଜ ଗ୍ରାମ୍ୟ ଅନୁଯାୟୀ ବ୍ୟାପକ ଖସଡ଼ା ପ୍ରସ୍ତୁତ କରିବା ପାଇଁ ଅନୁରୋଧ କରିଥିଲେ। ଚଳିତ ବର୍ଷ ନବରଙ୍ଗପୁର ଜିଲ୍ଲାର ନବରଙ୍ଗପୁର, ନନ୍ଦାହାଣ୍ଡି ଓ କୋଷାଗୁମୁଡ଼ା ବ୍ଲକର ୨୫ଟି ପଞ୍ଚାୟତ ଅଧୀନସ୍ଥ ୬୦ଟି ଗ୍ରାମରେ ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଉକ୍ତ ବୈଠକରେ ବିଭିନ୍ନ ଜିଲ୍ଲାସ୍ତରୀୟ ପଦାଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ସ୍ୱେଚ୍ଛାସେବୀ ସଂଗଠନ ସାହାରା ଉମରକୋଟର ଅଶୋକ ପ୍ରଧାନ, ମନୋଜ ଧଳ ଏବଂ ବିକାଶ ଭୁବନେଶ୍ୱରର ଅସିତ କୁମାର ସାହୁ, ଜିଲ୍ଲା ଜରୁରିକାଳୀନ ବିଭାଗର ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଜରୁରିକାଳୀନ ଅଧିକାରୀ ଡ. ଅମୃତ କୁମାର ରାଉଳ ପରିଚାଳନା କରିଥିଲେ।

## ସଖୀ, ସହେଲିଙ୍କ ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ



**ନନ୍ଦାହାଣ୍ଡି,୧୨।୧(ସମିସ):** ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ତରଫରୁ ୧୩୫ ଅଙ୍ଗନବାଡ଼ି କେନ୍ଦ୍ରରେ ଚାଲୁଥିବା କିଶୋରୀ ସଶକ୍ତୀକରଣ କାର୍ଯ୍ୟକ୍ରମ ଅଦ୍ୱିକାର ସଖୀ ଓ ସହେଲିଙ୍କୁ ଆତ୍ମସୁରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନନ୍ଦାହାଣ୍ଡି ବ୍ଲକ ସଭାଗୃହରେ ଆନୁଷ୍ଠାନିକ ଭାବେ ବ୍ଲକ ଉପାଧ୍ୟକ୍ଷ ସଦନ ଗୌଡ଼ ପ୍ରଦୀପ ପ୍ରଜ୍ୱଳନ କରି ଏହି ଆତ୍ମସୁରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମଖ୍ୟ ଅତିଥି ଭାବରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁ ଯୋଗଦେଇ କିଶୋରୀ ବାଳିକା ଆଜିର ସମାଜରେ ମହିଳାଙ୍କ ହିଂସାକୁ ଦୃଢ଼ତାର ସହ ମୁକାବିଲା କରିବା ସହ ବିଭିନ୍ନ କୌଶଳଗୁଡ଼ିକୁ ପ୍ରୟୋଗ କରିବା ପାଇଁ ଉପସ୍ଥିତ ସଖୀ ଓ ସହେଲିଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଆକ୍ସନଏଡ ସଂସ୍ଥାର ଜିଲ୍ଲା ପରାମର୍ଶଦାତା ଫକିରଚରଣ ରାଉତ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ସେବା ଅଧିକାରୀ ତଥା ବାଲ୍ୟବିବାହ ନିଷିଦ୍ଧ ଅଧିକାରୀ ସସ୍ମିତା ବାଳା ମହାନ୍ତି, ନନ୍ଦାହାଣ୍ଡି ବ୍ଲକରେ ଥିବା ୧୩୫ ଅଙ୍ଗନବାଡ଼ି କେନ୍ଦ୍ରରୁ ୨୦୦ ଜଣ ସଖୀ ଓ ସହେଲିଙ୍କୁ ମାଷ୍ଟର ଟ୍ରେନର ଭାବରେ ପ୍ରାଥମିକ ପର୍ଯ୍ୟାୟରେ ପ୍ରଶିକ୍ଷଣ କରାଯାଇ ବ୍ଲକର ସମସ୍ତ କିଶୋରୀଙ୍କୁ ଆତ୍ମସୁରକ୍ଷା କୌଶଳର ତାଲିମ ଦିଆଯିବ ବୋଲି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ସୁପରଭାଇଜର ଶାନ୍ତିଲତା ଭୂମିଆ, ସଂଗୀତା ଦାସ, ମନିକା ସରକାର, ନିକିଶା ନାୟକ, ବ୍ଲକ ସଂଯୋଜିକା ସୁପ୍ରଭା ତ୍ରିପାଠୀ, ମିଶନ ଶକ୍ତି ବ୍ଲକ ସଂଯୋଜିକା ପ୍ରିୟଦର୍ଶିନୀ ଖଟୁଆ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ନାଗେଶ୍ୱରୀ ପାହାଡ଼ରେ ପ୍ଲାଷ୍ଟିକମୁକ୍ତ ଶୋଭାଯାତ୍ରା

**ନନ୍ଦପୁର,୧୨।୧(ସମିସ):** ନାଗେଶ୍ୱରୀ ପାହାଡ଼ରେ ପ୍ଲାଷ୍ଟିକମୁକ୍ତ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନଭେମ୍ବର ମାସରୁ ପର୍ଯ୍ୟଟକ ନାଗେଶ୍ୱରୀ ପାହାଡ଼ରେ ପର୍ଯ୍ୟଟକଙ୍କ ଆଶାତୀତ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି। ଭୋଜିଭାତ ମୌଜରେ ପର୍ଯ୍ୟଟକ ମାତିଥିବାବେଳେ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇଛି ନାଗେଶ୍ୱରୀ। ପାହାଡ଼ର ପରିବେଶ ସୁରକ୍ଷା ରଖି ସବୁଜ ସୁନ୍ଦର ରଖିବାକୁ ସ୍ଥାନୀୟ ଜନସାଧାରଣ ଓ ବାଲଡ଼ା ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ବାଲଡ଼ା ବନ ବିଭାଗ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାଲଡ଼ା ବନାଞ୍ଚଳ କାର୍ଯ୍ୟାଳୟରୁ ଏହି ଶୋଭାଯାତ୍ରା ବାହାରି ବାଲଡ଼ା ସହର ପରିକ୍ରମା କରି ପ୍ଲାଷ୍ଟିକମୁକ୍ତ ବଣଭୋଜି ପାଇଁ ସଚେତନ କରିଥିବା ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ବାଲଡ଼ା ରେଞ୍ଜର ବାଦଲ ମହାନ୍ତି, ବାଲଡ଼ା ଗ୍ରାମ ପଞ୍ଚାୟତ ସରପଞ୍ଚ ବିକ୍ରମ ସୀସା, ସମାଜସେବୀ ମଦନ ହାଡ଼ପୁଟିଆ, ନାଗେଶ୍ୱରୀ ବନ ସୁରକ୍ଷା ସମିତି ସଭାପତି ରବୀନ୍ଦ୍ର ପାଙ୍ଗି ସମେତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇ ହାତରେ ପ୍ଲାକାର୍ଡ ଧରି ସଚେତନ କରିଥିଲେ।

### 'ବେଟି ବଚାଅ ବେଟି ପଢ଼ାଓ' କାର୍ଯ୍ୟକ୍ରମ

## ନବଜାତ ଶିଶୁକନ୍ୟାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




**ପାପଡ଼ାହାଣ୍ଡି,୧୨।୧(ସମିସ):** ପାପଡ଼ାହାଣ୍ଡି ସଦର ମହାକୁମାର ଅଙ୍ଗନବାଡ଼ି କେନ୍ଦ୍ରରେ ଗୁରୁବାର ନବଜାତ ଶିଶୁକନ୍ୟାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। 'ବେଟି ବଚାଅ ବେଟି ପଢ଼ାଓ' କାର୍ଯ୍ୟକ୍ରମରେ ନବଜାତ ଶିଶୁକନ୍ୟାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ୍ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ବିଡିଓ ଦୁର୍ଯ୍ୟୋଧନ ଭୋଇ, ସିଡିପିଓ ଏସ୍ ଗୀତା, ସୁପରଭାଇଜର ରମା ପଟ୍ଟନାୟକ, ସରପଞ୍ଚ ଚନ୍ଦ୍ରଶେଖର ମାଝୀ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଗୋଟିଏ କନ୍ୟାର ମହତ୍ୱ ନେଇ କହିଥିଲେ। ଶିଶୁକନ୍ୟା ବଞ୍ଚାଇବା ଏବଂ ପାଠ ପଢ଼ାଇବା ନେଇ କହିଥିଲେ। ୨୦ଜଣ ନବଜାତ ଶିଶୁକନ୍ୟା ଓ ତାଙ୍କ ମାଆମାନଙ୍କୁ ପୁରସ୍କୃତ କରଯାଇଥିଲା। କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

### ସେମିଲିଗୁଡ଼ା ମହାବିଦ୍ୟାଳୟରେ 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ଉଦ୍‌ଘାଟିତ

# 'ଭାଷା ହିଁ ଗୋଟିଏ ଜାତିର ପରିଚୟ'




**ସେମିଲିଗୁଡ଼ା,୧୨।୧(ସମିସ):** କୋରାପୁଟ ଜିଲ୍ଲାର ସେମିଲିଗୁଡ଼ା ମହାବିଦ୍ୟାଳୟରେ ଓଡ଼ିଶା ରାଜ୍ୟ ସରକାରଙ୍କ ନୂଆ ଓଡ଼ିଶା ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଗତ 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ'ର ଉଦ୍ଘାଟନୀ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ପ୍ରାଧ୍ୟାପିକା ଡ. ଝାନ୍ସି ସିଂହଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶ୍ୱଭାରତୀ ଶାନ୍ତିନିକେତନର ଅବସରପ୍ରାପ୍ତ ପ୍ରଫେସର ଡ. କୈଳାଶ ପଟ୍ଟନାୟକ ଯୋଗଦେଇଥିଲେ। ଅନ୍ୟତମ ଅତିଥି ରୂପେ କୋରାପୁଟ ବିଧାୟକ ରଘୁରାମ ପଡ଼ାଲ ଏବଂ ପରିଚାଳନା ସମିତି ସଭାପତି ଡ. ପ୍ରଦୀପ କୁମାର ବେହେରା ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ପ୍ରଫେସର ପଟ୍ଟନାୟକ ଭାଷା ହିଁ ଗୋଟିଏ ଜାତିର ପରିଚୟ ବୋଲି କହିବା ସହ ଆଦିବାସୀ ଜନଜାତିର କଥିତ ଭାଷାର ଶବ୍ଦ ଓଡ଼ିଆ ଭାଷାର ଅଭିଧାନକୁ ସମୃଦ୍ଧ କରିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକ ଶ୍ରୀ ପଡ଼ାଲ ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଆମ ଭାଷା ସଂସ୍କୃତି ହିଁ ଆମର ପରିଚୟ। ଅନ୍ୟତମ ଅତିଥି ଡ. ବେହେରା ସରକାରଙ୍କର ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓଡ଼ିଆ ଭାଷା, ସାହିତ୍ୟର ପ୍ରଚାର ଦିଗରେ ଏକ ଅଭିନବ ପ୍ରୟାସ ବୋଲି ମତ ପ୍ରକାଶ କରିଥିଲେ। ପ୍ରାଧ୍ୟାପିକା ଡ. ଝାନ୍ସି ସିଂହ ସଭାପତିତ୍ୱ କରି କହିଥିଲେ ସେମିଲିଗୁଡ଼ା ମହାବିଦ୍ୟାଳୟ କୋରାପୁଟ ଜିଲ୍ଲାରେ ଏକ ଅଗ୍ରଣୀ ମହାବିଦ୍ୟାଳୟ। ଏହାର ଛାତ୍ରଛାତ୍ରୀମାନେ ଅଧ୍ୟୟନ, କ୍ରୀଡ଼ା ତଥା ସାମାଜିକ କାର୍ଯ୍ୟରେ ଯେଉଁଭଳି ଉଚ୍ଚ ପ୍ରଶଂସିତ ହେଉଛନ୍ତି ସେହିଭଳି ଆଗାମୀ ଦିନରେ 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାରେ ମଧ୍ୟ ସଫଳତା ଅର୍ଜନ କରିବେ ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ପ୍ରଫେସର ପଟ୍ଟନାୟକ ଏବଂ ବିଧାୟକଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଦେବରାଜ ନାୟକ, ବାସନ୍ତୀ ଶ୍ରୀ, ଶୁଭ୍ରାଂଶୁ ସୁନ୍ଦର ଦାସ, ଗୀତା ପଟ୍ଟନାୟକ, ଡ. ବିଦ୍ୟୁତ ପ୍ରଭା ରାଉତ, ସୁରେଶ ପାଇକରାୟ, ରବିନାରାୟଣ ମିଶ୍ର, ଲଳିତା ପ୍ରଧାନ, ବବିତା ମିଶ୍ର, ରମେଶ ମାଲିକ, ଦିଗେଶ୍ୱରୀ ଶିଖା ପ୍ରମୁଖ ଏବଂ କର୍ମଚାରୀ ବିଜୟ ପାଙ୍ଗି, ସତ୍ୟନାରାୟଣ ମିଶ୍ର, ପ୍ରଭାତ ବେହେରା ସହଯୋଗ କରିଥିଲେ। ଏହି ସଭାରେ ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ପରିଶେଷରେ ରାଜନୀତି ବିଭାଗର ଅଧ୍ୟାପକ ପ୍ରବୋଧ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଦ୍ୟ ଶୈଶବଙ୍କ ଯତ୍ନ, ଶିକ୍ଷା, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ

**ଜୟପୁର,୧୨।୧(ସମିସ):** ଜୟପୁର ସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ରଠାରେ ମୌଳିକ ସାକ୍ଷରତା ସଂଖ୍ୟାଜ୍ଞାନ ଓ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଉଦ୍ଦେଶ୍ୟରେ କୋରାପୁଟ ଜିଲ୍ଲାର ସମସ୍ତ ସିଆରସିସିଙ୍କୁ ତାଲିମ ଦେବା ପାଇଁ ପ୍ରଥମ



ପର୍ଯ୍ୟାୟରେ ତାଲିମ ଶିବିର ଶୁଭାରମ୍ଭ ହୋଇଥିଲା। ଏହି ଶିବିର ଗୁରୁବାରଠାରୁ ଆରମ୍ଭ ହୋଇଥିବାବେଳେ ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ଚାଲିବ। ଉକ୍ତ ତାଲିମ ଶିବିରକୁ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ରୂପଚନ୍ଦ୍ର ସୋରେନ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଅଧ୍ୟକ୍ଷ ଶ୍ରୀ ସୋରେନ ପ୍ରାରମ୍ଭିକ ପର୍ଯ୍ୟାୟରେ ଶିକ୍ଷାର୍ଥୀମାନଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତା ହାସଲ କରିବାରେ ଶିକ୍ଷଣ ଭୂମିକା ଏବଂ ଶିକ୍ଷାର୍ଥୀମାନଙ୍କର ସାମଗ୍ରିକ ବିକାଶ ନିମନ୍ତେ ଏହି ତାଲିମର ଆବଶ୍ୟକତା ବିଷୟରେ ସଂକ୍ଷିପ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାପରେ ତାଲିମ ଶିବିର ସଂଯୋଜିକା ଶିକ୍ଷକ ପ୍ରଶିକ୍ଷିକା ଗାୟତ୍ରୀ ବୈଠାରୁ ତାଲିମ ଶିବିରର ମୁଖ୍ୟ ଉଦ୍ଦେଶ୍ୟ, ପରିଚୟ, ଶୃଙ୍ଖଳା ଜ୍ଞାନ ପ୍ରଦାନ କରିଥିଲେ। ଜାତୀୟ ପାଠ୍ୟକ୍ରମ ରୂପରେଖ, ମୌଳିକ ପର୍ଯ୍ୟାୟ ପାଠ୍ୟକ୍ରମର ଲକ୍ଷ୍ୟ, ଦକ୍ଷତା, ଏନସିଆରଟି ପାଠ୍ୟକ୍ରମ, ଭାଷା ଶିକ୍ଷଣରେ ସନ୍ତୁଳିତ ପନ୍ଥା, ଶ୍ରେଣୀ ଶିକ୍ଷଣ ପରିଚାଳନା ବିଷୟରେ ଆଲୋଚନା କରାଯାଇଥିଲା । ଏଥିରେ ଶିକ୍ଷକ ପ୍ରଶିକ୍ଷକ ଓ ପ୍ରଶିକ୍ଷିକା ମମତା ଝୋଡ଼ିଆ, ଦୀନବନ୍ଧୁ ହାଲବା, ଉମାକାନ୍ତି ବାଇପାଇ, କୁସୁମ ପାଣ୍ଡେ, ବ୍ରହ୍ମଦେବ ଟୁଡୁ, ଶୁଭସ୍ମିତା ଦାସ, ସୁଶାନ୍ତ ଜେନା ପ୍ରମୁଖ ସାଧନ କର୍ମୀ ଭାବେ ଯୋଗଦେଇଥିଲେ।

### ପୁରୁଣା ବ୍ୟବସ୍ଥାରେ ପେନ୍‌ସନ୍ ପ୍ରଦାନ ଦାବି

## ପୂର୍ବତଟ ରେଳବାଇ ଶ୍ରମିକ କଂଗ୍ରେସର ବିକ୍ଷୋଭ




**ରାୟଗଡ଼ା,୧୨।୧(ସମିସ):** ନୂତନ ପେନସନ୍ ବ୍ୟବସ୍ଥା ରଦ୍ଦ କରି ପୁରୁଣା ବ୍ୟବସ୍ଥାରେ ପେନସନ୍ ପ୍ରଦାନ ଦାବିରେ ପୂର୍ବତଟ ରେଳବାଇ ଶ୍ରମିକ କଂଗ୍ରେସ ରାୟଗଡ଼ା ଶାଖା ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାୟଗଡ଼ା ଶାଖାର ସଭାପତି ସନ୍ତୋଷ କୁମାର ବେହେରାଙ୍କ ନେତୃତ୍ୱରେ ରେଳବାଇ କର୍ମଚାରୀ ତଥା ପୂର୍ବତଟ ରେଳବାଇ ଶ୍ରମିକ କଂଗ୍ରେସ ସଂଘର ପଦାଧିକାରୀ ଓ ସଦସ୍ୟସଦସ୍ୟାମାନେ ବିକ୍ଷୋଭ ପ୍ରଦର୍ଶନ କରି କେନ୍ଦ୍ର ସରକାରଙ୍କ ରେଳ ମନ୍ତ୍ରଣାଳୟର ନିଷ୍ପତ୍ତିକୁ ପ୍ରତିବାଦ କରିଛନ୍ତି। ଶୁକ୍ରବାର ପୂର୍ବାହ୍ଣରେ ରାୟଗଡ଼ା ରେଳ ଷ୍ଟେସନ ସମ୍ମୁଖରେ ଥିବା ପୂର୍ବତଟ ରେଳବାଇ ଶ୍ରମିକ କଂଗ୍ରେସ କାର୍ଯ୍ୟାଳୟ ଆଗରେ ଏହି ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମ ହୋଇଥିଲା। ୨୦୦୪ରୁ ରେଳବାଇରେ ନୂତନ ନିଯୁକ୍ତି ପାଇ କାମ କରି ଆସୁଥିବା କର୍ମଚାରୀମାନେ ବର୍ତ୍ତମାନ ୫୦ରୁ ୮୦ ହଜାର ଟଙ୍କା ପର୍ଯ୍ୟନ୍ତ ଦରମା ପାଇ ଆସୁଛନ୍ତି। ନୂତନ ପେନସନ୍ ବ୍ୟବସ୍ଥାରେ ସେମାନଙ୍କୁ ସାମିଲ କରାଯାଇଥିବାରୁ ଚାକିରିରୁ ଅବସର ନେବା ପରେ ସେମାନଙ୍କୁ ମାସିକ ୧ ହଜାର ଟଙ୍କା ମଧ୍ୟରେ ପେନସନ୍ ଲାଗୁ କରାଯିବ। ଯାହାକି ଜଣେ କର୍ମଚାରୀ ଭବିଷ୍ୟତରେ ଅବସରକାଳୀନ ଜୀବନ ଅତିବାହିତ କରିବା ସମ୍ଭବପର ନୁହେଁ। ତେଣୁ କେନ୍ଦ୍ର ସରକାରଙ୍କ ରେଳ ବିଭାଗ ପକ୍ଷରୁ ନୂତନ ପେନସନ୍ ବ୍ୟବସ୍ଥା ରଦ୍ଦ କରାଯାଇ ପୁରୁଣା ପେନସନ୍ ବ୍ୟବସ୍ଥାରେ ହିଁ ପେନସନ୍ ପ୍ରଦାନ କରାଯାଉ ବୋଲି ଶ୍ରୀ ବେହେରା ପ୍ରକାଶ କରିଛନ୍ତି।

## କପା ଚାଷୀଙ୍କ ସମସ୍ୟା ଉଠାଇଲା କୃଷକ ସଭା

# କ୍ଷତି ସହୁଛନ୍ତି ଚାଷୀ; ଲାଭବାନ୍ ହେଉଛନ୍ତି ସାହୁକାର

**ରାୟଗଡ଼ା/କଲ୍ୟାଣସିଂହପୁର,୧୨।୧(ସମିସ)**




ରାୟଗଡ଼ା ଜିଲ୍ଲାରେ କପା ଚାଷୀଙ୍କ ସମସ୍ୟା ସୀମା ଟପିଲାଣି। ଅନେକ କପା ଚାଷୀ ଦୁଇ ପଇସା ରୋଜଗାର ବଦଳରେ କପା ବ୍ୟବସାୟରେ କ୍ଷତି ସହୁଛନ୍ତି। ସରକାରୀ କ୍ରୟ କେନ୍ଦ୍ର ଅଭାବ ହେତୁ କପା ଚାଷୀମାନେ ଚଡ଼ା ସୁଧରେ ସାହୁକାରମାନଙ୍କଠାରୁ ଋଣ ଆଣିବାକୁ ବାଧ ହେଉଛନ୍ତି ଏବଂ ସୁଧ ଶୁଝି ଶୁଝି

**● କ୍ୱିଣ୍ଟାଲ ପିଛା ୧୫ ହଜାର ଟଙ୍କା ସରକାରୀ ଦର ନିର୍ଦ୍ଧାରଣ ପାଇଁ ଦାବି**

ଚାଷୀ ହତାଶ ହେଲେଣି। ଏପରିକି ଚାଷୀ ଅଭାବୀ ଦରରେ କପା ବିକ୍ରି ପାଇଁ ବାଧ ହେଉଛି। ଏହି ପରିସ୍ଥିତିରେ ଥିବା କପା ଚାଷୀମାନଙ୍କ ସ୍ୱାର୍ଥକୁ ନେଇ ୭ଦଫା ଦାବି ଉଠାଇଛି ରାୟଗଡ଼ା କୃଷକ ସଭା ସଂଗଠନ। ଶୁକ୍ରବାର ରାୟଗଡ଼ା କୃଷକ ସଭା ସଭାପତି ଲାଚିଗା ଜାକାକାଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା କପା ଚାଷୀଗଣ ସ୍ଥାନୀୟ କପିଳାସ ଛକଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଆସି ପହଞ୍ଚିଥିଲେ। ରାୟଗଡ଼ା ଜିଲ୍ଲାର କପା ଚାଷୀମାନେ କପା ଅମଳ ପରେ ବିକ୍ରି କରିବାରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କିତ ଦାବିଗୁଡ଼ିକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଲିଖିତ ଦାବିପତ୍ରକୁ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ଚନ୍ଦ୍ର ରଇତଙ୍କୁ ପ୍ରଦାନ କରିଥିଲେ।

ଓଡ଼ିଶାରେ କପା ଉତ୍ପାଦନକାରୀ ଜିଲ୍ଲା ଭାବେ ରାୟଗଡ଼ା ଜିଲ୍ଲାର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ତେବେ ବହିନ, ସାର, କୀଟନାଶକ, ଔଷଧ ଆଦିର ଦରଦାମ୍ ବଜାରରେ ବୃଦ୍ଧି ପାଇଥିବାବେଳେ ଉତ୍ପାଦିତ କପା ବିକ୍ରିବେଳେ ଉପଯୁକ୍ତ ଦର ମିଳୁ ନ ଥିବା ଯୋଗୁଁ ଚାଷୀ ବହୁ କ୍ଷତିର ସମ୍ମୁଖୀନ ହେଉଛନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ସରକାରୀ କପା ମଣ୍ଡି ଜରିଆରେ କ୍ରୟ ଦର କ୍ୱିଣ୍ଟାଲ ପିଛା ୧୫ହଜାର ଟଙ୍କାକୁ ବୃଦ୍ଧି କରିବା, ବିକ୍ରିର ଏକ ସପ୍ତାହ ମଧ୍ୟରେ ଚାଷୀଙ୍କୁ ବିକ୍ରି ଧନ ପ୍ରଦାନ କରିବା, ସାର, ବିହନ, କୀଟନାଶକ, ଔଷଧ ଆଦି ରିଆତି ଦରରେ ଯୋଗାଇଦେବା, ଚଡ଼ା ଦରରେ ବିକ୍ରି କରୁଥିବା ଓ ସାର କଳାବଜାରୀ କରୁଥିବା ବ୍ୟବସାୟୀମାନଙ୍କୁ କଠୋର ଦଣ୍ଡ ଦେବା, କପା ବ୍ୟବସାୟରେ ଥିବା ଦଲାଲ ଓ ମଧ୍ୟସ୍ଥିଙ୍କୁ ଚିହ୍ନଟ କରି ଦଣ୍ଡ ଦେବା, କପା କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଓ ଋଣଛାଡ଼ କରିବା ଏବଂ ସ୍ୱଳ୍ପ ସୁଧରେ ଚାଷୀଙ୍କୁ ଦୀର୍ଘ ମିଆଦି ସରକାରୀ ଋଣ ପ୍ରଦାନ କରିବା, ଚାଷଜମିରେ ଜଳସେଚନ ନିମନ୍ତେ ବ୍ୟବସ୍ଥା କରିବା, ବଢ଼ି-ମରୁଡ଼ିର ପ୍ରତିକାର ସହିତ ବାରହା ଓ ଅନ୍ୟ ବନ୍ୟଜନ୍ତୁ ଆକ୍ରମଣ ଯୋଗୁଁ କ୍ଷତିଗ୍ରସ୍ତ ଫସଲର କ୍ଷତିପୂରଣ ଦେବା, ବୟସ୍କ କପା ଚାଷୀଙ୍କୁ ଚାଷୀ ଭତ୍ତା ପ୍ରଦାନ କରିବା ଏବଂ ବର୍ଷ ବର୍ଷ ଧରି ଚାଷ କରୁଥିବା ଦଖଲ ଜମିର ପଟ୍ଟା ପ୍ରଦାନ କରିବା ଭଳି ଦାବି ଉଲ୍ଲେଖ ରହିଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ମୂର୍ତ୍ତି ମିଣିଆକା, ସମ୍ପାଦକ କୈଳାସ ମାଣ୍ଡିଆକା, ମାନୁ ସିକକା, ଗଜେନ୍ଦ୍ର ହୁଇକା, ଦୋରା କୋଣ୍ଡାଗରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ମୈତ୍ରୀ କମ୍ପାନୀ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ

**ରାୟଗଡ଼ା/କାଶୀପୁର,୧୨।୧(ସମିସ):** ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ସୁଙ୍ଗେର ପଞ୍ଚାୟତ ଅନ୍ତର୍ଗତ ସରମ୍ବାଇ ଛକରେ ଶୁକ୍ରବାର ମୈତ୍ରୀ କମ୍ପାନୀ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ଗାଡ଼ିକୁ ପଥର ମାରି ଭଙ୍ଗାରୁଜା କରିଥିବା ନେଇ କାଶୀପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଫଳରେ କମ୍ପାନୀ ପିଆରଓ ପୃଷ୍ଟି ଦୁରିଆ ଜିଏମ ସିଏଚ ବୋଷ ଏବଂ ଗାଡ଼ିଚାଳକ ନବ କୁମାର ଗୌଡ଼ ଆହତ ହୋଇଥିବାବେଳେ ପିଆରଓ ପୃଷ୍ଟି ଦୁରିଆଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ସହ ଚିକିତ୍ସା ପାଇଁ ବିଶାଖାପାଟଣାକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ମୈତ୍ରୀ କମ୍ପାନୀର କର୍ମଚାରୀ ସିଜିମାଳୀ ମାଇନିଂକୁ ସର୍ଭେ ପାଇଁ ଯାଇ ଫେରୁଥିବା ସମୟରେ ଶୁଙ୍ଗର, ସରମ୍ବାଇ ଛକରେ ଜଲେ ନାଏକ, କାର୍ତ୍ତିକ ନାଏକ, ଯଜ୍ଞ ନାଏକଙ୍କ ସହ ଅନ୍ୟମାନେ ପ୍ରାୟ ୨୦ଟି ବାଇକ୍ ଯୋଗେ ପ୍ରାୟ ୪୦ରୁ ଅଧିକ ଲୋକ ଆସି ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ଏବଂ ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ଗୁରୁତର ଅବସ୍ଥାରେ ଘଟଣାସ୍ଥଳରୁ ପୃଷ୍ଟି ଦୁରିଆଙ୍କୁ ଚିକିତ୍ସା ପାଇଁ ପ୍ରଥମେ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ବିଶାଖାପାଟଣାକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ସାଥିରେ ଥିବା ଆଉ ଦୁଇଜଣଙ୍କୁ ପ୍ରାଥମିକ ଚିକିତ୍ସା କରାଯାଉଛି। ଏନେଇ କାଶୀପୁର ଥାନାରେ ଏକ ଏତଲା ଦିଆଯାଇଛି।

## ବିକଶିତ ଭାରତ ସଂକଳ୍ପ ଯାତ୍ରା

# ବିଜେପିର ଗୋଷ୍ଠୀ କନ୍ଦଳ ତୀବ୍ର; ମୁଣ୍ଡ ଟେକୁଛି ତୃତୀୟ



**ଜୟପୁର,୧୨।୧(ସମିସ):** ଜୟପୁର ବିଜେପିରେ ଏବେ ଏକାଧିକ ଗୋଷ୍ଠୀ ଓ ଗୋଷ୍ଠୀ କନ୍ଦଳ। ଏହି ବିବାଦ ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଛି। କୋରାପୁଟ ଜିଲ୍ଲା ଜୟପୁର ପୌରାଞ୍ଚଳରେ ଗତ ଗୁରୁବାର ବିକଶିତ ଭାରତ ସଂକଳ୍ପ ଯାତ୍ରାରେ ବ୍ୟାନର ଧରି ଆଗରେ ରହିବାକୁ ନେଇ ଦୁଇନେତା ଏବଂ ତାଙ୍କ ସମର୍ଥକ ମଧ୍ୟରେ ପ୍ରତିଯୋଗିତା ଓ ବିବାଦ ସହରରେ ଚର୍ଚ୍ଚାର ପରିସରକୁ ଆସିଥିବାବେଳେ ଶୁକ୍ରବାର ତୃତୀୟ ନେତୃତ୍ୱରେ ୩ଶହରୁ ଉର୍ଦ୍ଧ୍ୱ ବାଇକ ଶୋଭାଯାତ୍ରା ପୁଣି ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ଏହି ବାଇକ ଶୋଭାଯାତ୍ରା ନେତୃତ୍ୱ ଓ ଆୟୋଜନ କରିଥିବା ବିଶ୍ୱହିନ୍ଦୁ ପରିଷଦ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଏବଂ ବିଜେପି ନେତା ସୁଧାଂଶୁ ଶେଖର ଜେନାଙ୍କ ବିଧାନସଭା ଦଳୀୟ ପ୍ରାର୍ଥୀ ପାଇଁ ଏହା ଶକ୍ତି ପ୍ରଦର୍ଶନ ବୋଲି ପ୍ରଚାର ଆରମ୍ଭ ହୋଇଛି। ବୋରିଗୁମ୍ମା ବ୍ଲକ, ଜୟପୁର ବ୍ଲକ ଓ ପୌରାଞ୍ଚଳର ପ୍ରାୟ ୭ଶହରୁ ଉର୍ଦ୍ଧ୍ୱ ସଂଘ, ପରିଷଦ ଓ ବିଜେପି ଯୁବ ସଦସ୍ୟଙ୍କ ଉପସ୍ଥିତିକୁ ନେଇ ଆଶାୟୀଙ୍କ ନିଦ ହଜିଯାଇଥିବା ନେଇ ଆଲୋଚନାର ବିଷୟ ପାଲଟିଛି। ଗୁରୁବାର ଓ ଶୁକ୍ରବାର ଉଭୟ କାର୍ଯ୍ୟକ୍ରମରେ ବିଜେପି କର୍ମକର୍ତ୍ତା ଓ କର୍ମୀ ଯୋଗଦେଇଥିଲେ ସୁଦ୍ଧା ଦଳୀୟ ପତାକା ବ୍ୟବହୃତ ହୋଇ ନ ଥିଲା। ବିଜେପିର ଜୟପୁର ବିଧାନସଭା ପ୍ରାର୍ଥୀ ପାଇଁ ପୂର୍ବରୁ ଦୁଇଜଣ ମୁଖ୍ୟ ଦାବିଦାର ରହିଥିବାବେଳେ ପୁଣି ତୃତୀୟ ବ୍ୟକ୍ତିଙ୍କ ଉତ୍ଥାନ ଓ ଶୋଭାଯାତ୍ରାକୁ ନେଇ ବିଜେପି କର୍ମକର୍ତ୍ତା ଏବଂ କର୍ମୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି।

ଶୋଭାଯାତ୍ରା ପରେ ଆୟୋଜିତ କାର୍ଯ୍ୟକ୍ରମରେ ୧୯୯୦ ଓ ୧୯୯୨ ମସିହାରେ ଆୟୋଧାରେ ଯୋଗଦେଇଥିବା କାରସେବକଙ୍କୁ ସମ୍ମାନିତକୁ ଜୟପୁର ବିଧାନସଭାର ବିଜେପି ରାଜନୀତିକ ଗୋଳିଆଘାଣ୍ଟିଆ କରିଦେଇଛି। ଗତ ଗୁରୁବାର କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ବିକଶିତ ଭାରତ ସଙ୍କଳ୍ପ ଶୋଭାଯାତ୍ରା ଜୟପୁର ପୌରାଞ୍ଚଳରେ ଆୟୋଜନବେଳେ ଅବ୍ୟବସ୍ଥାକୁ ନେଇ ଶୋଭାଯାତ୍ରାରେ ସାମିଲ ହୋଇଥିବା ସାଧାରଣ ଲୋକଙ୍କ ସମେତ ବିଜେପିର ବରିଷ୍ଠ ନେତା ଓ କର୍ମୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଭାବେ ସରକାରୀ ଓ ପୌରସଂସ୍ଥା ଦ୍ୱାରା ଆୟୋଜନ କରାଯାଉଥିଲେ ସୁଦ୍ଧା ଶୋଭାଯାତ୍ରାରେ ବ୍ୟାନର ଧରିବା ସହିତ ସମ୍ମୁଖରେ ରହିବା ନେଇ ଜୟପୁର ବିଜେପିର ଦୁଇଟି ଗୋଷ୍ଠୀର ନେତା ଓ କର୍ମକର୍ତ୍ତାଙ୍କ ମଧ୍ୟରେ ପ୍ରତିଯୋଗିତା ଓ ଠେଲାପେଲା ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଦୁଇଜଣ ଭାରତୀୟ ପ୍ରଶାସନିକ ସେବାର ଅଧିକାରୀ ଏବଂ ସ୍ଥାନୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ ସୁଦ୍ଧା ସେମାନଙ୍କୁ ଶୋଭାଯାତ୍ରାରେ ଆୟୋଜକ ଭାବେ ରହିଥିଲେ କିନ୍ତୁ ସମ୍ମୁଖ ଭାଗରେ ରହିବାକୁ ସୁଯୋଗ ମିଳି ନ ଥିଲା। ଏହିପରି ଶୋଭାଯାତ୍ରାରେ ପୂର୍ବାହ୍ଣରେ ହୋଇଥିଲେ ସୁଦ୍ଧା ପାନୀୟଜଳ ବ୍ୟବସ୍ଥା କରାଯାଇ ନ ଥିବା ନେଇ ଅଭିଯୋଗ କରିଛନ୍ତି। କେନ୍ଦ୍ର ସରକାରଙ୍କ ଯୋଜନାର ପ୍ରଚାରପ୍ରସାର ପାଇଁ ବିକଶିତ ଭାରତ ସଂକଳ୍ପ ଯାତ୍ରାରେ ଆୟୋଜକଙ୍କ ଦ୍ୱାରା ଅବ୍ୟବସ୍ଥାକୁ ନେଇ ବିଜେପିର ବରିଷ୍ଠ ସଦସ୍ୟ ତଥା ପୂର୍ବତନ ନଗର ସଭାପତି ଅମରଲାଲ ଆହୁଜା ଅସନ୍ତୋଷ ବ୍ୟକ୍ତ କରିବା ସହ ଏହି ଶୋଭାଯାତ୍ରା କେବଳ ଟ୍ରାଫିକ ଛକ ପର୍ଯ୍ୟନ୍ତ ପହଞ୍ଚିଥିଲା। ସେଠାରୁ ସଭାସ୍ଥଳ ଜୟନଗର ପାର୍କ ପର୍ଯ୍ୟନ୍ତ ପ୍ରାୟ ଏକ କିଲୋମିଟରରୁ ଉର୍ଦ୍ଧ୍ୱ ରାସ୍ତା ହୋଇଥିଲେ ସୁଦ୍ଧା ଲୋକ ଏବଂ ହିତାଧିକାରୀଙ୍କ ଯାତାୟାତ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ଅନ୍ୟପକ୍ଷରେ ସଭାସ୍ଥଳରେ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଚେୟାର ପଡ଼ିଥିଲେ ସୁଦ୍ଧା ୭୦ ଭାଗ ଲୋକ ଉପସ୍ଥିତ ଥିଲେ। ବଳକା ସିଟଗୁଡ଼ିକ ଖାଲି ରହିଥିଲା। ଏଥିରୁ ସାଧାରଣ ଲୋକ ଏବଂ ପ୍ରକୃତ ହିତାଧିକାରୀଙ୍କ ଚିହ୍ନଟ କରାଯାଇ ଏଥିରେ ସାମିଲ କରାଯାଇ ନ ଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି।

● ଅନ୍ଧବିଶ୍ୱାସରେ ୨୦ ବର୍ଷ

# ସାପକାମୁଡ଼ାରେ ନଷ୍ଟହେବାକୁ ବସିଛି ଗଙ୍ଗାଧରଙ୍କ ଗୋଡ଼

## ସଚେତନତା ଅଭାବରୁ ଝଡ଼ାଫୁଙ୍କାରେ କରୁଛନ୍ତି ଚିକିତ୍ସା



**ମୈଦଲପୁର,୧୨।୧(ସମିସ):** ପ୍ରଶାସନର ସଚେତନତା ଅଭାବରୁ ଅନ୍ଧବିଶ୍ୱାସ ମଧ୍ୟରେ ଗତ ୨୦ ବର୍ଷ ହେଲା ରହି ଝଡ଼ାଫୁଙ୍କାରେ ସର୍ପ ଦଂଶନର ଚିକିତ୍ସା କରାଉଛନ୍ତି ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ୍ ସେମଲା ପଞ୍ଚାୟତ ଅନ୍ତର୍ଗତ ପକନାଗୁଡ଼ା ଗାଁର ଗଙ୍ଗାଧର ନାୟକ। ଯାହାଫଳରେ ଉପଯୁକ୍ତ ଚିକିତ୍ସା ଅଭାବରୁ ଏବେ ତାଙ୍କ ଗୋଡ଼ଟି ନଷ୍ଟ ହେବାକୁ ବସିଥିବା ଦେଖିବାକୁ ମିଳିଛି। ସେ ଚାଷଜମିକୁ ଯାଇଥିବା ସମୟରେ ଗତ ୨୦ ବର୍ଷ ତଳେ ତାଙ୍କ ବାମ ଗୋଡ଼କୁ ଏକ ବିଷଧର ନାଗ ସାପ କାମୁଡ଼ିଥିଲା। ଏହାପରେ ପରିବାର ଲୋକେ ସଙ୍ଗେ ସଙ୍ଗେ ଚିକିତ୍ସା ନ କରାଇ ଝଡ଼ାଫୁଙ୍କା କରିଥିଲେ। ପ୍ରଶାସନର ସଚେତନତା ଅଭାବ ଯୋଗୁଁ ସେ ଦୀର୍ଘ ୨୦ ବର୍ଷ ଧରି ଅନ୍ଧବିଶ୍ୱାସର ବଶବର୍ତ୍ତି ହୋଇ ଝଡ଼ାଫୁଙ୍କା ହିଁ କରୁଛନ୍ତି। ଯାହାଫଳରେ ୨୦ ବର୍ଷରୁ ଉର୍ଦ୍ଧ୍ୱ ହେବ ତାଙ୍କ ଗୋଡ଼ରେ ସାପ କାମୁଡ଼ିଥିବା ସ୍ଥାନରେ ଘା' ହେବା ସହ ତାହା କମିବା ପରିବର୍ତ୍ତେ ଚିକିତ୍ସା ଅବହେଳା ଯୋଗୁଁ ଘା'ଟି ଦିନକୁ ଦିନ ବଢ଼ିବାରେ ଲାଗିଛି। ଏଥିସହ ଗୋଡ଼ଟି ମଧ୍ୟ ନଷ୍ଟ ହେବାକୁ ବସିଲାଣି। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବା ସହ ଅନ୍ଧବିଶ୍ୱାସରେ ରହିଥିବା ଗଙ୍ଗାଧରଙ୍କୁ ସଚେତନ କରିବା ସହ ମେଡିକାଲ ନେଇ ଚିକିତ୍ସା କରାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଜାତୀୟ ଯୁବ ଦିବସ ପାଳିତ

**ମୁନିଗୁଡ଼ା,୧୨।୧(ସମିସ):** ରାୟଗଡ଼ା ଜିଲ୍ଲା ମୁନିଗୁଡ଼ାଠାରେ ଅବସ୍ଥାପିତ ସର୍ବପୁରାତନ ତଥା ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ସମ୍ମିଳନୀ କକ୍ଷରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଆଚାର୍ଯ୍ୟା ଓ ଆଚାର୍ଯ୍ୟଙ୍କ ସମାବେଶରେ ସ୍ୱାମୀଜୀଙ୍କ ୧୬୧ ତମ ପୁଣ୍ୟ ଜନ୍ମତିଥି ଓ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ମାତୃପ୍ରସାଦ ଦାଶଙ୍କ ଅଧ୍ୟକ୍ଷତା ଏବଂ ଆଚାର୍ଯ୍ୟା ମମତା ମହାପାତ୍ର ଓ ଯସ୍ମିତା ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଗୌରାଙ୍ଗଚରଣ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ବିବେକାନନ୍ଦଙ୍କ ବିଚାର ଓ କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଯୁକ୍ତା ବାଳା ରଥ ଓ ହରେନ୍ଦ୍ର କୁମାର ଜେନା, ସ୍ୱାମୀଜୀଙ୍କ ଜୀବନ ଦର୍ଶନ ସମ୍ପର୍କରେ ଉଦବୋଧନ ଦେଇଥିଲେ। ଏହି ଅବସରରେ ଭାରତୀୟ ଶିକ୍ଷା ବିକାଶ ପରିଷଦ ଓଡ଼ିଶା ଦ୍ୱାରା ଆୟୋଜିତ ମେଧାବୃତ୍ତି ପରୀକ୍ଷାରେ କୃତୀ ପ୍ରତିଯୋଗୀ ୟସ୍ ଜେନା, ସ୍ୱପ୍ନା ସାବତ, ପ୍ରିତମ ଗୌଡ଼ ଓ ଅନ୍ନପୂର୍ଣ୍ଣା କରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ବ୍ଲକସ୍ତରୀୟ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଅନ୍ନପୂର୍ଣ୍ଣା କର, ଜିତେନ୍ଦ୍ର ତାଡିଙ୍ଗ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୟସ୍ ଜେନା, ସ୍ୱପ୍ନା ସାବତ ଓ ଆରିୟନ ନାୟକଙ୍କୁ ବିଦ୍ୟାଳୟ ତରଫରୁ ପ୍ରଧାନଆଚାର୍ଯ୍ୟ ଅଭିନନ୍ଦନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମକୁ ଅମରେନ୍ଦ୍ର ସ୍ୱାଇଁ, ରାଜେଶ୍ୱରୀ ବେହେରା, ସଂଯୁକ୍ତା ମହାରଣା, ସୁନୀତା ସାସମଲ, ସଂନ୍ତୋଷୀ ଗୌଡ଼, ସୁମିତା ରାଉତ, ବସୁମତୀ ବେହେରା, ଲିଲି ଆଚାରୀ, ରାନୁରାଣୀ ପ୍ରଧାନ, ଗୋଲାପି ପୁଜାରୀ ପ୍ରମୁଖ ଗୁରୁଜୀ ଓ ଗୁରୁମା ସହଯୋଗ କରିଥିଲେ।



# ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ବିଧାୟକ

**ରାୟଗଡ଼ା,୧୨।୧(ସମିସ)**



ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ହେଉଥିବା ଛାତ୍ରୀ ଦୀପାଞ୍ଜଳି ନାୟକଙ୍କୁ ଶୁକ୍ରବାର ଭେଟିଛନ୍ତି ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ଓ ବରିଷ୍ଠ ସଂଗଠକ ୟାଲା ଭେଙ୍କେଟେଶ୍ୱର ରାଓ ଓରଫ କୋଣ୍ଡାବାବୁ। ପୀଡ଼ିତା ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରିବା ସହ ବିଜେଡି ପକ୍ଷରୁ ସମସ୍ତ ପ୍ରକାର ଚିକିତ୍ସା ଓ ସହାୟତା ପ୍ରଦାନ କରାଯିବା ସହ ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ସମସ୍ତ ପ୍ରକାର ସାହାଯ୍ୟ ଓ ତଦାରଖ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ସିଡିଏମଓ ରାୟଗଡ଼ା ଏବଂ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ଚିକିତ୍ସା କ୍ଷେତ୍ରରେ ସମସ୍ତ ପ୍ରକାର ସ୍ୱାସ୍ଥ୍ୟ ସୁବିଧା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପ୍ରକାଶ ଥାଉ କି, ରାୟଗଡ଼ା ସ୍ଥିତ ଜିଆଇଏସିଆର ପଡ଼ିଆଠାରେ ଗତ ୧୦ ତାରିଖ ଦିନ 'ନୂଆ-ଓ' ଉତ୍ସବବେଳେ ପିଲାମାନଙ୍କ ମଧ୍ୟରେ ମଧ୍ୟାହ୍ନ ଭୋଜନ ଖାଇବା ପାଇଁ ଠେଲାପେଲା ବେଳେ ଗରମ ତେଲ ଛାତ୍ରୀ ଦୀପାଞ୍ଜଳିଙ୍କ ଗୋଡ଼ରେ ପଡ଼ିଯାଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆହତ ଛାତ୍ରୀଙ୍କ ଚିକିତ୍ସା କ୍ଷେତ୍ରରେ ସିଏମଆରଏଫ ପାଣ୍ଠିରୁ ୩୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି ଏବଂ ଆବଶ୍ୟକ ସ୍ଥଳେ ପ୍ଲାଷ୍ଟିକ ସର୍ଜରୀ ବିଶେଷଜ୍ଞଙ୍କ ସହ ଯୋଗାଯୋଗ କରାଯାଇଛି।

ସେହିପରି ରାୟଗଡ଼ା ଜିଲ୍ଲା ଗସ୍ତ ବେଳେ ଆହତ ସମ୍ପୃକ୍ତ ଛାତ୍ରୀଙ୍କୁ ଭେଟିଛନ୍ତି କଂଗ୍ରେସର ବରିଷ୍ଠ ନେତା ବିଜୟ ପଟ୍ଟନାୟକ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ପରିବାରଙ୍କୁ ସମବେଦନା ଜଣାଇଛନ୍ତି ଏବଂ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏହି ଗସ୍ତ ସମୟରେ ଓପିସିସି ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା, ଜିଲ୍ଲା କମିଟି ଉପସଭାପତି ତଥା ମୁଖ୍ୟ ମୁଖପାତ୍ର ଶଙ୍କର୍ଷଣ ମଙ୍ଗରାଜ, ଉପସଭାପତି ସୁନୀଲ ଚନ୍ଦ୍ର ପଣ୍ଡା, ସମ୍ପାଦକ ଶ୍ରୀ ବର୍ଦ୍ଧନ, ରାୟଗଡ଼ା ବିଧାୟକ ପ୍ରାର୍ଥୀ କାଡ୍ରକା ଆପଲାସ୍ୱାମୀ, ଆସଲମ୍ ଖାନ, ଭୂଷଣ ବିଡିକାଙ୍କ ସମେତ ବହୁ କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର

**ନବରଙ୍ଗପୁର,୧୨।୧(ସମିସ):** ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଆଭାସୀ ମାଧ୍ୟମରେ କିନ୍ନରଙ୍କ ଅଧିକାର ଆଇନକୁ ନେଇ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ ନବରଙ୍ଗପୁର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ ସଞ୍ଜୀବ ଦୁବେଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଶିବିରରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଜନକ ରାଉତ ଯୋଗଦେଇ ଉକ୍ତ ଆଇନ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଅନ୍ୟତମ ଅତିଥି ଭାବେ ମନୋରମା ମାଝି ଯୋଗଦେଇ କିନ୍ନର ବ୍ୟକ୍ତି ସୁରକ୍ଷା ଅଧିକାର ଅଧିନିୟମ ୨୦୧୯ ବିଷୟରେ ଆଲୋକପାତ କରିଥିଲେ। ପରିଶେଷରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଜନକ ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କିଡ୍ସ ଗୀର ବାର୍ଷିକ କ୍ରୀଡ଼ା ଉତ୍ସବ




**ଗୁଣୁପୁର,୧୨।୧(ସମିସ):** ଗୁଣପୁର ଉପଖଣ୍ଡସ୍ଥିତ କିଡସ୍ ଗୀ ଏ ନୋବେଲ କନସେପ୍ଟ ପ୍ଲେ କମ୍ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ମହୋତ୍ସବ 'ଚାମ୍ପିଅନ' ଉଦଯାପିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଗୁଣୁପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡ଼ା ଅଧ୍ୟାପକ ଦେବୀପ୍ରସାଦ ପାଢ଼ି ଯୋଗଦେଇ ଆନୁଷ୍ଠାନିକ ଭାବେ କ୍ରୀଡ଼ା ଉତ୍ସବର ଉଦଯାପନ କରିବା ସହ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟଅତିଥିଙ୍କ ସହ ବିଦ୍ୟାଳୟର ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ଶତପଥି, ନିର୍ଦ୍ଦେଶକ ମୁରଲୀଧର ପଣ୍ଡା, ଅଧ୍ୟକ୍ଷା ସ୍ୱର୍ଣ୍ଣପ୍ରଭା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ମଞ୍ଚାସିନ ଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ଶତପଥି ଛାତ୍ରଛାତ୍ରୀଙ୍କ ଜୀବନରେ କ୍ରୀଡ଼ାର ଭୂମିକା ସମ୍ପର୍କରେ ଉଦବୋଧନ ଦେବା ସହ କ୍ରୀଡ଼ା, ବ୍ୟାୟାମ ଦ୍ୱାରା ଶାରୀରିକ ଓ ମାନସିକ ବିକାଶ ସହ ଶିକ୍ଷାର ମଧ୍ୟ ଉନ୍ନତି ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ବିଦ୍ୟାଳୟ ନିର୍ଦ୍ଦେଶକ ଶ୍ରୀ ପଣ୍ଡା ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ସହ, କୃତୀ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ସ୍ୱର୍ଣ୍ଣପ୍ରଭା ମହାପାତ୍ର ଉପସ୍ଥିତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହଯୋଗରେ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ। ସମ୍ପ୍ରତି କ୍ରୀଡ଼ା ଉତ୍ସବରେ ଶିକ୍ଷାନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ମଞ୍ଚାସିନ ଅତିଥିମାନଙ୍କ ଦ୍ୱାରା ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କ୍ରୀଡ଼ା ମହୋତ୍ସବରେ ଖୋଖୋ, କବାଡି, କିଡ୍ସ କ୍ରିକେଟ୍ ଚାମ୍ପିଅନ୍ ଟ୍ରଫି ସହ ୫୦ ମିଟର, ୧୦୦ ମିଟର ଦୌଡ଼ ପ୍ରତିଯୋଗିତା, ସଟପୁଟ ଥ୍ରୋ, ଡିସକସ୍ ଥ୍ରୋ, ମ୍ୟାଥ୍ ରେସ୍, ସେକ୍ ରେସ୍, କଏନ୍ କଲେକ୍ସନ, ମ୍ୟୁଜିକ୍ ଚେୟାର୍ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରାୟ ଦେଢ଼ ଶହରୁ ଅଧିକ ପ୍ରତିଯୋଗୀ ପୁରସ୍କାର ପାଇଥିବା ବେଳେ, ଚାରି ଦଳ ଯଥା ଖୋଖୋ, କବାଡି, କ୍ରିକେଟରେ ଭାଗ ନେଇଥିବା ରନର୍ସ ଓ ୱାଇନର୍ସଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା।

# ଜିଲ୍ଲାସ୍ତରୀୟ ନିଶା ନିବାରଣ ବୈଠକ



**ମାଲକାନଗିରି,୧୨।୧(ସମିସ):** ନିଶାଦ୍ରବ୍ୟ ମାନବ ସମାଜକୁ ମୃତ୍ୟୁ ମୁଖକୁ ଠେଲିଦେବା ସହ ଅନେକ ରୋଗବ୍ୟାଧୀ ସୃଷ୍ଟି କରୁଛି। ଯାହାଦ୍ୱାରା ଅନେକ ନିଶା ସେବନକାରୀଙ୍କ ପରିବାର ଆର୍ଥିକ, ମାନସିକ ଓ ପାରିବାରିକ ଅଶାନ୍ତିରେ ଦିନ କାଟୁଛନ୍ତି। ନିଶା ସେବନକୁ ରୋକିବା ପାଇଁ ସରକାର ବିଭିନ୍ନ ଯୋଜନା କରି ଜିଲ୍ଲାସ୍ତରୀୟ କମିଟି ଗଠନ କରିଛନ୍ତି। ଏହି କମିଟି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଜନସାଧାରଣ, ଯୁବପିଢ଼ି, ଛାତ୍ରୀଛାତ୍ରମାନଙ୍କୁ ନିଶା ସେବନ ଠାରୁ ଦୂରେଇ ରହିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଉଛନ୍ତି। କିନ୍ତୁ ଏହା ସମ୍ପୂର୍ଣ୍ଣ ଭାବେ ଫଳପ୍ରଦ ହେଉନାହିଁ। ନିର୍ବାଚିତ ଜନ ପ୍ରତିନିଧି ଯଥା, ଗ୍ରାମ ମୁଖିଆ, ସରପଞ୍ଚ, ସମିତିସଭ୍ୟ ସଭ୍ୟା, ବ୍ଲକ୍ ଅଧ୍ୟକ୍ଷମାନେ ଚାହିଁଲେ ଯୁବପିଢ଼ି ଓ ଜନସାଧାରଣଙ୍କୁ ନିଶା ସେବନରୁ ମୁକ୍ତି କରିପାରିବେ। ମାଲକାନଗିରି ଜିଲ୍ଲାରେ ବିଭିନ୍ନ ଅଞ୍ଚଳରେ ଛୋଟଛୋଟ ଦୋକାନ ଗୁଡ଼ିକରେ ଗୁଟଖା, ଖଇନି, ଦେଶୀ, ବିଦେଶୀ ମଦ, ଚୋରାରେ ବିକ୍ରି ହେଉଛି। ସେବନକାରୀମାନେ ସହଜରେ ଏହାକୁ କିଣି ବ୍ୟବହାର କରୁଛନ୍ତି। ଯାହାଫଳରେ ସେବନକାରୀମାନେ ଯାନବାହାନ ଚଳାଇବା ସମୟରେ ଅନେକ ଦୁର୍ଘଟଣାର ସମ୍ମୁଖୀନ ହୋଇ ଜୀବନ ହାରିବା ସହ ମାରାତ୍ମକ କ୍ୟାନସର ରୋଗରେ ପୀଡ଼ିତ ହେଉଛନ୍ତି। ଜନପ୍ରତିନିଧିମାନେ ନିଜ ଅଞ୍ଚଳର କେଉଁ ସ୍ଥାନରେ ଚୋରାମାଦକ ଦ୍ରବ୍ୟ ବିକ୍ରି ହେଉଛି ତାହାର ତଥ୍ୟ ସଂଗ୍ରହ କରି ସେହି ଗ୍ରାମ କିମ୍ବା ପଞ୍ଚାୟତ ସଦର ମହକୁମା ଓ ସହରରେ ଜନସାଧାରଣଙ୍କୁ ସଚେତନ କଲେ ତାହାର ସୁଫଳ ମିଳିବ ବୋଲି ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ତ୍ରିନାଥ ମାଝୀଙ୍କ ଅଧ୍ୟକ୍ଷତାରେ ନିଶା ନିବାରଣ ବୈଠକରେ ମତ ପ୍ରକାଶ ପାଇଛି। ଆଗାମୀ ଦିନରେ ଆବାସିକ ବିଦ୍ୟାଳୟ, ମହାବିଦ୍ୟାଳୟ, ଅଞ୍ଚଳରେ ନିଶାଦ୍ରବ୍ୟ ବିକ୍ରି କରୁଥିବା ଲୋକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ବ୍ଲକ୍, ପଞ୍ଚାୟତସ୍ତରରେ କମିଟି ଗଠନ କରାଯାଇ ଚୋରା ବେପାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ବିଭିନ୍ନ ବିଦ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ ଓ ବ୍ଲକ୍ କାର୍ଯ୍ୟାଳୟ ବୈଠକରେ ଏସମ୍ବନ୍ଧରେ ଆଲୋଚନା କରାଯାଇ ସଚେତନତା କରାଯିବ। ଆଜିର ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଆରକ୍ଷୀ ଅଧିକ୍ଷକ ଡା. ଦିନେଶ ନାୟକ, ଜିଲ୍ଲା ଆଇନସେବା ପ୍ରାଧିକରଣ ସହକାରୀ ଏଲ୍‌ଡିସି. ସାଗର ପାଣୀଗ୍ରାହି, ଡା. ଡିପି. ରାଜ, ଅବକାରୀ ଅଧିକ୍ଷକ ବିମ୍ବାଧର ପଣ୍ଡା, ଭାରପ୍ରାପ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଇନ୍ଦିରା ପ୍ରଧାନ, ଜିଲ୍ଲା ଶିକ୍ଷା ବିଭାଗର ଅରବିନ୍ଦ ରଥ, ଅବସରପ୍ରାପ୍ତ ବନପାଳ ଦୁର୍ଯ୍ୟୋଧନ ପାତ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଦାରୁଆ, ବ୍ରହ୍ମକୁମାରୀ ମୁଖ୍ୟ ବି.କେ. ଜୟନ୍ତୀ, ପିପୁଲ ପୋରମ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନର କାଉନସିଲର ମଧୁସ୍ମିତା ମେଦିନିଆ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନେଇଥିଲା।

DADLS-76

ଓଡ଼ିଶା ସରକାର



ଓଡ଼ିଶାର ବରପୁତ୍ର
ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
ତା.୧୩.୦୧.୨୦୨୪

ସକାଳ – ଘ.୮.୩୦ ମିନିଟ ସମୟରେ ଏଜି ଛକ,ଭୁବନେଶ୍ୱରସ୍ଥିତ ଓଡ଼ିଶାର ବରପୁତ୍ର ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

**ଜୟଦେବ ଭବନ ଅପରାହ୍ଣ - ୩ ଘଟିକା**

ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଜୀବନୀ ଓ ଅବଦାନ ସମ୍ପର୍କିତ
ଆଲୋଚନାଚକ୍ର
(ଆୟୋଜକ :ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱର)

**ସନ୍ଧ୍ୟା ଘ. ୫.୩୦ ମିନିଟ ସାଧାରଣ ସଭା**

ମୁଖ୍ୟ ଅତିଥି – **ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତ**, ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକସମ୍ପର୍କ
ବିଶିଷ୍ଟ ଅତିଥି – **ଶ୍ରୀଯୁକ୍ତ ବିକ୍ରମ କେଶରୀ ଆରୁଖ**, ମାନ୍ୟବର ମନ୍ତ୍ରୀ, ଅର୍ଥ
ସମ୍ମାନନୀୟ ଅତିଥି – **ଶ୍ରୀଯୁକ୍ତ ଚନ୍ଦ୍ରଶେଖର ସାହୁ**, ମାନ୍ୟବର ସାଂସଦ, ବ୍ରହ୍ମପୁର,
**ଶ୍ରୀମତୀ ପ୍ରମିଳା ବିଷୋୟୀ**, ମାନ୍ୟବର ସାଂସଦ, ଆସିକା,
**ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ**, ମାନ୍ୟବର ବିଧାୟକ, ସୋରଡ଼ା
**ଶ୍ରୀମତୀ ମଞ୍ଜୁଳା ସ୍ୱାଇଁ**, ମାନ୍ୟବର ବିଧାୟିକା, ଆସିକା
**ଶ୍ରୀମତୀ ଲତିକା ପ୍ରଧାନ**, ମାନ୍ୟବର ବିଧାୟିକା, କବିସୂର୍ଯ୍ୟନଗର
**ଶ୍ରୀଯୁକ୍ତ ବିକ୍ରମ କୁମାର ପଣ୍ଡା**, ମାନ୍ୟବର ବିଧାୟକ, ବ୍ରହ୍ମପୁର
**ଶ୍ରୀଯୁକ୍ତ ସୁବାଷ ଚନ୍ଦ୍ର ବେହେରା**, ମାନ୍ୟବର ବିଧାୟକ, ଛତ୍ରପୁର
**ଶ୍ରୀମତୀ ସୂର୍ଯ୍ୟମଣି ବୈଦ୍ୟ**, ମାନ୍ୟବର ବିଧାୟିକା, ଖଲ୍ଲିକୋଟ
ଧନ୍ୟବାଦ ଅର୍ପଣ – **ଶ୍ରୀଯୁକ୍ତ ମହେଶ୍ୱର ବରାଡ଼**, ସମ୍ପାଦକ ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱର

ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱର ଦ୍ୱାରା ଗଂଜାମର ପ୍ରସିଦ୍ଧ ପ୍ରାଚୀନ ଲୋକନୃତ୍ୟ ଭାରତ ଲୀଳା ଏବଂ ସଖୀନାଟ ପରିବେଷଣ ।

**ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।**

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0249/2324

# ଅବଶିଷ୍ଟାଂଶ...

## ଭକ୍ତଙ୍କୁ ମିଳିବ...

ମିଟର ବଫର ଜୋନ୍। ଏଥିରୁ ୫ ମିଟରରେ ମହାପ୍ରଭୁଙ୍କ ପୂଜା ସେବାରେ ଲାଗୁଥିବା ତୁଳସୀ ଓ ଦୟଣା ଭଳି ବିଭିନ୍ନ ଗଛ ଲଗାଯାଇଛି। ଏହାପରେ ୧୦ ମିଟର ଅନ୍ତଃପ୍ରଦକ୍ଷିଣ ପଥ ରହିଛି। ଏଥିରେ ଭକ୍ତମାନେ ନାମ ସଂକୀର୍ତ୍ତନ, ଜପତପ କରି ହେଉ କିମ୍ବା ଖାଲି ମଧ୍ୟ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ବୁଲିପାରିବେ। ଏଠି କୌଣସି ଗାଡ଼ିଘୋଡ଼ାର ସ୍ଥାନ ନାହିଁ। ବିଭିନ୍ନ ପର୍ବପର୍ବାଣିରେ ମହାପ୍ରଭୁଙ୍କ ସମେତ ବିଭିନ୍ନ ଦେବଦେବୀଙ୍କ ବିଜେ ପାଇଁ ଏହା ଉଦ୍ଦିଷ୍ଟ। ଏହାଦ୍ୱାରା ଚାରିଦ୍ୱାରରେ ବାହାରିବା ପାଇଁ ମଧ୍ୟ ସୁବିଧା ହୋଇପାରିବ। ଏହାପରେ ୮/୯ ମିଟର ସବୁଜ ବଳୟ ରହିବ। ଏଠାରେ ବିଭିନ୍ନ ପ୍ରକାର ଗଛ ଓ ମଝିରେ ମଝିରେ ବସିବା ପାଇଁ ସ୍ଥାନ ରଖାଯାଇଛି। ଏହାପରେ ବାହ୍ୟ ପ୍ରଦକ୍ଷିଣ ପଥ ରହିଛି। ଏଠାରେ ବଡ଼ ବଡ଼ ଗଛ ଚାରା ଲଗାଯାଇଛି। ବର୍ଷେ ଦୁଇବର୍ଷ ପରେ ଏହି ଗଛ ଛତା ଆକୃତିର ହୋଇଯିବ। ଏହା ଛାଇରେ ଶ୍ରଦ୍ଧାଳୁମାନେ ବସି ବିଶ୍ରାମ ନେଇପାରିବେ। ଏହି ବାହାର ପ୍ରଦକ୍ଷିଣ ପଥରେ ବି ଭକ୍ତମାନେ ନାମ, ସଂକୀର୍ତ୍ତନ କରି ବୁଲିପାରିବେ । ବିଶ୍ରାମ ପାଇଁ ବି ମଣ୍ଡପ ହୋଇଛି। ଏହା ବାହାରେ ଭକ୍ତ, ସେବକଙ୍କ ପାଇଁ ପରିଶ୍ରାଗାର, ଶୌଚାଳୟ, କ୍ଲୋକ୍‌ରୁମ୍ ଆଦି ସୁବିଧା କରାଯାଇଛି।

ପରିକ୍ରମା ପ୍ରକଳ୍ପର ପରିକଳ୍ପନା, ଅୟମାରମ୍ଭ, ନିର୍ମାଣ କାର୍ଯ୍ୟରେ କାହିଁକି ବିଳମ୍ବ ହେଲା ଏବଂ ଏହାଦ୍ୱାରା କ'ଣ ଲାଭ ମିଳିବ ସେ ସଂପର୍କରେ ବିସ୍ତୃତ ସୂଚନା ଦେଇ ଗଜପତି ମହାରାଜ କହିଛନ୍ତି, ପ୍ରକଳ୍ପ ନିର୍ମାଣ ୨ ବର୍ଷ ମଧ୍ୟରେ ସରିବା ଲାଗି ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ କୋଭିଡ୍ ଯୋଗୁଁ ଏହାର ନିର୍ମାଣରେ ବିଳମ୍ବ ହୋଇଥିଲା । ଯାହା ବି ହେଉ ଏବେ ଏହାର ଲୋକାର୍ପଣ ହେବାକୁ ଯାଉଛି । ପ୍ରକଳ୍ପ ପରିସର ମଠଗୁଡ଼ିକର ବିଜେସ୍ଥଳୀ ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାରଙ୍କୁ କୁହାଯାଇଥିଲା। ସେହି ଅନୁଯାୟୀ ସୌନ୍ଦର୍ଯ୍ୟକରଣ କରାଯାଇଛି । ଅଳ୍ପ କିଛି ମଠରେ ସୂକ୍ଷ୍ମ କାମ ବାକି ରହିଛି ତାହା ପ୍ରକଳ୍ପ ଲୋକାର୍ପଣ ପରେ କରାଯିବ। ୪୮ ଜଣ ଆଚାର୍ଯ୍ୟ ଯଜ୍ଞ କରିବେ ଏବଂ ୬୦ ଜଣ ବ୍ରାହ୍ମଣ ଶ୍ରୀମନ୍ଦିର ଚାରିଦ୍ୱାରରେ ବେଦପାଠ କରିବେ। ଏହା ମହାପ୍ରଭୁଙ୍କ କାମ। ଏହାକୁ ସମଗ୍ର ବିଶ୍ୱବାସୀ ଦେଖିବେ। ତେଣୁ ନିଷ୍ଠାର ସହ ନିଜ ନିଜ ଦାୟିତ୍ୱ ସମ୍ପାଦନ କରିବାକୁ ଗଜପତି ମହାରାଜା ବରଣ ହୋଇଥିବା ଆଚାର୍ଯ୍ୟମାନଙ୍କୁ ପରାମର୍ଶ ଦେଇଛନ୍ତି।

## ଗଜପତି କଲେ...

ଆଚାର୍ଯ୍ୟ ବରଣ ଲାଗି ଚଳଚଞ୍ଚଳ ହୋଇପଡିଥିଲା ଶ୍ରୀନଅର ପରିସର। ରାଜଗୁରୁ ସୁଧାଂଶୁ ରାଜଗୁରୁ ଏବଂ ଦେବୀପ୍ରସାଦ ରାଜଗୁରୁ ଗଜପତିଙ୍କ ମଙ୍ଗଳାର୍ପଣ ସହ ଆଚାର୍ଯ୍ୟବରଣର ଅନ୍ୟାନ୍ୟ ବିଧି ସମ୍ପନ୍ନ କରିଥିଲେ। ପରେ ଗଜପତି ମହାରାଜା ଆଚାର୍ଯ୍ୟ ବରଣ କରିଥିଲେ। ପ୍ରଥମେ ଗଜପତି ମହାରାଜା ଗୁଆ, ପଇତା, ନଡିଆ, ବସ୍ତ୍ର, ମୁଦି, ପାତ୍ର ଓ ଯଜ୍ଞ ପାଇଁ ପାତ୍ରୀ, ଦେଇ ପ୍ରଧାନ ଆଚାର୍ଯ୍ୟ ଭାବେ ସୁଧାଂଶୁ ଶେଖର ରାଜଗୁରୁଙ୍କୁ ବରଣ କରିଥିଲେ। ଗଜପତି ମହିରାଜ ତାଙ୍କ ଶ୍ରୀହସ୍ତରେ ଭବ୍ୟ ଓ ଦିବ୍ୟ ଗୁଆ, ନଡିଆ ପଇତା ଆଦି ପ୍ରଧାନ ଆଚାର୍ଯ୍ୟଙ୍କୁ ପ୍ରଦାନ କରିଥିଲେ। ଏହାପରେ ପରେ ପ୍ରଧାନ ଆଚାର୍ଯ୍ୟ ଗଜପତିଙ୍କ ପ୍ରତିନିଧି, ପ୍ରଚାରକ, ଉପ ପ୍ରଚାରକ(ପୁସ୍ତାକାଚାର୍ଯ୍ୟ), ମଣ୍ଡଳାଚାର୍ଯ୍ୟ, ଶ୍ରୀମନ୍ଦିର ପୁରୋହିତ, ଆଚାର୍ଯ୍ୟ, ସଂଯୋଜକଙ୍କୁ ବରଣ କାର୍ଯ୍ୟ ସମାପନ କରିଥିଲେ। ଏହା ମହାପ୍ରଭୁଙ୍କର କାର୍ଯ୍ୟ। ଓଡ଼ିଶାର କଳାନୈପୁଣ୍ୟ ସହିତ ଆମର ରୀତିନୀତି ଓ ପରମ୍ପରାକୁ ବିଶ୍ୱବାସୀ ଦେଖିବେ। ଶ୍ରୀମନ୍ଦିରର ଏହି କାର୍ଯ୍ୟ ଯେପରି ବୈଦିକ ପରମ୍ପରା ଅନୁସାରେ ହେବ ସେ ଦିଗରେ ଯତ୍ନବାନ ହୋଇ ନିଷ୍ଠାର ସହ ସମସ୍ତ କାର୍ଯ୍ୟ ସମ୍ପାଦନ କରିବାକୁ ଗଜପତି ମହାରାଜା ବରଣ ହୋଇଥିବା ଆଚାର୍ଯ୍ୟ ଓ ବେଦଜ୍ଞ ପଣ୍ଡିତମାନଙ୍କୁ ପରାମର୍ଶ ଦେଇଛନ୍ତି।

## ଭୋଟବେଳେ ଦେଖା...

ଆମେ ସେପରି ନୋହୁଁ। ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ସମସ୍ୟା ଶୁଣିବା ଓ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ଆମକୁ ନିର୍ଦ୍ଦେଶ ଦେଇଛନ୍ତି। ଲୋକଙ୍କ ସମସ୍ୟାର ସମାଧାନ କରି ଲୋକଙ୍କ ପାଖକୁ ଯାଇ ତାହାର ହିସାବ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କର ସ୍ପଷ୍ଟ ନିର୍ଦ୍ଦେଶ ରହିଛି । ସାଢ଼େ ଚାରି କୋଟି ଓଡ଼ିଶାବାସୀ ହେଉଛନ୍ତି ମୁଖ୍ୟମନ୍ତ୍ରୀଙ୍କ ପରିବାର। ଏତେ ବୟସରେ ବି ସେ ଲୋକଙ୍କ କଲ୍ୟାଣ ପାଇଁ ଅବିଶ୍ରାନ୍ତ ପରିଶ୍ରମ କରୁଛନ୍ତି। ସବୁ ବର୍ଗର ଲୋକଙ୍କ ଦୁଃଖ ଦୂର କରୁଛନ୍ତି। ମୁଖ୍ୟମନ୍ତ୍ରୀ ସବୁବେଳେ କାମରେ ବିଶ୍ୱାସ କରନ୍ତି। ସାଧାରଣ ଲୋକଙ୍କ ମୁହଁରେ ହସ ହିଁ ତାଙ୍କ ପାଇଁ ସବୁଠାରୁ ବଡ଼ ପୁରସ୍କାର। ଗରିବ ଲୋକଙ୍କୁ ବଡ଼ ସ୍ୱପ୍ନ ଦେଖିବାକୁ ମୁଖ୍ୟମନ୍ତ୍ରୀ ଅନୁପ୍ରେରିତ କରିଛନ୍ତି ଓ ତାକୁ କାର୍ଯ୍ୟକାରୀ କରିବାର ଦାୟିତ୍ୱ ନିଜେ ମୁଖ୍ୟମନ୍ତ୍ରୀ ନେଇଛନ୍ତି। ସେଥିପାଇଁ ସାରା ଓଡ଼ିଶାର ଜନତା ମୁଖ୍ୟମନ୍ତ୍ରୀଙ୍କୁ ଭରସା କରନ୍ତି। ତାଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରଖି ବାରମ୍ବାର ଆଶୀର୍ବାଦ କରି ଚାଲିଛନ୍ତି। କିନ୍ତୁ ଅନ୍ୟ ଦଳର ନେତାମାନେ କେବଳ ରାଜନୀତିର ଭାଷା ବୁଝନ୍ତି। ଲୋକଙ୍କ ସୁଖ ସମୃଦ୍ଧି, ରାଜ୍ୟର ବିକାଶ ସେମାନଙ୍କ ପାଇଁ ଗୁରୁତ୍ୱ ରଖେ ନାହିଁ। କେବଳ ଭୋଟ ହାତେଇବା ପାଇଁ ଲୋକଙ୍କ ପାଖକୁ ଯାଇ ବଡ଼ ବଡ଼ ପ୍ରତିଶ୍ରୁତି ଦିଅନ୍ତି ଆଉ ନିର୍ବାଚନ ସରିଲେ ନିଜ ବାଟରେ ଚାଲିଯାନ୍ତି। ଏପରି ଲୋକଙ୍କୁ ଚିହ୍ନି ରଖିବା ଆବଶ୍ୟକ ବୋଲି ଶ୍ରୀ ପାଣ୍ଡିଆନ୍ ପରାମର୍ଶ ଦେଇଛନ୍ତି । ଦୁଇଦିନ ତଳେ ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲା ଗସ୍ତ ବେଳେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡକୁ ନେଇ ସମ୍ବଲପୁରରେ କେନ୍ଦ୍ରମନ୍ତ୍ରୀ ଦେଇଥିବା ମନ୍ତବ୍ୟର ଜବାବ୍ ଦେଇଥିଲେ ଶ୍ରୀ ପାଣ୍ଡିଆନ୍। ସମ୍ବଲପୁରର ଏକ ସଭାରେ କେନ୍ଦ୍ରମନ୍ତ୍ରୀ ବିଏସ୍‌କେୱାଇକୁ ନିନ୍ଦା କରିବା ସହ ଏହା ଲୋକଙ୍କ ଦରକାର ନାହିଁ ବୋଲି କହିଥିଲେ। ଶ୍ରୀ ପାଣ୍ଡିଆନ୍ କହିଥିଲେ ଯେ ଏହି ଯୋଜନା ଯଦି ଏତେ ଖରାପ ତା ହେଲେ କେନ୍ଦ୍ରମନ୍ତ୍ରୀଙ୍କ ଦଳ ଆଗାମୀ ନିର୍ବାଚନ ବେଳେ ଯେଉଁ ଇସ୍ତାହାର ପ୍ରକାଶ କରିବ ତାହାର ପ୍ରଥମ ପଏଣ୍ଟରେ କ୍ଷମତାକୁ ଆସିଲେ ବିଏସ୍‌କେୱାଇ ବନ୍ଦ କରିବୁ ବୋଲି ଲେଖିବାକୁ ଆହ୍ୱାନ ଜଣାଇଥିଲେ। ଆଜି ଶ୍ରୀ ପାଣ୍ଡିଆନ୍ ପୂର୍ବାହ୍ନରେ କଳାହାଣ୍ଡି ଓ ଅପରାହ୍ନରେ ସମ୍ବଲପୁର ଜିଲ୍ଲା ଗସ୍ତ କରିଥିଲେ।

## ମା'ମାନଙ୍କ ସଶକ୍ତୀକରଣରେ...

ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ମିଲେଟ ମିଶନ, କଫି ମିଶନ ଆଦି ଅନେକ ଯୋଜନା ରାଜ୍ୟ ସରକାରଙ୍କ ଦ୍ୱାରା ଚାଲିଛି। ତେଣୁ ଏହାର ସୁଯୋଗ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସେ ଆହୁରି କହିଥିଲେ ଯେ ମା'ମାନଙ୍କ ସଶକ୍ତୀକରଣ କେବଳ ଏକ ପରିବାରକୁ ନୁହେଁ, ବରଂ ସାରା ସମାଜକୁ ସଶକ୍ତ କରେ। ସେମାନଙ୍କର ସଶକ୍ତୀକରଣ ରାଜ୍ୟ ସରକାରଙ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ମିଶନ ଶକ୍ତି ଜରିଆରେ ମା'ମାନେ ବିକାଶର ସବୁ କ୍ଷେତ୍ରରେ ସହଭାଗୀ ହୋଇପାରିଛନ୍ତି। ଚାଷର ଉନ୍ନତି ଓ ଚାଷୀର କଲ୍ୟାଣ ଉପରେ ରାଜ୍ୟ ସରକାର ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି। ଚାଷୀମାନଙ୍କ ପାଇଁ କାଳିଆ ଯୋଜନା ଏକ ବହୁତ ଭଲ ଯୋଜନା ବୋଲି ପ୍ରକାଶ କରି କାଳିଆ ବୃତ୍ତିର ପରିସରକୁ ଆହୁରି ବ୍ୟାପକ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ କୃଷି ବିଜ୍ଞାନୀ ତଥା ବିଶେଷଜ୍ଞମାନଙ୍କୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟର କୃଷି କ୍ଷେତ୍ରର ଅଭିବୃଦ୍ଧିରେ ଆପଣମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କୃଷିର ଉନ୍ନତି ଓ କୃଷକ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ସେମାନଙ୍କର ମତାମତ ଓ ପରାମର୍ଶକୁ ସ୍ୱାଗତ କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଭବନ ଏବଂ 'ଇମେଜ'ର ନୂଆ କ୍ୟାମ୍ପସ ପାଇଁ ଭିତ୍ତି ରଖିଛନ୍ତି। ୧୧୩ କୋଟି ଟଙ୍କା ବିନିଯୋଗରେ ଶିରିପୁରଠାରେ ନିର୍ମିତ ହେଉଥିବା ଏହି କ୍ୟାମ୍ପସ କୃଷି ସମ୍ପ୍ରସାରଣର କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ର ଭାବରେ କାମ କରିବ। ସେହିପରି କୃଷି ଉଦ୍ୟୋଗ ଭବନ ନୂଆପଲ୍ଲୀଠାରେ ପ୍ରତିଷ୍ଠା କରାଯାଉଛି। ଏଥିପାଇଁ ୨୮ କୋଟି ଟଙ୍କା ବିନିଯୋଗ କରାଯିବ। କୃଷି ଉଦ୍ୟୋଗ କ୍ଷେତ୍ରରେ ଏହା ରାଜ୍ୟର ଚାଷୀମାନଙ୍କୁ ପ୍ରୋତ୍ସାହନ ଯୋଗାଇଦେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଶିଷ୍ଟ କୃଷି ବିଜ୍ଞାନୀ ଡ. ସ୍ୱାତୀ ନାୟକଙ୍କୁ ସମ୍ମାନିତ କରିଥିଲେ। ଏହା ସହିତ ଅଭିନବ କୃଷି ଯନ୍ତ୍ରପାତି ପ୍ରୋତ୍ସାହନ ଯୋଜନାରେ ୧୭ ଜଣ କୃଷକଙ୍କୁ ପୁରସ୍କୃତ କରିବା ସହ ୧୦ ଜଣ ସଫଳ ମହିଳା ଚାଷୀଙ୍କୁ ସମ୍ମାନିତ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର କୃଷି ଋଣ ମଡ୍ୟୁଲର ସଫଳ ପୋର୍ଟାଲର ଶୁଭାରମ୍ଭ କରିଥିଲେ। ଏହାଦ୍ୱାରା ଚାଷୀମାନେ ଖୁବ୍‌ଶୀଘ୍ର ଓ ସୁବିଧାରେ ଫସଲ ଋଣ ପାଇପାରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆୟୋଜିତ ଏକ କୃଷି ପ୍ରଦର୍ଶନୀ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଯେ ୧୯୯୯ରେ କୃଷି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବ୍ୟୟ ରାଜ୍ୟ ବଜେଟ୍‌ର ମାତ୍ର ୪.୬୬ ପ୍ରତିଶତ ଥିବା ବେଳେ ଆଜି ଏହା ୧୧ପ୍ରତିଶତ ହୋଇପାରିଛି। କୃଷି କ୍ଷେତ୍ରରେ ଏହି ବ୍ୟାପକ ବିନିଯୋଗ ଯୋଗୁଁ ଆଜି ରାଜ୍ୟର ସବୁ କ୍ଷେତ୍ରରେ ପ୍ରଗତି ଆସିଛି। ସେ କହିଥିଲେ ଯେ କୃଷି କ୍ଷେତ୍ରରେ ମହିଳା ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ୧୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ କହିଥିଲେ ଯେ କ୍ଷେତରୁ ଆରମ୍ଭ କରି ଖାଦ୍ୟଥାଳି ପର୍ଯ୍ୟନ୍ତ ମହିଳାମାନେ କୃଷି କ୍ଷେତ୍ରରେ ସେମାନଙ୍କର ବଳିଷ୍ଠ ଯୋଗଦାନ ରଖିଛନ୍ତି। ମହିଳାମାନଙ୍କୁ କୃଷିଭିତ୍ତିକ କାର୍ଯ୍ୟକ୍ରମରେ ପ୍ରୋତ୍ସାହନ ଦିଆଯାଉଛି। ମିଶନ ଶକ୍ତି କାର୍ଯ୍ୟକ୍ରମ ଯୋଗୁ ଓଡ଼ିଶାର ମହିଳାମାନଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇପାରିଛି। କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସ୍ୱାଗତ ଭାଷଣ ଏବଂ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଧନ୍ୟବାଦ ଦେଇଥିଲେ। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଡାକ୍ତର ହୃଷୀକେଶଙ୍କୁ...

ଅନାଦେୟ ହେଲେ, ଆଉ ଦୁଇବର୍ଷ ଅଧିକ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସେହିପରି ଏହି ଘଟଣାରେ ପ୍ରମାଣ ନଷ୍ଟ ପାଇଁ ଡାକ୍ତର ହୃଷୀକେଶଙ୍କୁ ସହାୟତା କରିଥିବା ଗଙ୍ଗା ବେହେରା ଓ ବିଧାନ ସେଠୀଙ୍କୁ ଦୁଇବର୍ଷ ଲେଖାଏଁ ଜେଲ ଓ ୫ ହଜାର ଟଙ୍କା ଲେଖାଏଁ ଜରିମାନାରେ କୋର୍ଟ ଦଣ୍ଡିତ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ବରିଷ୍ଠ ଡାକ୍ତର ଭାବେ କାର୍ଯ୍ୟ କରୁଥିବା ଡା. ହୃଷୀକେଶ ତ୍ରିପାଠୀଙ୍କ ବ୍ରହ୍ମପୁର ନୂଆ ବସଷ୍ଟାଣ୍ଡସ୍ଥିତ ଘରେ ଗାୟତ୍ରୀ କ୍ଲିନିକ ନାମରେ ଏକ ନର୍ସିଂହୋମ ରହିଥିଲା। ଉକ୍ତ ନର୍ସିଂହୋମରେ କାମ କରୁଥିବା ଜଣେ ମହିଳା ନର୍ସଙ୍କ ସହ ଡା. ତ୍ରିପାଠୀ ଓ ଖଲ୍ଲିକୋଟ ବାଉଁଶିଆ ଗ୍ରାମର ବ୍ୟାଙ୍କ ଏଜେଣ୍ଟ ବିଷ୍ଣୁ ଗୌଡ଼ଙ୍କର ପ୍ରେମ ସମ୍ପର୍କ ଥିଲା। ଉଭୟ ଡାକ୍ତର ତ୍ରିପାଠୀ ଓ ବିଷ୍ଣୁ ବିବାହିତ ହୋଇ ମଧ୍ୟ ନର୍ସଙ୍କ ସହ ସମ୍ପର୍କରେ ରହିଥିଲେ। ଏ ସଂପର୍କରେ ଜଣାପଡ଼ିବା ପରେ ନର୍ସଙ୍କଠାରୁ ଦୂରେଇ ରହିବାକୁ ବିଷ୍ଣୁଙ୍କୁ ବାରମ୍ବାର ଚେତାବନୀ ଦେଇଥିଲେ ଡାକ୍ତର ତ୍ରିପାଠୀ। କିନ୍ତୁ ବିଷ୍ଣୁ ସେଥିରୁ ନିବୃତ୍ତ ନହେବାରୁ ଡାକ୍ତର ତ୍ରିପାଠୀ ତାଙ୍କୁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲେ। ଯୋଜନା ମୁତାବକ, ୨୦୧୮ ଅଗଷ୍ଟ ୧୯ରେ ଡାକ୍ତର ତ୍ରିପାଠୀ ନୂଆ ବସ୍‌ଷ୍ଟାଣ୍ଡସ୍ଥିତ ଗାୟତ୍ରୀ କ୍ଲିନିକକୁ ବିଷ୍ଣୁଙ୍କୁ ଡକାଇଥିଲେ। ତେବେ କ୍ଲିନିକ୍‌ରେ ବିଷ୍ଣୁ ଉକ୍ତ ନର୍ସଙ୍କୁ ଗାଳିଗୁଲଜ କରିବାରୁ ଏଥିରେ ଉତ୍କ୍ଷିପ୍ତ ହୋଇ ଡାକ୍ତର ତାଙ୍କୁ କୌଶଳକ୍ରମେ ଏକ ନିଶା ଇଞ୍ଜେକ୍ସନ୍ ଦେଇ ହତ୍ୟା କରିଥିଲେ। ପରେ ମୃତଦେହକୁ କ୍ଲିନିକର ଅସ୍ତ୍ରୋପଚାର ରୁମ୍‌କୁ ନେଇ ଖଣ୍ଡଖଣ୍ଡ କରି କାଟି ଦେଇଥିଲେ। ରାତିରେ କ୍ଲିନିକ୍ କର୍ମଚାରୀ ଗଙ୍ଗା ବେହେରାଙ୍କ ସହଯୋଗରେ ଖଣ୍ଡବିଖଣ୍ଡିତ ଶବକୁ ଏକ ବସ୍ତାରେ ଭର୍ତ୍ତି କରି ନିଜ କାର୍‌ରେ ସହର ଉପକଣ୍ଠ ବଡ଼ଗୁମୁଳାସ୍ଥିତ ଫାର୍ମହାଉସ୍‌ର ଆବର୍ଜନା ଗାତରେ ପକାଇ ଦେଇଥିଲେ। ତା' ପରଦିନ ବିଧାନ ସେଠୀଙ୍କୁ କହି ସେହି ଆବର୍ଜନା କୁଣ୍ଡରେ ବାଲି ପକାଇ ଭର୍ତ୍ତି କରି ଦେଇଥିଲେ।

ତେବେ ବିଷ୍ଣୁଙ୍କ ପତ୍ନୀ ନର୍ମଦା ଗୌଡ଼ଙ୍କ 'ନିଖୋଜ' ଅଭିଯୋଗ ଆଧାରରେ ତଦନ୍ତ କରୁ କରୁ ବୈଦ୍ୟନାଥପୁର ପୁଲିସ୍ ୨୦୧୮ ସେପ୍ଟମ୍ବର ୧୨ରେ ବଡଗୁମୁଳାର ସେହି ଆବର୍ଜନା କୁଣ୍ଡରୁ ବିଷ୍ଣୁଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଉଦ୍ଧାର କରିଥିଲା। ଏହା ଏକ ହତ୍ୟା ମାମଲା ହୋଇଥିବାରୁ ପୁଲିସ ତଦନ୍ତକୁ ତ୍ୱରାନ୍ୱିତ କରି ଆସାମୀଙ୍କ ନିକଟରେ ପହଞ୍ଚିଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ବିକ୍ରମ କୁମାର କୁଣ୍ଡ ମକଦ୍ଦମା ପରିଚାଳନା କରୁଥିବା ବେଳେ ପିପି ତ୍ରିଲୋଚନ ପରିଡ଼ା ସହଯୋଗ କରିଥିଲେ।

## 'କଳାକାରମାନେ ଓଡ଼ିଆ...

ଯୋଗାଇଛି। ଆମ ରାଜ୍ୟର କଳାକୃତି ସମଗ୍ର ଦେଶରେ ଅନନ୍ୟ। ଆମ ରାଜ୍ୟରୁ ସର୍ବାଧିକ କଳାକାର, ବୁଣାକାରମାନେ ପଦ୍ମ ପୁରସ୍କାର ସହ ବହୁ ଜାତୀୟ ସମ୍ମାନ ହାସଲ କରିଛନ୍ତି। ଶ୍ରୀ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମହାପ୍ରଭୁଙ୍କ ଆରାଧନାରେ ହିଁ ଓଡ଼ିଆ ଜାତିର ଧାର୍ମିକ ମହାତ୍ମ୍ୟ ଲୁକ୍କାୟିତ। ସର୍ବ ଧର୍ମ ଓ ସଂସ୍କୃତିର ସମନ୍ୱୟ ହେଉଛ ଶ୍ରୀ ଜଗନ୍ନାଥ ସଂସ୍କୃତି। ରୂପାନ୍ତରଣର ଏକ ଉଲ୍ଲେଖନୀୟ ପ୍ରତୀକ ବ୍ୟତୀତ ଏହା ଆମ ମହାନ୍ ଐତିହ୍ୟର ଅଭିବ୍ୟକ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଯାଜପୁରର ସାଂସ୍କୃତିକ ଐତିହ୍ୟ ଏହାର ଜାଜ୍ୱଲ୍ୟମାନ କଳାକୃତିରେ ପ୍ରତିଫଳିତ ହୋଇଥାଏ। ଡିଜାଇନ୍, ପାରମ୍ପରିକ ଚିତ୍ରାଙ୍କନ, ସ୍ଥାପତ୍ୟ, ମୂର୍ତ୍ତି ଓ ହସ୍ତଶିଳ୍ପରେ ଏହି ଜିଲ୍ଲାର କଳାକାରମାନେ ସର୍ବଦା ସମୟଠାରୁ ଆଗରେ ରହି ଆସିଛନ୍ତି। ପ୍ରାଚୀନ ଓଡ଼ିଶାର ରାଜଧାନୀ ଭାବେ ଯାଜପୁରର ଖ୍ୟାତି ରହିଛି। ଏହି ଜିଲ୍ଲା ଧାର୍ମିକ ଓ ବୌଦ୍ଧକୀର୍ତ୍ତି ସମ୍ପଦ ସହ ବର୍ତ୍ତମାନ ଏହା ଦେଶର ସର୍ବଶ୍ରେଷ୍ଠ ଶିଳ୍ପାଞ୍ଚଳ ଭାବେ ସୁନାମ ଅର୍ଜନ କରୁଛି। ଶିଳ୍ପ ସହିତ ଦେଶର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳରେ ପରିଣତ ହେବା ଲାଗି ଏହି ଜିଲ୍ଲାର ସବୁ ଦକ୍ଷତା ରହିଛି। ଏହି ଅନ୍ତର୍ଜାତୀୟ ସମ୍ମିଳନୀ ଓଡ଼ିଶାର କଳାକୃତି ତଥା କଳାକାରମାନଙ୍କ ପାଇଁ ସମ୍ଭାବନାର ନୂଆ ଦ୍ୱାର ଉନ୍ମୁକ୍ତ କରିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ।

ଏହି ଅବସରରେ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ କହିଥିଲେ, ନିଜର ପାରମ୍ପରିକ ଦକ୍ଷତା ପାଇଁ ଯାଜପୁର ଜିଲ୍ଲା ବେଶ୍ ଖ୍ୟାତ। ଏବେ ଏହି ଜିଲ୍ଲା ଭାରତର ଟସର ହବ୍‌ରେ ପରିଣତ ହେବାକୁ ଯାଉଛି। କାର୍ଯ୍ୟକ୍ରମରେ ଜିଲ୍ଲାର ବିଧାୟକଗଣ, ନ୍ୟାସନାଲ ମନୁମେଣ୍ଟ ଅଥରିଟିର ମୁଖ୍ୟ ପ୍ରଫେସର କିଶୋର ବାସା, ବଲିଉଡ୍ ତାରକା ନବାଜଉଦ୍ଦିନ୍ ସିଦ୍ଦିକିଙ୍କ ସମେତ ବିଭିନ୍ନ ଦେଶର ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ଲୋକମତ ଆଧାରରେ...

ଅନୁଧ୍ୟାନ କରିଛନ୍ତି। ଏହି ମନ୍ଦିର ରୂପାନ୍ତରଣ ପାଇଁ ରାଜ୍ୟ ସରକାର ୮.୭୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଲୋକଙ୍କ ମତ ଆଧାରରେ କଳାହାଣ୍ଡିର ଥୁଆମୂଳ ରାମପୁର ବ୍ଲକ୍‌ରେ ଏକ ନୂଆ ସରକାରୀ ଡିଗ୍ରୀ କଲେଜ ପାଇଁ ଅନୁମୋଦନ ଦିଆଯାଇଛି ବୋଲି ଶ୍ରୀ ପାଣ୍ଡିଆନ୍ ସୂଚନା ଦେବା ସହ ୨୦୨୪-୨୫ ଶିକ୍ଷାବର୍ଷରୁ ପାଠ ପଢ଼ା ଆରମ୍ଭ ହେବ ବୋଲି କହିଛନ୍ତି। ଅପରପକ୍ଷେ ସେ ଉପର ଇନ୍ଦ୍ରାବତୀ ଡାହାଣ ମେନ୍ କେନାଲ, ସାନ୍ଦୁଲ ବ୍ୟାରେଜ୍ ପ୍ରକଳ୍ପ ଓ କେସିଙ୍ଗା ବ୍ଲକ୍‌ରେ ରେତ ନଦୀରେ ନଦୀଗର୍ଭ ଜଳାଶୟ ପ୍ରକଳ୍ପ ବୁଲି ଦେଖିଥିଲେ। ଏଥିପାଇଁ ୩୨୧.୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଗତବର୍ଷ ମେ' ମାସରେ ଶ୍ରୀ ପାଣ୍ଡିଆନ୍‌ଙ୍କ କଳାହାଣ୍ଡି ଗସ୍ତ ସମୟରେ ଲୋକେ ଦେଇଥିବା ମତାମତ ଆଧାରରେ ଏସବୁ ପ୍ରକଳ୍ପ ଆରମ୍ଭ ହୋଇଥିଲା। ଏହା ପୂର୍ବରୁ କଳାହାଣ୍ଡିର ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପଡିଆରେ ଆୟୋଜିତ ନୂଆ-ଓ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରିଛନ୍ତି। ଜୀବନରେ ସଫଳ ହେବାର ମନ୍ତ୍ର ଦେବା ସହ ପିଲାମାନଙ୍କ ମଧ୍ୟରେ ଅନ୍ତର୍ନିହିତ ପ୍ରତିଭାର ବିକାଶ ଲକ୍ଷ୍ୟରେ ନୂଆ-ଓ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ବୋଲି କହିଛନ୍ତି। ସେହିପରି ବ୍ୟକ୍ତିତ୍ୱର ବିକାଶ ସହିତ କଠିନ ପରିଶ୍ରମ କରି ଶିକ୍ଷା, କ୍ରୀଡ଼ା ଓ ଆନୁସଙ୍ଗିକ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିବା ଲାଗି ଶ୍ରୀ ପାଣ୍ଡିଆନ୍ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଜଣାଇଛନ୍ତି । ୫-ଟି ଅଧ୍ୟକ୍ଷ କହିଛନ୍ତି ଯେ ଜିଲ୍ଲାର ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ ମହାବିଦ୍ୟାଳୟରେ ପଢୁଥିବା ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ୧୨୦ ଆସନ ବିଶିଷ୍ଟ ୮ଟି ହଷ୍ଟେଲ ନିର୍ମାଣ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ପ୍ରଦାନ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ୨୪ କୋଟି ଟଙ୍କା ମଞ୍ଜୁର କରିଥିବା ବେଳେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇସାରିଛି ବୋଲି ସେ ସୂଚନା ଦେଇଛନ୍ତି।

ଶ୍ରୀ ପାଣ୍ଡିଆନ୍ ଅପରାହ୍ନରେ ସମ୍ବଲପୁରରେ ପହଞ୍ଚି ବିକାଶ କାର୍ଯ୍ୟର ଅନୁଧ୍ୟାନ କରିବା ସହ ବିଭିନ୍ନ ପ୍ରକଳ୍ପ ଅଞ୍ଚଳ ପରିଦର୍ଶନ କରିଛନ୍ତି।। ଶାସନ ମେନ୍ କେନାଲ, ଚିପିଲିମାର ମା' ଘଣ୍ଟେଶ୍ୱରୀ ମନ୍ଦିର, ଐତିହାସିକ ହୁମା ମନ୍ଦିର, ଖିଣ୍ଡା ସ୍ଥିତ ବୀର ସୁରେନ୍ଦ୍ର ସାଏ ସ୍ମୃତିପୀଠ ଆଦିର ନିର୍ମାଣ କାର୍ଯ୍ୟ ସମୀକ୍ଷା କରିବା ସହିତ ଧାର୍ଯ୍ୟ ସମୟ ଭିତରେ କାର୍ଯ୍ୟ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପ ପାଇଁ ୮୬ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହି ଅବସରରେ ଶ୍ରୀ ପାଣ୍ଡିଆନ୍ ଜନସଭାରେ ଯୋଗଦେଇ ଲୋକଙ୍କର ଯାହା ସବୁ ସମସ୍ୟା, ଅଭିଯୋଗ ରହିଛି ତାହା ଖୁବ୍ ଶୀଘ୍ର ଦୂର କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି।

## ବିଜେପି ନେତାଙ୍କ...

ଏହାକୁ ସ୍ୱତନ୍ତ୍ର କୁହାଯିବ ନାହିଁ ବୋଲି ଦୁଇ ବିଚାରପତି ମନ୍ତବ୍ୟ ଦେଇଛନ୍ତି। ଓଡ଼ିଶା ବିଜେପିର ସାଧାରଣ ସମ୍ପାଦକ ଯତୀନ୍ ମହାନ୍ତିଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥବା ଆଇନଜୀବୀ ସଞ୍ଜୀବ ଯୋଶୀ ଏବଂ ଆଇନଜୀବୀ ସୂର୍ଯ୍ୟକାନ୍ତ ପାଢ଼ୀ ସରକାରୀ ବିଜ୍ଞାପନରେ ଦଳୀୟ 'ଶଙ୍ଖ' ଚିହ୍ନ ବ୍ୟବହାର କରୁଥିବା ଅଭିଯୋଗ କରିଥିଲେ। ମାତ୍ର ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଅଗ୍ରାହ୍ୟ କରିବା ପରେ ଏହି ମାମଲାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି ।

# CBSE BOARD EXAMINATION (2023-24)
# PROBABLE QUESTION PAPER
# CLASS-X, SUB- HINDI

### खंड - 'अ'(वस्तुपरक)

1. **निम्नलिखित गद्यांश को ध्यानपूर्वक पढ़कर इसके आधार पर सर्वाधिक उपयुक्त उत्तर वाले विकल्प चुनकर लिखिए ।** (1x5=5)

परिश्रम का महत्व वे जानते हैं जो स्वयं अपने बल पर आगे बढ़े हैं। संसार के अनेक महापुरुष परिश्रम के प्रमाण दे चुके हैं। कालिदास, तुलसी, टैगोर, और गोर्की परिश्रम से ही अमर हुए हैं । संसार के इतिहास में अनेक चमकते सितारे केवल परिश्रम के ही प्रमाण हैं। बड़े- बड़े धन- कुबेर निरंतर श्रम से ही असीम संपत्ति के स्वामी बने हैं । फोर्ड साधारण मैकेनिक था । धीरूभाई अंबानी शिक्षक थे। लगन और दृढ संकल्प से परिश्रम को सार्थक बना देते हैं ।गरीबी के साथ परिश्रम जुड़ जाए तो सफलता मिलती है। भारतीय कृषक और अमीरों के साथ श्रम हीनता या निठल्लापन आ जाए तो असफलता मुँह बाए खड़ी रहती है। भारतीय कृषक के परिश्रम का ही फल है कि, देश में हरित क्रांति हुई । अमेरिका की सड़े गेहूँ से पेट भरने वाला देश आज गेहूँ का निर्यात कर रहा है। कल-कारखाने रात- दिन उत्पादन कर रहे हैं । हमारे वस्त्र दुनिया के बाजारों में बिकते हैं। उन्नत औद्योगिक देश भी हम से वैज्ञानिक उपकरण खरीद रहे हैं।

किसी क्षेत्र में हम पिछड़े हैं, तो उसका कारण है वहाँ परिश्रम का अभाव । विद्यार्थी जीवन तो परिश्रम की पहली पाठशाला है । यहाँ से परिश्रम की आदत पड़ जाए तो ठीक, अन्यथा जानें कहाँ- कहाँ की ठोकरें खानी पड़ें। एड़िसन से किसी ने कहा- आपकी सफलता का कारण आपकी प्रतिभा है। एड़िसन ने चटपट सुधारा -प्रतिभा के साथ एक औंस बुद्धि और एक टन परिश्रम ।

i) इस गद्यांश का उपयुक्त शीर्षक छाँटिए -
क) सफलता वरो　　ख)सफलता का रहस्य
ग) परिश्रम सफलता का आधार　　घ)परिश्रम का महत्व

ii) 'धन- कुबेर'का विग्रह कीजिए -
क) धन का कुबेर　　ख) धन में कुबेर के समान
ग) कुबेर का धन　　घ) धन और कुबेर

iii) निठल्लापन आजाए तो क्या होता है ?
क) व्यक्ति परिश्रमी बनता है　　ख) व्यक्ति सफल होता है
ग) असफलता मुँह बाए खड़ी रहती है　　घ) उपर्युक्त सभी

iv) भारत में हरित क्रांति किसके परिणाम स्वरूप हुई ?
क) अमेरिका के सहयोग से　　ख) वैज्ञानिक उन्नति के कारण
ग) भारतीय किसानों के परिश्रम के कारण　　घ) भारत सरकार के सहयोग के कारण

v) एड़िसन के अनुसार उनकी प्रगति का मूल कारण क्या था ?
क) प्रतिभा　　ख) परिश्रम　　ग)ईश- कृपा　　घ)प्रतिभा और परिश्रम

### व्यावहारिक व्याकरण

2. **निर्देशानुसार पदबंध आधारित पाँच बहुवैकल्पीय प्रश्नों में से किन्हीं चार प्रश्नों का उत्तर सही विकल्प से दीजिए ।** (1×4)

i) निम्नलिखित में से कौन- सा विकल्प संज्ञा पदबंध को परिभाषित करता है -
क) पदबंध का पहला पद क्रिया होता है ।
ख) अंतिम पद संज्ञा हो
ग) शीर्ष शब्द संज्ञा हो और अन्य सभी पद उसी पर आश्रित हों ।
घ) उपर्युक्त क और ग

ii) कम आय वाले लोगों को मितव्ययी होना चाहिए। रेखांकित पदबंध का भेद है-
क)संज्ञा पदबंध　　ख) सर्वनाम पदबंध ग) क्रियविशेषण पदबंध घ) क्रिया पदबंध

iii) निर्भीक और साहसी ततॉरा को अंत में परंपरा के नाम पर अपना प्राणोत्सर्ग करना पड़ा -रेखांकित पदबंध का भेद है –
क) संज्ञा पदबंध　　ख) विशेषण पदबंध
ग) क्रियविशेषण पदबंध　　घ) क्रिया पदबंध

iv) क्रिया- विशेषण पदबंध का सही उदाहरण निम्नलिखित में कौन- सा है -
क) राधिका धीरे -धीरे चलकर वहाँ जा बैठी ।
ख) राधिका धीरे -धीरे चलकर वहाँ जा बैठी ।
ग) धीरे -धीरे चलकर वहाँ जा बैठी ।
घ) राधिका धीरे -धीरे चलकर वहाँ जा बैठी ।

v) घर के आँगन में फुदकने वाली गौरैया अब नहीं दिखाई देती ।। रेखांकित पद समूह कौन सा पदबंध है -
क) संज्ञा पदबंध　　ख) सर्वनाम पदबंध
ग) क्रियविशेषण पदबंध　　घ) क्रिया पदबंध

3. **निम्नलिखित पाँच भागों से किन्हीं चार भाग का उचित उत्तर विकल्पों से चुनिए।** (1×4)

i) किस समास में पहला पद प्रधान होता है ?
क)द्वंद्व　　ख) द्विगु　　ग) तत्पुरुष　　घ) कर्म धारय

ii) द्वंद्व समास के लिए सही समस्त पद कौन- सा है ?
क)छोटा -बड़ा　　ख) चंद्रमुखी　　ग) कामचोर　　घ) रसोई घर

iii) वाद्ययंत्र' में कौन -सा समास है ?
क)तत्पुरूष　　ख) द्वंद्व समास　　ग)कर्मधारय　　घ) द्विगु समास

iv) समास के कितने भेद होते हैं ?
क) दो　　ख) तीन　　ग) छः　　घ) आठ

v) गाँव- गाँव 'समस्त पद में समास है -
क) अव्ययीभाव　　ख) कर्मधारय　　ग) तत्पुरुष समास　　घ) बहुब्रीहि समास

4. **निम्नलिखित छः भागों से किन्हीं चार भाग का उचित उत्तर विकल्प से चुनिए ।** (1×4)

i) निम्नलिखित　में से मिश्र वाक्य का सही विकल्प छाँटिए।
क) भागते हुए कुत्ते ने बिल्ली को दबोच लिया ।
ख) चूँकि उसने श्रम नहीं किया ,सो अनुत्तीर्ण हो गया ।
ग) शेर दहाड़ रहा था और उसने हिरण पर हमला किया ।
घ) उसने श्रम नहीं किया ,फिरभी सफल हो गया ।

ii) •रास्ते में धुंध थी ।
•धुंध के कारण मैंने आने का कार्यक्रम रद्द करदिया ।सही सरल वाक्य चुनिए
क) रास्ते में धुंध होने के कारण मैंने आने का कार्यक्रम रद्द कर दिया।
ख) रास्ते में धुंध थी इसलिए मैंने आने का कार्यक्रम रद्द कर दिया ।
ग) चूँकि रास्ते में धुंध थी इसलिए मैंने आने का कार्यक्रम रद्द कर दिया।
घ) मैंने कार्यक्रम रद्द कर दिया इसलिए धुंध हो गई।

iii) मिश्र वाक्य को अन्य किस नाम से पुकारा जाता है।
क) सरल वाक्य　　ख) साधारण वाक्य　　ग) संयुक्त वाक्य　　घ) जटिल वाक्य

iv) सयुंक्त वाक्य कहलाते हैं -
क) योजक शब्दों के द्वारा जुड़े स्वतंत्र वाक्य
ख) योजक शब्दों के द्वारा जुड़े आश्रित वाक्य
ग) योजक शब्दों के द्वारा जुड़े निरर्थक वाक्य
घ) योजक शब्दों के द्वारा जुड़ें शब्द

v) वह खाना खाकर स्कूल जाता है। वाक्य रचना की दृष्टि से है-
क) मिश्र वाक्य　　ख)सरल वाक्य　　ग) असाधारण वाक्य　　घ) संयुक्त वाक्य

vi) संयुक्त वाक्य बनाने के लिए कौन - कौन से योजक शब्द प्रयुक्त होते हैं –
क) और, एवं तथा, या, पर आदि　　ख) अथवा, इसलिए, तो, फिर भी, लेकिन
ग) तो, नहीं तो, किंतु , परंतु　　घ) उपर्युक्त सभी

5. **निम्नलिखित गद्यांश को पढ़कर पूछे गए प्रश्नों के उत्तर के लिए विकल्प का चयन कीजिए।** (1x5=5)

अभिनय के दृष्टिकोण से 'तीसरी कसम' राजकपूर की जिंदगी की सबसे हसीन फ़िल्म है । राजकपूर जिन्हें समीक्षक और कला- मर्मज्ञ आँखों से बात करने वाला कलाकार मानते हैं। 'तीसरी कसम' में मासूमियत के चर्मोत्कर्ष को छूते हैं । अभिनेता राजकपूर जितने ताकत के साथ 'तीसरी कसम' में मौजूद हैं, उतना 'जागते रहो' में भी नहीं । 'जागते रहो' में राजकपूर के अभिनय को बहुत सराहा गया था, लेकिन 'तीसरी कसम' वह फ़िल्में जिसमें राजकपूर अभिनय नहीं करता । वह हीरामन के साथ एकाकार हो गया है । खालिस देहाती भुच्च गाड़ीवान जो सिर्फ दिल की जुबान समझता है, दिमाग की नहीं । जिसके लिए मोहब्बत के सिवा किसी दूसरी चीज़ का कोई अर्थ नहीं। बहुत बड़ी बात यह है कि, 'तीसरी कसम' राजकपूर के अभिनय- जीवन का वह मुकाम है, जब वह एशिया के सबसे बड़े सो मैंन के रूप में स्थापित हो चूके थे । उनका अपना व्यक्तित्व एक किंवदंती बन चुका था । लेकिन तीसरी -कसम में वह महिमामय व्यक्तित्व पूरी तरह हीरामन की आत्मा में उतर गया है। वह कहीं हीरामन का अभिनय नहीं करता अपितु खुद हीरामन में ढल गया है।

i) फ़िल्म समीक्षक और कला मर्मज्ञ राजकपूर को क्या मानते हैं ?
क) आँखों से बातें करने वाले कलाकार　　ख) आँखों से इशारे करने वाले कलाकार
ग) आँखों से क्रोध प्रदर्शित करने वाले कलाकार
घ) आँखों को मिचमिचाने वाला कलाकार

ii) तीसरी कसम वह फ़िल्म है जिसमें राजकपूर-
क) अभिनय नहीं करता बल्कि वह नृत्य भी करता है
ख) वह हीरामन के साथ एकाकार हो गया है
ग) वह गीत गाता है　　घ) वो कुछ नहीं करता

iii) राजकपूर _____ के रूप में स्थापित हो चूके थे
क) एशिया के सबसे बड़े शोमैन के रूप में　　ख) भारत के सबसे बड़े सोमन के रूप में
ग) मुंबई के सबसे बड़े शोमैन के रूप में　　घ) दुनिया के सबसे बड़े शोमैन के रूप में

iv) राज कपूर का व्यक्तित्व क्या बन चुका था ?
क)एक कहानी　　ख) एक कथा　　ग) एक किंवदंती　　घ) एक लोकोक्ति

v) 'तीसरी कसम' में राजकपूर ने अभिनय किया है-
क)एक कंपनी मालिक का　　ख)क्रिकेट खिलाड़ी का
ग)गाड़ीवान का　　घ)भिखारी का

### खंड 'ब' (वर्णनात्मक प्रश्न)

6. **निम्नलिखित प्रश्नों में से किन्हीं दो प्रश्नों के उत्तर लगभग 60 शब्दों में दीजिए।** (3x2=6)

क) एक कलाकार पूरी तरह उपभोक्ता के रूचियों को प्रभावित करता है -'तीसरी कसम' के शिल्पकार शैलेंद्र पाठ के आधार पर अपने विचार स्पष्ट करें ।
ख) 'अंधे के हाथ बटेर लग गई' यह कथन बड़े भाई साहब ने किस संदर्भ में कहा ?
ग) निकोबार द्वीप समूह के विभक्त होने के बारे में निकोबारियों का क्या विश्वास है ?

### लेखन

7. 'श्रम ही सफलता की कुंजी' विषय पर 100 से शब्दों में एक लघुकथा लिखिए । (5×1)

*****　　*All the Best...*

### ANSWER KEY

| | | | | | |
|---|---|---|---|---|---|
| **1.** i)ग | ii)क | iii)ग | iv)ग | v)घ | |
| **2.** i)ग | ii)क | iii)ख | iv)ख | v)ग | |
| **3.** i)ग | ii)क | iii)क | iv)ग | v)क | |
| **4.** i)ख | ii)क | iii)घ | iv)क | v)ख | vi)घ |
| **5.** i)क | ii)ख | iii)क | iv)ग | v)ग | |

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaschool.in

ePaper : sakalaepaper.com　Twitter : SakalaNews
News Portal : thesakala.in　Instagram : sakalanews
Facebook : SakalaNews　Youtube : @SakalaNews

### ଓଡ଼ିଶା-ମଧ୍ୟପ୍ରଦେଶ ରଣଜୀ ମୁକାବିଲା

# ବିପର୍ଯ୍ୟୟରୁ ରକ୍ଷାକଲେ ଶୁଭ୍ରାଂଶୁ ଓ ରାଜେଶ

କଟକ,୧୨।୧(ସମିସ): ଇନ୍ଦୋରର ଏମେରାଲ୍ଡ ହାଇଟ୍ସ ଅନ୍ତର୍ଜାତୀୟ ସ୍କୁଲ ଗ୍ରାଉଣ୍ଡରେ ମଧ୍ୟପ୍ରଦେଶ ଏବଂ ଓଡ଼ିଶା ମଧ୍ୟରେ ଚଳିତ ସିଜନର ଦ୍ୱିତୀୟ ରାଉଣ୍ଡ ରଣଜୀ ମ୍ୟାଚ୍ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଖେଳର ପ୍ରଥମ ଦିବସରେ ଘରୋଇ ମଧ୍ୟପ୍ରଦେଶ ଓଡିଶା ଉପରେ ଚାପ ସୃଷ୍ଟି କରିବାରେ

- ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ଓଡ଼ିଶା ୨୦୮/୬
- ପଦାର୍ପଣ କଲେ ବାମହାତୀ ସ୍ପିନର ହର୍ଷିତ


ଶୁଭ୍ରାଂଶୁ ଶେଖର ସେନାପତି


ରାଜେଶ ଧୂପର

ସଫଳ ହୋଇଛି। ପ୍ରାରମ୍ଭିକ ୱିକେଟ ପତନ ଯୋଗୁଁ ଓଡ଼ିଶା ବିପର୍ଯ୍ୟୟଆଡ଼କୁ ଅଗ୍ରସର ହେଉଥିବା ବେଳେ ଶୁଭ୍ରାଂଶୁ ଶେଖର ସେନାପତି ଓ ରାଜେଶ ଧୂପର ଅର୍ଦ୍ଧଶତକୀୟ ଇନିଂସ୍ ଖେଳି ଦଳକୁ ମୁକୁଳାଇଛନ୍ତି। ୱିକେଟ କିପର ରାଜେଶ ୫୧ରନରେ ଆଉଟ ହୋଇଛନ୍ତି। କିନ୍ତୁ ଦଳର ପ୍ରମୁଖ ଖେଳାଳି ଶୁଭ୍ରାଂଶୁ ୮୭ରନରେ ଅପରାଜିତ ରହିଛନ୍ତି। ଅନ୍ୟପକ୍ଷରେ ବାମହାତୀ ସ୍ପିନର ହର୍ଷିତ ରାଥୋଡ ଚୂଡାନ୍ତ ଏକାଦଶରେ ସାମିଲ ହେବା ସହ ପ୍ରଥମଶ୍ରେଣୀ କ୍ରିକେଟ ଫର୍ମାଟରେ ପଦାର୍ପଣ କରିଛନ୍ତି।

ମଧ୍ୟପ୍ରଦେଶ ଅଧିନାୟକ ଆଦିତ୍ୟ ଶ୍ରୀବାସ୍ତବ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ତେବେ ଉକ୍ତ ମ୍ୟାଚ୍ ନିମନ୍ତେ ଏକାଧିକ ଖେଳାଳିଙ୍କୁ ଚୂଡାନ୍ତ ଏକାଦଶରେ ପରିବର୍ତ୍ତନ କରିଥିଲା ଓଡ଼ିଶା ଦଳ। ୱିକେଟ କିପର ଆଶୀର୍ବାଦ ସ୍ୱାଇଁଙ୍କ ବଦଳରେ ରାଜେଶ ଧୂପର ଦଳକୁ ଫେରିଥିଲେ। ଆଘାତ ଜନିତ ସମସ୍ୟାରୁ ରାଜେଶ ମହାନ୍ତିଙ୍କୁ ବିଶ୍ରାମ ଦିଆଯାଇଛି। ଦେବବ୍ରତ ପ୍ରଧାନ ମଧ ବାଦ ପଡିଛନ୍ତି। ମିଡିୟମ ପେସର ସୁନୀଲ କୁମାର ରାଉଳ ଓ ପ୍ରୟାସ ସିଂହ ଦଳରେ ସ୍ଥାନ ପାଇଥିବା ବେଳେ ହର୍ଷିତ ରାଥୋଡଙ୍କୁ ମଧ ଚୂଡାନ୍ତ ଏକାଦଶରେ ସ୍ଥାନ ମିଳିଥିଲା। ପ୍ରଥମ ସେସନରେ ପେସ୍ ବୋଲିଂ ସୁହାଉଥିବା ଏହି ପିଚ୍‌ରେ ଓଡ଼ିଶା ବ୍ୟାଟରମାନେ ଅଧିକ ସମୟ ତିଷ୍ଠି ପାରିନଥିଲେ। ଦଳୀୟ ସ୍କୋର ୧୧ ହୋଇଥିବା ବେଳେ ପ୍ରଥମ ୱିକେଟ ପତନ ଘଟିଥିଲା। ୫ମ ଓଭରରେ ଓପନର ଅନୁରାଗ ଷଡ଼ଙ୍ଗୀ ୯ରନ କରି ବାମହାତୀ ପେସର କୁଲୱନ୍ତ ଖେଜ୍ରୋଲିୟାଙ୍କ ବଲରେ କ୍ଲିନ ବୋଲ୍ଡ ହୋଇଥିଲେ। ଅନ୍ୟତମ ଓପନର ତଥା ଅଧିନାୟକ ଶାନ୍ତନୁ ମିଶ୍ର ୨ରନ କରିଥିବା ବେଳେ ଆର୍ଯ୍ୟନ ପାଣ୍ଡେଙ୍କ ଶିକାର ହୋଇଥିଲେ। ସନ୍ଦୀପ ପଟ୍ଟନାୟକ ୧୧ରନ ଏବଂ ଗୋବିନ୍ଦ ପୋଦ୍ଦାର ୫ରନରେ ଆଉଟ ହେବା ସହ ଓଡ଼ିଶାର ଦଳୀୟ ସ୍କୋର ୩୮/୪ରେ ପହଞ୍ଚିଥିଲା। ଶୁଭ୍ରାଂଶୁ ଓ ରାଜେଶ ସତର୍କତାର ସହ ଖେଳି ୫ମ ୱିକେଟରେ ଗୁରୁତ୍ୱପୂର୍ଣ୍ଣ ଶତକୀୟ ଭାଗିଦାରୀ ସୃଷ୍ଟି କରିଥିଲେ। ଉଭୟ ୨୪୫ବଲରୁ ୧୧୮ରନ ସଂଗ୍ରହ କରିଥିଲେ। ୧୪୧ବଲରୁ ୬ଟି ଚୌକା ଓ ଗୋଟିଏ ଛକା ସହାୟତାରେ ରାଜେଶ ୫୧ରନ କରିଥିବା ବେଳେ ୱିକେଟ କିପର ହିମାଂଶୁ ମନ୍ତ୍ରୀଙ୍କ ହାତରେ ଧରାପଡ଼ି ପ୍ୟାଭିଲିୟନ ଫେରିଥିଲେ। ମଧ୍ୟପ୍ରଦେଶ ପାଇଁ ଏହି ଜରୁରୀ ବ୍ରେକଥ୍ରୁ ଦେଇଥିଲେ ଅଫସ୍ପିନର ସାରାଂଶ ଜୈନ। ଖେଳର ଅନ୍ତିମ ସେସନରେ କ୍ରିଜକୁ ଆସିଥିବା ଅଲରାଉଣ୍ଡର ପ୍ରୟାସ ସିଂହ ଶୁଭ୍ରାଂଶୁଙ୍କ ସହ ମିଶି ଦଳୀୟ ସ୍କୋରକୁ ୨୦୦ ପାର୍ କରାଇଥିଲେ। ଇତି ମଧ୍ୟରେ ଶୁଭ୍ରାଂଶୁ କ୍ୟାରିୟରର ୧୨ତମ ଅର୍ଦ୍ଧଶତକ ପୂରଣ କରିଥିଲେ। ପ୍ରୟାସଙ୍କୁ ୨୭ରନରେ ଆର୍ଯ୍ୟନ ପାଣ୍ଡେ ବୋଲ୍ଡ କରିବା ପରେ ପ୍ରଥମ ଦିନର ଖେଳ ବନ୍ଦ ରଖାଯାଇଥିଲା। ୮୫.୩ ଓଭର ଖେଳି ଓଡ଼ିଶା ୬ ୱିକେଟ ବିନିମୟରେ ମୋଟ ୨୦୮ ରନ କରିଛି।

● ମହିଳା ହକି ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ

# ଭାରତ- ଆମେରିକା ମୁକାବିଲା ଆଜି

ରାଞ୍ଚି, ୧୨।୧ (ଏଜେନ୍ସି): କ୍ରୀଡ଼ାର ମହାକୁମ୍ଭ ଭାବେ ପରିଚିତ ଅଲିମ୍ପିକ୍ସର ୩୩ତମ ସଂସ୍କରଣ ଚଳିତ ବର୍ଷ ମଧ୍ୟଭାଗରେ ଫ୍ରାନ୍ସ ରାଜଧାନୀ ପ୍ୟାରିସଠାରେ ଆରମ୍ଭ ହେବ। ଏଥିଲାଗି ମହିଳା ହକିର ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ ଶନିବାରଠାରୁ ରାଞ୍ଚିରେ ଆରମ୍ଭ ହେବାକୁ ଯାଉଛି। ଜାନୁଆରୀ ୧୯ ତାରିଖ ପର୍ଯ୍ୟନ୍ତ ରାଞ୍ଚିର ମାରଙ୍ଗ ଗୋମେକ ଜୟପାଲ୍ ସିଂହ ଆଷ୍ଟ୍ରୋ ଟର୍ଫରେ ଖେଳାଯିବାକୁ ଥିବା ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତାରେ ଆୟୋଜକ ଭାରତ ସମେତ ବିଶ୍ୱର ୮ଟି ଦେଶର ମହିଳା ହକି ଦଳ ଅଂଶଗ୍ରହଣ କରିବେ। ନ୍ୟୁଜିଲାଣ୍ଡ, ଆମେରିକା ଓ ଇଟାଲୀ ସହ ଭାରତ ପୁଲ୍-ବି'ରେ ସ୍ଥାନ ପାଇଛି।



ସେହିଭଳି ଜର୍ମାନୀ, ଜାପାନ, ଚିଲି ଓ ଚେକ୍ ରିପବ୍ଲିକ ଗ୍ରୁପ୍-ଏ'ରେ ସ୍ଥାନ ପାଇଛନ୍ତି। ଗ୍ରୁପ୍‌ରେ ସ୍ଥାନ ପାଇଥିବା ପ୍ରତି ଦଳ ପରସ୍ପର ବିପକ୍ଷରେ ଥରେ ଲେଖାଏ ଖେଳିବେ। ଏହାପରେ ଗ୍ରୁପ୍‌ର ଦୁଇ ଶୀର୍ଷ ଦଳ ସେମିଫାଇନାଲକୁ ପ୍ରବେଶ କରିବେ। ସେମିଫାଇନାଲରେ ପରାସ୍ତ ହେବାକୁ ଥିବା ଦୁଇ ଦଳ କାଂସ୍ୟ ପାଇଁ ଲଢେଇ କରିବେ। ବିଜୟୀ ଦଳ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବ। ମୋଟ୍ ଉପରେ ଏହି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ୩ଟି ଦଳ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବେ।

### କ୍ରମାଗତ ତୃତୀୟ ଅଲିମ୍ପିକ୍ସ ଯୋଗ୍ୟତା ହାସଲ ଲକ୍ଷ୍ୟରେ ଭାରତ

ଶନିବାର ଆମେରିକା ବିପକ୍ଷରୁ ମ୍ୟାଚ୍ ଖେଳି ଭାରତ ଅଭିଯାନ ଆରମ୍ଭ କରିବ। ସେହିପରି ଅନ୍ୟଏକ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଓ ଇଟାଲୀ ପରସ୍ପରକୁ ଭେଟିବେ। ଗତବର୍ଷ ଏଠାରେ ଭାରତୀୟ ମହିଳା ଦଳ ଏସିଆନ ଚାମ୍ପିଅନ୍ସ ଟ୍ରଫି ଜିତିଥିଲା। ସେହିପରି ଏସୀୟ କ୍ରୀଡ଼ାରେ ଭାରତ ସେମିରେ ଚୀନ୍‌ଠାରୁ ପରାସ୍ତ ହେବାପରେ ଜାପାନକୁ ହରାଇ କାଂସ୍ୟ ପଦକ ହାସଲ କରିଥିଲା। ଅଭିଜ୍ଞ ଗୋଲକିପର ସବିତା ପୁନିଆ ଭାରତର ନେତୃତ୍ୱ ନେବେ। ଝାଡଖଣ୍ଡର ନିକ୍କି ପ୍ରଧାନ ଉପ- ଅଧିନାୟକ ଦାୟିତ୍ୱ ତୁଲାଇବେ। କ୍ରମାଗତ ତୃତୀୟଥର ପାଇଁ ଭାରତ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିବା ଲକ୍ଷ୍ୟରେ ରହିଛି। ପୂର୍ବରୁ ଭାରତ ୨୦୧୯ରେ ଅଲିମ୍ପିକ୍ସ କ୍ୱାଲିଫାୟର୍ସରେ ଆମେରିକାକୁ ହରାଇଥିଲା। ଭାରତ ଏହି ପ୍ରଦର୍ଶନ ଦୋହରାଇବା ଲକ୍ଷ୍ୟରେ ରହିଛି। ଦଳର ଭଲ ପ୍ରଦର୍ଶନ ନେଇ ମୁଖ୍ୟ ପ୍ରଶିକ୍ଷକ ଜାନ୍ନେକ ସ୍କୋପମ୍ୟାନ ଆଶାବାଦୀ ଅଛନ୍ତି। ଏଫ୍ଆଇଏଚ୍ ମାନ୍ୟତାରେ ଭାରତ ତୃତୀୟ ଓ ଆମେରିକା ୨୪ତମ ସ୍ଥାନରେ ରହିଛି। ତେଣୁ ଭାରତ ଏହି ମ୍ୟାଚ୍‌ରେ ଫେବରାଇଟ ବିବେଚିତ ହେଉଥିଲେ ମଧ ଆମେରିକାକୁ ଆଦୌ ହାଲକା ଭାବେ ଗ୍ରହଣ କରିବ ନାହିଁ ବୋଲି ସେ କହିଛନ୍ତି। ଆସନ୍ତା ୧୪ ତାରିଖରେ ଭାରତ ନ୍ୟୁଜିଲାଣ୍ଡକୁ ଓ ୧୬ରେ ଇଟାଲୀକୁ ଭେଟିବ।

# ଫେଡେରେସନ କପ୍ ଥାଏବକ୍ସିଂରେ ଓଡ଼ିଶା ରନର୍ସ



ଭୁବନେଶ୍ୱର, ୧୨। ୧ (ସମିସ): ଓଡ଼ିଶା ଥାଏବକ୍ସିଂ ଦଳ ମଧ୍ୟପ୍ରଦେଶର ଖଣ୍ଡୱାଠାରେ ଅନୁଷ୍ଠିତ ଫେଡେରେଶନ କପ୍ ଥାଏବକ୍ସିଂ ପ୍ରତିଯୋଗିତାରେ ଓଡ଼ିଶା ରନର୍ସ ଅପ୍ ଆଖ୍ୟା ଅର୍ଜନ କରିଛି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୨୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଅନିଶା ସୁତାର, କାହ୍ନା ଘଡ଼େଇ, ଅଂଶୁମାନ ମହନ୍ତ, ଓମ୍‌ପ୍ରକାଶ ବେହେରା, ସୁମିତ କିଙ୍ଗରିଙ୍ଗ, ଆର୍ଯ୍ୟକୁମାରୀ ନାୟକଙ୍କୁ ସ୍ୱର୍ଣ୍ଣପଦକ ମିଳିଥିଲା। ନିଖିଳ ସ୍ୱାଇଁ, ଜନ୍ମେଜୟ ସାମଲଙ୍କୁ ରୌପ୍ୟ ପଦକ, ପ୍ରୀତିରେଖା ବେହେରା, ଗୋପି ପ୍ରଧାନ, ବୃନ୍ଦାବନ ନାୟକ, ବିକେଡ ଜାନରା, ରାଜା ପ୍ରଭୁପ୍ରଧାନ ପ୍ରମୁଖ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଏମାନଙ୍କ ବ୍ୟତୀତ ପିଣ୍ଟୁ ବର୍ମା ପଙ୍କଜ ଦେହୁରୀ ପ୍ରୋ-ଟାଇଟଲ ବେଲ୍ଟ ହାସଲ କରିଛନ୍ତି। ଓଡ଼ିଶା ଦଳ ସହ ଅଫିସିଆଲ ଭାବେ ସୁଧାଂଶୁ ପଣ୍ଡା, ସଚିନ ମହନ୍ତ, ବାଲାଜୀ ଗଡାଇ ଓ ଉମାକାନ୍ତ ବେହେରା ଯାଇଥିଲେ। ଓଡ଼ିଶାର ଏହି ସଫଳତା ଲାଗି ଓଡ଼ିଶା ଥାଏବକ୍ସିଂ ସଂଘର ସମ୍ପାଦକ ଶୁଭେନ୍ଦୁ ସାମନ୍ତରାୟ କୃତୀ କ୍ରୀଡ଼ାବିତ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ରାଜ୍ୟ ର୍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ଆରମ୍ଭ

କଟକ,୧୨।୧(ସମିସ): ଖ୍ରୀଷ୍ଟ ମହାବିଦ୍ୟାଳୟ ପରିସରସ୍ଥ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ନିଖିଳ ଓଡ଼ିଶା ମିନି, ଉପକନିଷ୍ଠ ଏବଂ ରାଜ୍ୟ ର୍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। କଟକ ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୧୪୭ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି। ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ଯଶୋବନ୍ତ ଦାସ, ଅଧ୍ୟକ୍ଷା



ମଧୁମିତା ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସଂଘ ସଭାପତି କାର୍ତ୍ତିକ ଦାସ, ସାଙ୍ଗଠନିକ ସମ୍ପାଦକ କମଳ ଦାସ, କୋଷାଧ୍ୟକ୍ଷ ଚନ୍ଦନ ଦାସ, ନିରୀକ୍ଷକ ମନୋରଞ୍ଜନ ପଣ୍ଡା ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରୁଛନ୍ତି।

### ଜାତୀୟ ପାରାଆଥଲେଟିକ ଚାମ୍ପିଅନସିପ

# କୁନିଲତା ଓ ପଙ୍କଜ ଜିତିଲେ ରୌପ୍ୟ

ଭୁବନେଶ୍ୱର, ୧୨। ୧ (ସମିସ): ଗୋଆରେ ଚାଲିଥିବା ୨୨ତମ ଜାତୀୟ ପାରାଅଲିମ୍ପିକ୍ ଚାମ୍ପିଅନସିପର ଦ୍ୱିତୀୟ ଦିନରେ ଓଡ଼ିଶାକୁ ୩ଟି ପଦକ ମିଳିଛି। ଏହା ମଧ୍ୟରୁ ପୁରୁଷ ଆଥଲେଟ ଓଡ଼ିଶାର ପଙ୍କଜ ଭୂଏ ୨ଟି ରୌପ୍ୟ ଓ ଓଡ଼ିଶାର କୁନିଲତା ବାରିକଙ୍କୁ ଗୋଟିଏ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ପୂର୍ବରୁ ଗୁରୁବାର ଅନୁଷ୍ଠିତ ପ୍ରଥମ ଦିନରେ କମଳାକାନ୍ତ ନାୟକ ପୁରୁଷ ଜାଭେଲିନ୍‌ରେ ପ୍ରଥମ ପଦକ ବିଜୟୀ ହୋଇଥିଲେ।





ଶୁକ୍ରବାର ଅନୁଷ୍ଠିତ ଟି-୫୩/୫୪ ହ୍ୱିଲଚେୟାର ଫେନ୍ସିଂରେ ୨୫.୩୮ ସେକେଣ୍ଡ ସମୟ ନେଇ କୁନିଲତା ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏହି ବିଭାଗରେ ତାମିଲନାଡୁର କିରଣ ଶ୍ରୀରାମ ମେଟକାରଙ୍କୁ ସ୍ୱର୍ଣ୍ଣ ଓ ଇ କାଲେଇସେଲଭିଙ୍କୁ କାଂସ୍ୟ ପଦକ ମିଳିଛି। ସେହିପରି ପୁରୁଷ ବିଭାଗ ୧୦୦ ମିଟର ଦୌଡ଼ ଓ ଲମ୍ବ ଡିଆଁରେ ପଙ୍କଜ ରୌପ୍ୟ ପଦକ ହାସଲ କରିଛନ୍ତି। ୧୦୦ ମିଟର ଦୌଡକୁ ୧୧.୯୦ ସେକେଣ୍ଡରେ ଅତିକ୍ରମ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ଲମ୍ବ ଡିଆଁରେ ସେ ୫.୩୩ ମିଟର ଦୂରତାକୁ ଲମ୍ଫ ପ୍ରଦାନ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ୧୦୦ ମିଟର ଦୌଡ଼ରେ ଛତିଶ ଗଡର କାଲରାମ ପଟେଲଙ୍କୁ ଓ ଲମ୍ବ ଡିଆଁରେ ମହାରାଷ୍ଟ୍ରର ଅକ୍ଷୟ ସୂତାର ସ୍ୱର୍ଣ୍ଣ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଦୁଇ ଦିନରେ ଓଡ଼ିଶାକୁ ୪ଟି ରୌପ୍ୟ ପଦକ ମିଳିଛି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୨୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

### ଜାତୀୟ ମହିଳା ଦୃଷ୍ଟିହୀନ କ୍ରିକେଟ

# ଟାଇଟଲ ବଜାୟ ରଖିଲା ଓଡ଼ିଶା



ଭୁବନେଶ୍ୱର, ୧୨। ୧ (ସମିସ): କର୍ଣ୍ଣାଟକକୁ ୬ ୱିକେଟରେ ପରାସ୍ତ ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ଜାତୀୟ ମହିଳା ଦୃଷ୍ଟିହୀନ କ୍ରିକେଟ ପ୍ରତିଯୋଗିତାରେ ଟାଇଟଲ ବଜାୟ ରଖିଛି। ଶୁକ୍ରବାର ବେଙ୍ଗାଲୁରୁର ଜିମ୍‌ଖାନା କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି କର୍ଣ୍ଣାଟକ ମାତ୍ର ୯୩ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଜବାବରେ ଓଡ଼ିଶା ଦଳ ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ଦଳ ୯୪ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ବ୍ୟାଟିଂ କରିବା ପରେ ଅଧିନାୟିକା ଫୁଲ ସୋରେନ୍ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଯାଇଥିଲେ। କିନ୍ତୁ ଯମୁନାରାଣୀ ଟୁଡୁ ୨୪ ଓ ବାସନ୍ତୀ ହାଁସ୍‌ଦା ୩୪ ରନ୍ କରିବା ଫଳରେ ଦଳ ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ଚମତ୍କାର ବୋଲିଂ କରିଥିବା ଝିଲି ବିରୁଆଙ୍କୁ ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଓ ବି-୩ କାଟେଗୋରୀରେ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ତାଙ୍କୁ ଟ୍ରଫି ସହ ୧୦,୦୦୦ ଟଙ୍କା ଓ ଚାମ୍ପିଅନ ଓଡ଼ିଶା ଦଳକୁ ଟ୍ରଫି ସହ ୧ଲକ୍ଷ ୪୦ହଜାର ଟଙ୍କାର ପୁରସ୍କାର ଦିଆଯାଇଛି। ଖେଳ ଶେଷରେ କିମ୍ବଦନ୍ତୀ କ୍ରିକେଟର ସନ୍ଦୀପ ପାଟିଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

● ମହିଳା ଦିନିକିଆ କ୍ରିକେଟ

# ସୌରାଷ୍ଟ୍ରକୁ ହରାଇଲା ଓଡ଼ିଶା

କଟକ,୧୨।୧(ସମିସ): ପୁଡୁଚେରୀରେ ଚାଲିଥିବା ଜାତୀୟ ବରିଷ୍ଠ ମହିଳା ଦିନିକିଆ କ୍ରିକେଟ ପ୍ରତିଯୋଗିତାର ଶୁକ୍ରବାର ଖେଳାଯାଇଥିବା ମୁକାବିଲାରେ ଓଡ଼ିଶା ୪ ୱିକେଟରେ ସୌରାଷ୍ଟ୍ରକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ରାମେଶ୍ୱରୀ ନାଏକ ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ୩ଟି ଲେଖାଏଁ ୱିକେଟ ନେବା ଫଳରେ ପ୍ରଥମ ବ୍ୟାଟିଂ କରିଥିବା ସୌରାଷ୍ଟ୍ର ୧୦୧ ରନ୍ କରିବାକୁ ସମର୍ଥ ହୋଇଥିଲା। ଜବାବରେ ଓଡ଼ିଶା ୩୭.୧ ଓଭରରେ ୬ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଦଳ ପକ୍ଷରରୁ ସରିତା ମେହେର ୧୦୩ ବଲ୍‌ରୁ ୪୩ ରନ୍ କରି ଶେଷଯାଏ ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ରସନାରା ପରୱିନ ୧୮ ରନ୍ କରିଥିଲେ। ସୌରାଷ୍ଟ୍ରର ଏନ୍ ଚାୱଡାଙ୍କୁ ୩ଟି ଓ ଏନ୍ ଓଜାଙ୍କୁ ୨ଟି ୱିକେଟ ମିଳିଥିଲେ ମଧ ତାହା କାମରେ ଆସି ନଥିଲା।


ରାମେଶ୍ୱରୀ ନାୟକ


ପ୍ରିୟଙ୍କା ପ୍ରିୟଦର୍ଶିନୀ


ସରିତା ମେହେର

# ଉତ୍କଳ ଓପନ ଟେନିସ ଆରମ୍ଭ

ଭୁବନେଶ୍ୱର, ୧୨। ୧ (ସମିସ): ଏସ୍ ଟେନିସ କ୍ଲବ୍ ଆନୁକୂଲ୍ୟରେ ୧୦ମ ଉତ୍କଳ ଓପନ ଟେନିସ ପ୍ରତିଯୋଗିତା ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଶୁକ୍ରବାର ଆରମ୍ଭ ହୋଇଛି। ଏଥିରେ ମୋଟ ୮ଟି ବିଭାଗରେ ପ୍ରତିଯୋଗିତା ଆୟୋଜିତ ହେବାକୁ ଥିଲାବେଳେ ୩.୨ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ ବୋଲି ଜଣାଯାଇଛି। ୩ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧୪ ବର୍ଷୋରୁ କମ୍ ବାଳକ ଓ ବାଳିକା, ମହିଳା ଏକକ ଓ ପୁରୁଷ ଓପନ ଏକକ ଓ ଯୁଗଳ ପ୍ରତିଯୋଗିତା ଅନୁଷ୍ଠିତ




ହେବ। ଅନ୍ୟ ୩ଟି ବିଭାଗରେ ଭେଟେରାନ ଖେଳାଳିମାନେ କେବଳ ଯୁଗଳ ବିଭାଗରେ ଅଂଶଗ୍ରହଣ କରୁଛନ୍ତି। ସବୁ କାଟାଗୋରୀକୁ ମିଶାଇଲେ ମୋଟ ୨୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଅଫିସ ମୁଖ୍ୟ ପରାମର୍ଶଦାତା ସୁରେଶଚନ୍ଦ୍ର ମହାପାତ୍ର ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଳବାଇ ଏଡିଜିପି ଦୟାଲ ଗାଙ୍ଗୱାର, ଡଃ ହିତେଶ ରାୟ, ଟୁର୍ଣ୍ଣାମେଣ୍ଟ କମିଟି ଅଧ୍ୟକ୍ଷ ଡାକ୍ତର ବିଶ୍ୱଜିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ

# ସେମିଫାଇନାଲରେ ବିଜେଇଏମ୍, କିଟ୍

ଭୁବନେଶ୍ୱର, ୧୨। ୧ (ସମିସ): ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ (ବିଜେଇଏମ୍) ସ୍କୁଲ ଓ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ଏଠାରେ ଚାଲିଥିବା ୨୦ତମ ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏହା ଫଳରେ ସେମିଫାଇନାଲରେ କେଉଁଦଳ କାହା ସହ ଖେଳିବ ତାହା ସ୍ପଷ୍ଟ ହୋଇଯାଇଛି। ଶନିବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ କିସ୍ ସହ ଖଣ୍ଡଗିରି ସେଣ୍ଟ ଜାଭିୟର ସ୍କୁଲ ଓ ଦ୍ୱିତୀୟ ସେମିରେ କିଟ ସହ ବିଜେଇଏମ୍ ସ୍କୁଲର ମୁକାବିଲା ହେବ।







ଶୁକ୍ରବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ ବିଜେଇଏମ୍ ୯୩ ରନ୍‌ରେ କେଦାରଗୌରୀ ସେଣ୍ଟ ଜାଭିୟର ସ୍କୁଲକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ୬୦ ରନ୍ କରି ଅପରାଜିତ ରହିଥିବା ବିଜୟୀ ଦଳର କ୍ରିଷ୍ଣା ସାସ୍‌ମଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚନା କରାଯାଇଛି। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ କିଟ ଇଣ୍ଟରନ୍ୟାସନାଲ ସ୍କୁଲ ୨୦ ରନ୍‌ରେ ଫ୍ୟୁଚର ଭୁବନେଶ୍ୱର ସ୍କୁଲ୍‌କୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ୭୬ ବଲ୍‌ରେ ୮୬ ରନ୍ କରି ଅପରାଜିତ ରହିଥିବା କିଟ୍‌ର ଆଦିତ୍ୟ ନନ୍ଦଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ପ୍ରଥମ ମ୍ୟାଚ୍‌କୁ ଅମ୍ପାୟାର ପ୍ରଦୀପ ଜେନା ଓ ଲୁଲୁ ମହାପାତ୍ର, ଦ୍ୱିତୀୟ ମ୍ୟାଚ୍‌କୁ ସନ୍ତୋଷ ଷଡଙ୍ଗୀ ଓ ସୁକାନ୍ତ ଦାସ ପରିଚାଳନା କରିଥିଲେ।

### ଅଡିଟ୍ ଓ ଆକାଉଣ୍ଟ୍ସ ପୂର୍ବାଞ୍ଚଳ ବ୍ୟାଡମିଣ୍ଟନ

# ପଶ୍ଚିମବଙ୍ଗ ଚାମ୍ପିଅନ, ଓଡ଼ିଶା ରନର୍ସଅପ୍

ଭୁବନେଶ୍ୱର, ୧୨। ୧ (ସମିସ): ସ୍ଥାନୀୟ ମହାଲେଖାକାର ଅଡିଟ-୨ ଓ ଏଜିରିକ୍ରିଏସନ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ପୂର୍ବାଞ୍ଚଳ ଅଡିଟ ଓ ଆକାଉଣ୍ଟସ ବ୍ୟାଡିମଣ୍ଟନ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ରେଳବାଇ ଇଣ୍ଡୋର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଦଳଗତ ବିଭାଗରେ ପଶ୍ଚିମବଙ୍ଗ ଏଜି ଚାମ୍ପିଅନ୍ ଓ ଓଡ଼ିଶା ଏଜି ରନର୍ସ ଅପ୍ ହୋଇଛି। ପୁରୁଷ ଏକକରେ ପଶ୍ଚିମବଙ୍ଗର ଜି ବାପିନାଡୁ ଓ ମହିଳା ଏକକରେ ବିହାରର ଦୀପାଳି ଗୁପ୍ତା ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ମିଶ୍ରିତ ଯୁଗଳରେ ଭୁବନେଶ୍ୱରର ସୁଧା କଲ୍ୟାଣୀ ଓ ଝାଡଖଣ୍ଡର ବିନୟ ସିଂ ଟାଇଟଲ ଜିତିଥିଲେ। ମହିଳା ଡବଲ୍ସରେ ସୁଧା ଓ ନିଶିତା ରନର୍ସ ଅପ୍ ହୋଇଛନ୍ତି।

ଖେଳ ଶେଷରେ ପ୍ରଧାନ ମହାଲେଖାକାର ରାଜକୁମାରଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୂର୍ବତଟ ରେଳବାଇ ଜିଏମ୍ ମନୋଜ ଶର୍ମା



ମୁଖ୍ୟ ଅତିଥି, ଅଡିଟର ମହାନିର୍ଦ୍ଦେଶକ କୁଲୱନ୍ତ ସିଂ, ବରିଷ୍ଠ ଉପମହାଲେଖାକାର ଦୀପକ ରଘୁ, ଶ୍ରୀରାଜ ଅଶୋକ, ଉପମହାଲେଖାକାର ସୁଶ୍ରୀ ଏକତା ସିଂ, ସଚିନ କ୍ରିଷ୍ଟା କୌଶିକ ଓ ସ୍ୱାମୀ ଶୁଭମ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

**କଳିଙ୍ଗ ସୁପର୍ କପ୍ ଫୁଟ୍‌ବଲ**

# ଓଡ଼ିଶା ଏଫ୍‌ସିର ବିଜୟ ଅଭିଯାନ

ଭୁବନେଶ୍ୱର, ୧୨।୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର୍ କପ୍‌ର ୪ର୍ଥ ସଂସ୍କରଣରେ ଘରୋଇ ଓଡ଼ିଶା ଏଫ୍‌ସି ବିଜୟରୁ ଅଭିଯାନ ଆରମ୍ଭ କରିଛି। ଶୁକ୍ରବାର ସନ୍ଧ୍ୟାରେ ଖେଳାଯାଇଥିବା ଏକ ରୋମାଞ୍ଚକ ମୁକାବିଲାରେ ଓଡ଼ିଶା ଏଫ୍‌ସି ୧-୦ ଗୋଲରେ ପୂର୍ବତନ ଆଇଏସ୍‌ଏଲ୍ ବିଜେତା ତଥା ଶକ୍ତିଶାଳୀ ବେଙ୍ଗାଲୁରୁ ଏଫ୍‌ସିକୁ ପରାସ୍ତ କରିଛି। ଗ୍ରୁପ୍-ଡି'ର ଏହି ମ୍ୟାଚର ପ୍ରଥମାର୍ଦ୍ଧରେ ହିଁ ଘରୋଇ ଓଡ଼ିଶା ଏଫ୍‌ସି ଅଗ୍ରଣୀ ହାସଲ କରିବାରେ ସଫଳ ହୋଇଥିଲା। ମ୍ୟାଚର ୨୧ତମ ମିନିଟ୍‌ରେ ଓଡ଼ିଶାର ମରୋକ୍କୋ ଖେଳାଳି ଅହମ୍ମଦ ଜାହୋଉ ଏକ ସୁନ୍ଦର ଫ୍ରି-କିକ୍‌କୁ ଗୋଲରେ ପରିଣତ କରି ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ପ୍ରଥମ ୪୫ ମିନିଟ୍ ସୁଦ୍ଧା ଓଡ଼ିଶା ଏହି ଅଗ୍ରଣୀକୁ ବଜାୟ ରଖିବାରେ ସଫଳ ହୋଇଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଓଡ଼ିଶା ଏଫ୍‌ସି ଆହୁରି ଆକ୍ରମଣାତ୍ମକ ଖେଳିଥିଲା। ଏପରିକି ଓଡ଼ିଶା ଦଳ ଦ୍ୱିତୀୟାର୍ଦ୍ଧରେ ପାଖାପାଖି ଅଧ ଡଜନ ସୁଯୋଗ ପାଇଥିଲେ ମଧ୍ୟ ଏହାକୁ ଗୋଲରେ ରୂପାନ୍ତରିତ କରିବାରେ ବିଫଳ ହୋଇଥିଲା। ପ୍ରତିପକ୍ଷ ବେଙ୍ଗାଲୁରୁ ମଧ୍ୟ ଶେଷ ୧୦ ମିନିଟ୍‌ରେ ୨ଟି ସୁଯୋଗ ପାଇଥିଲେ ମଧ୍ୟ ଏହାର ଫାଇଦା ଉଠାଇପାରି ନ ଥିଲା। ଶେଷରେ ଓଡ଼ିଶା ଏଫ୍‌ସି ୧-୦ ଗୋଲରେ ବିଜୟୀ ହୋଇ ୩ ପଏଣ୍ଟ କରାୟତ କରିନେଇଥିଲା। ଓଡ଼ିଶା ଏଫ୍‌ସି ତାହାର ଦ୍ୱିତୀୟ ମ୍ୟାଚ ଇଣ୍ଟର କାଶୀ ସହ ଜାନୁଆରୀ ୧୭ରେ ଖେଳିବ।




### ଛେତ୍ରୀଙ୍କ ବିନା ବେଙ୍ଗାଲୁରୁ

ନିୟମିତ ଅଧିନାୟକ ସୁନିଲ ଛେତ୍ରୀଙ୍କ ବିନା ବେଙ୍ଗାଲୁରୁ ଏଫ୍‌ସି ଏହି ମ୍ୟାଚରେ ପଡ଼ିଆକୁ ଓହ୍ଲାଇଥିଲା। ଛେତ୍ରୀ ବର୍ତ୍ତମାନ ଭାରତୀୟ ଦଳ ସହ ଜାତୀୟ ଡ୍ୟୁଟିରେ ବ୍ୟସ୍ତ ରହିଛନ୍ତି। ଗୁରୁତ୍ୱପୂର୍ଣ୍ଣ ଏଏଫ୍‌ସି କପ୍‌ରେ ଭାରତ ଶନିବାର ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ଭେଟିବ। ତେଣୁ ଛେତ୍ରୀ ଭାରତୀୟ ଦଳ ସହ କତାରରେ ପ୍ରସ୍ତୁତି ଚଳାଇଛନ୍ତି। ବେଙ୍ଗାଲୁରୁ ଦଳର ଏହି ତାରକା ଖେଳାଳି ଖେଳୁ ନ ଥିବାରୁ ପଡ଼ିଆରେ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ମଧ୍ୟ ଦେଖିବାକୁ ମିଳି ନ ଥିଲା। ସେହିଭଳି ଓଡ଼ିଶା ଏଫ୍‌ସିର ନିୟମିତ ଗୋଲରକ୍ଷକ ଅମରିନ୍ଦର ସିଂ ମଧ୍ୟ ଭାରତୀୟ ଦଳରେ ସାମିଲ ଥିବାରୁ ଏହି ମ୍ୟାଚରେ ଖେଳୁ ନ ଥିଲେ। ତାଙ୍କ ସ୍ଥାନରେ ମାୱତ ରାଲଟେ ଗୋଲ କିପିଙ୍ଗ୍ ଭାର ସମ୍ଭାଳିଥିଲେ।

### ଏଫ୍‌ସି ଗୋଆକୁ ୩ ପଏଣ୍ଟ

ପୂର୍ବରୁ ଶୁକ୍ରବାର ସକାଳେ ପିଚ୍-୧ରେ ଖେଳାଯାଇଥିବା ଅନ୍ୟ ଏକ ଗ୍ରୁପ୍-ଡି' ମୁକାବିଲାରେ ଏଫ୍‌ସି ଗୋଆ ୨-୧ ଗୋଲରେ ଆଇ-ଲିଗ୍ ଦଳ ଇଣ୍ଟର କାଶୀକୁ ପରାସ୍ତ କରିଛି। ଏହି ମ୍ୟାଚର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। କିନ୍ତୁ ଦ୍ୱିତୀୟାର୍ଦ୍ଧରେ ୭ ମିନିଟ୍ ବ୍ୟବଧାନରେ ଗୋଆ ୨ଟି ଗୋଲ୍ ଦେଇଥିଲା। ୫୮ତମ ମିନିଟ୍‌ରେ ନୋଆ ସାଦାଓୟୁ ଓ ୬୫ତମ ମିନିଟ୍‌ରେ କାର୍ଲୋସ ମାର୍ଟିନେଜ ଏହି ୨ଟି ଗୋଲ୍ ଦେଇ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ତେବେ ୭୮ତମ ମିନିଟରେ ଇଣ୍ଟର କାଶୀର ଗେମାର ନିକୁମ ଏକ ଗୋଲ ଶୁଝାଇଥିଲେ ମଧ୍ୟ ଦଳକୁ ପରାଜୟରୁ ରକ୍ଷା କରିପାରି ନ ଥିଲେ। ଏଫ୍‌ସି ଗୋଆ ୨-୧ରେ ମ୍ୟାଚକୁ ଜିତି ୩ ପଏଣ୍ଟ ହାତେଇ ନେଇଥିଲା।

**ଅଲ୍ଟିମେଟ ଖୋ ଖୋ: ୩ୟ ସ୍ଥାନ ପାଇଁ ଲଢ଼ିବ ଜଗରନଟ୍ସ**

# ଆଜି ଜାଏଣ୍ଟସ-କୁଇକ୍ ଗନ୍ସ ଫାଇନାଲ

କଟକ,୧୨।୧(ସମିସ): ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଅଲ୍ଟିମେଟ ଖୋ ଖୋ ଦ୍ୱିତୀୟ ସଂସ୍କରଣ ଶନିବାର ଉଦ୍‌ଯାପିତ ହେବ। ଫାଇନାଲ ମୁକାବିଲାରେ ମୁହାଁମୁହିଁ ହେବେ ଗୁଜୁରାଟ ଜାଏଣ୍ଟସ ଓ ଚେନ୍ନାଇ କୁଇକ ଗନ୍ସ। ସଂଯୋଗବଶତଃ ଉଭୟ ଦଳ ମାତ୍ର ୨ ପଏଣ୍ଟ ବ୍ୟବଧାନରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛନ୍ତି। ଜାଏଣ୍ଟସ ୨୯-୨୭ ପଏଣ୍ଟରେ ଓଡ଼ିଶା ଜଗରନଟ୍ସକୁ ଏବଂ କୁଇକ ଗନ୍ସ ୩୧-୨୯ ପଏଣ୍ଟରେ ତେଲୁଗୁ ଯୋଦ୍ଧାସକୁ ସେମିଫାଇନାଲରେ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ଚଳିତ ସଂସ୍କରଣରେ ଗୁଜୁରାଟ ଜାଏଣ୍ଟସ ବିପକ୍ଷରେ ଚେନ୍ନାଇ କୁଇକ ଗନ୍ସ ଅପରାଜେୟ ରହିଛି। ଉଭୟ ଦଳ ଲିଗ ପର୍ଯ୍ୟାୟରେ ଦୁଇଥର ସାମ୍ନାସାମ୍ନି ହୋଇଥିଲେ। ଦୁଇଟି ଯାକ ମ୍ୟାଚ୍‌ରେ କୁଇକ ଗନ୍ସକୁ ବିଜୟ ମିଳିଛି। ଏହି ମ୍ୟାଚ୍‌ରେ ଦଳକୁ ପୂର୍ବ ପରାଜୟର ପ୍ରତିଶୋଧ ନେବାକୁ ସୁଯୋଗ ରହିଛି। ସେହିପରି ୩ୟ ସ୍ଥାନ ପାଇଁ ତେଲୁଗୁ ଯୋଦ୍ଧାସକୁ ଭେଟିବ ଓଡିଶା ଜଗରନଟ୍ସ ଦଳ।

# ଅଷ୍ଟ୍ରେଲିଆନ୍ ଓପନ୍ ମୁଖ୍ୟ ଡ୍ର'ରେ ନାଗଲ



ମେଲବୋର୍ଣ୍ଣ,୧୨।୧(ଏଜେନ୍ସି): ଭାରତର ଶ୍ରେଷ୍ଠ ଏକକ ପୁରୁଷ ଖେଳାଳି ସୁମିତ ନାଗଲ ଦ୍ୱିତୀୟଥର ପାଇଁ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ୍ ମୁଖ୍ୟ ଡ୍ର'ରେ ସ୍ଥାନ ହାସଲ କରିଛନ୍ତି। ନାଗଲ ଶୁକ୍ରବାର ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟର ଫାଇନାଲ ରାଉଣ୍ଡରେ ସ୍ଲୋଭାକିଆର ଆଲେକ୍ସ ମୋଲକାନଙ୍କୁ ୬-୪, ୬-୪ ସିଧାସଳଖ ସେଟ୍‌ରେ ପରାସ୍ତ କରି ମୁଖ୍ୟ ଡ୍ରକୁ ଉନ୍ନୀତ ହୋଇଛନ୍ତି। ବିଜୟୀ ହେବାକୁ ୨୬ ବର୍ଷୀୟ ନାଗଲଙ୍କୁ ଦୁଇ ଘଣ୍ଟାରୁ କମ୍ ସମୟ ଲାଗିଥିଲା। ପୂର୍ବରୁ ସେ ୨୦୨୧ ସଂସ୍କରଣରେ ମଧ୍ୟ ମୁଖ୍ୟ ଡ୍ରରେ ସାମିଲ ହୋଇଥିଲେ। ତାଙ୍କୁ ସେତେବେଳେ ପ୍ରଥମ ରାଉଣ୍ଡରେ ୱାଇଲ୍ଡ କାର୍ଡ ଏଣ୍ଟ୍ରି ମିଳିଥିଲା। ୨୦୨୧ ପରେ ସେ ପ୍ରଥମଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଡ୍ର'ରେ ସାମିଲ ହୋଇଛନ୍ତି। ଅଷ୍ଟ୍ରେଲିଆନ୍ ଓପନ ଆସନ୍ତା ୧୪ ତାରିଖରୁ ଆରମ୍ଭ ହେବ।

**ପ୍ରଥମ ରାଉଣ୍ଡରେ ବଲ୍‌ବ୍ଲିକ୍‌ଙ୍କୁ ଭେଟିବେ:** ଅଷ୍ଟ୍ରେଲିଆନ୍ ଓପନ୍ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ସେ ଆଗାମୀ ୧୫ ତାରିଖ ସୋମବାର ୩୧ତମ ସିଡ୍ କାଜାଖସ୍ତାନର ଆଲେକଜାଣ୍ଡର ବଲବ୍ଲିକଙ୍କୁ ଭେଟିବେ। ନାଗଲ ଏବେ ବିଶ୍ୱ ର୍‌ୟାଙ୍କିଙ୍ଗ୍‌ର ୧୩୯ତମ ସ୍ଥାନରେ ରହିଛନ୍ତି। ପୂର୍ବରୁ ସେ ୨୦୧୯ ଓ ୨୦୨୦ ୟୁଏସ୍ ଓପନ୍ ଏବଂ ୨୦୨୧ ଅଷ୍ଟ୍ରେଲିଆନ୍ ଓପନ୍ ମୁଖ୍ୟ ଡ୍ର'ରେ ସାମିଲ ହୋଇଥିଲେ। ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରେ ସେ ଗୋଟିଏ ହେଲେ ସେଟ୍‌ରେ ପରାସ୍ତ ହୋଇନାହାନ୍ତି। ସେ ପ୍ରଥମ ରାଉଣ୍ଡରେ ଫ୍ରାନ୍ସର ଜେଫ୍ରି ବ୍ଲାଙ୍କାନେକ୍ସଙ୍କୁ ୬-୩, ୭-୫ ସେଟ୍‌ରେ, ଦ୍ୱିତୀୟ ରାଉଣ୍ଡରେ ଅଷ୍ଟ୍ରେଲିଆର ଏଡ୍‌ୱାର୍ଡ ୱିଣ୍ଟରଙ୍କୁ ୬-୩, ୬-୨ ସେଟ୍‌ରେ ପରାସ୍ତ କରି ଅଗ୍ରଗତି କରିଛନ୍ତି।

**■ ମାଲେସିଆ ଓପନ୍ ବ୍ୟାଡ୍‌ମିଣ୍ଟନ**

# ସେମିରେ ସାତ୍ତ୍ୱିକ-ଚିରାଗ

କୁଆଲାଲମ୍ପୁର, ୧୨।୧: ଏଠାରେ ଚାଲିଥିବା ୧୦ କୋଟି ୭୮ ଲକ୍ଷ ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ମାଲେସିଆ ଓପନ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ପୁରୁଷ ତାରକା ଯୋଡି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱର ଏହି ଦୁଇ ନମ୍ବର ଯୋଡି ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମୁକାବିଲାରେ ୩୨ ନଂ ଯୋଡି ଚୀନ୍‌ର ରେନ ଜିଆଙ୍ଗ ୟୁ ଓ ହେ ଜି ତିଙ୍ଗଙ୍କୁ ୨୧-୧୧, ୨୧-୦୮ରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ବିଜୟୀ ହେବାକୁ ଏହି ଯୋଡିଙ୍କୁ ମାତ୍ର ୩୫ ମିନିଟ୍ ସମୟ ଆବଶ୍ୟକ ହୋଇଥିଲା। ଗତବର୍ଷ ସାତ୍ତ୍ୱିକ-ଚିରାଗ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

**ଏଏଫ୍‌ସି ଏସିଆନ୍ କପ୍ ଫୁଟବଲ**

# ଭାରତ- ଅଷ୍ଟ୍ରେଲିଆ ମୁକାବିଲା ଆଜି



ଦୋହା, ୧୨।୧: କତାରରେ ଶୁକ୍ରବାର ଏସିଆ ମହାଦେଶର ସର୍ବବୃହତ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଏଏଫସି ଏସିଆନ୍ କପ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଶୁକ୍ରବାର ଉଦଘାଟନୀ ମ୍ୟାଚରେ ଆୟୋଜକ ଓମାନ ଓ ଲେବାନନ ପରସ୍ପରକୁ ଭେଟିଛନ୍ତି। ସ୍ଥାନୀୟ ଅହମ୍ମଦ ବିନ ଅଲି ଷ୍ଟାଡିୟମରେ ସୁନୀଲ ଛେତ୍ରୀଙ୍କ ନେତୃତ୍ୱାଧୀନ ଭାରତ ଶନିବାର ଅଷ୍ଟ୍ରେଲିଆ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ଫିଫା ମାନ୍ୟତାରେ ଭାରତ ୧୦୨ତମ ସ୍ଥାନରେ ରହିଥିବା ବେଳେ ଅଷ୍ଟ୍ରେଲିଆ ୨୫ତମ ସ୍ଥାନରେ ରହିଛି। ତେଣୁ ଅଷ୍ଟ୍ରେଲିଆ ଭାରତଠାରୁ ଅଧିକ ଶକ୍ତିଶାଳୀ ମନେ ହେଉଛି। ଉଭୟ ପରସ୍ପରକୁ ଏପର୍ଯ୍ୟନ୍ତ ୮ଥର ଭେଟିଛନ୍ତି। ଏଥିରେ ଅଷ୍ଟ୍ରେଲିଆ ୫ ଓ ଭାରତ ୨ଟିରେ ବିଜୟୀ ହୋଇଛି। ଗୋଟିଏ ମ୍ୟାଚ ଅମୀମାଂସିତ ରହିଛି। ୧୯୫୬ରେ ଭାରତ ଶେଷଥର ପାଇଁ ଅଷ୍ଟ୍ରେଲିଆକୁ ୭-୧ ଗୋଲରେ ପରାସ୍ତ କରିଥିଲା। ୨୦୧୧ରେ ଦୁଇ ଦଳ ଶେଷଥର ପାଇଁ ପରସ୍ପରକୁ ଏସିଆନ କପରେ ଭେଟିଥିବେଳେ ଓ ଏଥିରେ ଭାରତ ୦-୪ ଗୋଲରେ ପରାସ୍ତ ହୋଇଥିଲା। ଏହି ମ୍ୟାଚରେ ଭାରତ ପାଇଁ କଡ଼ା ଚ୍ୟାଲେଞ୍ଜ ରହିଛି। ଗ୍ରୁପ୍ ବି'ରେ ଭାରତ ଓ ଅଷ୍ଟ୍ରେଲିଆ ସମେତ ଉଜବେକିସ୍ତାନ ଓ ସିରିଆ ମଧ୍ୟ ଦଳରେ ସ୍ଥାନ ପାଇଛନ୍ତି। ଭାରତ ୧୮ ତାରିଖରେ ଦ୍ୱିତୀୟ ମ୍ୟାଚରେ ଉଜବେକିସ୍ତାନ ଓ ୨୩ରେ ସିରିଆକୁ ଭେଟିବ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର